ISSN No. : 2583-147X (P)



ବାସ୍ତବତାର୍ ପରିପ୍ରକାଶ

# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ନଭେମ୍ବର ୨୦୨୪
ମୂଲ୍ୟ : ୨୫ ଟଙ୍କା





ପ୍ରେରଣାର ଉତ୍ସ

**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୂର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଫ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବ ର୍ନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚି ଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସ । । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉ ଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବ୍ ରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

# ପ୍ରାଚୀ ପତ୍ରିକା

ISSN NO. 2583-147X (P)



## ଉପଦେଷ୍ଟା ମଣ୍ଡଳୀ

**ଡକ୍ଟର ପାବକ କାନୁନ୍‌ଗୋ**
ଶିକ୍ଷାବିତ୍

**ଡକ୍ଟର ମନ୍ଦାକିନୀ ଦାସ**
ଶିକ୍ଷାବିତ୍

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ୍

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

## ମୁଖ୍ୟ ସଂପାଦକ

**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

## କାର୍ଯ୍ୟନିର୍ବାହୀ ସମ୍ପାଦକ

**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ସଂପାଦକ

**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**

## ସଂପାଦକ ମଣ୍ଡଳୀ

**ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ସମ୍ବିତ ପାଣିଗ୍ରାହୀ**
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ, ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପ୍ରାଚୀ ପ୍ରଯୁକ୍ତା**
ଶିକ୍ଷାବିତ୍

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ
ପାରାଦୀପ କଲେଜ, ପାରାଦୀପ

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- **"ପ୍ରାଚୀ"** ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତ ୍ୟ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- **"ପ୍ରାଚୀ"** ଯୁବପୀଢ଼ିଙ୍କର ଗବେଷଣାକୁ ଅଭିଜାତ ସର୍ମନ୍ନ ଓ ସମୁନ୍ନତ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସର ନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ ଆବଶ୍ୟକସ୍ଥଳେ ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବା ିଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହ ୍ବା ଜରୁରୀ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପତ୍ରିକା ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫ ରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ବାସ୍ତବତାର ପରିପ୍ରକାଶ**

**ପ୍ରାଚୀ**

Vol.- 10, November 2024, Issue No. VIII
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ଅଳଙ୍କରଣ :
**ବିଭୁପ୍ରସାଦ ନାୟକ**

ୱେବ ଡ଼ିଜାଇନର୍ :
**ଶୁଭ୍ରାଂସୁ ଶତପଥି**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...


୧. ଗୌରହରି ଦାସଙ୍କ ଗଳ୍ପରେ ନାରୀବାଦୀ ଚିନ୍ତାଧାରାର ପ୍ରତିଫଳନ
ସ୍ୱପ୍ନାରାଣୀ ସିଂ ୯

୨. ମାନବିକ ଅଧିକାର ଓ ଓଡ଼ିଆ ଉପନ୍ୟାସ
ଇନ୍ଦ୍ରମଣି ସାହୁ ୧୩

୩. ବୈଦଗ୍ଧ୍ୟର ଅନୁଭବ: ମୟୂଖର ଆକାଂକ୍ଷା
କବି ଅଭୟ ଦାସଙ୍କ 'ଛାଇ ଆଲୁଅର ଖେଳ'
ସନ୍ତୋଷ କୁମାର ନାୟକ ୨୫

୪. ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀବାଦୀ ଚେତନା
ଉଷାରାଣୀ ରଥ ୩୬

୫. ନାଟ୍ୟକାର ବିଜୟ ମିଶ୍ରଙ୍କ ମିଥ୍‌କୈନ୍ଦ୍ରିକ ନାଟକ : ଏକ ଦୃଷ୍ଟିପାତ
ଚିନ୍ମୟ ସାମଲ ୪୧

୬. ସ୍ୱୀକାରୋକ୍ତି ମୂଳକ ଓଡ଼ିଆ ଉପନ୍ୟାସ : ପ୍ରମୁଖ ଔପନ୍ୟାସିକଗଣ
ପ୍ରତ୍ୟାଶା ଧଳ ୪୬

୭. ଏକବିଂଶ ଶତାବ୍ଦୀରେ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପର ପୃଷ୍ଠଭୂମି
ସୁମନ୍ତ କୁମାର ଭୋଇ ୫୫

୮. ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ
ସ୍ନିଗ୍ଧା ଶୁଭଦର୍ଶିନୀ ୬୨

୯. ବର୍ଣ୍ଣାନ୍ଧତା ଓ ପୁରୁଷ ପକ୍ଷପାତିତା
କମଳାକାନ୍ତ ଜେନା ୬୭

# ସ୍ଥିତପ୍ରଜ୍ଞସ୍ୟ କା ଭାଷା



ପ୍ରତ୍ୟେକ ସମାଜ, ଦେଶ ବା ସଭ୍ୟତାର ଏକ ଆତ୍ମିକ ଭିତ୍ତିଭୂମି ଅଛି । ଏହି ଭିତ୍ତିଭୂମି ଉପରେ ଛିଡ଼ା ହୋଇ ନିଜ ଜୀବନର ସଂଜ୍ଞା ନିରୂପଣ କରିବା, ଜୀବନକୁ ଚିହ୍ନିବା ଏବଂ ଜୀବନର ପୂର୍ଣ୍ଣାଙ୍ଗତା ହାସଲ କରିବାର ସାମର୍ଥ୍ୟ ହାସଲ କରେ । ଜୀବନର ମଞ୍ଜିକୁ ଅଙ୍କୁରୋଦ୍‌ଗମ କରି ଏକ ପୂର୍ଣ୍ଣାଙ୍ଗ ପୁଷ୍ପ ବା ଫଳରେ ପରିଣତ କରିବାର ଦର୍ଶନ, ମାର୍ଗ ଓ ଶକ୍ତି ସେ ଏହି ଭିତ୍ତିଭୂମିରୁ ପାଏ । ସେଥିପାଇଁ ସ୍ୱାମୀ ବିବେକାନନ୍ଦଙ୍କର ଐତିହାସିକ ବାଣୀ ଆଜି ପ୍ରାସଙ୍ଗିକ ମନେହୁଏ । ପ୍ରତ୍ୟେକ ଦେଶ ବା ସଭ୍ୟତାର ଏକ ବିଷୟବସ୍ତୁ ଅଛି । ସେହି ଅନୁସାରେ ଭାରତର ମୁଖ୍ୟ ବିଷୟ ବା ଆଧାର ହେଉଛି ଧର୍ମ । ଆଜି ଭାରତରେ ପ୍ରତ୍ୟେକ କ୍ଷେତ୍ରରେ ଏହି 'ଧର୍ମ' ଭିତ୍ତିଭୂମିଟିର ଅଭାବ ବୋଲି ମନେହୁଏ । ରାଜନୀତିଠାରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ ଓ ରାଷ୍ଟ୍ର ଗଠନ ଓ ନିୟାମକ ତତ୍ତ୍ୱରେ ମଧ୍ୟ ଧର୍ମର ଭିତ୍ତିଭୂମିଟିକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଛି ।

ସ୍ୱାଧୀନତା ପରେ ଦେଶର ଶାସକମାନେ ପାଶ୍ଚାତ୍ୟ ତତ୍ତ୍ୱ, ଜୀବନ ଦର୍ଶନ ଓ ବସ୍ତୁବାଦର ମୋହ ଦ୍ୱାରା ଏତେ ଶୀଘ୍ର ଆଚ୍ଛନ୍ନ ହୋଇ ପଡ଼ିଲେ ଯେ ଭାରତର ସବୁକିଛି ଅସାର ଓ ମୂଲ୍ୟହୀନ କହିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ । ସେଥିପାଇଁ 'ଧର୍ମ'ର ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଭାବେ ମୂଳୋତ୍ପାଟନ କରିଦେଲେ । ଧର୍ମ ନିରପେକ୍ଷ ଅର୍ଥ– ଏହି ଭିତ୍ତିଭୂମି ପ୍ରତି ବିମୁଖ ହେବା ବୋଲି ବୁଝାଇ ଦିଆଗଲା । ସେହି ଅନୁସାରେ ରାଷ୍ଟ୍ର ଓ ସମାଜର ସବୁ କ୍ଷେତ୍ରରେ ଏହି ବିମୁଖତାକୁ ପ୍ରକାଶ କରେଇ ଦିଆଗଲା । ମଣିଷ ମଣିଷ ଭିତରେ, ସମ୍ପ୍ରଦାୟ ଓ ଗୋଷ୍ଠୀ ଭିତରେ ତାରତମ୍ୟ ସୃଷ୍ଟି କରି ଦିଆଗଲା । ରାଜନୀତି ସେହି ଅନୁସାରେ ନିର୍ଦ୍ଧାରିତ ହେଲା ।

ଭଗବାନ୍ ତ ଏକ । ସେହି ଅନୁସାରେ ଧର୍ମ ଏକ । କେବଳ ମାର୍ଗ ଓ ପନ୍ଥା ଭିନ୍ନ ଭିନ୍ନ । ତାହା ଭଗବାନଙ୍କ ସହ ସାନ୍ନିଧ୍ୟ ଲାଭ କରିଥିବା ସାଧକର ପଥ ଓ ଦର୍ଶନ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ । ତେଣୁ ଲକ୍ଷ୍ୟ ଏକ । କାହିଁ ପାଇଁ ଏହି ପଥ ଓ ମାର୍ଗମାନଙ୍କ ମଧ୍ୟରେ ଟଣା ଓଟରା । ପଥମାନଙ୍କ ମଧ୍ୟରେ ଶ୍ରେୟ ଓ ପ୍ରେୟ ରହିଛି । ଯେମିତି ଆକାଶମାର୍ଗ ଓ ଘୋଡ଼ଟଣା ଗାଡ଼ି ମଧ୍ୟରେ ପାର୍ଥକ୍ୟ ରହିଛି । ତାହା ସାଧକ ଏବଂ ପଥକୁ ଆବୋରି ନେଇଥିବା ଶିଷ୍ୟମାନଙ୍କ ଉପରେ ନିର୍ଭର କରେ । ରାଜନୈତିକ ନେତାମାନେ କ୍ଷମତାରେ ରହିବା ପାଇଁ ଏହି ପଥ ବା ଦର୍ଶନକୁ ଆବୋରି ନେଇଥିବା ଲୋକମାନଙ୍କ ମଧ୍ୟରେ ଜାଣିଶୁଣି ବିଭେଦ ସୃଷ୍ଟି କରିଥାଆନ୍ତି । ଯେ ପର୍ଯ୍ୟନ୍ତ ମଣିଷ ବା ସାଧକ ସମ୍ପୂର୍ଣ୍ଣ ଭାବେ ଭଗବାନଙ୍କଠାରେ ସନ୍ନିବେଶିତ ନ ହୋଇଛି ସେ ପର୍ଯ୍ୟନ୍ତ ତାର ବିଚାରଧାରା କାର୍ଯ୍ୟକଳାପ ଏବଂ ଚରିତ୍ର ନିଃସନ୍ଦେହ ବା କଳୁଷହୀନ ବୋଲି କୁହାଯାଇ ପାରିବ ନାହିଁ । ତେଣୁ ଭଗବାନଙ୍କଠାରେ ଲୀନ ହୋଇ ଯାଇଥିବା ବା ଭଗବାନ ହୋଇ ଯାଉଥିବା ବା 'ଅହଂ ବ୍ରହ୍ମ' ବୋଲି ଭଗବତ୍ ପ୍ରାପ୍ତି ହୋଇଥିବା ସାଧକମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ବା ଭେଦଭାବ ବା ଅସୂୟା ନାହିଁ । ଯେପରି ଯୀଶୁଖ୍ରୀଷ୍ଟ ଏବଂ କୃଷ୍ଣଙ୍କୁ ଏକ ବୋଲି ଜଣେ ପ୍ରକୃତ ସାଧକ ଜାଣିପାରେ । ଆମେରିକାରେ ଯୋଗାନନ୍ଦ ପରମହଂସ ଥିଲାବେଳେ ସେ ଧ୍ୟାନ କ୍ଲାସରେ ଅନ୍ୟ ସମସ୍ତ ଶିଷ୍ୟମାନଙ୍କୁ ଧ୍ୟାନ କରୁଥିବା ବେଳେ ଯୀଶୁଖ୍ରୀଷ୍ଟ ଏବଂ କୃଷ୍ଣଙ୍କୁ ଦେଖାଇ ପାରିଥିଲେ ।

ସାଧନା ଓ ପ୍ରାପ୍ତି ଅନୁସାରେ ଅନୁଧ୍ୟାନ କଲେ ରାମକୃଷ୍ଣ, ନାନକ, କବୀର, କୃଷ୍ଣ ବା ଯୀଶୁଖ୍ରୀଷ୍ଟଙ୍କ ମଧ୍ୟରେ କିଛି ତଫାତ୍ ନାହିଁ । ସମୁଦ୍ରବକ୍ଷକୁ ନିକ୍ଷେପ କରିଥିବା ବିଭିନ୍ନ ଲୁଣ ବସ୍ତାକୁ ଖୋଜିଲେ ଆମେ ତ ପାଇବା ନାହିଁ, କେବଳ ସେହି ସମୁଦ୍ର । ତେଣୁ ସାଧନା ବଳରେ ମଣିଷ ଭଗବାନ୍ ହେଇଯାଏ । ମୃତରୁ ଅମୃତ ହେଇଯାଏ । ସେ କେବଳ ବ୍ରହ୍ମମୟ ଅବସ୍ଥାକୁ ଉପଲବ୍ଧି କରେ । ମଣିଷ ଭିତରେ ଥିବା ସମସ୍ତ ଆସୁରିକ ଗୁଣ ଗୁଡ଼ିକର ଅଦ୍ଭୁତ ପରିବର୍ତ୍ତନ ହୋଇ ଦିବ୍ୟ ଚେତନା ବା ଭାବରେ ପରିଣତ ହୋଇଯାଏ ।

ଭାରତରେ ଅନେକ ଆଶ୍ରମ, ମଠ, ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାର ଅଭାବ ନାହିଁ । ବରଂ ସେଗୁଡ଼ିକର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ତଦନୁସାରେ ଶିଷ୍ୟମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ତେବେ ପ୍ରଶ୍ନ ଉଠେ, ଏସବୁ ସତ୍ତ୍ୱେ କାହିଁକି ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଶୋଷଣ, ବିବାଦ, ଗଣ୍ଡଗୋଳ ପ୍ରଭୃତି ଅମାନୁଷିକ କାର୍ଯ୍ୟକଳାପର ଦ୍ରୁତ ବୃଦ୍ଧି ହେବାରେ ଲାଗିଛି ? ଶାସ୍ତ୍ର, ପୁରାଣ ଓ ଧର୍ମଗ୍ରନ୍ଥର ତ ଅଭାବ ନାହିଁ । ଧର୍ମପ୍ରଚାର ଓ ଭାଷଣର ତ ଅଭାବ ନାହିଁ । ତେବେ ଦୋଷ କେଉଁଠି ? ନିଶ୍ଚିତ ଭାବେ ଦୋଷ ଆମର ସାଧନାରେ । କେବଳ ଧର୍ମଶାସ୍ତ୍ର, ପୁରାଣ ପଢ଼ିଲେ ଓ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜା ଗଲେ ସାଧନା ହେଇଯାଏ ନାହିଁ । ସାଧନା ଓ ସିଦ୍ଧି ଭିତରେ ତଫାତ୍ ରହିଯାଉଛି । କୃଷକ ଜମିରେ ଖଟୁଛି । ନିଜର ଝାଳ ଓ ରକ୍ତକୁ ଜମି ଉପରେ ନିଗାଡ଼ି ଦେଉଛି । ଏହା ତାହାର ସାଧନା, ସିଦ୍ଧି ସ୍ୱରୂପ ସେ ପାଉଛି ଶସ୍ୟ ଉତ୍ପାଦନ । ଯଦି ତାକୁ କୁହାଯାଏ ସେ ପରିଶ୍ରମ କରିବ କିନ୍ତୁ ଫଳ ପାଇବ ନାହିଁ, ତେବେ ସେ ଆଉ ଜମିକୁ ଯିବ କି ? ଠିକ୍ ସେହିପରି ସାଧନା ଓ ସିଦ୍ଧି ଏକ ଓ ଅଭିନ୍ନ । ତେଣୁ ବିଭିନ୍ନ ମାର୍ଗକୁ ଅନୁସରଣ କରୁଥିବା ଆଧ୍ୟାତ୍ମିକ ପଥିକମାନେ କେବେ ନିଜକୁ ଆତ୍ମବିଶ୍ଳେଷଣ କରିଛନ୍ତି, ତାଙ୍କର କ'ଣ ପରିବର୍ତ୍ତନ ହେଇଛି ? କ'ଣ ସିଦ୍ଧିର ଆସ୍ୱାଦନ ହେଇଛି ? ଏହିକଥା ଠିକ୍ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ,

"ସ୍ଥିତିପ୍ରଜ୍ଞସ୍ୟ କା ଭାଷା, ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ, କିମାସୀତ ବ୍ରଜେତି କିଂ ।"

ସିଦ୍ଧି ହେଲେ ସାଧକର କିଭଳି ଅବସ୍ଥା ହୁଏ, ତାହା ଶ୍ରୀକୃଷ୍ଣ ଅତି ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି । ଶ୍ରୀମଦ୍‌ଭଗବତ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ୫୫ ଶ୍ଳୋକଠାରୁ ୭୨ ଶ୍ଳୋକ ମଧ୍ୟରେ ଏକଥା ଉଲ୍ଲେଖ କରିଛନ୍ତି । ଯେତେବେଳେ ସେ ସାଧକ ପାର୍ଥିବ ବିଷୟ ପ୍ରଭୃତିର ମୋହ ଓ କାମନା ଛାଡ଼ି ଦେଇ ମନକୁ ସର୍ବଦା ନିତ୍ୟ ଶାଶ୍ୱତ ପରମାତ୍ମାରେ ଲୀନ କରାଇଥାଏ, ସେତେବେଳେ ସେ ପରମାନନ୍ଦଙ୍କୁ ପ୍ରାପ୍ତ ହୁଏ । ଅକ୍ରୋଧ, ଅହିଂସା, କ୍ଷାନ୍ତି, ଆର୍ଜବ, ଦୟା, କ୍ଷମା ପ୍ରଭୃତି ଦିବ୍ୟଗୁଣ ଗୁଡ଼ିକ ତା ନିକଟରେ ପ୍ରକାଶିତ ହୁଏ । ଭଲ, ମନ୍ଦ, ନିନ୍ଦା, ପ୍ରଶଂସା, ଅଭିମାନ, ସ୍ତ୍ରୀ, ପୁତ୍ର ସମ୍ପତ୍ତି ପ୍ରଭୃତିରେ ତାର ଦ୍ୱେଷ୍ଟି ବା ମୋହ ନଥାଏ । ସେ ସ୍ଥିତପ୍ରଜ୍ଞ ହେଇଯାଏ । ଦ୍ୱାଦଶ ଅଧ୍ୟାୟରେ ମଧ୍ୟ ଏକଥା କୁହାଯାଇଛି । ଷୋଡ଼ଷ ଅଧ୍ୟାୟରେ ମଧ୍ୟ ଦୈବାସୁର ସମ୍ପଦ ବିଭାଗ ଯୋଗରେ କିଭଳି ଭାବେ ସାଧକର ଦୈବୀଗୁଣ ଗୁଡ଼ିକ ପ୍ରକାଶ ପାଇବ ।

ତେବେ ସେ ସିଦ୍ଧିପ୍ରାପ୍ତ ହେଉଛି । ଭଗବାନ ଯେଉଁଭଳି ଅପାପ, ସତ୍ୟ, ପବିତ୍ର, ନିର୍ଗୁଣ, ନିର୍ମୋହ ଓ ନିରହଙ୍କାର, ସେହିଭଳି ସେ ହେଇଯାଏ । ଏକାକାର ହେବା ହିଁ ମଣିଷ ବା ସାଧକର ଲକ୍ଷ୍ୟ । ଘରେ ଜଳୁଥିବା ୨୫୦ ଭୋଲ୍ଟ ବଲ୍‌ବର ଯେଉଁଭଳି ପାୱାର ହାଉସ ସହ ଅନବରତ ସଂଶ୍ଲିଷ୍ଟ, ସେହିଭଳି ସାଧକ ଅମାପ, ଅଜସ୍ର, ସର୍ବବ୍ୟାପକ, ସର୍ବଶକ୍ତିମାନ ପାୱାର ହାଉସ ଭଗବାନଙ୍କ ସହ ଯୁକ୍ତ । ଯଦି ଏଭଳି ଅବସ୍ଥା ଆମର ନ ହୋଇଛି ସେ ପର୍ଯ୍ୟନ୍ତ ଆମର ସାଧନା ଅସମ୍ପୂର୍ଣ୍ଣ । ଏହି ଅବସ୍ଥାକୁ ସାଧକର ନିର୍ବିକଳ୍ପ ସମାଧି କୁହାଯାଏ । ସେ ସବୁଥିରେ ଥାଇ ମଧ୍ୟ ନ ଥାଏ ।

"ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବନ୍ଦ୍ରିୟ ବିବର୍ଜିତଂ
ଅସକ୍ତଂ ସର୍ବଭୃଚୈବ, ନିର୍ଗୁଣଂ ଗୁଣ ଭୋକ୍ତୃ ଚ ।"

ଏହି ଅବସ୍ଥା ଜନକ, କୃଷ୍ଣ, ରାମ, ଯୀଶୁଖ୍ରୀଷ୍ଟ, ରାମକୃଷ୍ଣ, ହରିହରାନନ୍ଦ, ଶ୍ୟାମାଚରଣ ପ୍ରଭୃତି ଅନେକ ସାଧକଙ୍କ ପ୍ରାପ୍ତ ହେଇଛି । ସାଧନାରେ ମଜ୍ଜି ରହିଲେ ପଥାନୁସାରେ ଆଗେଇଲେ, ତା'ର ଏହି ସିଦ୍ଧି ଅବସ୍ଥା ଆସିବ । ଏହି ସିଦ୍ଧି ବ୍ୟତୀତ ଯାହାକିଛି ହେଉଛି ସବୁ ଧର୍ମ ପ୍ରଦର୍ଶନୀ ଏହି ଦୃଶ୍ୟମାନ ଓ ବସ୍ତୁ ଜଗତରେ 'ବାହ୍ୟ' ଉପରେ ବେଶୀ ଗୁରୁତ୍ୱ ଦିଆଯାଏ । ଦେହ ଉପରେ ଗୁରୁତ୍ୱ ଦିଆଯାଏ କିନ୍ତୁ ଦେହୀକୁ ଅବମାନନା କରାଯାଏ । ସେଥିପାଇଁ ଆଜି ବାହ୍ୟ ଆଡ଼ମ୍ବର, ଚାକଚକ୍ୟରେ ପୂଜା ପ୍ରଭୃତି ମହୋତ୍ସବ କରାଯାଏ । ମୁଖ୍ୟ 'ସାଧନା ଓ ସିଦ୍ଧି'ର ଅବମାନନା କରାଯାଏ ।

ଗେରୁଆ ପିନ୍ଧିଲେ ବା ମନ୍ଦିରକୁ ଗଲେ ବା ବାହ୍ୟ ଆଡ଼ମ୍ବର ସହ ପୂଜା କଲେ ଜଣକୁ ସାଧକ କୁହାଯାଏ ନାହିଁ । ତା' ଭିତରେ ଶ୍ରୀକୃଷ୍ଣ କହିଥିବା ସମସ୍ତ ଦିବ୍ୟ ଗୁଣଗୁଡ଼ିକ ଉଦ୍‌ଭାସିତ ହେଇଛି କି ? ଯଦି ନ ହୋଇଛି ତେବେ ସେ ବାହ୍ୟ ସୋ (religious show) ଉପରେ ଗୁରୁତ୍ୱ ଦେଇଛି । ଦେଖାଯାଉଛି ମଣିଷ ଯେଉଁଠାରେ ବାହ୍ୟ ଆଡ଼ମ୍ବରରେ ମାତି ରହି ଧର୍ମାନୁଷ୍ଠାନ କରୁଛି, ସେଠାରେ ହିଂସାକାଣ୍ଡ, ଦ୍ୱନ୍ଦ୍ୱ, ମଦ, ବ୍ୟଭିଚାର ଓ ସାମ୍ପ୍ରଦାୟିକ ଅସଦ୍‌ଭାବ ସୃଷ୍ଟି ହୋଇଛି । ସାଧନା ନାହିଁ, ସିଦ୍ଧି ଆସିବ କେଉଁଠି ? ଶାସ୍ତ୍ର କହୁଛି, 'ଦେବଂ ଭୂତ୍ୱା ଦେବଂ ଜଜେତ୍' । ଭଗବାନ ହେଇ ଭଗବାନଙ୍କୁ ପୂଜା କର । କଂସ, ରାବଣ ଓ ମହିଷାସୁରର ପତନ ହେଲେ କୃଷ୍ଣ, ରାମ ବା ଦୁର୍ଗାଙ୍କ ପ୍ରାପ୍ତି ସାଧକର ହୁଏ । କିନ୍ତୁ ଆମେ କଂସ, ରାବଣ ଓ ମହିଷାସୁର ପ୍ରକୃତିକୁ ବଳୀ ଦେଲେ, ସିଦ୍ଧି ପରମାତ୍ମାକୁ ହେବ । ସଦ୍‌ଗୁରୁ ପରମହଂସ ହରିହରାନନ୍ଦ କହନ୍ତି– "an ounce of practice is far better than tons of theories." ସେଥିପାଇଁ ଶ୍ରୀକୃଷ୍ଣ କହିଥିଲେ, 'ଶନୈ ଶନୈ ଉପରମେତ୍' ଧୀରେ ଧୀରେ ଉପରକୁ ଯିବାକୁ ହେବ । ଅଭ୍ୟାସ ଦ୍ୱାରା ସିଦ୍ଧି ହେବ ।

ସିଦ୍ଧି ପ୍ରାପ୍ତ ହେଇଗଲେ ସବୁ ପଥ ସମାନ ଦେଖାଯିବ । ପଥ ପଥ ଭିତରେ ଗଣ୍ଡଗୋଳ ହେବ କାହିଁକି ? ଏହି ପଥ ଗୁଡ଼ିକୁ ଅନୁସରଣ କରୁଥିବା ଆଧ୍ୟାତ୍ମିକ ପଥିକମାନଙ୍କ ମଧ୍ୟରେ କନ୍ଦଳ ହେବ କାହିଁକି ? ମହାଜାଗତିକ ଚେତନାରେ ପ୍ରଜ୍ୱଳିତ ହେଉଥିବା ଏହି ସାଧକମାନଙ୍କ ଭିତରେ ପ୍ରଭେଦ ହେବ କାହିଁକି ? ସେତେବେଳେ ସେ ହିନ୍ଦୁ ନୁହଁ, ମୁସ୍‌ଲିମ ନୁହଁ କି ଖ୍ରୀଷ୍ଟିୟାନ୍ ବା ଶିଖ ନୁହନ୍ତି ।

ଲୁଣପିଣ୍ଡ ଦ୍ରବୀଭୂତ ସମୁଦ୍ରରେ ହେଲାପରି, ଏହି ସାଧକମାନଙ୍କର ଚିହ୍ନ, ବର୍ଣ୍ଣ ଓ ଭେଖ ମହାଜାଗତିକ ପରମାତ୍ମନ ଜ୍ୟୋତିରେ ପାଉଁଶ ହେଇଯିବ । ଏହା ବୋଧହୁଏ ସୃଷ୍ଟିକର୍ତ୍ତାଙ୍କ ଇଚ୍ଛା ଓ ସୃଷ୍ଟିର ରହସ୍ୟ । ଭାରତର ଭିତ୍ତିଭୂମି ଏହି ଦର୍ଶନର ବାର୍ତ୍ତାବହ ।

ସାଧନା ପରିପକ୍ୱ ହେଲେ ସିଦ୍ଧି ହେଇଯିବ, ଯେମିତି ଆମ୍ବ ପରିପକ୍ୱ ହେଲେ ହଳଦିଆ ହେଇଯାଏ, ସ୍ୱାଦିଷ୍ଟ ହୁଏ ଏବଂ ଗଛରୁ ବିଚ୍ୟୁତ ହେଇଯାଏ । ବାହ୍ୟ ଆଡ଼ମ୍ବର ଓ ଧର୍ମ ପ୍ରଦର୍ଶନୀରେ ଲିପ୍ତ ଥିବା ତଥାକଥିତ ଧର୍ମାବଲମ୍ବୀମାନେ ଆଧ୍ୟାତ୍ମିକ ପଥରେ ଯାତ୍ରୀ ଥିବା ମଣିଷମାନଙ୍କୁ ବିଭ୍ରାନ୍ତ କରିବା ଉଚିତ ନୁହଁ । ଅନ୍ଧ ଯେଉଁଭଳି ଅନ୍ୟ ଏକ ଅନ୍ଧକୁ ପଥ ପ୍ରଦର୍ଶନ କଲେ ଉଭୟେ କୂପରେ ପଡ଼ିବେ, ସେହିଭଳି ସାଧନା ଓ ସିଦ୍ଧି ନ ଥିବା ଧର୍ମଯାଜକ ନିର୍ଦ୍ଧାରିତ ପଥରେ ଗଲେ ସାଧନା ତ ହେବ ନାହିଁ, ତେଣୁ ସିଦ୍ଧି ନାହିଁ ମଧ୍ୟ । ଅର୍ଜୁନଙ୍କ ଭଳି ସେହି ସାଧକ ନିକଟରେ 'ସ୍ଥିତପ୍ରଜ୍ଞସ୍ୟ କା ଭାଷା' ଅବସ୍ଥାକୁ ଉପଲବ୍ଧି କରିବା ଆଜିର ମଣିଷର ପ୍ରଧାନ କର୍ତ୍ତବ୍ୟ । ଏହିଭଳି ଅବସ୍ଥା ଆସିଲେ ରାଜନୀତି ଭାଷାରେ ଆଉ 'ଧର୍ମ ନିରପେକ୍ଷ ବୁଝିବାକୁ ପଡ଼ିବ ନାହିଁ' ରାଜନୀତି ଧର୍ମକୁ ନିଜର ଭିତ୍ତିଭୂମି ବୋଲି ଗ୍ରହଣ କରିବ । ସେତେବେଳେ ସମସ୍ତେ ହିନ୍ଦୁ, ମୁସ୍‌ଲିମ୍, ଖ୍ରୀଷ୍ଟିୟାନ୍, ବୁଦ୍ଧ ବା ଶିଖର ଊର୍ଦ୍ଧ୍ୱକୁ ପଳାଇଯିବେ । ବିଦ୍ୟୁତ୍‌ଶକ୍ତି ପାୱାରହାଉସ୍‌ରୁ ଆସି ପୁଣି ଫେରି ଯାଉଥିବା ଭଳି ଆମ୍ଭେମାନେ ସେହି ପରମାତ୍ମନକୁ ପ୍ରାପ୍ତ ହେବା । ସେହିଠାରୁ ଫେରିଯିବା । ଏହା ଦିନକୁ ଈଶ୍ୱର ବୋଧହୁଏ ଅପେକ୍ଷା କରିଛନ୍ତି ।

●

**- ପ୍ରଫେସର ନରୋତ୍ତମ ଗାଣ**

DOI : https://doi.org/10.5281/zenodo.14172089

ମୂଳ ପ୍ରବନ୍ଧ

# ଗୌରହରି ଦାସଙ୍କ ଗଳ୍ପରେ ନାରୀବାଦୀ ଚିନ୍ତାଧାରାର ପ୍ରତିଫଳନ

**ସ୍ୱପ୍ନାରାଣୀ ସିଂ**

**ସଂକ୍ଷିପ୍ତ ସାର :**

ନାରୀ ସ୍ୱାଧୀନତା ଓ ସ୍ୱାଭିମାନ ଜନିତ ଏକ ଆଦର୍ଶ ଓ ଆନ୍ଦୋଳନ ଆଜି ନାରୀବାଦ ନାମରେ ନାମିତ । ଯାହାର ପୃଷ୍ଠଭୂମିରେ କେବଳ ନାରୀ ନୁହେଁ ଅନେକ ପୁରୁଷଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରକ୍ଷଣଶୀଳ ସମାଜ ଦୃଷ୍ଟିରେ ନାରୀ ହେଉଛି ପ୍ରକୃତିଗତ ଦୁର୍ବଳ ଏବଂ ବିବେକହୀନ । ତେଣୁ ତାକୁ ସର୍ବଦା ପୁରୁଷର ଯତ୍ନରେ ରହିବା ଉଚିତ୍ । ଆଉ ସେହି ପୁରୁଷ ତାର ପିତା ଅଥବା ସ୍ୱାମୀ ଅଥବା ପୁତ୍ର ଯେକେହି ହେଉନା କାହିଁକି । ସମାଜର ଏହିଭଳି ଚିନ୍ତନ ବିରୁଦ୍ଧରେ ଏକ ପ୍ରତିକ୍ରିୟା ହେଉଛି ନାରୀବାଦ । ନାରୀ ସ୍ୱାଧୀନତା ଜନିତ ଏହି ଆନ୍ଦୋଳନ ଆଜି ତାର ଚତୁର୍ଥ ଚରଣରେ ପହଞ୍ଚିବା ସତ୍ତ୍ୱେ ଏବେବି ନାରୀ ମୁକ୍ତ ଆକାଶର ବିହଙ୍ଗ ହୋଇପାରିନାହିଁ । ଏବେବି ସମାଜ ରୂପୀ ନଟୀ ଗୁଡ଼ୀ ରୂପୀ ନାରୀର ପଥକୁ ରୁଦ୍ଧ କରିଚାଲିଛି । ଓଡ଼ିଆ ସାହିତ୍ୟରେ ବିଶେଷ କରି ଗଳ୍ପ ସାହିତ୍ୟରେ ଏହି ନାରୀବାଦର ବିଭିନ୍ନ ତରଙ୍ଗ ଓ ଚିନ୍ତନର ସଫଳ ପ୍ରୟୋଗ ଦେଖିବାକୁ ମିଳେ । ଏପରିକି ପାଶ୍ଚାତ୍ୟ ସାହିତ୍ୟ ସ୍ତରରେ ଯେତେବେଳେ ନାରୀବାଦର ପ୍ରାରମ୍ଭ ଘଟିନଥିଲା ସେତେବେଳେ ଓଡ଼ିଆ ଗଦ୍ୟ ସାହିତ୍ୟର ପିତା ଫକୀରମୋହନ ସେନାପତି ଜଣେ ପୁରୁଷ ହେବା ସତ୍ତ୍ୱେ ତାଙ୍କ ଗଳ୍ପ ଏପରିକି ଉପନ୍ୟାସରେ ମଧ୍ୟ ନାରୀ ସ୍ୱାଧୀନତା, ଶିକ୍ଷା ଓ ମୁକ୍ତିର ବାର୍ତ୍ତା ପ୍ରଚାର କରିଥିଲେ । ଏହି ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଆ ସାହିତ୍ୟର ପ୍ରଥମ ନାରୀବାଦୀ ଲେଖକ ଜଣେ ନାରୀ ନୁହେଁ ପୁରୁଷ ଥିଲେ ।

**ପ୍ରମୁଖଶବ୍ଦ :** ନାରୀ, ସ୍ୱାଧୀନତା, ନଟୀ, ବିହଙ୍ଗ, ଗଳ୍ପ ।

**ବିଷୟ :** ଏହି ଦୃଷ୍ଟିକୋଣରୁ ବିଚାରକଲେ ଓଡ଼ିଆ ସାହିତ୍ୟରେ ନାରୀବାଦର ସ୍ୱରକୁ ପ୍ରଖର କରିବାରେ ଆଜିବି ଅନେକ ପୁରୁଷ ଲେଖକଙ୍କର ଭୂମିକା ଅତୁଳନୀୟ । ଏହି କ୍ରମରେ ଗାଳ୍ପିକ ଗୌରହରି ଦାସଙ୍କ ଭୂମିକା ଯେ ଅତ୍ୟନ୍ତ ଉଲ୍ଲେଖନୀୟ ଏହାକୁ ଅସ୍ୱୀକାର କରାଯାଇନପାରେ । ଶ୍ରୀଯୁକ୍ତ ଦାସଙ୍କ ଦ୍ୱାରା ରଚିତ ରାଶି ରାଶି ଗଳ୍ପ 'ଆଖଡା ଘର', 'ସ୍ୱପ୍ନପାଇଁ ରାତି କାହିଁ', 'ଭାରତବର୍ଷ', 'ମାଟି କଣ୍ଢେଇ', 'ମାୟା', 'ଶେଷ ବାଜି', 'ପୁନରାବୃତ୍ତି', 'ଘର', 'କାଗଜ ଡଙ୍ଗା', 'ଅହଲ୍ୟାର ବାହାଘର', 'ମଥୁରାର ମାନଚିତ୍ର, 'କଣ୍ଟା ଓ ଅନ୍ୟାନ୍ୟ ଗଳ୍ପ', 'ଅଣଲେଉଟା ଓ ଅନ୍ୟାନ୍ୟ ଗଳ୍ପ', 'ବାଘ ଓ ଅନ୍ୟାନ୍ୟ ଗଳ୍ପ', 'ବିଦେଶ ଓ ଅନ୍ୟାନ୍ୟ ଗଳ୍ପ' ଆଦି ସଂକଳନରେ ସଂକଳିତ । ଏହି ସବୁ ଗଳ୍ପ ଗୁଡିକରେ ସମାଜ, ରାଜନୀତି ଓ ମନସ୍ତତ୍ତ୍ୱ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇ ଥିଲେ ହେଁ ଅନେକ ଗଳ୍ପରେ ନାରୀ ସମସ୍ୟାକୁ କେନ୍ଦ୍ରକରି ଗାଳ୍ପିକଙ୍କ ସ୍ୱର ବେଶ୍ ପ୍ରଖର ମନେହୁଏ । ସମାଜ ଆଜିବି ନାରୀକୁ ଏକ କାଠ କଣ୍ଢେଇ ମନେକରି ତା ଉପରେ କରିଚାଲିଛି ପାଶବିକ ଅତ୍ୟାଚାର । ସତେ ଯେପରି ସେ ଜୀବନ ହୀନ । ସତେ ଯେପରି ଏକ ବସ୍ତୁସର୍ବସ୍ୱ । ଏହା ବିରୁଦ୍ଧରେ ଆଜି ନାରୀ ବାଦର କେତେ କେତେ ତରଙ୍ଗ କ୍ରିୟାଶୀଳ । ଏସବୁ ସତ୍ତ୍ୱେ ଯେ ନାରୀର ସ୍ଥିତି ଅପରିବର୍ତ୍ତନୀୟ ଭଳି କଟ୍ଟରପନ୍ଥୀ (Radical)

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14172089
Article No - BPP00233

**ଯୋଗାଯୋଗ :**
**ଡ. ସ୍ୱପ୍ନାରାଣୀ ସିଂ,** ଅଧ୍ୟାପିକା
ବିଶ୍ୱଭାରତୀ, ଶାନ୍ତିନିକେତନ ।
**E-Mail ID:** swapnaranisingh32@gmail.com
**ORCID ID:** https://orcid.org/0000-0003-0157-0470

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୭.୨୦୨୪ | ୧୦.୯.୨୦୨୪ | ୨୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସିଂ, ସ୍ୱପ୍ନାରାଣୀ; ୨୦୨୪ । : **ଗୌରହରି ଦାସଙ୍କ ଗଳ୍ପରେ ନାରୀବାଦୀ ଚିନ୍ତାଧାରାର ପ୍ରତିଫଳନ ।** ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ; ପୃଷ୍ଠା :୯-୧୨ ।

ଚିନ୍ତନ ସହିତ, ଯୌତୁକ ଭଳି ଘୃଣ୍ୟ ପ୍ରଥାକୁ କେନ୍ଦ୍ର କରି ନାରୀ ଉପରେ ହୋଇଥିବା ପାଶବିକ ଅତ୍ୟାଚାର ନିଦର୍ଶନ ଦେଖିବାକୁ ମିଳେ 'ଗୋଟିଏ କଥାକୁହା କଣ୍ଢେଇର ବିୟୋଗରେ' ଗଳ୍ପରେ । ବିଶେଷ କରି ଯୌତୁକ ଭଳି ପ୍ରଥାକୁ କେନ୍ଦ୍ରକରି ନିଜ କନ୍ୟାର ମୃତ ଦେହକୁ ସମ୍ମୁଖରେ ଦେଖୁଥିବା ପିତାମାତାଙ୍କର ଅସହାୟତା ଓ ଯନ୍ତ୍ରଣାକୁ ଗାଳ୍ପିକ ଏଥିରେ ବେଶ୍ ସିଦ୍ଧହସ୍ତତାର ସହ ପ୍ରତିଫଳିତ କରିଛନ୍ତି । ବିଶ୍ୱର ବହୁ ବିଦ୍ୱାନ ପରୁଷ ମାନେ ନାରୀକୁ କେନ୍ଦ୍ରକରି ଅନେକ ମତ ପ୍ରକାଶ କରିଛନ୍ତି । ଯେପରି 'କବିର' କହିଥିଲେ ଗର୍ଭବତୀ ନାରୀର ଛାଇ ପଡିଲେ ସାପ ଅନ୍ଧ ହୋଇଯାଏ । ଏହା ବ୍ୟତୀତ Thomas Jefferson ଭଳି ବିଦ୍ୱାନ ମଧ୍ୟ ମତ ଦେଇଥିଲେ "women position in house not in politics and public office"(୧)ତେଣୁ ଲିଙ୍ଗ ଭିତ୍ତିରେ ଏହିଭଳି ଭେଦଭାବ ବିରୁଦ୍ଧରେ ନାରୀବାଦର ପ୍ରଥମ ତରଙ୍ଗ (first wave of feminism) (୨)ତେଜି ଉଠିଥିଲା । ମାତ୍ର ସମାଜରେ ଆଜିବି ନାରୀକୁ କେନ୍ଦ୍ରକରି ଦୃଷ୍ଟିଭଙ୍ଗୀ (mindset) ରେ କୌଣସି ପରିବର୍ତ୍ତନ ହୋଇନାହିଁ । ଯେଉଁ ପ୍ରସଙ୍ଗକୁ ନାରୀବାଦର ଦ୍ୱିତୀୟ ତରଙ୍ଗ (second wave of feminism) ର ଏକ ଶାଖା କଟ୍ଟରପନ୍ଥୀ ନାରୀବାଦ (Radical Feminism) (୩)ରେ ଉତ୍ଥାପିତ କରାଯାଇଛି । ସମାଜ ଆଜିବି ନାରୀକୁ ଏକ ବସ୍ତୁଭାବେ ଗ୍ରହଣ କରିଆସିଛି "ଆପଣ ଅଦ୍ଭୁତ ପ୍ରଶ୍ନ ପଚାରିଲେ ଆଜ୍ଞା ଆମ ଏପଟେ ଝିଅର ରାଜି ଅରାଜି ଲୋଡାଯାଏ ନାହିଁ । ସେ ବାହାହେବ, ପିଲା ଜନ୍ମ କରିବ , ଘର ସଂସାର କରିବା ତାର ପୁଣି ରାଜି ଅରାଜି କଣ ?" (କଥା ସମଗ୍ର -ପ୍ରଥମ ଭାଗ- ପୃ- ୩୯୯) ପ୍ରତ୍ୟକ୍ଷରେ ଦେଖିଲେ ଏହିସବୁ ଆନ୍ଦୋଳନ କେବଳ ଆନ୍ଦୋଳନ ଭାବେ ଶୋଭାପାଉଛି ବାସ୍ତବ ଜୀବନ ସହିତ ଏହାର କୌଣସି ସଂପର୍କ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଏହିଭଳି ଚିନ୍ତାଧାରାର ପ୍ରତିଫଳନ ଦେଖିବାକୁ ମିଳେ ଗାଳ୍ପିକଙ୍କର 'ସ୍ତ୍ରୀ' ଗଳ୍ପରେ । ପ୍ରକୃତ ପକ୍ଷେ ବିବେଚନା କରିବାକୁ ଗଲେ ନାରୀ ଆଜି ନିଜର ଅଧିକାର ଓ ଅବସ୍ଥା ସଂପର୍କରେ ସଚେତନ ନୁହେଁ । ଯାହାକୁ ଆଜି ସାଂସ୍କୃତିକ ନାରୀବାଦ (cultural feminism) (୪)ବିରୋଧ କରୁଛି । ଆଜି ବି ସମାଜରେ ଏପରି କିଛି ନାରୀ ଅଛନ୍ତି ଯେଉଁମାନେ ମନୁଙ୍କ ଲିଖିତ ନିୟମ ଯେ, ସ୍ୱାମୀ ମଦ୍ୟପ, ଚୋର ଓ ନଷ୍ଟଚରିତ୍ର ହେଲେ ମଧ୍ୟ ସେ ହେଉଛି ଦେବତା ଭଳି ନିୟମକୁ ମାନିଆସୁଛନ୍ତି । "ସେତକ ମାଗୁଣି ମୋର । ଟିକେ କିଏ ତାଙ୍କୁ ବୁଝେଇ ଦିଅନ୍ତା । ମୋର କିଛି ଲୋଡାନାହିଁ । କାମ କରିବି, ମୋ ପିଲାଙ୍କୁ ପୋଷିବି । ଖାଲି ଏଇଠି ତାଙ୍କ ପାଖରେ ଟିକେ ।"(କଥା ସମଗ୍ର- ପ୍ରଥମ ଭାଗ- ପୃ-୪୦୫) ଅବଶ୍ୟ ଦେଖିବାକୁ ଗଲେ ନାରୀର ମଧ୍ୟ ଏଥିରେ ଦୋଷ ନାହିଁ । କାରଣ ତୃତୀୟ ନାରୀବାଦୀ ଚିନ୍ତନ (Third wave of feminism)(୫)ଅନୁସାରେ ପ୍ରତ୍ୟେକଟି ନାରୀର ସମସ୍ୟା ଏବଂ ତାର ପାରିପାର୍ଶ୍ୱିକ ପରିବେଶ ସମାନ ନୁହେଁ । ଗୋଟିଏ ସହରରେ ରହୁଥିବା ନାରୀ ଏବଂ ଗାଁ ରେ ରହୁଥିବା ନାରୀ ଭିତରେ ଚିନ୍ତା ଚେତନା ଗତ ପାର୍ଥକ୍ୟ ରହିଛି କାରଣ ତାଙ୍କର ପାରିପାର୍ଶ୍ୱିକ ପରିବେଶ ଭିନ୍ନ । ଯେଉଁପାଇଁ ତୃତୀୟ ନାରୀବାଦରେ Dalit Feminism, Black Feminism ଏବଂ post-colonial feminism ପ୍ରସଙ୍ଗ ଉତ୍ଥାପିତ ହୋଇଥିଲା । ଏହିସବୁ ଦୃଷ୍ଟିକୋଣରୁ ବିବେଚନା କଲେ 'ସ୍ତ୍ରୀ' ଗଳ୍ପଟି ତୃତୀୟ ନାରୀବାଦୀ (Third Wave of feminism) ଚିନ୍ତନ ଦୃଷ୍ଟିରୁ ମଧ୍ୟ ଏକ ସଫଳ ସୃଷ୍ଟି । ଏହା ବ୍ୟତୀତ 'ଲକ୍ଷ୍ମୀ' ଗଳ୍ପରେ ମଧ୍ୟ ଗାଳ୍ପିକ ଏହିଭଳି ଏକ ଚିନ୍ତନକୁ ପ୍ରତିଫଳିତ କରିଛନ୍ତି । ଗୋଟେ ଆଡେ ନାରୀର ଅସହାୟତା ଓ ଅନ୍ୟ ଆଡେ ସ୍ୱାଭିମାନର ନିଦର୍ଶନ ଦେଖିବାକୁ ମିଳେ 'ଚିହ୍ନା ଅଚିହ୍ନା' ଗଳ୍ପରେ । ଦଳିତ ନାରୀବାଦ ଦୃଷ୍ଟିରୁ ଗାଳ୍ପିକଙ୍କର 'ମୋକ୍ଷ' ଏକ ଅସାଧରଣ କୃତି । ସମାଜ ଗଢା ନୀତିନିୟମରେ ଛଟପଟ ହେଉଥିବା ଏକ ଦଳିତ ନାରୀର ଅସହାୟତା , ମୋକ୍ଷ ପ୍ରାପ୍ତିର କାମନା ଏବଂ ପ୍ରକୃତ ପକ୍ଷେ ମୋକ୍ଷର ର ଅର୍ଥ ଆଦିକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି ଉକ୍ତ କୃତିରେ । ନାରୀକୁ ଏକ ବସ୍ତୁରେ ପରିଣତ କରିଦେଇଥିବା ଏହି ସମାଜ ପ୍ରତି ଆକ୍ଷେପୋକ୍ତି ଦେଖିବାକୁ ମିଳେ ଗାଳ୍ପିକଙ୍କର 'ପାହାଡ' ଗଳ୍ପରେ । ଏହିପରି 'ରବର କଣ୍ଢେଇ' ଗଳ୍ପରେ ମଧ୍ୟ ନିଜର ଆବଶ୍ୟକତା ପାଇଁ ନାରୀକୁ ଏକ କଣ୍ଢେଇରେ ପରିଣତ କରିଦେଇଥିବା ପୁରୁଷ ସମାଜ ବିରୁଦ୍ଧରେ ଗାଳ୍ପିକ ସ୍ୱର ଉତ୍ତୋଳନ କରିଛନ୍ତି । ସଂପ୍ରତି ସାଂସ୍କୃତିକ ନାରୀବାଦୀ (Cultural feminism) ମାନଙ୍କ ତୁଲ୍ୟ ଗାଳ୍ପିକ ଉକ୍ତ କୃତିରେ ନାରୀକୁ ତାର ଅଧିକାର ସହିତ ପରିଚିତ କରାଇବାପାଇଁ ଉଦ୍ୟମ କରିଛନ୍ତି । ମାତ୍ର ପାରିପାର୍ଶ୍ୱିକ ପରିବେଶ ଓ ପରିସ୍ଥିତି ନାରୀକୁ ଏତେ ଅସହାୟ କରିଦେଇଛି ଯେ, ସେ ସବୁ ଜାଣି ମଧ୍ୟ ରବର କଣ୍ଢେଇଟିଏ ଭଳି ନିର୍ବିକାର ହୋଇପଡିଛି । "ବେଳେବେଳେ ଖୁବ୍ ରାଗ ହୁଏ । ଇଚ୍ଛା ହୁଏ ଗୋଟେ କେଶ୍ ଦାୟର କରିବି । କୋର୍ଟରେ ସେ ମୋତେ ମିଛସତ କହି ବାହା ହୋଇଥିଲେ । ମୋ ସାଙ୍ଗେ ଚର୍ଚ୍ଚ ଯାଇ ରାଣ ଖାଇଥିଲେ । ମୁଁ ମୋ ଅପମାନର ହିସାବ ଅସୁଲ କରିବି । କିନ୍ତୁ କଣ ଲାଭ ପାଇବି କୁହ ପୋଡା ଡିଅଣ ପରି ଗୋଟିଏ ରକ୍ଷିତା ଜୀବନର ଆଉ କଣ ସମ୍ମାନ ହରାଇବାକୁ ଅଛି ଯେ ତା ପାଇଁ ଲଢିବି ।" (କଥା ସମଗ୍ର- ପ୍ରଥମ ଭାଗ-ପୃ୫୫୯ ) 'ପଳାତକ' ଗଳ୍ପରେ ମଧ୍ୟ ବସ୍ତୁରୂପେ ପରିଗଣିତ ଏକ ନାରୀର ଅସହାୟତା ଓ ଯନ୍ତ୍ରଣା ପ୍ରତିଫଳିତ । ଆଶା, ଆକାଂକ୍ଷା ଓ ସ୍ୱପ୍ନଭଙ୍ଗ ସଙ୍ଗକୁ ଲଢିବା ଅପେକ୍ଷା ମୃତ୍ୟୁକୁ ବରଣ କରିନେଇଥିବା ଏକ ନାରୀର ଅସହାୟତାର କାହାଣୀ ହେଉଛି 'ଭିନ୍ନରାସ୍ତା' ଗଳ୍ପ । ପୁରୁଷକୁ ଜିତାଇବା ପାଇଁ ଯୁଗୁଯୁଗ ଧରି ନାରୀ କୁ ହିଁ ପରାଜୟ ବରଣ କରିବାକୁ ପଡିବ ଭଳି ମାନସିକ ଚିନ୍ତନକୁ ଗାଳ୍ପିକ ଏଥିରେ

ବିରୋଧ କରିଛନ୍ତି । ଏହା ବ୍ୟତୀତ ନାରୀବାଦର ତୃତୀୟ ତରଙ୍ଗ (Third wave of feminism) ସଂପର୍କ ରେ ମଧ୍ୟ ଗାଳ୍ପିକ ଉକ୍ତ କୃତିରେ ସାମାନ୍ୟ ଆଭାଷ ପ୍ରଦାନ କରିଛନ୍ତି । **ଯୁ**ଗଯୁଗ ଧରି ପୁରୁଷ ସମାଜ ଦ୍ୱାରା ବନ୍ଦୀ ବା ତାଙ୍କ ଉପରେ ନିର୍ଭରଶୀଳ ନାରୀ ଜାତି ଭିତରେ ଥିବା ସ୍ୱାଧୀନତା ଓ ମୁକ୍ତି ଜନିତ କାମନାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ମୁକ୍ତି' ଗଳ୍ପରେ । **ଆ**ଜି ନାରୀ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ପୁରୁଷ ସମାଜ ଦ୍ୱାରା ଉତ୍ପିଡିତ । ବସ୍ ଠାରୁ ଆରମ୍ଭ କରି ରାସ୍ତା ଘାଟ ସବୁଠାରେ ଥିବା ପୁରୁଷର ବଳାତ୍କାରୀ ଆଖି ତାକୁ ପଳପଳ କରି ଧର୍ଷଣ କରୁଛି । ଏହିଭଳି କଟ୍ଟରପନ୍ଥୀ ନାରୀବାଦୀ (Redical Feminism) ଚିନ୍ତନକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଦକ୍ଷିଣା ପବନ' ଗଳ୍ପରେ । ମାତ୍ର ଏସବୁ ସତ୍ତ୍ୱେ ଆଜିବି ସମାଜରେ ନାରୀକୁ ସମ୍ମାନ ଓ ନାରୀର ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିବା ପୁରୁଷଙ୍କର ଅଭାବ ନାହିଁ । ଅନ୍ୟ ଭାବେ କହିଲେ ଗାଳ୍ପିକ ଏଥିରେ Toxic masculinity (ବିଷାକ୍ତ ପୁରୁଷତ୍ୱ) ଭଳି ସମାଜରେ ମଧ୍ୟ ବିବେକଶୀଳ ପୁରୁଷଙ୍କର ଅସ୍ତିତ୍ୱକୁ ପ୍ରମାଣିତ କରିଛନ୍ତି । ସବୁଜ କବି କାଳନ୍ଦୀ ଚରଣ ପାଣିଗ୍ରାହୀ ତାଙ୍କର 'କିଏ ଶଳା ଶଇତାନ' କବିତାରେ ଯେପରି ବର୍ଣ୍ଣନା କରିଛନ୍ତି ଯେ, ଗରିବର ମାଇପ ସବୁରୀ ଶାଳୀ । ସେହିପରି ଗାଳ୍ପିକ 'ଇଜ୍ଜତ' ଗଳ୍ପରେ ମଧ୍ୟ ଭଦ୍ର ମୁଖା ପିନ୍ଧିଥିବା ସମାଜର ସଭ୍ୟ ମଣିଷମାନେ । ଦରିଦ୍ର ଅସହାୟ ଆଦିବାସୀ ଦଳିତ ନାରୀ ମାନଙ୍କୁ ନିଜର କାମନାର ମାଧ୍ୟମ କରୁଥିବା ପ୍ରସଙ୍ଗକୁ ପ୍ରତିଫଳିତ କରିଛନ୍ତି । ଉକ୍ତ କୃତିଟି ଦଳିତ ନାରୀବାଦ ଦୃଷ୍ଟିରୁ ବେଶ୍ ଉଲ୍ଲେଖ ଯୋଗ୍ୟ । କାରଣ ଏଥିରେ ବର୍ଣ୍ଣିତ ନାରୀଟି କେବଳ ଉଚ୍ଚବର୍ଗର ପୁରୁଷ ନୁହେଁ ନିଜ ସମାଜର ପୁରୁଷ ଦ୍ୱାରା ମଧ୍ୟ ଶୋଷିତ ହୋଇଛି ।**ସ**ମଗ୍ର ସମାଜ ଆଜି ଯେଉଁ ନାରୀକୁ ଏକ ବସ୍ତୁରେ ପରିଣତ କରିଦେଇଛି । ସେହି ନାରୀ ଯେ ପ୍ରକୃତରେ କେତେ ଶକ୍ତିର ଅଧିକାରିଣୀ ସେ ସଂପର୍କରେ ନିଜେ ନାରୀ ମଧ୍ୟ ଅଜ୍ଞ । ତେଣୁ ପ୍ରକୃତରେ ନାରୀ ନିଜକୁ ବୁଝିବା ସହ ନିଜ ଶକ୍ତି ଓ ଅସ୍ତିତ୍ୱକୁ ବୁଝିବା ଉଚିତ୍ । ଏହିଭଳି ସାଂସ୍କୃତିକ ନାରୀବାଦୀ (Cultural Feminism) ମାନଙ୍କ ତୁଲ୍ୟ ଏକ ବାର୍ତ୍ତାକୁ ଗାଳ୍ପିକ ପ୍ରଦାନ କରିଛନ୍ତି 'ସୂର୍ଯ୍ୟୋଦୟର ଅପେକ୍ଷା' ଗଳ୍ପରେ । "କାହାଠୁ ଶୁଣିଥିବା ଗୋଟେ କଥା ମନେପଡେ । ନିଶ୍ଚିତ ଆଶ୍ରୟ ଓ ଅଭୟର ପ୍ରତିଶ୍ରୁତି ଥିବା ସାନପିଲା ତଳେ ପଡିଗଲେ ରାହାଧରି କାନ୍ଦେ । ତାକୁ କେହି ଆସି ତଳୁ ଉଠେଇ ଦେବାଯାଏଁ ସେ ଭୂଇଁରେ ପଡି ରହିଥାଏ । କିନ୍ତୁ ଅପନ୍ତରାରେ ବାଟ ଚାଲୁଥିବା ଛୁଆଟେ ପଡିଗଲେ କାନ୍ଦେ ସତ, କିନ୍ତୁ ସେଇ ଛୁଆଟା ଆପଣାଛାଏଁ କାନ୍ଦ ବନ୍ଦ କରି ଉଠିପଡେ, ଧୂଳି ଝାଡିଝୁଡି ହୋଇ ପୁଣି ରାସ୍ତା ଚାଲେ ।" (କଥା ସମଗ୍ର- ପ୍ରଥମ ଭାଗ- ପୃ- ୭୫୫)**ସ**ମାଜ ଦୃଷ୍ଟିରେ ଏକ ବସ୍ତୁ ରୂପେ ପରିଗଣିତ ନାରୀର ଅସହାୟତା, ଯନ୍ତ୍ରଣା ଓ ସଂଘର୍ଷର କାହାଣୀ ହେଉଛି 'ଚାରୁଲତା' ଗଳ୍ପ । **ସ**ମାଜ ଗଢା ନୀତିନିୟମରେ ନାରୀ ପୁରୁଷଙ୍କୁ କେନ୍ଦ୍ରକରି ଚରିତ୍ରର ସଂଜ୍ଞା କିପରି ପୃଥକ୍ ତାହାର ନିଦର୍ଶନ ରହିଛି 'ପିଲାଖେଳ' ଗଳ୍ପରେ । ସାଂସ୍କୃତିକ ନାରୀବାଦ ଦୃଷ୍ଟିରୁ ଗାଳ୍ପିକଙ୍କର 'ପଞ୍ଜୁରି' ଏକ ଉତ୍କୃଷ୍ଟ କୃତି । ଏଥିରେ ଗାଳ୍ପିକ ନାରୀର ସ୍ୱାଧୀନତା, ଇଚ୍ଛା, ଆଶା ଓ ଆକାଂକ୍ଷାକୁ ଗୁରୁତ୍ୱ ଦେବା ସହିତ ନାରୀକୁ ତାର ଅଧିକାର ପ୍ରତି ସଚେତନ କରିଦେଇଛନ୍ତି । **ଏ**କ ସନ୍ତାନ ହୀନ ନାରୀର ମନସ୍ତତ୍ତ୍ୱ ସହିତ ଏହିଭଳି ଅସହାୟ ନାରୀ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀକୁ ଗାଳ୍ପିକ ଆକ୍ଷେପ କରିଛନ୍ତି 'ପୁଅ' ଗଳ୍ପରେ । **ନା**ରୀ ଭିତରର ପ୍ରେମ ଓ ସମର୍ପଣ ଭାବ ସଙ୍ଗକୁ ପୁରୁଷର ସ୍ୱାର୍ଥପରତା ଦେଖିବାକୁ ମିଳେ 'ଦାଗ' ଗଳ୍ପରେ । ନାରୀ ମନସ୍ତତ୍ତ୍ୱକୁ କେନ୍ଦ୍ରକରି ରଚିତ ଗାଳ୍ପିକଙ୍କର 'ଅହଲ୍ୟାର ବାହାଘର' ଏକ ଚମତ୍କାର ସୃଷ୍ଟି । ସ୍ୱାର୍ଥପର ଏହି ସମାଜ ଏକ ନାରୀକୁ କିପରି ବସ୍ତୁରେ ପରିଣତ କରିଦେଇଛି ତାହାକୁ ଗାଳ୍ପିକ ବେଶ୍ ସିଦ୍ଧହସ୍ତତାର ସହ ପ୍ରତିଫଳିତ କରିଛନ୍ତି । ରମାକାନ୍ତ ରଥଙ୍କର 'ମାଷ୍ଟ୍ରାଣୀ' କବିତାରେ ମଧ୍ୟ ନାରୀ ଭିତରର ଏହିଭଳି ଏକ ଯନ୍ତ୍ରଣା ଏବଂ ହାହାକାରର ଚିତ୍ର ଦେଖିବାକୁ ମିଳେ ।**ସାଂ**ସ୍କୃତିକ ନାରୀବାଦ ଦୃଷ୍ଟିରୁ ଗାଳ୍ପିକଙ୍କର 'ଏ ରାତି ପାହିବ' ଏକ ଉଚ୍ଚକୋଟିର ସୃଷ୍ଟି । ଏଥିରେ ଗାଳ୍ପିକ ନାରୀକୁ ତାର ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ସଚେତନ କରିଦେବା ସହ ଯୌତୁକ ଭଳି ଏକ ଘୃଣ୍ୟ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ଏହା ବ୍ୟତୀତ ଗାଳ୍ପିକ ଏହିଭଳି ଏକ ଘୃଣ୍ୟ ପ୍ରଥା ଯେ ଦିନେ ନା ଦିନେ ସମୂଳେ ଲୋପ ପାଇଯିବ ଭଳି ସମ୍ଭାବନା ମଧ୍ୟ ସୃଷ୍ଟିକରିଛନ୍ତି ।**ନା**ରୀ ଜୀବନର ଅସହାୟତା ଓ ଯନ୍ତ୍ରଣା ସହିତ ପୁରୁଷ ପ୍ରତି ତାର ସମର୍ପଣ ଭାବ ଦେଖିବାକୁ ମିଳେ 'ମଝି ରାସ୍ତାରେ ଜୀବନ' ଗଳ୍ପରେ । **ନା**ରୀକୁ କେନ୍ଦ୍ରକରି ସମାଜର ଅବିଚାର ଏପରିକି ଦୃଷ୍ଟିଭଙ୍ଗୀଗତ ଭିନ୍ନତା ଦେଖିବାକୁ ମିଳେ 'ଚରିତ୍ରହୀନା' ଗଳ୍ପରେ । **ସଂ**ପ୍ରତି ନାରୀ ଶିକ୍ଷିତ ଏବଂ ସ୍ୱାବଲମ୍ବୀ ହେବାସତ୍ତ୍ୱେ ପୁରୁଷର ପ୍ରତାରଣାର ଶୀକାର ହେଉଛି । ତେଣୁ ଏଥିପ୍ରତି ସଚେତନତା ଆଣିବା ଉଦ୍ଦେଶ୍ୟରେ ରଚିତ ହୋଇଛି ଗାଳ୍ପିକଙ୍କର 'ଝିଅର ମାଆ' ଗଳ୍ପ । ବିଶେଷକରି ଏହିଭଳି ପରିସ୍ଥିତିକୁ କେନ୍ଦ୍ରକରି ଏକ ମା ର ଅସହାୟତା, ସଂଗ୍ରାମ ଏବଂ ସଂଘର୍ଷକୁ ଗାଳ୍ପିକ ବେଶ୍ ଚମତ୍କାର ଭାବେ ଚିତ୍ରଣ କରିଛନ୍ତି । **ଯେ**ଉଁ ନାରୀକୁ ପାଷାଣ ମନେକରି ମହିଁଷାସୁର ରୂପୀ ପୁରୁଷ ତା ଉପରେ ପାଶବିକ ଅତ୍ୟାଚାରକରେ । ସେହି ନାରୀ ପୁଣି ସମୟ ଆସିଲେ ମହିଁଷାମର୍ଦ୍ଦିନି ମା ଦୁର୍ଗାଙ୍କର ରୂପ ଧାରଣ କରିପାରେ ଭଳି ସ୍ୱର ଶୁଣିବାକୁମିଳେ ଗାଳ୍ପିକଙ୍କର 'ବନଲତାର ଦୁଃଖ' ଗଳ୍ପରେ ।**ପୁ**ରାଣ ଯୁଗରୁ ଆରମ୍ଭ କରି ଏବେପର୍ଯ୍ୟନ୍ତ ଯେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ନିର୍ଯ୍ୟାତନାର ଅନ୍ତ ନାହିଁ ଭଳି ଚିନ୍ତନ ଦେଖିବାକୁ ମିଳେ 'କାହାଣୀ ନୁହେଁ' ଗଳ୍ପରେ । ତେଣୁ କଟ୍ଟରପନ୍ଥୀ ନାରୀବାଦ ଦୃଷ୍ଟିରୁ ଉକ୍ତକୃତିଟି

ଯେ ବେଶ୍ ଉଲ୍ଲେଖଯୋଗ୍ୟ ବୋଲି କହିବା ଅତ୍ୟୁକ୍ତି ହେବନାହିଁ ।ସମାଜଗଢା ନୀତିନିୟମ ଅନୁସାରେ ପୁରୁଷକୁ କେନ୍ଦ୍ରକରି ହିଁ ନାରୀର ଜୀବନ । ପୁରୁଷକୁ ବାଦ୍‌ଦେଇ ନାରୀର ଜୀବନ ଅସମ୍ଭବ । ହେଲେ ଏସବୁ ବାହାରେ ନାରୀର ଯେ ଏକ ସ୍ୱାଧୀନ ଜୀବନ ଅଛି ତା ପାଇଁ ଯେ ଏକ ମୁକ୍ତ ଆକାଶ ଅଛି । ତାହାକୁ ଏହି ସମାଜର ରଢ଼ିବାଦୀ ମନ ସ୍ୱିକାର କରିବାକୁ ନାରାଜ୍ । ତେଣୁ ଏହିଭଳି ଏକ ପରମ୍ପରା ବିରୁଦ୍ଧରେ ସ୍ୱର ଶୁଣିବାକୁ ମିଳେ 'ନିଜନିଜର ଆକାଶ' ଗଳ୍ପରେ । ଉଦାରପନ୍ଥୀ ନାରୀବାଦ(Libaral Feminism) ଦୃଷ୍ଟିରୁ ଉକ୍ତକୃତିଟି ଏକ ସଫଳସୃଷ୍ଟି । କୁହୁକ ବାସ୍ତବତାବାଦ(Megical Realism) ଶୈଳୀରେ ରଚିତ ଗାଳ୍ପିକଙ୍କର 'ଅସ୍ତଜହ୍ନର ପ୍ରସ୍ତାବନା' ଏକ ଅସାଧରଣ ସୃଷ୍ଟି । ଏଥିରେ ଗାଳ୍ପିକ ପୁରାଣରୁ ଆରମ୍ଭ କରି ଇତିହାସ ଏବଂ କିମ୍ବଦନ୍ତୀ ମଧ୍ୟଦେଇ ଯୁଗଯୁଗ ଧରି ଏକ ବସ୍ତୁଭଳି ନିର୍ଯ୍ୟାତନା ସହି ଆସୁଥିବା ନାରୀମାନଙ୍କର ସ୍ୱରକୁ ପ୍ରତିଫଳନ କରିବାକୁ ଉଦ୍ୟମ କରିଛନ୍ତି । କଟ୍ଟରପନ୍ଥୀ ନାରୀବାଦ (Redical Feminism), ସାଂସ୍କୃତିକ ନାରୀବାଦ (Cultural Feminism) ଏବଂ ପରିସଂସ୍ଥୀୟ ନାରୀବାଦ (Eco Feminism) (୬)ଦୃଷ୍ଟିକୋଣରୁ ଉକ୍ତ କୃତିଟି ଏକ ଉଚ୍ଚକୋଟିର ସୃଷ୍ଟି । "ସେଇ ରାତିରେ ମୁଁ ନିଜକୁ ନିଜେ ପଚାରିଲି, ନାରୀଟିଏ କ'ଣ କେବଳ ଗୋଟେ ବସ୍ତୁ ? ପିତା ତାକୁ ତାଙ୍କର ଦାନ ଭାବେ ଯାଚକଙ୍କୁ ଦେଇଦେଲେ, ପ୍ରେମିକ ତାକୁ କରଜ ପାଇଁ ବନ୍ଧକ ଭାବେ ପ୍ରୟୋଜନରେ ଲଗେଇଲେ ଏବଂ ନିଃସନ୍ତାନ ରାଜାମାନେ ତାକୁ ତାଙ୍କର ରାଜଚକ୍ରବର୍ତ୍ତୀ ସନ୍ତାନ ଉତ୍ପାଦନର ଗର୍ଭାଶୟ ପରି ବ୍ୟବହାର କଲେ । ଅଥଚ ଏମାନଙ୍କ ଭିତରୁ କେହି ତ ଥରେ ମୋ ମନର କଥା ଚିନ୍ତା କଲେନାହିଁ ।" (ବାଘ ଓ ଅନ୍ୟାନ୍ୟ ଗଳ୍ପ-ପୃ-୧୬୬) ଏହି ସଂସାରରେ ପ୍ରତ୍ୟେକ ମଣିଷ କାହା ନା କାହା ଉପରେ ନିର୍ଭରଶୀଳ ରହିଥାଏ । ମାତ୍ର ଜଣଙ୍କର ଜୀବନର ସମାପ୍ତିରେ ଅନ୍ୟ ଜଣଙ୍କର ଜୀବନ ସମାପ୍ତି ହୋଇଯାଇନଥାଏ । ଏହିଭଳି ଏକ ବାର୍ତ୍ତା ସହ ନାରୀ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାର ବାର୍ତ୍ତା ରହିଛି 'ହାର୍ମୋନିୟମ୍' ଗଳ୍ପରେ ।

## ସହାୟକ ଗ୍ରନ୍ଥସୂଚୀ :


1. Isaac, A. R., and Marks, D. F. (1994). Individual differences in mental imagery experience: Developmental changes and specialization. British Journal of Psychology, Vol. 85, 1994, pp479–500.
2. efferson personally showed little interest in his ancestry; on his father's side, he only knew of the existence of his grandfather.[15][16] Malone writes that Jefferson vaguely knew that his grandfather "had a place on the Fluvanna River which he called Snowden after a mountain in Wales near which the Jeffersons were supposed to have once lived".[15] See also Peter Jefferson#Ancestry.
3. Lear, Martha Weinman (March 10, 1968). "The Second Feminist Wave: What do these women want?". The New York Times. Retrieved 2018-07-27.
4. Pierceson, Jason, 1972- (2016). Sexual minorities and politics : an introduction. Lanham, Maryland. ISBN 978-1-4422-2768-2. OCLC 913610005.
5. Alcoff, Linda (1988). "Cultural Feminism versus Post-Structuralism: The Identity Crisis in Feminist Theory". Signs. **13** (3): 405–436. doi:10.1086/494426. JSTOR 3174166. S2CID 143799462
6. "The Third Wave of Feminism" Archived 2019-05-28 at the Wayback Machine, Encyclopaedia Britannica.


❖ ❖ ❖

DOI :https://doi.org/10.5281/zenodo.14172106

ମୂଳ ପ୍ରବନ୍ଧ

# ମାନବିକ ଅଧିକାର ଓ ଓଡ଼ିଆ ଉପନ୍ୟାସ

**ଇନ୍ଦ୍ରମଣି ସାହୁ**

**ସଂକ୍ଷିପ୍ତସାର :**

ମଣିଷର ପରିବର୍ତ୍ତିତ ଚିନ୍ତାଚେତନା ପାଇଁ ଏକ ସାର୍ଥକ ପ୍ରକାଶକ୍ଷମ ଭିତ୍ତିଭୂମିଟିଏ ଉପନ୍ୟାସ। ବ୍ୟକ୍ତି ସ୍ୱାଧୀନତା ଉପନ୍ୟାସର ମଣିଷ ସଭ୍ୟତାକୁ ମହାନ ଅବଦାନ। ମଣିଷ, ତା'ର ଅଧିକାର ଓ ସ୍ୱାଧୀନତା ବିଷୟରେ ଯେଉଁ ମାତ୍ରାରେ ସଚେତନ ହେଲା, ସେହି ଅନୁସାରେ ଉପନ୍ୟାସ ଏକ ସାହିତ୍ୟିକ ବିଭବ ଭାବେ ପ୍ରତିଷ୍ଠା ଲାଭ କରିଚାଲିଲା। ଓଡ଼ିଆରେ ବାସ୍ତବବାଦୀ ଯଥାର୍ଥ ଉପନ୍ୟାସମାନ ସୃଷ୍ଟି ହୋଇଥିଲା, ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ ଫକୀରମୋହନଙ୍କ ଲେଖନୀରୁ। ଏହି ପଥିକୃତ କଥାକାରଙ୍କ ପଥକୁ ଅନୁସରଣ କରି ପରବର୍ତ୍ତୀ ସମୟରେ ବହୁ କଥାକାର ଓଡ଼ିଆ ଉପନ୍ୟାସ ସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ। ଅନେକ ପ୍ରକାର କଥାବସ୍ତୁ, ଭାବବସ୍ତୁ, ଆଭିମୁଖ୍ୟ ଏଥିରେ ହୋଇଛି ଅନୁରଣିତ। ମାନବିକ ଅଧିକାର ଏହି ବିବିଧ ଭାବବସ୍ତୁ ମଧ୍ୟରୁ ଅନ୍ୟତମ। ଦୁର୍ଭିକ୍ଷ ଓ ଅନାହାର ଯେତିକି ପ୍ରାକୃତିକ, ସେତିକି ମାନବୀୟ। ଦୁର୍ନିତି, ଲୋଭ ଓ ସ୍ୱାର୍ଥପରତା ଏହି ମାନବୀୟ ଦିଗର ପ୍ରମୁଖ ବିନ୍ଦୁ। ରାମଶଙ୍କରଙ୍କ 'ବିବାସିନୀ', କାହ୍ନୁଚରଣଙ୍କ 'ହା ଅନ୍ନ', 'ଶାସ୍ତି' ପ୍ରଭୃତି ଉପନ୍ୟାସ ଏହି ସମସ୍ୟାର ଏକ ଉଜ୍ଜ୍ୱଳିତ ଉଦାହରଣ। ଜାତିପ୍ରଥା ଓ ଅସ୍ପୃଶ୍ୟତା ମାନବିକ ଅଧିକାରର ଘୋର ଉଲ୍ଲଙ୍ଘନ। ଭାରତୀୟ ସମାଜର ଏହି ବହୁ ଆଲୋଚିତ ବ୍ୟବସ୍ଥା ମଣିଷକୁ ତା' ଜାତି ଓ ବର୍ଗର ପ୍ରଚକ୍ଷୁରେ ଚିହ୍ନେ। ଏହି ସମସ୍ୟା ପ୍ରତି ଓଡ଼ିଆ ଉପନ୍ୟାସ ଆଖିବୁଜି ଦେଇ ନାହିଁ। ଗୋତିପ୍ରଥା ଓ ଦାଦନ ମଣିଷକୁ ମଣିଷର ମାନ୍ୟତା ନଦେଇ ପଶୁ ରୂପେ ବିବେଚନା କରିଥାଏ। ପର ପାଇଁ ତା'ର ଦେହ-ପ୍ରାଣର ଶୋଷଣ ପ୍ରତି ଓଡ଼ିଆ ଲେଖକ ଉଦାସୀନ ହୋଇପାରି ନାହିଁ। ଫଳରେ ସୃଷ୍ଟି ହୋଇଛି 'ହରିଜନ', 'ପରଜା', 'ଅରକ୍ଷିତ ଉପନିଷଦ', 'ନୀଳତୃଷ୍ଣା' ପରି କେତୋଟି ଉପନ୍ୟାସ। ସେହିପରି 'ସୁନାପୁଟର ଲୋକେ', 'କାରାର ମଣିଷ' ମାନବିକ ଅଧିକାର ଓ ତା'ର ସୁରକ୍ଷା ପାଇଁ ଏକ ଏକ ଉଦ୍‌ଘୋଷଣା।

**ପ୍ରମୁଖ ଶବ୍ଦ :**

ମାନବିକ ଅଧିକାର, ବିଶ୍ୱମାନବିକ ଅଧିକାର ଘୋଷଣାନାମା , ମୌଳିକ ଅଧିକାର , ରାଷ୍ଟ୍ରଶକ୍ତି, ଉପନ୍ୟାସ, ଦୁର୍ଭିକ୍ଷ, ଅନାହାର, ଜାତିପ୍ରଥା, ଅସ୍ପୃଶ୍ୟତା, ଗୋତିପ୍ରଥା, ଦାଦନ, ହାଜତ୍ ମୃତ୍ୟୁ, ବିସ୍ଥାପନ

**ବିଷୟ :**

ଇଉରୋପରେ ସଂଗଠିତ ରେନେସାଁ ଯେପରି ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ସମୟକୁ ଉପନ୍ୟାସ ସୃଷ୍ଟିର କାରଣ ହୋଇଥିଲା, ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଭାରତରେ ଦେଖାଯାଇଥିବା ରେନେସାଁ ସେହିପରି ଊନବିଂଶ ଶତାବ୍ଦୀରେ ଭାରତରେ ଉପନ୍ୟାସ ସୃଷ୍ଟିପାଇଁ କରିଥିଲା ପଥ ପରିଷ୍କାର। ଓଡ଼ିଶାରେ ଏ ଜାଗରଣ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଓଡ଼ିଆ ଭାଷାରେ ଉପନ୍ୟାସ ସୃଷ୍ଟିଲଗ୍ନ ହୋଇଥିଲା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14172106
Article No - BPP00234

**ଯୋଗାଯୋଗ :**
**ଡ. ଇନ୍ଦ୍ରମଣି ସାହୁ,** ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ-୭୩୧ ୨୩୫
**E-Mail ID:** imsahoo1976@gmail.com
**ORCID ID:** https://orcid.org/0009-0002-3561-3168

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୯.୨୦୨୪ | ୨୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଇନ୍ଦ୍ରମଣି; ୨୦୨୪। ମାନବିକ ଅଧିକାର ଓ ଓଡ଼ିଆ ଉପନ୍ୟାସ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଜ; ପୃଷ୍ଠା :୧୩-୨୪।

ବିଳମ୍ବିତ ଓ ଆମେ ଓଡ଼ିଆ ଭାଷାରେ ସାର୍ଥକ ପୂର୍ଣ୍ଣାଙ୍ଗ ଉପନ୍ୟାସ ଲାଭ କଲୁ ୧୮୮୮ ମସିହାରେ ଉମେଶଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ମାଧ୍ୟମରେ ।

କିନ୍ତୁ ଏହାପୂର୍ବରୁ ୧୯୭୮ ମସିହାରେ 'ସୌଦାମିନୀ' ଉପନ୍ୟାସ ରଚନା କରି ରାମଶଙ୍କର ରାୟ ଓଡ଼ିଆ ଭାଷାରେ ଉପନ୍ୟାସ ରଚନାର ଶୁଭାରମ୍ଭ କରିସାରିଥିଲେ । ମାତ୍ର ଉପନ୍ୟାସଟି 'ଉତ୍କଳ ମଧୁପ'ରେ ଧାରାବାହିକ ଭାବେ ପ୍ରକାଶିତ ହେଉଥିବା କାରଣରୁ ଏହି ପତ୍ରିକାର ବିଲୟ ସାଥେ ସାଥେ ଉପନ୍ୟାସଟି ଅସଂପୂର୍ଣ୍ଣ ରହିଯାଇଥିଲା । ସେହିପରି ଏକ ଅସଂପୂର୍ଣ୍ଣ ଉପନ୍ୟାସ ଥିଲା ୧୮୮୫ ମସିହାରେ 'ଶ୍ରୀ'ଙ୍କ ଦ୍ୱାରା ରଚିତ ଓ 'ପ୍ରଦୀପ'ରେ ପ୍ରକାଶିତ 'ଅନାଥିନୀ' ଉପନ୍ୟାସ । ଏହାପରେ ଆସିଥିଲା ପୂର୍ବ ସୂଚିତ ପୂର୍ଣ୍ଣାଙ୍ଗ ଉପନ୍ୟାସ 'ପଦ୍ମମାଳୀ' । ଲେଖକ ସ୍ୱୟଂ ଏହାକୁ ଏକ ରୋମାନ୍ସ ବୋଲି ଘୋଷଣା କରିଛନ୍ତି । ୧୮୩୫ ଖ୍ରୀ:ଅରେ ନୀଳଗିରି ରାଜ୍ୟରେ ଘଟିଥିବା ଏକ ସ୍ୱଳ୍ପବ୍ୟାପୀ ଘଟଣାର ପୃଷ୍ଠଭୂମିରେ ଏହି ଉପନ୍ୟାସ ରଚିତ ହୋଇଅଛି । ବିଷୟବସ୍ତୁର ସୂଚନା ଦେବାକୁ ଯାଇ ଲେଖକ ଭୂମିକାର କହନ୍ତି – "ଦୁଇଗୋଟି ସମସାମୟିକ ଐତିହାସିକ ଘଟଣାର ସମନ୍ୱୟରେ ପଦ୍ମମାଳୀ ରଚିତ ହୋଇଅଛି । ନୀଳଗିରି ରାଜ୍ୟର କର୍ମଚାରୀମାନଙ୍କ ଦ୍ୱାରା ପାଂଚଗଡ଼ର ଆକ୍ରମଣ – ଏକ ଗୋଟି; ଅପରଟି ହରିହର ଭ୍ରମରବର ବାବୁଙ୍କ ଦ୍ୱାରା ନୀଳଗିରି ଆକ୍ରମଣ । ପୁରାତତ୍ତ୍ୱ ଅନୁସନ୍ଧିତ୍ସୁ ପାଠକ ସ୍ୱଳ୍ପ ଆୟାସ ବ୍ୟୟ କଲେ, ଏହି ଐତିହାସିକ ଘଟଣାଦ୍ୱୟର ମୌଳିକତା ଅବଗତ ହେଇପାରିବେ । କ୍ରମେ ଅନ୍ୟାନ୍ୟ ଇତିବୃତ୍ତ ଗ୍ରନ୍ଥ ମଧରେ ସନ୍ନିବେଶିତ ହୋଇଅଛି, ଯଥା ନୀଳଗିରି ରାଜ୍ୟର ଇତିହାସ, ପାଂଚଗଡ଼ ନୀଳଗିରିର ଅଧିକାରରୁ ଚ୍ୟୁତ ହୋଇ ଗଭର୍ଣ୍ଣମେଂଟଙ୍କର ଖାସ ମହାଲଭୁକ୍ତ ହେବା, ପାଂଚଗଡ଼ ଲୁଣ୍ଠନକାରୀଙ୍କର ଓ ନୀଳଗିରି ଆକ୍ରମଣକାରୀଙ୍କର ବାଲେଶ୍ୱରର ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ହେନେରି ରିକେଟ୍ସ୍‌ଙ୍କଦ୍ୱାରା ବିଚାର ଇତ୍ୟାଦି । ଏ ସକଳ ବର୍ଣ୍ଣନାରେ ଏକ ପକ୍ଷରେ ଯେପରି ଇତିହାସର ଏକ ବର୍ଣ୍ଣର ଅପଳାପ କରିନାହୁଁ ଅନ୍ୟ ପକ୍ଷରେ ପାଠକଙ୍କର ଚିତ୍ତରଂଜନ କରିବାକୁ ସମଧିକ ଯତ୍ନବାନ୍ ହୋଇଅଛୁ ।"(୧)

ରୋମାନ୍ସଗୁଡ଼ିକ ଘଟଣାପ୍ରଧାନ । ଏଗୁଡ଼ିକ ରୋମାଂଚକର କାହାଣୀ, ଦୁଃସାହାସିକ ଅଭିଯାନ, ବୀରତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ଓ ଅଭିଜାତ ଶ୍ରେଣୀର ପ୍ରେମ ବ୍ୟାପାରରେ ପରିପୂର୍ଣ୍ଣ । ଦେଖିବାକୁ ଗଲେ 'ପଦ୍ମମାଳୀ' ପୂର୍ବବର୍ତ୍ତୀ ସମୟରେ ରଚିତ ସୌଦାମିନୀ, ଅନାଥିନୀ ଓ ଫକୀରମୋହନଙ୍କ ପୂର୍ବବର୍ତ୍ତୀ ସମୟରେ ରଚିତ 'ଉନ୍ମାଦିନୀ', ବିବାସିନୀ ଆଦି ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଉପନ୍ୟାସଗୁଡ଼ିକ ପ୍ରାୟତଃ ରୋମାନ୍ସଧର୍ମୀ ରଚନା ଥିଲା । ରୋମାନ୍ସ ସୁଲଭ ରହସ୍ୟମୟ ପରିବେଶ, ବର୍ଣ୍ଣନା ବାହୁଲ୍ୟ, ସ୍ଥଳ ବିଶେଷରେ ଅସାଧାରଣତ୍ୱ ଏବଂ ଦୁର୍ଜନର ପରାଜୟ ତଥା ସଜ୍ଜନର ପୁରସ୍କାର ଲାଭ ସାଥେ ସାଥେ ପ୍ରଚ୍ଛନ୍ନ ଭାବେ ଏକ ନୈତିକ ଆଦର୍ଶର ଉପସ୍ଥାପନ ଏଗୁଡ଼ିକର ପ୍ରଧାନ ଉପଜୀବ୍ୟ । ତେବେ ଓଡ଼ିଆ ଉପନ୍ୟାସର ଆଦ୍ୟ ସମୟରେ ରଚିତ ହୋଇଥିବାରୁ ଏଥିରେ ରୋମାନ୍ସଧର୍ମୀତା ରହିବା ଅତ୍ୟନ୍ତ ସ୍ୱାଭାବିକ; କାରଣ ବିଶ୍ୱର ବିଭିନ୍ନ ସାହିତ୍ୟରେ ଉପନ୍ୟାସର ବିକାଶ ପୂର୍ବରୁ ବହୁ ସଂଖ୍ୟକ ରୋମାନ୍ସ ରଚିତ ହୋଇଥିବାର ଦେଖାଯାଇଥାଏ । ଏହିସବୁ ରୋମାନ୍ସଧର୍ମୀ ଉପନ୍ୟାସର ରଚନା ପରେ ପରେ କଳାତ୍ମକ ରୂପ ନେଇ ବାସ୍ତବବାଦୀ ଯଥାର୍ଥ ଉପନ୍ୟାସମାନ ସୃଷ୍ଟି ହୋଇଥିଲା, ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ ଫକୀରମୋହନଙ୍କ ଲେଖନୀରୁ । ଏହି ପଥିକୃତ କଥାକାରଙ୍କ ପଥକୁ ଅନୁସରଣ କରି ପରବର୍ତ୍ତୀ ସମୟରେ ବହୁ କଥାକାର ଓଡ଼ିଆ ଉପନ୍ୟାସ ସାହିତ୍ୟକୁ କରିଛନ୍ତି ଋଦ୍ଧିମନ୍ତ । ସମସ୍ତଙ୍କ ସ୍ୱ ସ୍ୱ ପ୍ରତିଭାର ବର୍ଣ୍ଣାଳୀରେ ଓଡ଼ିଆ ଉପନ୍ୟାସ ହୋଇଛି ବହୁବର୍ଣ୍ଣୀ ଇନ୍ଦ୍ରଧନୁଟିଏ । ଏହାର ଆଙ୍ଗିକରେ ଯେପରି ଆସିଛି ବୈଚିତ୍ର୍ୟ ସେପରି ଆତ୍ମିକରେ ହୋଇଛି ଏହା ଐଶ୍ୱର୍ଯ୍ୟମୟ । ଅନେକ ପ୍ରକାର କଥାବସ୍ତୁ, ଭାବବସ୍ତୁ, ଆଭିମୁଖ୍ୟ ଏଥିରେ ହୋଇଛି ଅନୁରଣିତ । ସେହି ସବୁ ଆଙ୍ଗିକ ଓ ଆତ୍ମିକ ସୌକର୍ଯ୍ୟ କେବଳ ଉପନ୍ୟାସଟିକୁ ଯୁଗୋପଯୋଗୀ ଓ କଳାତ୍ମକ ଭାବେ ପ୍ରଭାବଶାଳୀ କରିବାକୁ ହିଁ ଅଭିପ୍ରେତ । ଆମର ଆଲୋଚନାର ଧାରା ମୁଖ୍ୟତଃ ଓଡ଼ିଆ ଉପନ୍ୟାସ ସାହିତ୍ୟର ଏହିସବୁ ଉପନ୍ୟାସ ମଧ୍ୟରୁ କେତେ ଗୋଟି ଉପନ୍ୟାସର ବିଷୟବସ୍ତୁ ଓ ଆଭିମୁଖ୍ୟକୁ ଭିତ୍ତିକରି ଗତି କରିବ ।

ମନୁଷ୍ୟ କାହିଁକି, ଯେକୌଣସି ଜୀବ ପାଇଁ ଖାଦ୍ୟର ଆବଶ୍ୟକତା ତା'ର ସ୍ଥିତି ସହିତ ଜଡ଼ିତ । ଯେଉଁ କେତେଗୋଟି ମୌଳିକ ଆବଶ୍ୟକତା ପ୍ରତ୍ୟେକ ଜୀବପାଇଁ ଦରକାର ସେଥିମଧ୍ୟରୁ ଖାଦ୍ୟ ଅନ୍ୟତମ । ବ୍ୟକ୍ତି ଏ ପୃଥିବୀରେ ଜନ୍ମ ହୋଇ କେଉଁ ଆଦିମ କାଳରୁ ନିଜ ପ୍ରଚେଷ୍ଟାରେ ଖାଦ୍ୟ ସଂଗ୍ରହ କରି ବଂଚିଆସିଛି । ତା'ର ପେଟ ଚାଖଣ୍ଡକ ପାଇଁ ପୃଥିବୀ କେବେ କାର୍ପଣ୍ୟ ଦେଖାଇନାହିଁ । ମାତ୍ର ଯୁଗେ ଯୁଗେ ଏଇ ମଣିଷମାନଙ୍କ ମଧ୍ୟରେ ଥିବା ଦୁଷ୍ଟବୁଦ୍ଧି ସମ୍ପନ୍ନ ସ୍ୱାର୍ଥପର ବ୍ୟକ୍ତିମାନେ ନିଜର ସର୍ବଗ୍ରାସୀ କାମନାର ପରିପୂର୍ତ୍ତିରେ ମାତି ପୃଥିବୀର ଅମାପ ସମ୍ପଦକୁ ଅନ୍ୟମାନଙ୍କ ପାଇଁ ଦୁର୍ଲଭ କରିଆସିଛନ୍ତି । ସେହି ମୁଷ୍ଟିମେୟ ବ୍ୟକ୍ତିମାନଙ୍କୁ ଯଦି ସାମାଜିକ ଓ ରାଷ୍ଟ୍ରୀୟ ସମର୍ଥନ କୌଣସି ନା କୌଣସି ଆକରେ ମିଳିଯାଏ, ତେବେ ତ ସେମାନେ ସାଧାରଣ ବ୍ୟକ୍ତିଙ୍କର ନାହିଁ ନଥିବା ଦୁର୍ଦ୍ଦଶାର କାରଣ ହୋଇଉଠନ୍ତି । ଏହିପରି ଏକ ପରିସ୍ଥିତିରେ ସୃଷ୍ଟି ହୁଏ ଦୁର୍ଭିକ୍ଷ । ଏହା ଅନେକାଂଶରେ କୃତ୍ରିମ । ଯଦିଓ ପ୍ରାକୃତିକ ଦୁର୍ବିପାକ ଦୁର୍ଭିକ୍ଷର କାରଣ ହୋଇଥାଏ, ତଥାପି ସ୍ୱାର୍ଥାନ୍ଧ ମୁଷ୍ଟିମେୟ ବଡ଼ପଣ୍ଡାମାନଙ୍କର ହୀନଚକ୍ରାନ୍ତ ଦୁର୍ଭିକ୍ଷକୁ ଅତି ଉତ୍କଟ କରି ତୋଳେ, ଯେଉଁଥିପାଇଁ ଅସଂଖ୍ୟ ଲୋକ କେବଳ ଖାଦ୍ୟ ପାଇଁ, ଏ ପୃଥିବୀରୁ ସବୁଦିନ ପାଇଁ ବିଦାୟ ନେଇ ଯାଆନ୍ତି ।

ସେମାନଙ୍କର ବଂଚିବାର ଅଧିକାରକୁ ଅତିନିଷ୍ଠୁର ଭାବେ ଅସ୍ୱୀକାର କରାଯାଇଥାଏ । ପ୍ରାୟତଃ ଲେଖକୀୟ ସତ୍ତାଟି ଏହି ଘଟଣାରେ ଅଧିକ ମ୍ରିୟମାଣ ହୋଇଯାଇଥାଏ । ସେହି ବେଦନାର ଗାଥାକୁ ସେ ରୂପଦିଏ ଉପନ୍ୟାସରେ ।

ଓଡ଼ିଆ ସାହିତ୍ୟର ଆଦି ଔପନ୍ୟାସିକ ରାମଶଙ୍କରଙ୍କୁ ଅନାହାର ମୃତ୍ୟୁ, ଦୁର୍ଭିକ୍ଷ ଯେ ଗଭୀର ମ୍ରିୟମାଣ କରିଛି, ତା'ର ସ୍ପଷ୍ଟ ପ୍ରମାଣ ହେଲା ତାଙ୍କର 'ବିବାସିନୀ' ଉପନ୍ୟାସ । ଏହା ରୋମାନ୍ସଧର୍ମୀ ହୋଇଥିଲେ ମଧ୍ୟ ଏଥିରେ ମରହଟ୍ଟା ଶାସନକାଳୀନ ଓଡ଼ିଶାରେ ଘଟିଥିବା ଦୁର୍ଭିକ୍ଷର ଚିତ୍ର ଉପନ୍ୟାସକୁ ସଂପୂର୍ଣ୍ଣ ନିୟନ୍ତ୍ରିତ କରିଛି । ଏହି ଉପନ୍ୟାସର ପ୍ରସିଦ୍ଧ ଓ ଉଜ୍ଜ୍ୱଳ ଚରିତ୍ର ହେଲେ ଦାସ ଖାଡ଼ଙ୍ଗା । ଯଥାର୍ଥରେ ସେ ହିଁ ଓଡ଼ିଆ ଉପନ୍ୟାସରେ ଦେଖାଦେଇଥିବା ମାନବିକ ଅଧିକାରର ପ୍ରଥମ ପ୍ରବକ୍ତା । ମରହଟ୍ଟା ଶାସନର ଦୋଷତ୍ରୁଟି ତଥା ସୁବାଦାରମାନଙ୍କର ଅନ୍ୟାୟ ଅତ୍ୟାଚାର ବିରୋଧରେ ଦାସ ଖାଡ଼ଙ୍ଗା ଚରିତ୍ର ଏକ ମୂର୍ତ୍ତିମନ୍ତ ପ୍ରତିବାଦ । ଜନସାଧାରଣଙ୍କ ଦୁରବସ୍ଥା ଜଣାଇବା ଉଦ୍ଦେଶ୍ୟରେ ସୁବାଦାରଙ୍କୁ ଦୁଇହଳା ଅଗାଡ଼ିପୂର୍ଣ୍ଣ ଶୁଖିଲା ଧାନଗଛ ଭେଟି ଦେଇ ସେ ନିଜର ଅବସ୍ଥା ବର୍ଣ୍ଣନ କରି କହିଛି – "ଖାଡ଼ଙ୍ଗା ଏବେ ଅନାହାରରେ ଖାଡ଼ଙ୍ଗା ହୋଇଅଛି । ଛାମୁ ଏହି ହଳାରୁ ବୁଝିପାରିବେ ।" ଖାଡ଼ଙ୍ଗା ଜଣେ ଦରିଦ୍ର ପ୍ରଜା ଥିଲା । କିନ୍ତୁ ନିଜର ଅଧିକାର ତଥା ଜନସାଧାରଣଙ୍କ ଅଧିକାର ସଚେତନ ମଣିଷଭାବେ ପ୍ରବଳପ୍ରତାପୀ ସୁବାଦାରଙ୍କ ସମ୍ମୁଖରେ ନିଜର ଦାବିକୁ ଏପରି ନିର୍ଭୀକ ଭାବେ ଉପସ୍ଥାପନ, ପାଠକକୁ ବିସ୍ମୟାଭିଭୂତ କରିଦିଏ । କିନ୍ତୁ ଯୁଗେ ଯୁଗେ ଅନ୍ଧ ଶାସନ ଏହିପରି ସ୍ୱାଧୀନଚେତା ବ୍ୟକ୍ତିଙ୍କୁ ଶତ୍ରୁ ଭାବେ ଭାବିଆସିଛି । ଶମ୍ଭୁଜୀ ଗଣେଶଙ୍କ ଶାସନକାଳୀନ ଦେଶର ସମସ୍ତ ଅଶାନ୍ତି, ଅସନ୍ତୋଷ ଦାସ ଖାଡ଼ଙ୍ଗାଙ୍କ ଉଦ୍ୟମରେ ସ୍ପଷ୍ଟ ଭାବରେ ପ୍ରକାଶିତ ହୋଇଛି ଜନସାଧାରଣଙ୍କ ସମ୍ମୁଖରେ । ଫଳରେ ଖାଡ଼ଙ୍ଗା ମିଛ ଡକାୟତି ଅଭିଯୋଗରେ ଅଭିଯୁକ୍ତ ହୋଇ ମାଡ଼ଗାଳି ଖାଇ ବନ୍ଦୀ ଅବସ୍ଥାରେ ପଡ଼ିରହିଛି । ସେତିକିରେ ଶାସକ ସନ୍ତୁଷ୍ଟ ହୋଇନାହିଁ । ଶେଷରେ ଦାସ ଖାଡ଼ଙ୍ଗାଙ୍କୁ ଶୂଳୀରେ ଚଢ଼ାଇ ଶାସକ ଶାନ୍ତିରେ ନିଃଶ୍ୱାସ ମାରିଛି । ମାତ୍ର ସେହି ବୀର ଦାସ ଖାଡ଼ଙ୍ଗାଙ୍କର ମୃତ ଶରୀର ଜନସାଧାରଣଙ୍କୁ ନିଜର ଅଧିକାର ପାଇଁ ସଂଗ୍ରାମ କରିବାକୁ ଅଗ୍ନିମୟ ସନ୍ଦେଶ ଶୁଣାଇ ଶୁଣାଇ କାଠଯୋଡ଼ିରେ ଭାସି ଭାସି ଯାଇଛି । ଶେଷରେ ଲୋକଙ୍କ ହୃଦୟରେ ଜଳିଥିବା ଅଗ୍ନିର ତାପରେ ସୁବାଦାରର ସର୍ବନାଶ ଘଟିଛି ।

ପରବର୍ତ୍ତୀ ସମୟରେ ୧୯୩୫ରେ ପ୍ରକାଶିତ କାହ୍ନୁଚରଣଙ୍କ 'ହା ଅନ୍ନ' ଉପନ୍ୟାସ ଏହି ଦୁର୍ଭିକ୍ଷର ପୃଷ୍ଠଭୂମିରେ ହିଁ ରଚିତ ହୋଇଥିଲା । ଲେଖକଙ୍କର ଓଡ଼ିଶାରେ ୧୯୧୫ – ୧୬ ମସିହା ସମୟକୁ ପଡ଼ିଥିବା ଦୁର୍ଭିକ୍ଷର ଅନୁଭୂତି ଥିଲା । ପୁନଶ୍ଚ ଆଦ୍ୟ ଚାକିରୀ ଜୀବନରେ ସେ ୧୮୬୬ ଖ୍ରୀ:ଅରେ ଘଟିଥିବା ନ'ଅଙ୍କ ଦୁର୍ଭିକ୍ଷ ବିଷୟରେ ତତ୍କାଳୀନ ସରକାରୀ ରିପୋର୍ଟମାନ ଅଧ୍ୟୟନ କରିବାର ସୁଯୋଗ ପାଇଥିଲେ । ଏହିସବୁ ଅଧ୍ୟୟନ ପରେ ତାଙ୍କର ହୋଇଥିବା ଅନୁଭୂତି ବିଷୟରେ ସେ କହନ୍ତି, "ଯାହା ମୁଁ ଅନୁଭବ କରିଥିଲି, ଯାହା ମୋର ସ୍ନାୟୁ ଥରାଇଥିଲା, ରକ୍ତ ତତାଇଥିଲା, ଆଖିରେ ଲୁହ ଆଣିଥିଲା, ମୋତେ ଉନ୍ନିଦ୍ର ଛଟପଟ କରିଥିଲା, ତାହାକୁ ମୁଁ ମୋର ସେକାଳର ଭାଷାରେ ରୂପ ଦେବାକୁ ଚେଷ୍ଟା କରିଥିଲି । ମୋ ଭିତରର କେଉଁ ଅଜଣା ପ୍ରେରଣା ମୋ କଲମକୁ ଆଗକୁ ଠେଲିଥିଲା, "ହା-ଅନ୍ନ" ଲେଖାଇଥିଲା ।"(୨)

'ହାଅନ୍ନ'ରେ ଯଥାର୍ଥରେ 'ହା-ଅନ୍ନ'ର ଚିତ୍କାର ପ୍ରତ୍ୟେକ ପାଠକର ହୃଦୟତନ୍ତ୍ରୀକୁ ଥରାଇ ଦେଇଥାଏ । 'କ୍ଷୁଧା'ର ତାଡ଼ନା କିପରି ଯୁଗ ଯୁଗର ସଂସ୍କାରକୁ ଲିଭାଇ ଦେଇଥାଏ, ତା'ର ଚିତ୍ର ହା-ଅନ୍ନରେ ଅପ୍ରତୁଳ ନୁହେଁ । ଗ୍ରାମର ସାଧାରଣ ଚାଷୀମାନେ ଅନାହାରରେ ଶୁଖି ଶୁଖି ମୁଠାଏ ଧାନଚାଉଳ ଦେଢ଼ିରେ ଆଣିବାକୁ ଯାଇ ଗାଁର ସାହୁ ମହାଜନଙ୍କ ପାଖରେ ଗୁହାରି କରି କହନ୍ତି, "ଏ ଗରିବର ଗୁହାରି ଟିକେ ଶୁଣିବା ହେଉ । ଆମ ସାହୀଆ ଛତରରେ ପଶିଲେ । ଅଧେ ଲୋକ ଗାଁ ଛାଡ଼ି ପଳାଇଲେଣି । ବାକିତକ ପାଣଙ୍କ ସଙ୍ଗେ ମିଶି ଗୋରୁ କାଟି ଖାଉଛନ୍ତି । ପ୍ରାଣବିକଳରେ ଜାତି ଟାଣ ରଖୁଛି କିଏ ? ପୋଖରୀ ଯୋଡ଼ ଶୁଖି ଠକ୍ ଠକ୍ ହେଲାଣି । ଗେଣ୍ଡା କୋଚିଆ ମିଳିବା ତେଣିକି ଥାଉ, ଅନାବନା ଶାଗ ପତରର ଦେଖା ନାହିଁ । କଅଣ ଖାଇ ବଂଚିବା ?"(୩)

ତା' ଛଡ଼ା ଦୁର୍ଭିକ୍ଷର ଦାଉରେ ମଣିଷ ତା'ର ସ୍ୱାଭାବିକ ଚିତ୍ତବୃତ୍ତିକୁ ହରାଇଥିବାର ଦୃଷ୍ଟାନ୍ତ ମଧ୍ୟ ଏହି ଉପନ୍ୟାସରେ ସୁଲଭ । କେଉଁଠି ଅନ୍ନଛତ୍ରରେ ପ୍ରଦତ୍ତ ଟିକଟର ଗୁରୁତ୍ୱ ବୁଝି ମଧ୍ୟ ବୁଢ଼ିଟିଏ ଅନ୍ୟ ଏକ ବୁଢ଼ି ଓ ତା'ର ନାତୁଣୀଟିର ଟିକଟ ଚୋରି କରିଛି; କେଉଁଠି ଉପନ୍ୟାସର ନାୟକ ଜଗୁ ମୃତା ସ୍ତ୍ରୀଲୋକଟିର ଜୀବନ୍ତ ଶିଶୁଟିକୁ ରକ୍ଷା ନକରି ବିଲୁଆ ମୁହଁରେ ଆହାର ହେବାକୁ ଛାଡ଼ି ଦେଇ ଆସିଛି । କେଉଁ ସ୍ତ୍ରୀଲୋକ ଅବା ନିଜର ସ୍ଥିତିପାଇଁ ନିଜ ସ୍ୱାମୀକୁ ବିଷ ଦେଇ ହତ୍ୟା କରିଛି । ପୁନଶ୍ଚ କେଉଁ ମା' ପେଟ ବିକଳରେ ନିଜର ସନ୍ତାନମାନଙ୍କୁ ଲୁଚି ତାଙ୍କଠାରୁ ପଳାଇ ଆସିଛି ଚିରଦିନ ପାଇଁ । ଏମିତି କେତେ କେତେ ଘଟଣା କ୍ଷୁଧାର ଯଜ୍ଞ କୁଣ୍ଡରେ ମାନବିକତାର ପୂର୍ଣ୍ଣାହୁତି ଦେଇଛି । କିନ୍ତୁ ଏସବୁ କାହିଁକି ହେଲା ? କେଉଁ ଅପଦେବତା ଏଥିପାଇଁ ଦାୟୀ ? ଏକଥା ଲେଖକ ପାଠକଙ୍କୁ ସୂଚାଇବାକୁ ଭୁଲିନାହାନ୍ତି । ଦେଶରେ ଉତ୍ପନ୍ନ ଖାଦ୍ୟ ଶସ୍ୟର ଉପଯୁକ୍ତ ବଂଟନ ବ୍ୟବସ୍ଥା କରିବା ପ୍ରତ୍ୟେକ ସରକାରର ଏକ ପ୍ରମୁଖ ଦାୟିତ୍ୱ । ଏହି ଦାୟିତ୍ୱ ପ୍ରତି ସରକାରୀ କଳର ଉଦାସୀନତା ଯୁଗେ ଯୁଗେ ଦେଶରେ ବହୁ ବିଭ୍ରାଟ ସୃଷ୍ଟି କରିଛି । ଆଜି ବି ଭାରତରେ ଏହି ସମସ୍ୟା

ଲାଗିରହଛି; ଅତ୍ୟାବଶ୍ୟକ ଜିନିଷର କୃତ୍ରିମ ଅଭାବ ସୃଷ୍ଟି କରାଯାଉଅଛି । ଫଳରେ ଫାଇଦା ମାରୁଛନ୍ତି ମୁଷ୍ଟିମେୟ ବ୍ୟବସାୟୀ ଓ ଖାଦ୍ୟସଂକଟର ସମ୍ମୁଖୀନ ହେଉଛନ୍ତି ଅସଂଖ୍ୟ ଜନସାଧାରଣ । 'ହା-ଅନ୍ନ'ରେ କାହ୍ନୁଚରଣ ଦୁର୍ଭିକ୍ଷର କାରଣ ଦର୍ଶାଇବାକୁ ଯାଇ କହନ୍ତି, "କୁମୁଟି ମହାଜନମାନେ ଗାଁ ଗାଁ, ଘର ଘର ବୁଲି ଧାନ କିଣିବାକୁ ଲାଗିଲେ । ଆଗରୁ ଲାଭ ଥିଲା ଟଙ୍କାରେ ପଚାଶ ଗଉଣୀ । ମହାଜନମାନେ ଦର ଟଂକାରେ ତିରିଶ ଗଉଣୀ କଲେ । ଲୋକେ ସୁବିଧା ଦର ପାଇ ବଲୁରି ଲାଗିଲା ପରି ଘରଦ୍ୱାର ଖାଲି କରି ଧାନ ବୂହା ଲାଗାଇଲେ । ଜ୍ୟେଷ୍ଠ ମାସରେ ବୁଣାବୁଣି । ପୌଷ ସରିକି ଫସଲ ଉଠିବ । ନୂଆ ଧାନ ଅମଳ ହେବ । ତେଣିକି ନିଶ୍ଚିନ୍ତ । ବିହନ ଗଣ୍ଡାକ ଛଡ଼ା ଛଅ ସାତ ମାସ ମାନିଆ ହିସାବ କରି ଧାନ ରଖି ଚାଷୀମାନେ ବହକା ଧାନ ଛଡ଼ାଇଦେଇ ଅଂଟାରେ ଟଙ୍କା ଖୋସିଲେ ।"[୪]

ଏହି ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଇଂରେଜ ସରକାର ବହୁ ବିଳମ୍ବରେ ତଦନ୍ତ କରିବାକୁ କର୍ମକର୍ତ୍ତା ପଠାଇଥିଲେ । ମାତ୍ର ସେହି ସମୟରେ ଦେଶୀୟ ସରକାରୀ କର୍ମଚାରୀମାନେ ଇଂରେଜ ଅଫିସରମାନଙ୍କୁ ଦୁର୍ଭିକ୍ଷ ବିଷୟରେ ଭୁଲ ତଥ୍ୟ ଦେବାଫଳରେ ଦୁର୍ଭିକ୍ଷର ନିରାକରଣ ପାଇଁ ଆସିବାକୁ ଥିବା ସରକାରୀ ସାହାଯ୍ୟ ଓ ସହଯୋଗ ନିରନ୍ନ କାଙ୍ଗାଳମାନେ ପାଇପାରିନଥିଲେ ।[୫] କିନ୍ତୁ ଦୁର୍ଭିକ୍ଷର ଶେଷଆଡ଼କୁ ସରକାରଙ୍କ ଆଖି ଖୋଲିବାବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିଲା । ଓଡ଼ିଶାର ପ୍ରାୟ ଏକ ତୃତୀୟାଂଶ ଲୋକଙ୍କୁ ଦୁର୍ଭିକ୍ଷ ଗ୍ରାସ କରିସାରିଥିଲା । ସରକାରୀ କଳର ଏପରି ଚରମ ଉଦାସୀନତାର ପରମ ଦୃଷ୍ଟାନ୍ତ ପୃଥିବୀ ଇତିହାସରେ ବୋଧେ ଅନ୍ୟତ୍ର ଦୁର୍ଲଭ । ଶାସନକଳର ଚରମ ବ୍ୟର୍ଥତା ଲକ୍ଷ ଲକ୍ଷ ଲୋକଙ୍କର ଜୀବନଧାରଣର ଅଧିକାରକୁ ଅତି ଅମାନୁଷିକ ଭାବେ ଅସ୍ୱୀକାର କରିଥିଲା । ସେହି କାହ୍ନୁଚରଣ ଶାସ୍ତି ଉପନ୍ୟାସରେ କହିଛନ୍ତି,"ବଂଚିବାକୁ ଯେଉଁମାନେ ଆଶା କରିଥିଲେ, କେଡ଼େ ଅନିଚ୍ଛାରେ ମରଣ କୋଳରେ ଢଳି ପଡ଼ିଲେ ।"[୬]

କିନ୍ତୁ ଯେଉଁମାନେ ଖାଦ୍ୟ ଅଖାଦ୍ୟ ଖାଇ ଛତରରେ ପଶି ଜୀବନ ସଂଗ୍ରାମରେ ଜୟମାଲ୍ୟ ପିନ୍ଧି ନିଜ ଭିଟାମାଟିକୁ ଫେରିଆସିଲେ, ସେମାନଙ୍କୁ ନିଷ୍ଠୁର ସମାଜ ଗ୍ରହଣ କଲାନି; ସେମାନଙ୍କୁ ମଣିଷ ବୋଲି ସ୍ୱୀକାର କଲାନି । ପ୍ରଥମେ ସେମାନେ ଶାସନ କଳର ଶିକାର ହୋଇଥିଲେ, ପରେ ହେଲେ ସମାଜର ଶିକାର । 'ଶାସ୍ତି' ଉପନ୍ୟାସର ନାୟକ 'ସନେଇ' ଯେତେବେଳେ ଦୁର୍ଭିକ୍ଷର କରାଳଗ୍ରାସରୁ ମୁକୁଳି ଗାଁକୁ ଆସିଛି, ସେତେବେଳେ ସମାଜ ଦ୍ୱାରା ସେ ହୋଇଛି ଅବାଞ୍ଛିତ । ଔପନାସିକଙ୍କ ଭାଷାରେ,"ସେ ଛତରଖିଆ, ତାର କାୟା ନଷ୍ଟ ହୋଇଛି, ତାର ଆତ୍ମା ଅପବିତ୍ର ହୋଇଛି, ସେ ପତିତ । ଜାତି ତାକୁ ଗ୍ରହଣ କରିବ ନାହିଁ, ସମାଜରେ ତା'ର ସ୍ଥାନ ନାହିଁ ।"[୭] ସମାଜରେ ଚଳିବା ପାଇଁ ହେଲେ କାଙ୍ଗାଳ ସନେଇକୁ ବହୁଅର୍ଥ ବ୍ୟୟକରି ପ୍ରାୟଶ୍ଚିତ କରିବାକୁ ହେବ । ହିନ୍ଦୁ ଧର୍ମରେ ତା'ର ସ୍ଥାନ ନାହିଁ । ମନ୍ଦିର ବେଢ଼ା ମଧ୍ୟ ସନେଇ ପାଇଁ ଅବରୁଦ୍ଧ । ସେଥିପାଇଁ ଔପନ୍ୟାସିକ କାହ୍ନୁଚରଣ ଲେଖନ୍ତି,"ମନ୍ଦିର ଆଗ ମୁଖଶିଆଳିରେ କୁକୁରପାଇଁ ସ୍ଥାନ ଅଛି, ସମାଜ ତଡ଼ା ଅଛୁଵ ମଣିଷର ମୁଣ୍ଡ ଗୁଂଜିବାର ଅଧିକାର ସେଠିନାହିଁ ।"[୮] ପୁନଶ୍ଚ, ଯେଉଁ ମାଟିରେ ତା'ର ଜନ୍ମ, ସେଇଠି ସେ ହେବ ପର । ମୁଠାଏ ଖାଇବାକୁ ନ ପାଇ ସମସ୍ତଙ୍କ ମଝିରେ, ଗାଁ ଦାଣ୍ଡରେ ସେ ମରି ଶୋଇବ ?[୯]

ଏହିପରି ଆହୁରି କେତୋଟି ଉପନ୍ୟାସରେ ଗୌଣ ବା ମୁଖ୍ୟ ଅଂଶଭାବେ ଦୁର୍ଭିକ୍ଷ ଚିତ୍ର ଆସିଛି ଯାହା ସୂଚିତ କରିଦେଉଛି ଯେ ମଣିଷର ମୌଳିକ ଆବଶ୍ୟକତା ପ୍ରତି ଓଡ଼ିଆ ଲେଖକ ଯଥାର୍ଥ ସମ୍ବେଦନଶୀଳତା ଦେଖାଇ ଆସିଛନ୍ତି ସବୁବେଳେ ।

ବ୍ୟକ୍ତିର ମାନିବକ ଅଧିକାରଗୁଡ଼ିକୁ ଅସ୍ୱୀକାର କରୁଥିବା ଦୁଇ ପ୍ରଧାନ କାରକ ହେଲା ଜାତିପ୍ରଥା ଏବଂ ଅସ୍ପୃଶ୍ୟତା । ମଣିଷ ମଣିଷ ମଧ୍ୟରେ ମିଛ ପ୍ରତ୍ୟୟର ବଶବର୍ତ୍ତୀ ହୋଇ ଧର୍ମ, ପରମ୍ପରା, ପ୍ରଥାଦିର ଦୋହିଦେଇ ଯେଉଁ ବିଭେଦ ଓ ବୈଷମ୍ୟ ସୃଷ୍ଟି କରାଯାଇଛି ତାହା କେତେକ ବ୍ୟକ୍ତିଙ୍କର ମାନବିକ ଅଧିକାରକୁ ଯୁଗେ ଯୁଗେ ଉଲ୍ଲଂଘନ କରିଆସିଛି । ତଥାକଥିତ ସଭ୍ୟ ମଣିଷଟି କୁକୁରକୁ ଛୁଉଁଛି, ନିଜ ବେଡ୍ ରୁମ୍‌ରେ ସ୍ଥାନ ଦେଉଛି, ମାତ୍ର ସେହି ସମାଜର କେତେକ ବ୍ୟକ୍ତିକୁ ଅସ୍ପୃଶ୍ୟ କରି ରଖୁଛି । ସମସ୍ତଙ୍କୁ ଜାତିଭେଦର ମାନଦଣ୍ଡରେ ମାପି ମାନବିକ ମର୍ଯ୍ୟାଦାର ଅବମାନନା କରୁଛି । ଏହି ପ୍ରଥା ଭାରତରେ ଅତି ଜଘନ୍ୟରୂପେ ରହିଆସିଛି କେଉଁକାଳରୁ । ଏହା ବିରୋଧରେ ବହୁ ସମାଜ ସଂସ୍କାରକ, ଜ୍ଞାନୀଗୁଣୀ ସ୍ୱର ଉତ୍ତୋଳନ କରିଥିଲେ ବି ଏବେବି ସମାଜ ସେ ଦିଗରୁ ସଂପୂର୍ଣ୍ଣ ସୁସ୍ଥ ହୋଇନାହିଁ । ଭାରତୀୟ ସାହିତ୍ୟର ଲେଖକମାନେ, ସେମାନଙ୍କ ଲେଖା ମାଧ୍ୟମରେ ଏସବୁ କୁତ୍ସିତ ପ୍ରଥାକୁ ଦୂର କରିବା ପାଇଁ ମଧ୍ୟ ଚେଷ୍ଟା କରିଆସିଛନ୍ତି । ଜାତିପ୍ରଥା, ଅସ୍ପୃଶ୍ୟତା ଆଦି ଅନେକ ସାମାଜିକ ସମସ୍ୟାକୁ ନେଇ ବହୁ ଓଡ଼ିଆ ଉପନ୍ୟାସ ରଚିତ । ବିଶେଷକରି କାହ୍ନୁଚରଣଙ୍କ ଉପନ୍ୟାସରେ ଏ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି ।

କାହ୍ନୁଚରଣ ମହାନ୍ତି ତାଙ୍କ ଶାସ୍ତି ଉପନ୍ୟାସର ବହୁସ୍ଥଳରେ ଜାତିପ୍ରଥା ପ୍ରତି କଟୁମନ୍ତବ୍ୟ ପ୍ରଦାନ କରିଛନ୍ତି । କେବଳ ଜାତିଗତ ବିଦ୍ୱେଷ ହିଁ ଶାସ୍ତି ଉପନ୍ୟାସର ମେରୁଦଣ୍ଡ ଭାବେ କାମ କରିଛି । ତାଙ୍କ ଦ୍ୱାରା ସୃଷ୍ଟ 'ସନିଆ' ଚରିତ୍ର ଆମ ସମାଜରେ ଥିବା ଜାତିପ୍ରଥାର ଏକ ସଚଳ ପ୍ରତିବାଦ । ଦୁର୍ଭିକ୍ଷର କରାଳ ଦୃଶ୍ୟ ତାକୁ ଶିକ୍ଷା ଦେଇଥିଲା ଯେ, "ମଣିଷ ରକ୍ତ ସବୁଠି ସମାନ, ସବୁବେଳେ ନିର୍ମଳ । କର୍ମ ଗଢ଼ିଲା ବିଭାଗ, ସେହି ବିଭାଗରୁ ହେଲା ଜାତି, ଗୋଟାଏ ଫାଙ୍କା ନାଁ

– ସ୍ୱାର୍ଥପରତା" ।(୧୦) ସେ ନିଜର ଭଉଣୀ 'ପୁନି' କୁ ବାଉରୀଘରେ ସଙ୍ଖୋଳିବାକୁ ଯାଇଛି । ତା' ଘରେ ବସିଛି, ନିଜର ବାଉରୀ ଭଣଜାକୁ କୋଳକୁ ନେଇଛି । ତା' ଭିତରୁ ତାକୁ କିଏ ଯେପରି କହିଛି, "ସମାଜ ଯାହାକୁ ଛାଡିଛି ଧର୍ମ ଯାହାକୁ ଇଙ୍ଗିତ ଦେଇଛି; ବଡ଼ ଲୋକର ଧାନଗଦାତଳେ ପେଟରେ ହାତ ଦେଇ ଆଖିବୁଜି ଧୀରେ ମଶାଣି ଆଡ଼କୁ ଚାଲେ, ଟିକିଟିକି ହୋଇ ଆତ୍ମହତ୍ୟା କରେ, ସେଇ ତୋର ସନ୍ତାନ । ସେଇମାନଙ୍କୁ କୋଳରେ ନେରେ, ସେଇମାନଙ୍କୁ ଆଶ୍ରା ଦେ ।"(୧୧) ସେଥିପାଇଁ ସେ ତା'ର ଘରେ ମୁସଲମାନ ଟୋକା ରହିମ୍‌କୁ, ଚମାର ଭରଥିଆକୁ, ଯୋହନବୁଢ଼ାକୁ, କାଶୀ ବେଜ୍‌କୁ, ସର୍ବୋପରି କଇଁ ବାଇଆଣୀକୁ ଆଶ୍ରୟ ଦେଇଛି । ଆଉ ଘୋଷଣା କରିଛି, "ଏଇ ଛାତତଳେ ଯିଏ ଯେଉଁଠୁ ଆସି ଆଶ୍ରା ନେବେ, ସମସ୍ତେ ଖାଇବେ ଏଠି । ଏଘର ସଭିଙ୍କର । ଏଠି ଜାତିଭେଦ, ଧର୍ମଭେଦ, ବର୍ଣ୍ଣଭେଦ ରହିବ ନାହିଁ । ସମସ୍ତେ ଦେହରୁ ଝାଳ ନିଗାଡ଼ି, ପରିଶ୍ରମ କରିବେ । ମା ଧରିତ୍ରୀର ଛାତି ଚିରି ଖାଦ୍ୟ କାଢ଼ିବେ । ସେ ଖାଦ୍ୟ ସମସ୍ତେ ଖାଇବେ । କେହି କାହାର ଧର୍ମ ଉପରେ ରୁଚି ଉପରେ ବାଧା ଦେବେ ନାହିଁ । ସମସ୍ତେ ସମସ୍ତଙ୍କୁ ସମ୍ମାନ ଦେଖାଇବେ, ଭଲ ପାଇବେ । .... ଏଇ କୁଡ଼ିଆତଳେ ନୂଆ ଦୁନିଆ ଗଢ଼ିବା ଆମେ ରହିମ୍, ନୂଆ ସମାଜ ଗଢ଼ିବା, ମଣିଷ ସମାଜ ।"(୧୨)

କିନ୍ତୁ ସନିଆର ନୂଆ ସମାଜ ଗଢ଼ିବାର ପ୍ରୟୋଗ ଓ ପରୀକ୍ଷା ସଫଳ ହୋଇପାରି ନାହିଁ । ଗ୍ରାମବାସୀଙ୍କ କ୍ରୋଧର ସେ ଶିକାର ହୋଇଛି । ସେ ସମସ୍ତଙ୍କୁ ସଙ୍ଗରେ ନେଇ ଗାଁରୁ ପଳାୟନ କରିଛି । ମାତ୍ର, ପ୍ରଥମଥର ପାଇଁ ତା'ର ଅସଫଳତା ବି ଓଡ଼ିଆ ପାଠକମାନଙ୍କୁ ଏପରି ଏକ ସମାଜର ନିର୍ମାଣ ଲାଗି ସ୍ୱପ୍ନଟିଏ ଦେଖିବାକୁ ଆବଶ୍ୟକ ପ୍ରତ୍ୟୟ ପ୍ରଦାନ କରିଆସୁଛି ।

ସନେଇ ପରି ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ 'ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ' ଉପନ୍ୟାସର ନାୟକ ଲକ୍ଷ୍ମୀଧର ସାମାଜିକ ପରମ୍ପରା ନୁହେଁ ମାନବିକ ଅଧିକାରକୁ ଗୁରୁତ୍ୱପ୍ରଦାନ କରିଛି । ନିଜେ ବ୍ରାହ୍ମଣ ହୋଇ ମଧ୍ୟ ସେ ମାନବିକ ଅଧିକାରକୁ ସ୍ୱୀକାରକରି ଏବଂ ଏହାକୁ ସମ୍ମାନ ଜଣାଇ ଜାତିଗତ ସଂସ୍କାରକୁ ପାଦରେ ଦଳି ଦେଇଛି । ନିଜର ସ୍ତ୍ରୀର ଶବକୁ ସେ ଚାରିଜଣ ହରିଜନଙ୍କ କାନ୍ଧରେ ବୋହିନେଇ ଶ୍ମଶାନରେ ଯଥାରୀତି ସଂସ୍କାର କରିଥିଲା । ତା'ର ଏହି ଆଶ୍ଚର୍ଯ୍ୟମୟ ପଦକ୍ଷେପରେ ସମାଜ ଶୃଙ୍ଖଳାକୁ ଶକ୍ତ ଧକ୍କା ଲାଗିଥିଲା ଯେପରି । ଔପନ୍ୟାସିକଙ୍କ ଭାଷାରେ, "ପୃଥିବୀକୁ କ'ଣ ସତେ ଏଭଳି ଗୋଟିଏ ସମୟ ଆସିଗଲା ଯେତେବେଳେ ଜଣେ ମଣିଷ ତା'ର ସମାଜକୁ ସମ୍ପୂର୍ଣ୍ଣ ବର୍ଜନ କରି ସୁଦ୍ଧା ନିଜେ ଗୋଟିଏ ସ୍ୱୟଂସମ୍ପୂର୍ଣ୍ଣ ଜୀବନ ଯାପନ କରିପାରିବ ? ଅଭୟପୁରରେ କେବଳ ଜମିଦାର ନୁହନ୍ତି ଅଧିକାଂଶ ଲୋକେ ସେଇ ପ୍ରଶ୍ନଟି ପରସ୍ପରକୁ ପଚରାପଚରି ହେଉଥିଲେ ସେଦିନ । କିନ୍ତୁ ଲକ୍ଷ୍ମୀଧର ଆଗରେ ମହାକାଳ ସେଦିନ ଗୋଟିଏ ମାତ୍ର ପ୍ରଶ୍ନ ଉତ୍ଥାପନ କରିଥିଲା । ଭାରତର ଗାଁ ଭଳି ଗୋଟାଏ କୁତ୍ସିତ ନରକରେ ମଣିଷ କେତେଦିନ ଓ କାହିଁକି ସଢୁଳି ହେଉଥିବ ?"(୧୩) ଲକ୍ଷ୍ମୀଧର ଖାଲି ନିଜ ସ୍ତ୍ରୀର ଶବକୁ ସଂସ୍କାର କରିବାର ଅଧିକାର ହରିଜନମାନଙ୍କୁ ଦେଇନଥିଲା, ସେ ମଧ୍ୟ ହରିଜନ ସ୍ତ୍ରୀ 'ସିରିଆ'କୁ ନିଜ ଠାକୁରଘରେ ଠାକୁରଙ୍କ ସେବାପୂଜାର ସୁଯୋଗ ଦେଇଥିଲା । ସେ 'ସିରିଆ' କୁ କହିଥିଲା, "ରାଧାକୃଷ୍ଣ ତ ଗଉଡ଼ ଘରେ ଜନ୍ମିଥିଲେ । ତାଙ୍କୁ ଖାଲି ବ୍ରାହ୍ମଣ ପୂଜା କରିବେ ଏକଥା କୋଉ ଶାସ୍ତ୍ରରେ ଲେଖାଅଛି ଯେ ?"(୧୪)

ଅଧୁନା ହରିଜନମାନଙ୍କର ଅବସ୍ଥାର ଉନ୍ନତି ଘଟିଲାଣି । ସ୍ୱାଧୀନତା ପରଠାରୁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷା ଓ ଚାକିରୀକ୍ଷେତ୍ରରେ ସ୍ଥାନ ସଂରକ୍ଷଣଦ୍ୱାରା ସେମାନଙ୍କର ଉନ୍ନତି କରିବାକୁ ଚେଷ୍ଟା କରିଆସୁଛନ୍ତି । ସେମାନଙ୍କର ଆର୍ଥିକ, ସାମାଜିକ, ଶୈକ୍ଷିକ ସ୍ତରରେ ବହୁ ଆଶାପ୍ରଦ ପରିବର୍ତ୍ତନ ସଂଗଠିତ ହେଲାଣି, ମାତ୍ର ସବର୍ଣ୍ଣମାନେ ଆଜି ହରିଜନମାନଙ୍କର ଉତ୍ଥାନକୁ ବରଦାସ୍ତ କରିପାରୁନାହାନ୍ତି । ଫଳରେ ବିଭିନ୍ନ ସ୍ଥାନରେ ଦେଖାଯାଉଛି ହରିଜନ, ସବର୍ଣ୍ଣ ଗୋଷ୍ଠୀ ସଂଘର୍ଷ । ଏହାର ପୃଷ୍ଠଭୂମିରେ ରଚିତ ହୋଇଛି ସୁରେନ୍ଦ୍ର ମହାନ୍ତିଙ୍କ 'ଫଟାମାଟି' ଉପନ୍ୟାସ । ଏକ ଗ୍ରାମରେ ସବର୍ଣ୍ଣ ହରିଜନମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷର ପୃଷ୍ଠଭୂମି, କାରଣ ଓ ଫଳାଫଳକୁ ଔପନ୍ୟାସିକ ଉପନ୍ୟାସର ଚରିତ୍ର ହୃଷୀକେଶଙ୍କ ଭାବନାରେ ଦର୍ଶାଇଛନ୍ତି । ତାଙ୍କ ମତରେ, "ସ୍ୱାଧୀନତାପରେ ଅସ୍ପୃଶ୍ୟତାକୁ ଏକ ରାଜନୈତିକ ନ୍ୟସ୍ତସ୍ୱାର୍ଥରେ ପରିଣତ କରି, କାଳ କାଳ ପାଇଁ ସଂରକ୍ଷଣ ମାଧ୍ୟମରେ ହରିଜନମାନଙ୍କୁ ହିନ୍ଦୁ ସବର୍ଣ୍ଣ ସମାଜରୁ ଅଲଗା କରି ରଖାଯାଇଅଛି । ... ରାଜନୈତିକ ଦଳମାନେ ଏ ବ୍ୟାଧିର ଉପଶମ କରିବା ପରିବର୍ତ୍ତେ ରାଜନୀତିକ ଫାଇଦା ପାଇଁ ଏହାର ବିକୃତିକୁ ଆହୁରି ବଢ଼ାଇ ଚାଲିଛନ୍ତି ।"(୧୫)

ଏହି ଉପନ୍ୟାସରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଙ୍ଗରାଜପୁରକୁ ଥିବା ଗସ୍ତନେଇ ଉପୁଜିଥିବା ସବର୍ଣ୍ଣ ଅସବର୍ଣ୍ଣ ବିବାଦର ବର୍ଣ୍ଣନା ରହିଛି ଏବଂ ଉକ୍ତ ସଂଘର୍ଷର କୌଣସି ସମାଧାନ ସୁରେନ୍ଦ୍ର ମହାନ୍ତି ଘଟଣାର ପରିପ୍ରେକ୍ଷୀରେ ନଦେଇ ଏକ ଅନାଥ ବାଳକ ମାଧ୍ୟମରେ ଦେଇଛନ୍ତି । ଉପନ୍ୟାସରେ ବର୍ଣ୍ଣିତ ଗ୍ରାମର ଜନୈକ ସମ୍ଭ୍ରାନ୍ତ ଲୋକ ସାନ୍ତରା ସେହି ଗ୍ରାମର ଶିକ୍ଷିତ ସଚେତନ ବ୍ୟକ୍ତି ହୃଷିକେଶଙ୍କୁ ଏହି ଅନାଥବାଳକଟିର ଦାୟିତ୍ୱ ଦେଇ କହୁଛନ୍ତି, "ଏଇ ଗୋଟିଏ ମଣିଷ ପିଲା ! ତା'ର ଏତିକି ପରିଚୟ କଣ ଯଥେଷ୍ଟ ନୁହେଁ । କିନ୍ତୁ ଏଇ ପିଲାକୁ ମଣିଷ କରି ଗଢ଼ିବାର ଦାୟିତ୍ୱ ଆଜିଠାରୁ ତୁମର । ଆ'ର ଧର୍ମ ନାହିଁ, ଜାତି ନାହିଁ, କୁଳ ନାହିଁ, ଗୋତ୍ର ନାହିଁ... ଇଏ ଆସନ୍ତା କାଲିର ମଣିଷ ଶିଶୁ ।"(୧୬) ସମ୍ଭବତଃ ଆଗାମୀ ସମୟରେ ଭାରତର ପ୍ରତ୍ୟେକ

ବ୍ୟକ୍ତି ନିଜର ପରିଚୟ ପାଇଁ କୌଣସି ଜାତି, ଗୋତ୍ର, ଧର୍ମ ନ ଖୋଜି ଦେଶପାଇଁ ଯୋଗ୍ୟ ହୋଇ ତା'ର କର୍ତ୍ତବ୍ୟ କରିଚାଲିଲେ ଦେଶର ଭାଗ୍ୟ ଯେ ଉଜ୍ଜ୍ୱଳ ହୋଇପାରିବ, ଏହି କଥାଟି ଲେଖକ ପରୋକ୍ଷରେ ସୂଚାଇ ଦେଇଅଛନ୍ତି ।

'ବିଶ୍ୱମାନବିକ ଅଧିକାର ଘୋଷଣାନାମା'ର ଧାରା – ୨୪ ଘୋଷଣା କରେ ଯେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ବିଶ୍ରାମ ସହିତ ଉପଯୁକ୍ତ ଦରମା ଓ ସାପ୍ତାହିକ ଛୁଟି ପାଇ କାମ କରିବାର ଅଧିକାର ପ୍ରତ୍ୟେକଙ୍କର ରହିଛି । ଏହି ଘୋଷଣାନାମାକୁ ଦୃଷ୍ଟିରେ ରଖି ଯଦି କେହି ଗୋତି ଶ୍ରମିକ, ଦାଦନଶ୍ରମିକ ଓ ମେହେନ୍ତରମାନଙ୍କ ଶ୍ରମବ୍ୟବସ୍ଥା ଓ ଅବସ୍ଥାକୁ ଆଲୋଚନା ପର୍ଯ୍ୟାଲୋଚନା କରେ ତେବେ ସେ ନିଃସନ୍ଦେହରେ ଏହି ସିଦ୍ଧାନ୍ତରେ ଉପନୀତ ହେବ ଯେ, ଏଗୁଡ଼ିକ ପ୍ରତ୍ୟେକ ମାନବିକ ଅଧିକାର ଉଲ୍ଲଂଘନର ଏକ ଏକ ପ୍ରକୃଷ୍ଟ ନମୁନା । ଦେଶ ସ୍ୱାଧୀନ ହେଲାପରେ ବହୁ ଶ୍ରମ ଆଇନ ପ୍ରଣୟନ ହୋଇଛି ଶ୍ରମିକମାନଙ୍କର ଅବସ୍ଥାର ଉନ୍ନତିପାଇଁ, ମାତ୍ର ଏକାଧିକ କାରଣରୁ ସେସବୁର ସଠିକ ଉପଯୋଗ ହୋଇପାରିନଥିବା ହେତୁରୁ ନାନା ସଂସ୍ଥାରେ କାମକରୁଥିବା ଶ୍ରମିକମାନଙ୍କର ଅବସ୍ଥା ଆଶାନୁରୂପ ସୁଧୁରି ପାରିନାହିଁ । ଏବେ ବି ଶ୍ରମିକମାନେ ଗୋତି ଖଟୁଛନ୍ତି, ଦାଦନ ଯାଉଛନ୍ତି ଆଉ ମେହେନ୍ତର ଭାବେ ନିଜ ମୁଣ୍ଡରେ ମଇଳାକୁ ବୋହି ସଫା କରୁଛନ୍ତି । ଏକ ସଭ୍ୟଶିକ୍ଷିତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶ୍ରମିକମାନଙ୍କ ଅବସ୍ଥାର ଯେପରି ଉନ୍ନତି ହେବାକଥା ସେପରି ହୋଇପାରିନି ଆଜିଯାଏ । ଭାରତରେ 'ମାନବିକ ଅଧିକାର କମିଶନ' ଓ 'ସୁପ୍ରିମକୋର୍ଟ' ଉଭୟ ମୁଣ୍ଡରେ ମଇଳା ବୋହି ସଫାକରିବାକୁ ନିଷିଦ୍ଧ ଘୋଷଣା କରିଛନ୍ତି । ମାତ୍ର ବାସ୍ତବ ସ୍ଥିତି ଟିକେ ଭିନ୍ନ ଧରଣର । ଏଥିପାଇଁ ଲୋକମାନସିକତାର ପରିବର୍ତ୍ତନ ଆବଶ୍ୟକ । ଏହି ସମସ୍ୟା ଉପରେ ରଚିତ ପ୍ରଭାବଶାଳୀ ସାହିତ୍ୟର ଆବଶ୍ୟକତା ରହିଛି । ଓଡ଼ିଆ ଭାଷାରେ ଶ୍ରମିକସମସ୍ୟାକୁ ଭିତ୍ତି କରି ରଚିତ ହୋଇଛି ବେଶ୍ କେତେଖଣ୍ଡ ଉପନ୍ୟାସ । ନିମ୍ନରେ ସେହି ଉପନ୍ୟାସଗୁଡ଼ିକର ସଂକ୍ଷିପ୍ତ ଆଲୋଚନା କରାଗଲା ।

ବିଭିନ୍ନ ଶ୍ରମିକ ସମସ୍ୟା ମଧ୍ୟରେ 'ଗୋତି ପ୍ରଥା' ଏକ ପ୍ରମୁଖ ସମସ୍ୟା । ସମାଜର ଅନୁନ୍ନତ ବର୍ଗର ଲୋକମାନଙ୍କୁ ତଥାକଥିତ ସଭ୍ୟଶିକ୍ଷିତ ସମର୍ଥମାନେ ବିଭିନ୍ନ ଆଳରେ ଗୋତି ଖଟାଇଥା'ନ୍ତି । କାହାକୁ ଅକାଳେ ସକାଳେ କିଛି ଆର୍ଥିକ ସହାୟତା ଦେଇ ସେମାନଙ୍କୁ ଋଣଗ୍ରସ୍ତ କରିଦିଆଯାଏ । ବିଚାରା ଋଣଗ୍ରସ୍ତ ଲୋକଟି ଅନ୍ୟାୟ ସୁଧରେ ଫୁଲିଉଠିଥିବା ଋଣର ପରିମାଣକୁ ଚୁକ୍ତି କରିନପାରି ନୀତି ନୈତିକତାର ଭୟରେ ମାଲିକ ପାଖରେ ଗୋତି ଖଟେ । ଥରେ ଆରମ୍ଭ ହେଲେ ଏହାର ଆଉ ଅବସାନ ହୁଏ ନାହିଁ । ଗୋତିର ମୁକ୍ତି ଆଶା ହୁଏ ସୁଦୂର ପରାହତ । ଏହିପରି ଏକ ଉତ୍କଟ ସମସ୍ୟାକୁ ଔପନ୍ୟାସିକ ଗୋପୀନାଥ ମହାନ୍ତି ତାଙ୍କ 'ପରଜା' ଉପନ୍ୟାସରେ ପ୍ରମୁଖ ସ୍ଥାନ ଦେଇଛନ୍ତି ।

'ଶୁକ୍ରୁଜାନି' ବଣମୂଳକର ଆଦିବାସୀ ପ୍ରଜାଟିଏ । ବଣ ଉପରେ ତା'ର ରହିଛି ସ୍ୱାଭାବିକ ଅଧିକାର । କେବଳ ନିଜର ପେଟ ପାଇଁ ସେ ବଣ ହାଣି ପ୍ରସ୍ତୁତ କରିଛି ଜମି କେତେ ଖଣ୍ଡ । କିନ୍ତୁ ନିଜ ପେଟ ଚାଖଣ୍ଡକ ପାଇଁ ନୁହେଁ, ଭୋଗ ବିଳାସର ମୋହରେ ଉପରି ରୋଜଗାରର ଅନ୍ଧ ଆକର୍ଷଣରେ ଜଙ୍ଗଲ ଜମାନ ଓ ତାର ଉପରିସ୍ଥ ସରକାରୀ କର୍ମଚାରୀମାନେ ଆଇନର ଭେଳିକି ଦେଖାଇ ମନଇଚ୍ଛା ଜୋରିମାନା କରିଦେଇଗଲେ । ବିଚାରା ପରଜା 'ଶୁକ୍ରୁଜାନି', ଶିକ୍ଷା ଯିବାର ପାରମ୍ପରିକ ଭୟରୁ ରକ୍ଷା ପାଇବା ପାଇଁ ନୈତିକତାର ଦାୟରେ ନିଜକୁ ଓ ନିଜର ସାନ ପୁଅକୁ 'ଥୋଟାଗୁଡ଼ା'ର ରାମ ବିଶୋଇ ପାଖରେ ଗୋତି ଖଟିବାକୁ ଲେଖିଦେଇ ଜଙ୍ଗଲ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିଛି । କିନ୍ତୁ ପରଜା ଶୁକ୍ରୁଜାନି ତା'ର ଏ ନୂତନ ଅବସ୍ଥାକୁ ସ୍ୱୀକାର କରିପାରି ନାହିଁ । ତା' ମନ ମଧ୍ୟରେ ବାରମ୍ବାର ପ୍ରଶ୍ନ ଉଙ୍କିମାରିଛି, କାହାର କ'ଣ ସେ ଖାଇଛି ? ଯେଉଁଥିପାଇଁ ଦେହ ମୁଣ୍ଡର ରକତ ନିଗାଡ଼ି ତା'ର ଏ ହାଡ଼ଭଙ୍ଗା ପରିଶ୍ରମ ? ସବୁ ଭିତରେ ସେ ଅପେକ୍ଷା କରେ କେଉଁଦିନ ତା'ର ଗୋତିର ମିଆଦ ପୂର୍ଣ୍ଣହେବ, ସେ ହେବ ମୁକ୍ତ । ମାତ୍ର ଦିନ ସରେ ନାହିଁ । "ଗୋତି ଦିନ ଗଣେ, ସାହୁକାର ଗଣେ ସୁଧ । ଗୋତିର ଦିନଗଣା ସରିଯାଏ, ସବୁ ଭୁଲି ଶେଷରେ ସେ ଭାବେ ଖାଲି କାମ ହିଁ ତାର ସାର, କାମ ପାଇଁ ତା'ର ଜନ୍ମ, ସାହୁକାର ଭୁଲେ ନାହିଁ, ଋଣର ଶିଙ୍କୁଳି ବଢ଼ି ଚାଲେ ।"(୧୭)

ଏହି ଗୋତିମାନଙ୍କର ରହିବାପାଇଁ ଯେଉଁ ସବୁ ଘରତିଆରି ହୋଇଥାଏ, ତାହାର ଅବସ୍ଥା ତଦ୍ରୂପ । କାମର ଚାପରେ ସେମାନେ ସେମାନଙ୍କର ରହିବା ସ୍ଥାନଟିକୁ ମଧ୍ୟ ସଜାଡ଼ି ପାରନ୍ତି ନାହିଁ । ଯେନତେନ ଉପାୟରେ ଗଣ୍ଡେ ଖାଇ, ଖଣ୍ଡେ ଚିରା ଧୋକଡ଼ା ପିନ୍ଧି, ଯେପରି ହେଲେ ମୁଣ୍ଡଗୁଂଜି ମାଲିକ ପାଇଁ କାମ କରିଯିବା ହିଁ ଯେପରି ସେମାନଙ୍କର କର୍ତ୍ତବ୍ୟ । ଗୋତିମାନେ ରହୁଥିବା ଅସ୍ୱାସ୍ଥ୍ୟକର ପରିବେଶର ବର୍ଣ୍ଣନା ଦେବାକୁ ଯାଇ ଔପନ୍ୟାସିକ ଶ୍ରୀ ମହାନ୍ତି ଲେଖନ୍ତି, "ଛପର ସଢ଼ି ଯାଇଛି । କାନ୍ଥର ଉପରୁ ତଳକୁ ଚୂନପାଣି ପରି ବୋହି ଆସିଛି ଧାର ଧାର ସାପ ଘୁଅ । ଓଳି ସନ୍ଧିରେ ଲାଖିଯାଇ ଖଣ୍ଡେ ଖଣ୍ଡେ ସାପ କାତି ପବନ ଦେଲେ ଚିରାକନା ପରି ଫଡ଼ ଫଡ଼ ହୋଇ ପଦାକୁ ଉଡ଼ି ପଳାଏ । ଥରେ ଥରେ ଉପରୁ ନଥ୍ କରି ମେଂଚାଏ ଖସେ । ଘର ଭିତରେ କଙ୍କଡ଼ା ବିଛାଛୁଆ ସାଲୁବାଲୁ ହୁଅନ୍ତି । ତଳଟା ଛତୁ ଫୁଟିଲା ପରି ବିରିବିରି, ହୁଙ୍କା ହେଇଚି ସେଠି ।"(୧୮)

ଗୋତି ଖଟୁଥିବା ଲୋକର ନିଜର ପସନ୍ଦ ଓ ସକ୍ଷମ ଅନୁସାରେ କାମ କରିବାର ସ୍ୱାଧୀନତା ନଥାଏ । ସେ ପାରୁ ନପାରୁ ଦେହ ସୁସ୍ଥଥାଉ କି ଅସୁସ୍ଥ ଥାଉ, କାମପ୍ରତି ତା'ର ରୁଚି ଥାଉ କି ନଥାଉ; ତାକୁ କିନ୍ତୁ ପ୍ରତ୍ୟେକ କାମ କରିବାକୁ ହୋଇଥାଏ । ମାଲିକ ଚାହିଁଲେ ଗୋରୁ

ଚରାଇବାକୁ, ଗୋଡିକୁ ଗୋରୁ ଚରାଇବାକୁ ହେବ; ଗୋଡ଼ ଘଷିବାକୁ କହିଲେ ଗୋଡ଼ ଘଷିବାକୁ ପଡ଼ିବ । ପରନ୍ତୁ କାହାର ମୁଣ୍ଡ 'ଟାଇବାକୁ ହେଲେ ବା କାହା ଘରୁ ଡକାଏତ କରିବାକୁ ହେଲେ ମଧ୍ୟ ଗୋତିକୁ ତା'ର ମାଲିକର ନିର୍ଦ୍ଦେଶ ଅନୁସାରେ କାମକରିଯିବାକୁ ହେବ । ଏସବୁ ବାଦେ ସାମାନ୍ୟ ସାମାନ୍ୟ କଥାରେ ଗୋତିକୁ ବହୁ ମାଡ଼ଗାଳି ସହ୍ୟ କରିବାକୁ ହୋଇଥାଏ । ତା'ର ମେଳା ମଉଛବ ନାହିଁ, ହସଖୁସି ନାହିଁ, ଆରାମ ମଧ୍ୟନାହିଁ । କେବଳ କାମ କାମ; ନିରବଚ୍ଛିନ୍ନ କାମ କରିଯିବା ଯେପରି ତା'ର ଧର୍ମ । ଔପନ୍ୟାସିକଙ୍କ ଭାଷାରେ, "ଗୋତି ପକ୍ଷରେ ସବୁଦିନ ସମାନ, ଆଜି ଯାହା କାଲି ବି ତାହା । କେବଳ ଖଟଣି, ସାହୁକାର ନିକିତି ଧରି ବସି କାମ ଓଜନ କରିନିଏ । ଦିନେ ଡେରିରେ ଆସିଲେ କସିକରି ଗାଳିଦିଏ, ଆଉ ଦିଏ ହାଡ଼ଭଙ୍ଗା ପରିଶ୍ରମ ।"(୧୯)

ଏହିସବୁ ଶୋଷଣ ବିରୋଧରେ ସରଳ ଆଦିବାସୀମାନେ କୌଣସି ସୁବିଚାର ପାଇନାହାନ୍ତି ଏ ଉପନ୍ୟାସରେ । ବରଂ ନ୍ୟାୟିକ ପ୍ରକ୍ରିୟାର ହରଡ଼ଘଣାରେ ପଡ଼ି ସେମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟିବା ପରେ, ସ୍ୱାଭାବିକ ଘଟଣାକ୍ରମରେ ସେ ସାହୁକାରକୁ ଅତି ନିର୍ମମ ଭାବେ ହତ୍ୟାକରି ନିଜେ ନିଜପାଇଁ ଅଧିକାର ଓ ନ୍ୟାୟକୁ ହାସଲ କରିଛନ୍ତି । ଏହି ଉପନ୍ୟାସଟି ପ୍ରଥମଥର ପାଇଁ ଓଡ଼ିଆ ସାହିତ୍ୟରେ ଗୋତିମାନଙ୍କର ଜୀବନଯନ୍ତ୍ରଣାକୁ ଅତି ସାର୍ଥକ ରୂପେ ଚିତ୍ରଣ କରି ପାଠକମାନଙ୍କର ବିବେକକୁ ଏ ଦିଗରେ ଭାବିବାପାଇଁ ଜଣାଇଛି ଆହ୍ୱାନ ।

ସମୟଥିଲା ଯେତେବେଳେ ପେଟ ଚାଖଣ୍ଡକ ପାଇଁ ଉଠା-ପାଇଖାନାଗୁଡ଼ିକରୁ ମୁଣ୍ଡରେ ମଇଳା ବୋହି ସଫା କରିବାକୁ ପଡୁଥିଲା ଅଭାବୀ, ନିମ୍ନବର୍ଗର ଲୋକମାନଙ୍କୁ । ଏ କାମ ପୃଥିବୀରେ କେଉଁଠି କେମିତି ଯେ ନଘଟୁଛି ସେକଥା ନୁହେଁ । କିନ୍ତୁ ଗତ କେତେ ଦଶନ୍ଧି ତଳେ ଏ ଘଟଣା ଥିଲା ସ୍ୱାଭାବିକ । ଅଧୁନା ଅବଶ୍ୟ ବିଭିନ୍ନ ଦେଶର ସରକାର ଏସବୁକୁ ବେଆଇନ ଘୋଷଣା କରିଛନ୍ତି । ମାତ୍ର ଉପଯୁକ୍ତ ସାଧନ ଅଭାବରେ ମେହେନ୍ତରମାନେ ନିଜ ଦାନାପାଣି ପାଇଁ ସେପରି କାମକୁ ବାଧ୍ୟ ହୋଇ ଆଦରି ନେଇଥା'ନ୍ତି । ନିଜର ମାନବିକ ମର୍ଯ୍ୟାଦା ସେଠି ବଡ଼କଥା ହୋଇନଥାଏ । ଏଥିପାଇଁ ଆମର ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ହିଁ ଦାୟୀ ବୋଲି କୁହାଯାଇପାରେ । ଏହି ଲଜ୍ଜାଜନକ ଘୃଣ୍ୟ ବ୍ୟବସ୍ଥା ବିରୋଧରେ ବହୁପୂର୍ବରୁ ଗୋପୀନାଥ ମହାନ୍ତି ତାଙ୍କ 'ହରିଜନ' ଉପନ୍ୟାସ ମାଧ୍ୟମରେ ସଚେତନତା ସୃଷ୍ଟି କରିବାଲାଗି ଉଦ୍ୟମ କରିଛନ୍ତି ।

ସହରର ମଝିରେ ମେହେନ୍ତର ସାହିଟିଏ; ଚିକ୍କଣ ଗାଲ ଉପରେ ପୂଜ ଟୁମୁକା ବିଷବ୍ରଣ ମେଂଚାଏ ପରି । ସେହି ସାହିରେ ଯେତେ ଅସ୍ପୃଶ୍ୟ ଲୋକ ରହିଛନ୍ତି, ପ୍ରାୟ ଅଧିକାଂଶଙ୍କର କାମ ବାବୁମାନଙ୍କ ମଇଳା ସଫା କରିବା । ସେହି କାମ ହିଁ ତାଙ୍କର ପେଟ ଚାଖଣ୍ଡକ ପୂରାଇବା ପାଇଁ ଅତ୍ୟାବଶ୍ୟକ । ସେଥିପାଇଁ ଘୃଣା ନାହିଁ, ଅଭିଯୋଗ ନାହିଁ, ସବୁ ଯେପରି ଦେହ ସୁହା । କୌଣସି ଦିନ ଜର ବାଧକରେ ପଡ଼ି କାମ ବନ୍ଦକଲେ ଠିକା ନେଇଥିବା ମିସ୍ତ୍ରୀ ଆସି ସେମାନଙ୍କ ଉପରେ ପାଟିସୁଖ ସାରେ । ଗାଳି ଦେଇ କହେ, "ମଜା କରି ଶୋଇଚୁ ? ବେଶ୍ ବେଶ୍ କାହିଁ, ନିଜେ ନଗଲୁ ତ ବଦଳା କାହିଁ ? ପାଇବୁ ଏ ମାସରେ ରଇଥା । କେମିତି ଛଟାଗାଳି ବସି ଖରା ପୁଉଁଚୁ-ରଇଥା ରଇଥା-"(୨୦)

ମା'ର ଅସୁସ୍ଥତାଯୋଗୁଁ ପୁନି, ଉପନ୍ୟାସର ନାୟିକା, ବାହାରିଛି ମା'ର କାମକୁ । ସମସ୍ତେ ଯେପରି ଯାଆନ୍ତି, ସେ ଯିବ । କାଖରେ ମଇଳାଭର୍ତ୍ତି ଟୋକେଇ, ଖଳିପତ୍ର, ସାରୁପତ୍ର ଢ଼ଙ୍କା ହୋଇଥିବ । ପାଇଖାନା ପଛଆଡ଼େ ଆଣ୍ଠେଇ ପଡୁଥିବ । ସେହି ମାଛି ଭଣଭଣ ଗନ୍ଧିଆ ସଂସାର । ସେହି ତା'ର କର୍ମକ୍ଷେତ୍ର । ଲେଖକଙ୍କ ଭାଷାରେ "ଦୌଲତ ସଂଚି କୋଠା ଗଢ଼ିବାକୁ ନୁହେଁ । କେବଳ ମୁଠିଏ ଖାଇବାକୁ । ଜନ୍ତୁର ଅତି ସାଧାରଣ ଜନମର ଦାବି ମେଂଟାଇବାକୁ ।"(୨୧)

ଯେଉଁମାନେ ବାବୁମାନଙ୍କର ମଇଳା ସଫାକରି ସେମାନଙ୍କୁ ଏତେ ସଫାସୁତରା ରଖିବାକୁ ଜୀବନ ବିତାଇ ଦେଉଥିଲେ, ସେମାନେ କିନ୍ତୁ ରହୁଥିଲେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ । ସହରର ସବୁ ଅବାର୍ଜନା ସେଇଠି । ବେଙ୍ଗ ଫୁଲା ପରି କିଳିବିଳି ହୋଇ ଅସନା ସାହିଟାଏ, ବରଷାରେ ଫୁଲିଛି । ଜକା ଜକି ହେଲା ପରି ସାନକୁଡ଼ିଆ ଠିଆ ବସା ଚଳାଚଳ ଅବସ୍ଥା । ଖଣ୍ଡିଆ ଯାଦୁରା, ତାଳିପକା ବସ୍ତା ଓହଳା ତାଟିବନ୍ଧା ରୂପ । (୨୨)

ଅସ୍ପୃଶ୍ୟ ମେହେନ୍ତରମାନଙ୍କର ମାନବିକ ଅଧିକାର ସୁରକ୍ଷା ପାଇଁ କେହି ମୁଣ୍ଡ ଖେଳାଇ ନାହିଁ । ବରଂ ରାଜନୀତି କରୁଥିବା ଶୈଳେନ୍ଦ୍ରବାବୁ ନିଜର ବନ୍ଧୁ ଅବିନାଶଙ୍କ ପ୍ରରୋଚନାରେ ମେହେନ୍ତରମାନଙ୍କୁ ନିଜ ଭିଟାମାଟି ଛାଡ଼ି ଅନ୍ୟ ଆଡ଼କୁ ଉଠି ଯିବାକୁ ନରମ ନିବେଦନ କରିଛନ୍ତି । କିନ୍ତୁ ସମଗ୍ର ଉପନ୍ୟାସରେ କେବଳ ଜଣେ 'ଧନୀବୁଢ଼ା' ଏହି ଅଭାଗାମାନଙ୍କ ପାଇଁ ଚିନ୍ତା କରିଛି । ସେମାନଙ୍କୁ ସେମାନଙ୍କର ଅଧିକାର ହାସଲ ପାଇଁ ସଂଗଠିତ କରବାକୁ ଉଦ୍ୟମ କରିଛି । ବେଳ ଅବେଳରେ ଅସହାୟମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିଛି । ଅସବର୍ଣ୍ଣ ଯୁବକମାନଙ୍କୁ ଭାଗବତ ଘରେ, ଭାଗବତର ଭାଷାରେ ସେମାନଙ୍କର ସାମାଜିକ ଗୁରୁତ୍ୱ ଓ ସେମାନଙ୍କର ଅଧିକାର ବିଷୟରେ ବୁଝାଇଦେଇଛି । ଲୋକେ କହନ୍ତି ଧନୀବୁଢ଼ା ଚୋରିବିଦ୍ୟା ଶିଖାଏ । ଚୋରିକରି, ବଳପ୍ରୟୋଗ କରି ଶୋଷକମାନଙ୍କଠାରୁ ନିଜର ବଂଚିବାର ଅଧିକାରକୁ ହାସଲ କରିବାକୁ ସେ ଶ୍ରେୟ ମଣିଛି ଓ ସେ ରାସ୍ତାରେ ନିଜେ ଯାଇ, ଅନ୍ୟକୁ ଯିବା ପାଇଁ ଆହ୍ୱାନ ଦେଇଛି । ମାତ୍ର ତା'ର ଏ ସମାଧାନ ସଫଳ ହୋଇନାହିଁ । ତା'ରି ପ୍ରଦର୍ଶିତ ମାର୍ଗରେ ସନିଆ ଯାଇ ପୁଲିସ୍ ହାତରେ ଧରାପଡ଼ିଛି ।

କିନ୍ତୁ, ପ୍ରତିଭା ରାୟଙ୍କ 'ନୀଳତୃଷ୍ଣା' ଉପନ୍ୟାସର ନାୟକ 'କଳିଙ୍ଗ' ମେହେନ୍ତରମାନଙ୍କ ମାନବିକ ଅଧିକାରର ସୁରକ୍ଷା ପାଇଁ ଆନ୍ଦୋଳନ କରି ସଫଳତା ହାସଲ କରିଛନ୍ତି । ସେ ପ୍ରଥମେ ସଂଗଠିତ କରିଛନ୍ତି ସହରର ମେହେନ୍ତର ଓ ଝାଡୁଦାରମାନଙ୍କୁ । ସେମାନଙ୍କୁ ବୁଝାଇଛନ୍ତି ସେମାନଙ୍କ ଅଧିକାର ବିଷୟରେ । ସ୍ୱର ଉତ୍ତୋଳନ କରିବା ପାଇଁ, ଆନ୍ଦୋଳନ କରିବା ପାଇଁ ସେମାନଙ୍କ ମଧ୍ୟରେ ଆଣିଛନ୍ତି ସାହସ, ଆତ୍ମପ୍ରତ୍ୟୟ । ସେ ସେମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, "ଯେଉଁମାନଙ୍କର ଉଠାପାଇଖାନା ଅଛି, ସେମାନେ ନିଜ ମଇଳା ନିଜେ ସଫା କରନ୍ତୁ । ତମେମାନେ ନିଜେ ନିଜର ଦାବି ହାସଲ ନକଲେ କେହି ତମ ହାତରେ ତମର ମୌଳିକ ଅଧିକାର ଯାଚି ଦେବେ ନାହିଁ ।"[୨୩] ତାଙ୍କରି ନେତୃତ୍ୱରେ ସହରର ସମସ୍ତ ଝାଡୁଦାର ଓ ମେହେନ୍ତର ହରତାଳ କରିଛନ୍ତି । ପରିସ୍ଥିତି କ୍ରମେ ଅଣାୟତ୍ତ ହେବାରୁ ସରକାର ଶେଷରେ ମେହେନ୍ତରମାନଙ୍କ ଯଥାର୍ଥ ଦାବିକୁ ମାନିନେଇ ଘୋଷଣା କରିଛନ୍ତି ଯେ ମେହେନ୍ତରମାନେ ଆଉ ପୁରୁଣା ଢାଂଚାରେ ଉଠା-ପାଇଖାନାର ସଫେଇ କାର୍ଯ୍ୟ କରିବେ ନାହିଁ । 'ହରିଜନ' ଓ 'ନୀଳତୃଷ୍ଣା' ଏହି ଦୁଇଟି ଉପନ୍ୟାସ ସମ୍ମିଳିତ ଭାବେ ଓଡ଼ିଆ ପାଠକମାନଙ୍କୁ ମେହେନ୍ତରମାନଙ୍କ ଜୀବନ ଚିତ୍ର ଓ ଜୀବନ ସଂଗ୍ରାମର ପରିଚୟ ଯେ ଦେଇପାରିଛନ୍ତି ତାହା କୁହାଯାଇପାରେ । ଅପରନ୍ତୁ, ନୀଳତୃଷ୍ଣା ଉପନ୍ୟାସ ମେହେନ୍ତର ମାନଙ୍କୁ ସେମାନଙ୍କର ଅଧିକାର ହାସଲ ଦିଗରେ ପ୍ରୟାସୀ ହେବା ପାଇଁ ଏକ ସଫଳତମ ଉଦାହରଣ ମାଧ୍ୟମରେ ଆହ୍ୱାନ ଦେଇଛି ।

ବିଶ୍ୱମାନବିକ ଅଧିକାର ଘୋଷଣାନାମାର'ର ଧାରା - ୪ ରେ ଉଲ୍ଲେଖ ଅଛି, କୌଣସି ବ୍ୟକ୍ତି ଦାସତ୍ୱ ତଥା ପରାଧୀନତାର ଶିକାର ହେବେ ନାହିଁ । ବିଭିନ୍ନ ରୂପରେ ରହିଥିବା ଦାସତ୍ୱ ଓ ଦାସ ବ୍ୟବସାୟକୁ ପୃଥିବୀରୁ ଉଚ୍ଛେଦ କରାଯିବ । ମାତ୍ର ଭାରତରେ ଚାଲିଥିବା ଦାଦନ ଶ୍ରମିକ ବ୍ୟବସ୍ଥା ଏହି ଘୋଷଣାନାମାକୁ ସିଧାସଳଖ ଅବମାନନା କରେ । ଦାଦନ ଶ୍ରମିକ, ଶ୍ରମିକମାନଙ୍କର ଆଉ ଏକ ଦୟନୀୟ ଅବସ୍ଥା । ନିଜ ଗ୍ରାମରେ କୌଣସି ରୋଜଗାରର ସୁଯୋଗ ନଦେଖି ବହୁଲୋକ ଏବେ ଅନେକ ଖଣି, ଖାଦାନ, କଳକାରଖାନାକୁ କାମ ପାଇଁ ଚାଲିଯାଉଛନ୍ତି । କିନ୍ତୁ ସେମାନେ ବୋଧେ ଆଉ ଗ୍ରାମ୍ୟର ମୁକ୍ତ ଜୀବନକୁ ଫେରିପାରୁନାହାନ୍ତି । ବିଭିନ୍ନ କଂଟ୍ରାକ୍ଟର, ଏଜେଂଟ, ପେଟି ଏଜେଂଟଙ୍କଦ୍ୱାରା ସେମାନେ ବୁହା ହୋଇଯାଆନ୍ତି କର୍ମକ୍ଷେତ୍ରକୁ । ସେଇଠୁ ଆରମ୍ଭ ହୁଏ ସେମାନଙ୍କର ଜୀବନର ବିମର୍ଷକର ଅଧ୍ୟାୟସବୁ । ଏହିଭଳି ଦାଦନ ଶ୍ରମିକ ଥିଲା ବ୍ରଜମୋହନ ମହାନ୍ତିଙ୍କ "ଅରକ୍ଷିତ ଉପନିଷଦ" ଉପନ୍ୟାସର 'ସିକନ୍ଦର' । ଲୋଭନୀୟ ମଜୁରୀର ଆକର୍ଷଣରେ ସିକନ୍ଦର ଗାଁର ସରପଂଚଙ୍କ ପ୍ରରୋଚନାରେ ବାହାରିଗଲା ଅନ୍ୟମାନଙ୍କ ସହିତ ଷ୍ଟେସନ ଅଭିମୁଖେ । ସେଇଠୁ ଆରମ୍ଭ ହୁଏ ଏଜେଂଟମାନଙ୍କର ଏମାନଙ୍କୁ ନେଇ ଖେଳ । ଅଗ୍ରିମ ନେଇଛନ୍ତି ବୋଲି ଏମାନଙ୍କଠାରୁ ଲେଖେଇ ନେଇ ସେମାନେ ହସ୍ତାନ୍ତର କରିଛନ୍ତି ଏହି ହତଭାଗ୍ୟମାନଙ୍କୁ ପ୍ରକୃତ କଂଟ୍ରାକ୍ଟରକୁ ଯାହାର କି ଡ୍ୟାମ୍ ପ୍ରୋଜେକ୍ଟର କାମ କରାଇବାର ଅଛି । ସକାଳୁ ସକାଳୁ ପୁଳାଏ ଖେଚଡ଼ି ଖାଇ କାମ ଉପରକୁ ଏମାନଙ୍କୁ ଯିବାକୁ ପଡ଼େ । ଦୁଇଟା ବେଳକୁ ସେହି କାମ ନିକଟରେ ଗଣ୍ଡାଏ ଭାତ ଏବଂ ପୁଳାଏ ଘାଂଟ ତରକାରି । ସନ୍ଧ୍ୟା ସାତଟା ପରେ, କାମ ସରିବାବେଳକୁ ହାତରେ ଦୁଇ ଦୁଇ ପଟ ରୁଟି ଧରାଇ ଦିଆଯାଏ । ଦିନ ଯେତେ ଗଡ଼ି ଗଡ଼ି ଯାଏ କାମର ସମୟକୁ ବଢ଼ାଇ ଦିଆଯାଏ, ଖାଇବାର ପରିମାଣ କମି କମି ଯାଏ । ଆଉ ଏହାର ପ୍ରତିବାଦ କଲେ ଆରମ୍ଭ ହୁଏ ଅକଥନୀୟ ଅତ୍ୟାଚାର । ବନ୍ଦ ଘରକୁ ଡାକିନେଇ ହୁଏ ବିଦ୍ରୋହୀମାନଙ୍କ ଉପରେ ମାଡ଼ଗାଳି । ସେଠୁ ପଳାଇ ଆସିବାର ଜୁ ନାହିଁ । କଂଟ୍ରାକ୍ଟରର ନିଜସ୍ୱ ଗୁଣ୍ଡା ହିଁ ଏମାନଙ୍କୁ ସବୁବେଳେ ଜଗିଥା'ନ୍ତି । କେବଳ ଗଣ୍ଡେ ଖାଇ ସେମାନଙ୍କ ସମ୍ଭାବନାମୟ ଜୀବନଟିର ସବୁ ଶକ୍ତି ନିଃଶେଷ ହୋଇଯାଇଥାଏ ପରର ଅମାର ଭର୍ତ୍ତି କରିବାରେ । ଏହି ପରିପ୍ରେକ୍ଷୀରେ ଔପନ୍ୟାସିକଙ୍କ କ୍ଷୋଭ ପ୍ରକାଶ ପାଏ- "ଦିନେ ଏ ପୃଥିବୀରେ କ୍ରୀତଦାସ ପ୍ରଥା ପ୍ରଚଳିତ ଥିଲା । ଆଫ୍ରିକା ଭଳି ଦେଶରୁ ଲୋକଙ୍କୁ ଟଙ୍କା ପଇସା ଦେଇ କିଣି ନେଇ କ୍ରୀତଦାସ ଭାବେ ନିଯୁକ୍ତ କରାଯାଉଥିଲା । ସେମିତି ଭାରତରେ ଓଡ଼ିଶା ପରି ରାଜ୍ୟର ନିରୀହ ଗରିବ ଶ୍ରମିକମାନଙ୍କୁ କିଣି ନେଇ ଆସାମର ଚା ବଗିଚାରେ ମାଲିକମାନେ ଜୀବନ ବ୍ୟାପୀ ଖଟାଉଥିଲେ । ତେବେ ସ୍ୱାଧୀନତା ପରେ ଯେ ଏ ଦେଶରେ ଏମିତି ଏକ ବ୍ୟବସାୟ ଚଳେ ତା' ଚିନ୍ତା କରି ହୁଏ ନାହିଁ ।"[୨୪]

'ଅରକ୍ଷିତ' ଏ ଉପନ୍ୟାସର ନାୟକ । ନିଜର ପରିଚୟ ପାଇଁ ସେ ଯେତେବେଳେ ନିଜର ଅଜାକୁ ଖୋଜେ, ସେତେବେଳେ ସେ ଜାଣିଲା ଯେ ତା'ର ଅଜା ଆର୍ତ୍ତତ୍ରାଣ ଝରିଆର କୋଇଲା ଖଣିରେ ଦାଦନ ଖଟୁଛି । ଘଟଣାକ୍ରମରେ ସେ ଝରିଆରେ କାନନ ସର୍ଦ୍ଦାରର ସେଇ କୋଇଲା ଖାଦାନରେ ଆର୍ତ୍ତତ୍ରାଣଙ୍କୁ ଭେଟିଛି । ଦୃଢ଼ ପ୍ରତିଜ୍ଞ ହୋଇଛି ଯେ ସେ ସର୍ଦ୍ଦାରର ମୁଖା ଖୋଲି ସ୍ୱାଧୀନତାର ଏତେ ବର୍ଷ ପରେ ଚାଲିଥିବା ଏ ଭୟଙ୍କର ଦାସ ପ୍ରଥାର ମୂଳୋତ୍ପାଟନ କରିବ ।[୨୫] ଘଟଣାର ଅଗ୍ରଗତିରେ ସେ ତାହା ହାସଲ କରିଛି ଫତେସିଂର ସହଯୋଗରେ । ବ୍ରଜମୋହନ ମହାନ୍ତି ଏହି ଉପନ୍ୟାସ ମାଧ୍ୟମରେ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସୁନିୟୋଜିତ ଢ଼ଙ୍ଗରେ ଚାଲିଆସୁଥିବା ଏକ ଦାସ ପ୍ରଥାପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ଓ ଦାଦନ ଶ୍ରମିକମାନଙ୍କର ମାନବିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ତାଙ୍କର ଥିବା ସାହିତ୍ୟିକ କର୍ତ୍ତବ୍ୟକୁ ସେ ତୁଲାଇଛନ୍ତି ମଧ୍ୟ ।

'ବିଶ୍ୱମାନବିକ ଅଧିକାର ଘୋଷଣାନାମା'ର ଧାରା - ୧୧(କ)ରେ ଉଲ୍ଲେଖ ଅଛି ଯେ, "ନିଜକୁ ରକ୍ଷା କରିବାର ସବୁ ସୁଯୋଗ ପ୍ରଦାନ କରାଯାଇ ଆଇନାନୁମୋଦିତ ଭାବେ ସର୍ବଜନୀନ

ଶୁଣାଣି ମାଧ୍ୟମରେ ବିଚାର କରି ଅଭିଯୁକ୍ତ ବ୍ୟକ୍ତିକୁ ଦୋଷୀସାବ୍ୟସ୍ତ ନକରିବା ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ବିବେଚିତ ହେବାର ଅଧିକାର ତା'ର ରହିଛି ।" ପୁନଶ୍ଚ ଧାରା -୫ ରେ ଉଲ୍ଲେଖ ଅଛି ଯେ, "କୌଣସି ବ୍ୟକ୍ତିଙ୍କୁ ଅମାନବୀୟ କ୍ରୂର ଅପମାନଜନକ ବ୍ୟବହାର କିମ୍ବା ଦଣ୍ଡବିଧାନ କରାଯାଇ ପାରିବ ନାହିଁ ।" ବିଚାର ଅପେକ୍ଷାରେ ବା ବିଚାର ପରେ ବନ୍ଦୀ ଅବସ୍ଥାରେ ଥିବା ବ୍ୟକ୍ତିକୁ, ପୋଲିସର ଅତ୍ୟାଚାର ଓ ଅମାନବୀୟ ବ୍ୟବହାର ବିଶ୍ୱମାନବିକ ଅଧିକାର ଘୋଷଣାନାମାର ଉପରୋକ୍ତ ଦୁଇ ଧାରାର ଭାବାଦର୍ଶକୁ ଅସ୍ୱୀକାର କରିଥାଏ । ହାଜତ୍ ମୃତ୍ୟୁ (Custodial Death) ଆଜିକାଲି ଏକ ସାଧାରଣ ଘଟଣାରେ ପରିଣତ ହେଲାଣି । ଏହା ବିରୋଧରେ ଦେଶର 'ମାନବିକ ଅଧିକାର କମିଶନ' ଅନେକ ପଦକ୍ଷେପ ନେଉଥିଲେ ବି ହାଜତ୍ ମୃତ୍ୟୁର ସଂଖ୍ୟା କିନ୍ତୁ କମି ନାହିଁ ।

ଜୀବନର ବିଭିନ୍ନ ପରିସ୍ଥିତି ପୃଥିବୀର ଶ୍ରେଷ୍ଠ ଜୀବ ମଣିଷକୁ ଅପରାଧୀ କରିଥାଏ । ତେଣୁ ଅପରାଧୀ ହେଲେ ମଧ୍ୟ ସର୍ବନିମ୍ନ ମାନବୀୟ ବ୍ୟବହାର ଲାଗି ସେ ହକ୍‌ଦାର । ଏହା ତା'ର ମାନବିକ ଅଧିକାର । କୌଣସି ପରିସ୍ଥିତିରେ ମଣିଷକୁ ପଶୁଭଳି ବ୍ୟବହାର କରିବା ନ୍ୟାୟସଙ୍ଗତ ନୁହେଁ । କିନ୍ତୁ ରାଷ୍ଟ୍ରଶକ୍ତିର ଜାଗ୍ରତ ପ୍ରତିନିଧି ଆରକ୍ଷୀ ବିହିନୀ ବ୍ୟକ୍ତିର ଏହି ମାନବିକ ଅଧିକାରକୁ ଉଲ୍ଲଂଘନ କରିବାର ନଜିର ଅପ୍ରତୁଳ ନୁହେଁ । ଏହାରି ଉପରେ ହିଁ ରଚିତ ହୋଇଛି ହରିହର ବାହିନୀ ପତିଙ୍କ 'କାରାର ମଣିଷ' । ଉପନ୍ୟାସର ନାୟକ 'ରାମ', ଶ୍ୟାମ ସାଆନ୍ତରାଙ୍କ ହୋଟେଲ୍‌ରେ ରହୁଥିବାବେଳେ ସାଆନ୍ତରାଙ୍କ ନିର୍ଦ୍ଦେଶରେ ଜଟଣି ଷ୍ଟେସନରେ ମାଲଗାଡ଼ିରୁ ଚିନି ଚୋରିକରୁଥିବା ଅବସ୍ଥାରେ ପୋଲିସ୍ ହାତରେ ଧରା ପଡ଼ିଥିଲା । ସେଇଠୁ ଆରମ୍ଭ ହେଲା ତା'ର ବନ୍ଦୀର ଜୀବନ । ସଜା ଭୋଗିସାରି ସେ ଯେତେବେଳେ ଗ୍ରାମକୁ ବାହୁଡ଼ିଯାଏ, ଗାଁରେ ହୁଏ ଅଛବ । ଗ୍ରାମର ମୁଖିଆଙ୍କ ପରାମର୍ଶରେ ପ୍ରାୟଶ୍ଚିତ୍ତ ହୋଇ ସେ ଜାତିଭାଇ ସଙ୍ଗେ ଚଳେ । ଏଥିପାଇଁ ତା'ର ବିଧବା ମା'ଙ୍କୁ ଜମି ବିକିବାକୁ ପଡ଼ିଲା । କିନ୍ତୁ ପଡ଼ୋଶୀ 'କେତେକୀପାଟଣା' ଗ୍ରାମର ବଡ଼ଜେନାଙ୍କ ଘରୁ ସୁନାହାର ଚୋରି ହେବାରୁ ପୋଲିସ୍ ଦାଗୀ ଭାବେ ରାମକୁ ଥାନାକୁ ଆସିବାକୁ ଖବର ପଠାଇଲେ । ମାତ୍ର, ରାମ ପୋଲିସ୍‌ର କଥାନୁସାରେ ଥାନାକୁ ନଯିବାରୁ ପରଦିନ ତାକୁ ହାତରେ କଡ଼ି ପିନ୍ଧାଇ ସର୍ବସମକ୍ଷରେ ବାନ୍ଧି ନେଇଗଲେ ଥାନାକୁ । ଥାନା ହାଜତରେ ରାମ ପଶିବା ପୂର୍ବରୁ ନିଶୁଆ ହାବିଲଦାର କମ୍ବଳ ଉପରେ ଶୁଆଇ ଦେଲା ରାମକୁ – ଦେହରେ ଘୋଡ଼ାଇ ଦେଲା କମ୍ବଳ । ତା'ପରେ ନୃଶଂସ ଭାବରେ ବିଧା, ଯାବୁଡ଼ା, ଗୋଇଠା ବରଷି ଦେଇଗଲା ପୋଲିସ୍ । ସତର୍କ କରାଇଦେଲା ରାମକୁ, "ଶଳା ସାବଧାନ, ଯଦି ହାକିମ ଆଗରେ କହିବୁ ମାଡ଼କଥା, ତା ହେଲେ ତୋ ପିଠିରେ କୂଅ ଖୋଳିଦେବି, ଖବର ଦାର ।"(୨୬)

ସେହିପରି ଏଥିରେ ପ୍ରସଙ୍ଗ କ୍ରମେ ରାମର ବନ୍ଦୀ ଜୀବନର ସାଥୀ ଚକରା କିପରି ପୋଲିସ୍‌ର ଅମାନୁଷିକ ଅତ୍ୟାଚାରରେ ଶେଷକୁ ପାଗଳ ହୋଇଯାଇଛି, ତା'ର ବର୍ଣ୍ଣନା ରହିଛି । ବନ୍ଦୀ ଜୀବନର ସର୍ବଶ୍ରେଷ୍ଠ ଅଭିଳାଷ ହେଉଛି ମୁକ୍ତି । ପୋଲିସ ଓ ମିଥ୍ୟାସାକ୍ଷୀର ହୀନ ଚକ୍ରାନ୍ତରେ ସେ ବନ୍ଦୀ ହୋଇଥିଲା । ନିଜର ଇପ୍‌ସିତ ମୁକ୍ତି ଯେତେବେଳେ ତା'ଠାରୁ ଦୂରକୁ ଦୂରକୁ ଚାଲିଯାଉଥିଲା, ସେତେବେଳେ ସର୍ବଶେଷ ଉପାୟ ଭାବେ ପାଚେରୀ ଡାଡ଼ିବାର ନିଷ୍ଫଳ ଚେଷ୍ଟା କରି ସେ ଧରାପଡ଼ିଗଲା । ଫଳରେ ତାକୁ ପୋଲିସ୍‌ଦ୍ୱାରା ପାଗଳ ହେବାକୁ ସପ୍ତାହଟେ ବି ଲାଗିଲା ନାହିଁ ।

ଅନ୍ୟତ୍ର ଜେଲ ଜମାଦାରର କଠୋର ଅନୁଶାସନର ଶିକାର ହୋଇଛି ଜନୈକ ବୃଦ୍ଧ, ଯିଏ ଅନେକ ଅପରାଧ ଲାଗି ଜୀବନ ସାରା ରହି ଆସିଥିଲା ଜେଲ୍‌ରେ । ବୁଢ଼ାକୁ ଜର ହୋଇଥିଲା । ଡାକ୍ତର ଖାନାରେ ଦୁଇମାସ ପଡ଼ି ସାରି ଯେତେବେଳେ ସେ ୱାର୍ଡକୁ ଫେରିଛି, ତାକୁ ଜମାଦାର କାମରେ ଲଗାଇବାକୁ ଚାହିଁଛି । ଜମାଦାର ଭୟରେ ବୁଢ଼ା ଘଣାକୁ ଯାଇଛି; ହେଲେ ଦୁଇଥର ବୁଲାଇ ଦେଇ ଯେତେବେଳେ ଥକ୍‌କାରେ ବସିପଡ଼ିଛି, ସେତେବେଳେ ବିରକ୍ତିରେ ଜମାଦାର ଦେଇଛି ରୋଳ ବାଡ଼ିରେ ଦୁଇ ଖୋବ୍ ବୁଢ଼ାର କଙ୍କାଳକୁ । ସେଇଠି ଢଳିପଡ଼ିଲା ବୁଢ଼ା ।(୨୭) କିନ୍ତୁ ଦୁର୍ଭାଗ୍ୟର କଥା ଜମାଦାର ସରକାରଙ୍କଦ୍ୱାରା ଦକ୍ଷ ପ୍ରଶାସନ ପାଇଁ ପାଇଛି ରାଷ୍ଟ୍ରୀୟ ପୁରସ୍କାର ।

ବନ୍ଦୀମାନଙ୍କୁ କେବଳ ଯେ ଅମାନୁଷିକ ବ୍ୟବହାର କରାଯାଇଥାଏ ସେକଥା ନୁହେଁ, ଅତି କୁତ୍ସିତ ପରିବେଶରେ ସେମାନଙ୍କୁ ରଖାଯାଇଥାଏ । ମଶା ଛାରପୋକ ଭର୍ତ୍ତି ୱାର୍ଡ଼ରେ ସେମାନେ ଶୁଆବସା କରନ୍ତି । ଭଣ ଭଣ ମୂତ ଗନ୍ଧ । ରାତିରେ ଗୋଟିଏ ଜୁକୁ ଜୁକୁ ଜଳୁଥିବା ବିଜୁଳିବତୀ । ଛିଣ୍ଡା କମ୍ବଳ ସାଥିକୁ ଖଣ୍ଡେ ଚେପା ପିତଳ ଥାଳି ଓ ଆଲ୍‌ମିନିୟମର ଗିନାସେମାନଙ୍କ ସମ୍ବଳ । ଖାଇବାକୁ ପାଣିପଶା, ଗୋଡ଼ିମିଶା ଦୁର୍ଗନ୍ଧ ଚାଉଳର ପୋକ ଭର୍ତ୍ତି ଭାତ । ସେଥିରେ ପୁଣି ବିରକ୍ତିକର ହଳଦିର ମିଶ୍ରଣ । ଡାଲି ବୋଇଲେ ଡଙ୍କପାଣି । ଏସବୁ ପାଇଁ ପ୍ରତିବାଦ କରିହୁଏ ନାହିଁ । ଲେଖକଙ୍କ ଭାଷାରେ, "ଶାସନର ସଙ୍ଗୀନ ମୁନରେ ମିଳେଇଯାଇଛି ପ୍ରତିବାଦ – ନିଭି ଯାଇଛି ପ୍ରଦୀପ...."(୨୮) କିନ୍ତୁ ଲେଖକର ଲେଖନୀ ମୁନକୁ କୌଣସି ସଙ୍ଗୀନ ମୁନ ଦବୁଡ଼ା କରି ପାରିନାହିଁ । ଲେଖକର ହିଁ ସେଇଠି ବିଜୟ । ସେଥିପାଇଁ ସମଗ୍ର ଜନତା କୌଣସି ପରସ୍ଥିତିରେ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲାବେଳେ, ଲେଖକ ହିଁ ନୂଆ ଜୀବନର ମନ୍ତ୍ର ପଢ଼େ, ରାସ୍ତା ଦେଖାଏ, ଆଗେଇଯିବାକୁ ପ୍ରେରଣାଦିଏ । ଲେଖକ ହରିହର ବାହିନୀପତି ତାଙ୍କ ଉପନ୍ୟାସ 'କାରାର ମଣିଷ'ଦ୍ୱାରା ତାହାହିଁ କରିବାକୁ

ଚାହିଁଛନ୍ତି ମାତ୍ର ।

'ବିଶ୍ୱମାନବିକ ଅଧିକାର ଘୋଷଣାନାମା'ର ଧାରା ୧୭ (କ) ଓ (ଖ)ରେ ଘୋଷଣା କରାଯାଇଛି ଯେ ସମୂହ ଓ ବ୍ୟକ୍ତିଗତ ସମ୍ପତ୍ତି ଉପରେ ଯେକୌଣସି ବ୍ୟକ୍ତିର ଅଧିକାର ରହିଛି ଏବଂ କାହାକୁ କାହାର ସମ୍ପତ୍ତି ଉପରେ ଥିବା ଅଧିକାରରୁ ମନଇଚ୍ଛା ଉଚ୍ଛେଦ କରାଯାଇ ପାରିବ ନାହିଁ । ୧୯୭୮ ମସିହା ପର୍ଯ୍ୟନ୍ତ ସମ୍ପତ୍ତିଗତ ଅଧିକାର, ଭାରତୀୟ ସମ୍ବିଧାନରେ ନାଗରିକର ମୌଳିକ ଅଧିକାର ଭାବେ ସ୍ୱୀକୃତି ପାଇ ଆସୁଥିଲା । ମାତ୍ର, ସଂବିଧାନର ୪୪ତମ ସଂଶୋଧନ ସମ୍ପତ୍ତିଗତ ଅଧିକାରକୁ ଏକ ମୌଳିକ ଅଧିକାରର ଗୌରବ ନଦେଇ ଏକ ସାମ୍ବିଧାନିକ ବା ଆଇନଗତ ଅଧିକାର ଭାବେ ସ୍ୱୀକୃତି ଦେଲା । ଦେଶରେ ଭିତ୍ତିଭୂମିର ବ୍ୟାପକ ନିର୍ମାଣକୁ ଆଖି ଆଗରେ ରଖି ମୁଖ୍ୟତଃ ଏହା କରାଯାଇଥିଲା । ଆବଶ୍ୟକ ସ୍ଥଳେ ସମୂହର ଉନ୍ନତି ପାଇଁ ମୁଷ୍ଟିମେୟ ଲୋକମାନଙ୍କର ସମ୍ପତ୍ତିଗତ ଅଧିକାରକୁ ଆଇନ ସମ୍ମତ ଭାବେ ପ୍ରତ୍ୟାହାର କରାଯାଇ ପାରିବ; ଏପରି ଲକ୍ଷ୍ୟରେ ଏହି ସଂଶୋଧନ କାର୍ଯ୍ୟକାରୀ ହୋଇଥିଲା । ମାତ୍ର ଏହି ଗଳାବାଟର ସୁଯୋଗରେ ମୁଷ୍ଟିମେୟ ସ୍ୱାର୍ଥାନ୍ଧ ଲୋକେ ନିଜର ସୁବିଧା ପାଇଁ ସମୂହର କ୍ଷତିସାଧନ କରିବାକୁ ଲାଗିଲେ । ନିର୍ବିଚାରରେ ବିଭିନ୍ନ ଯୋଜନା ନାଁରେ ନିରୀହ ଆଦିବାସୀ ହରିଜନ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସେମାନଙ୍କର ଭିଟାମାଟିରୁ ଉଚ୍ଛନ୍ନ କରିଦିଆଗଲା । ଏକଥା ଏବେବି ଆମ ଦେଶରେ ବହୁବାର ଘଟିଚାଲିଛି । ଦିନାକେତେ ହଇଚଇ, ଅନ୍ଦୋଳନ, ବିରୋଧ ମାତ୍ର ସ୍ୱାର୍ଥପରମାନଙ୍କ ହୀନ ଚକ୍ରାନ୍ତ ତଳେ ସେ ଆନ୍ଦୋଳନ ନିଃଶେଷ ହୋଇଯିବା ପାଇଁ ବେଶୀ ସମୟ ଲାଗୁନାହିଁ । ଶେଷରେ ସେହି ମୁଷ୍ଟିମେୟ ବ୍ୟକ୍ତିମାନଙ୍କର ବିଜୟ ହିଁ ହେଉଛି । ଯେପରି ଘଟିଛି ଗୋପୀନାଥ ମହାନ୍ତିଙ୍କ "ହରିଜନ" ଓ ହୃଷୀକେଶ ପଣ୍ଡାଙ୍କ "ସୁନାପୁଟର ଲୋକେ" ଉପନ୍ୟାସରେ ।

'ହରିଜନ' ଉପନ୍ୟାସରେ ମେହେନ୍ତର ସାହିର ଅସ୍ପୃଶ୍ୟମାନଙ୍କୁ ରାଜନୈତିକ ନେତା ଶୈଳେନ୍ଦ୍ରବାବୁ ଓ ପ୍ରତିଷ୍ଠିତ ବ୍ୟବସାୟୀ ଅବିନାଶ ବାବୁଙ୍କ ହୀନ ଚକ୍ରାନ୍ତରେ ନିଜ ଭିଟାମାଟିକୁ ଛାଡ଼ି ଅନ୍ୟତ୍ର ପଳାଇଯିବାକୁ ହୋଇଛି । ନିଜ ଆଖି ଆଗରେ ସେମାନଙ୍କ ବସ୍ତିରେ ନିଆଁ ଲାଗି ସବୁ ଜଳିଯାଇଛି । ସେମାନେ ବାଧ୍ୟ ହୋଇଛନ୍ତି ନିଜର ବାସଭୂମି ଛାଡ଼ି ଚାଲିଯିବା ପାଇଁ । ନିଜ ସ୍ଥିତିରେ ସର୍ବଶେଷ ସନ୍ତକଟିକୁ ଜାବୁଡ଼ି ଧରିବା ପାଇଁ ଧନୀବୁଢ଼ାର ନେତୃତ୍ୱରେ ଲୋକମାନେ ସଂଗଠିତ ହୋଇଥିଲେ, ଆନ୍ଦୋଳନ କରିଥିଲେ । ମାତ୍ର, ଶରତର କାକର ରାତିରେ ହାଡ଼ିସାହିର ନିଆଁ ସବୁ ଆଶାକୁ ପୋଡ଼ି ପାଉଁଶ କରିଦେଇଛି ଯେପରି । ଔପନ୍ୟାସିକଙ୍କ ଭାଷାରେ "ହାଡ଼ିସାହିରେ ନିଆଁ ଲାଗିଛି । ବହଳ ଗହଳି । ଦେଖୁ ଦେଖୁ କେଉଁ ଛଟକରେ ଚହଲି ଯାଉଛି । ବାଧା ମାନୁନାହିଁ, କାନ୍ଦଣା ମାନୁ ନାହିଁ । ଧୂଆଁର ସମୁଦ୍ର ଉପରେ ମାଡ଼ି ଚାଲିଛି ନିଆଁର ତରଙ୍ଗ । ଜାଳି ପୋଡ଼ି ଭସ୍ମକରି ଦେଉଛି ଗରିବଙ୍କ ଘରକରଣାକୁ ।"(୨୯) ସବୁ ପ୍ରଚେଷ୍ଟାର ହଠାତ୍ ରାତି ଅଧିଆ ସମାଧାନ ପରେ ପ୍ରଥମେ ହତାଶାରେ ଧନୀବୁଢ଼ା ସାହି ଛାଡ଼ିଲା । ସକାଳ ହେଲାପରେ ଅନ୍ୟମାନେ । ଲେଖକଙ୍କ ଭାଷାରେ, "ସହର ବଢ଼ିବ, ଏମାନେ ତାହାରି ଅଗ୍ରଦୂତ । ଆଗଚଲା କୋଡ଼ି ବାହୁଙ୍ଗୀଧରା ବାହିନୀ । ମଇଳା କାଢ଼ିବେ, ଅରମା ସଫା କରିବେ, ବସ୍ତି ବସେଇବେ । ତା'ପରେ ପୁଣି ଉଠିଯିବେ ଆଉ କେଉଁଠିକୁ ।"(୩୦)

ସହରକୁ ସୁନ୍ଦର କରିବା ନାମରେ ଅର୍ଥନୈତିକ ଶୋଷଣର ଶିକାର ହୋଇଥିବା ସମାଜର ସୁବଠୁଁ ତଳିଆ ବର୍ଗଙ୍କ ଆଶ୍ରୟ ସ୍ଥଳଟିକୁ ଅବିନାଶବାବୁ ଯେପରି ଅକ୍ତିଆର କଲେ, ତାହା ପାଠକମାନଙ୍କ ମନରେ ଗଭୀର ରେଖାପାତ କରିଥାଏ । ଆଉ ସବୁଠୁଁ ଦୁଃଖର କଥା ଆଇନ ଯେଉଁମାନଙ୍କ ସାହାଯ୍ୟରେ ଏମାନଙ୍କ ମାନବିକ ଅଧିକାରଗୁଡ଼ିକୁ ସୁରକ୍ଷା ଦେଇଥା'ନ୍ତା, ସେହିମାନେ ଆଇନର ଆଖିରେ ଅନ୍ଧପୁଟୁଳି ବାନ୍ଧି ନିଜର ସ୍ୱାର୍ଥ ପାଇଁ ସେମାନଙ୍କୁ ଯାଯାବର କରି ଛାଡ଼ିଲେ ।

'ସୁନାପୁଟର ଲୋକେ' ଉପନ୍ୟାସ ଏହି ସମସ୍ୟାର ପୃଷ୍ଠଭୂମିରେ ରଚିତ ହୋଇଛି । ଏଥିରେ ଔପନ୍ୟାସିକ ହୃଷୀକେଶ ପଣ୍ଡା ଗଭୀର ଅର୍ନ୍ତଦୃଷ୍ଟି ସହକାରେ ଏହି ସମସ୍ୟାକୁ ଦେଖି ଦେଖାଇବାରେ, ବୁଝି ବୁଝାଇବାରେ ଚେଷ୍ଟା କରିଛନ୍ତି ଓ ଅନେକାଂଶରେ ସଫଳ ହୋଇଛନ୍ତି ।

ବଣମୂଳକର ଏକ ନିଦ୍ରିତ ସରଳ ଆଦିବାସୀ ଗ୍ରାମଟିଏ 'ସୁନାପୁଟ' । କିନ୍ତୁ ଶଗଡ଼ିଆ ରାସ୍ତାଦ୍ୱାରା ସେ ଗାଁର ନିଦ୍ରା ଭଙ୍ଗ ହୋଇଥିଲା ସେ ବର୍ଷ । ବେପାରୀମାନେ ଖେଦି ଆସିଥିଲେ ଭଳି ଭଳି ଚିଜ ଧରି । ସୁନାପୁଟ ଗ୍ରାମର ଲୋକମାନେ ଧାନ ମାଣ୍ଡିଆ, ମହୁଲ, କାନ୍ଦୁଲ ଦେଇ କିଣିଥିଲେ ସେସବୁ । ଆସିଥିଲା ସନ୍ୟାସୀ ରାଓ ଏବଂ ଧାର କରଜ ଦେଇ ପ୍ରାୟ ସବୁ ଜମିର ଫସଲକୁ ଗୁଡ଼ାମ୍ କରି ନେଇଥିଲା । ତଥାପି ବଣର ସନ୍ତାନ ନିରୁପଦ୍ରବ ଜୀବନଟିଏ ବଂଚିଥିଲା । ମାତ୍ର, ଯେବେ 'କଙ୍କଡ଼ାଗଡ଼ିଆ'ର ବନ୍ଧକାମରେ ସୁନାପୁଟ ଗାଁର ନାଁ ଲୋପ ପାଇଥିଲା ସେତେବେଳେ ସେମାନଙ୍କୁ ପଡ଼ିଥିଲା ଦାରୁଣ ବିପଦ ।

ସକାଳୁ ସକାଳୁ ଲୋକଙ୍କୁ ସୁନାପୁଟ ଗାଁ ଛାଡ଼ି ଚାଲିଯିବାକୁ ଆଦେଶ ଶୁଣାଇ ଦେଲେ ପୁଲିସ୍ ଓ ହାକିମମାନେ । ଲୋକଙ୍କୁ ସେମାନେ ବୁଝେଇଦେଲେ କିପରି ପ୍ରସ୍ତାବିତ ଯୋଜନାରେ ସରକାର ଏଠୁ ବିଦ୍ୟୁତଶକ୍ତି ବାହାର କରିବେ, କଳକାରଖାନା ବସାଇ ଉତ୍ପାଦନ ବଢ଼ାଇବେ ଓ ଏହି ଯୋଜନାଦ୍ୱାରା କିପରି ଲୋକମାନଙ୍କର ଜମିରେ ପାଣି ମାଡ଼ିବ, ଫସଲ ହେବ, ସେମାନଙ୍କର ଉନ୍ନତି ହେବ । ସେହି ରାତିରେ ସରକାରଙ୍କଦ୍ୱାରା ଦଖଲ ହେଲା ସୁନାପୁଟ ଗାଁ । କେହି କିଛି ବୁଝିବା ଆଗରୁ ସେମାନେ ଅନ୍ଧାରରେ ଗାଡ଼ିରେ ବୁହା ହୋଇଚାଲିଲେ ଅଜଣା ସ୍ଥାନକୁ । ଲେଖକଙ୍କ ଭାଷାରେ, "କ'ଣ ହେଉଛି ଜାଣିବା

ଆଗରୁ ସବୁ ଧାଂଡ଼ା ଅଡ଼ିଆ ହେଇ ଗୋଟେ ଟ୍ରକ୍‌ରେ ଖୁନ୍ଦା ହେଇଗଲେ । ତା' ପଛକୁ ବୁଢ଼ାବୁଢ଼ୀ, ସ୍ତ୍ରୀ ଲୋକ, ପିଲାପିଚିକା କେଁ କାଁ । ଜଣେ ବାବୁ ଆକାଶକୁ ଅନେଇ ବନ୍ଧୁକ ଫୁଟେଇଲା ଓ କହିଲା, ପାଟି ବନ୍ଦ ନକଲେ ବନ୍ଧୁକ ଫୁଟେଇଦେବ । ଗାଡ଼ି ଚାଲିଲା । ଲୋକେ କାନ୍ଦିଲେ । ଲୋକଙ୍କ କାନ୍ଦ, ଗାଡ଼ିର ହଲ୍‌ଚଲ୍‌ରେ ଲୁଚିଗଲା ।"(୩୧)

'କଙ୍କଡ଼ାଗଡ଼ିଆ' ଜଳସେଚନ ଯୋଜନା ପାଇଁ ହୋଇଥିବା ଜମିଦଖଲର କ୍ଷତିପୂରଣ ଅର୍ଥରୁ ଟଙ୍କାଟିଏ ସୁନାପୁଟର ଗ୍ରାମବାସୀମାନେ ପାଇନଥିଲେ । ଯାହାବି କିଛି ମିଳିବାର ଥିଲା ଲୋକଙ୍କୁ, ସନ୍ନ୍ୟାସୀ ରାଓ ସେସବୁ ଅଂଟାରେ ପୂରାଇଥିଲା । ସରକାରଙ୍କ ଏହି ଜଳବିଦ୍ୟୁତ୍ ଯୋଜନାର ଉଦ୍ଦେଶ୍ୟ ସଂପୂର୍ଣ୍ଣ ବିଫଳ ହୋଇଥିଲା । ଦଶହଜାର ଲୋକଙ୍କୁ ବାସଚ୍ୟୁତ କରି ଯେଉଁ ଜଳବିଦ୍ୟୁତ୍ ସରକାର ଉତ୍ପାଦନ କଲେ ତାହା ତିନିଶହ ଲୋକଙ୍କୁ କାମ ଯୋଗାଇଥିବା ତିନିଗୋଟି କାରଖାନାକୁ ଚଳନକ୍ଷମ କରିପାରିଥିଲା; ଏବଂ କାରଖାନା ପାଇଁ ବାସଚ୍ୟୁତ ଲୋକଙ୍କ ମଧ୍ୟରୁ ଜଣକୁ ବି ନିଯୁକ୍ତି ଦିଆଯାଇନଥିଲା । ସେଥିପାଇଁ ଲେଖକ ଲେଖନ୍ତି, "ଯଦି ସତେ ବିଦ୍ୟୁତଶକ୍ତି ଦେଶର ଅର୍ଥନୀତିର ଆତ୍ମା, ତା ହେଲେ ଡ୍ରମା ହୋଇଥିବା ପରା - ଖରାପ ଆତ୍ମା ? ନହେଲେ ଏ ପ୍ରକଳ୍ପରୁ ଦଶ ହଜାର ଲୋକଙ୍କୁ ବାସଚ୍ୟୁତ କରି ଜଣକୁ ବି କାମ ମିଳିଲା ନାହିଁ ଓ ଗୋଟେ ଏକର ଜମି ପାଣି ମାଡ଼ିଲା ନାହିଁ ।"(୩୨)

ସୁନାପୁଟର ଲୋକେ ରାତି ଅନ୍ଧାରରେ ବଳପୂର୍ବକ ସ୍ଥାନାନ୍ତରିତ ହୋଇ ଯେଉଁ ଅଂଚଳରେ ବସବାସ କଲେ, ସେଥିପାଇଁ ରିବିଣିକୁ ପାରୁପର୍ଯ୍ୟନ୍ତ ସନ୍ତୁଷ୍ଟ କରିବାକୁ ପଡ଼ିଥିଲା । ସେମାନଙ୍କର ବିଡ଼ମ୍ବିତ ଭାଗ୍ୟ ଯେପରି ଆରମ୍ଭ ହେଉଥିଲା । ଦିନେ ରିବିଣି ସରକାରୀ ପରୁଆନା ଧରି ଆସି ପହଂଚିଲା ସେମାନଙ୍କ ନିକଟରେ । ଯଥାବିଧି ପୂଜାଗ୍ରହଣ କରିସାରିବା ପରେ ସେ ଶୁଣାଇଦେଇଥିଲା ସରକାରୀ ଆଦେଶକୁ; ପାକିସ୍ଥାନରୁ ଶରଣାର୍ଥୀମାନେ ଆସିଛନ୍ତି, ସେମାନଙ୍କୁ ଥଇଥାନ କରାଯିବ । ଅତଏବ ଜାଗା ଛାଡ଼ ।

ଅଗତ୍ୟା ସେମାନଙ୍କୁ ଗାଁ ଛାଡିବାକୁ ହେଲା । ସେମାନେ ସାତଦିନ ଚାଲି ସାରିବାପରେ, ଦିସାରିର ନିର୍ଦ୍ଦେଶରେ ଯେଉଁ ଜାଗାରେ ନୂତନ ଗ୍ରାମ ଥାପିଲେ, ତାହା ପୁଣି ଦୁଇବର୍ଷ ପରେ ପଥରମେଳା ବନ୍ଧ ଯୋଜନାରେ ନିଶ୍ଚିହ୍ନ ହୋଇଗଲା । ସେମାନଙ୍କ ମଧ୍ୟରୁ ଦଶ କି ବାର ଘର ନଈପାରି ହୋଇ ଆଶ୍ରୟ ପାଇଁ ଘଂଚ ଜଙ୍ଗଲକୁ ପଶିଲେ । ଲେଖକଙ୍କ ଭାଷାରେ, "ମା' କୋଳରୁ ସତେକି କିଏ ତାଙ୍କୁ ଟାଣିନେଇ ଠେଲିଦେଲା ବାଘ ମୁହଁକୁ ।"(୩୩) ଏବେ ସେମାନେ ଯେଉଁଠି ଗାଁ ଥାପିଲେ ତା'ର ନାଁଥିଲା ଚିତ୍ତପ୍ରିୟା । ମାତ୍ର, ଏହି ଗାଁ ବି ସେମାନଙ୍କ ପାଇଁ ସ୍ଥାୟୀ ହୋଇପାରିନଥିଲା । ହାଇଦ୍ରାବାଦରୁ କାହିଁ ଅଚାନକ ଭାବେ ପହଂଚିଗଲା ଇସ୍‌ମାଇଲ୍ ଖାନ୍ । ସେ ରେଭିନ୍ୟୁ ଅମିନର ସାହାଯ୍ୟରେ ଅଧିକାର କଲା ଚିତ୍‌ତପ୍ରିୟା ଗାଁ । ଏବେ ସମସ୍ତେ ଛିନ୍‌ଛତର୍ ହୋଇଗଲେ ଯେ ଯୁଆଡ଼େ ।

ଏହି ଉପନ୍ୟାସର ନାୟକ କେଶବ ଓ ତା'ର କେତେକ ସହଯୋଗୀ ଗ୍ରାମବାସୀମାନଙ୍କର ଅଧିକାର ପାଇଁ ସବୁ ପରିସ୍ଥିତିଗତ ପ୍ରତିକୂଳତା ସତ୍ତ୍ୱେ ଲଢ଼ିଆସିଛନ୍ତି । ପ୍ରଥମରୁ ବେଠିକୁ ବିରୋଧକରି ସଫଳ ହୋଇଛନ୍ତି ଏମାନେ ନିଜ ଅଞ୍ଚଳରେ । କିନ୍ତୁ ନିଜ ପ୍ରିୟ ଗ୍ରାମଟିକୁ ଏମାନେ ସରକାରୀ କଳର ଗ୍ରାସରୁ ରକ୍ଷା କରିପାରନାହାନ୍ତି । ତଥାପି ସେମାନେ ସଂଗ୍ରାମ ଜାରି ରଖିଛନ୍ତି । 'କେଶବ' ଚିତ୍ତପ୍ରିୟା ଗ୍ରାମରୁ ସେମାନଙ୍କୁ କରାଯାଇଥିବା ଉଚ୍ଛେଦ ବିରୋଧରେ ବିଭିନ୍ନ ହାକିମଙ୍କ ପାଖକୁ ବାରବାର ଦୌଡ଼ିଛି; ଅସଫଳ ହୋଇଛି ତା'ର ସବୁଚେଷ୍ଟା, କେହି ତା' କଥା ଶୁଣି ନାହାନ୍ତି ।

ସୁନାପୁଟର ଲୋକମାନଙ୍କର ମୌଳିକ ଅଧିକାର ଏପରି ବାରମ୍ବାର ଦୂରଦୃଷ୍ଟିହୀନ ସମ୍ବେଦନାହୀନ ଶାସକର ଶାସନକଳଦ୍ୱାରା କ୍ଷୁର୍ଣ୍ଣ ହୋଇଛି ଯାହା ହୃଦୟବାନ୍ ପାଠକଟିର ଆଖିରେ ଅଶ୍ରୁ ଆଣିବାକୁ ସକ୍ଷମ । ପାଠକ ଚିତ୍ତରେ ହାହାକାର ଭରିଦେଇ ଏହି ଉପନ୍ୟାସ ସୁନାପୁଟର ଲୋକମାନଙ୍କ ପାଇଁ ଶାସନକଳକୁ ଗୋଟିଏ ପ୍ରଶ୍ନ ପଚାରିବାକୁ ପ୍ରେରଣା ଦିଏ– କାହିଁକି ରାଷ୍ଟ୍ରୀୟ ଶକ୍ତିପାଖରେ ପ୍ରକୃତିର ସନ୍ତାନମାନଙ୍କ ପାଇଁ ଏତେ ଉଦାସୀନତା ?

ଉପରୋକ୍ତ ଆଲୋଚନାରୁ ପ୍ରତୀୟମାନ ହେବ ଯେ ମାନବିକ ଅଧିକାର ଉଲ୍ଲଂଘନର ଚିତ୍ର ଓଡ଼ିଆ ଉପନ୍ୟାସରେ ପ୍ରତୁଳ; କିନ୍ତୁ ମାନବିକ ଅଧିକାର ସୁରକ୍ଷାର ଚିତ୍ର ଉଜ୍ଜ୍ୱଳ ନୁହେଁ । ତଥାପି ଅନେକ ଉପନ୍ୟାସରେ ବିଭିନ୍ନ ଚରିତ୍ର, ଅସହାୟ ଜନଗୋଷ୍ଠୀର ମୌଳିକ ଅଧିକାର ହାସଲ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । 'ନୀଳତୃଷ୍ଣା'ର କଳିଙ୍ଗ, 'ଅନ୍ୟ ଏକ ସମୟ, ଅନ୍ୟ ଏକ ଭାରତ'ର ଲକ୍ଷ୍ମୀଧର, 'ଡାଏରୀ'ର ଅନୁ ପ୍ରଭୃତି ଚରିତ୍ରକୁ ଏ ପ୍ରସଙ୍ଗରେ ଉଦାହରଣ ଭାବେ ନିଆଯାଇପାରେ । ତେବେ ବ୍ୟକ୍ତିର ମାନବିକ ଅଧିକାରକୁ ଯେଉଁ ଯେଉଁ ପରିସ୍ଥିତି ଓ ପରିବେଶରେ ଉଲ୍ଲଂଘନ କରାଯାଉଅଛି, ସେସବୁକୁ ଯଥାର୍ଥ କଥାନକ ମାଧ୍ୟମରେ ସାର୍ଥକ ଭାବେ ଉପସ୍ଥାପନ କରାଯାଇପାରିଲେ, ତାହାହିଁ ହେବ ସାହିତ୍ୟିକର ସ୍ୱୟଂ ଏକ ବଡ଼ ସଫଳତା । ଆମ ଓଡ଼ିଆ ଔପନ୍ୟାସିକମାନେ ଯେ ଏହି ସଫଳତାର ଅଧିକାରୀ ତାହା ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ।

## ସହାୟକ ଗ୍ରନ୍ଥସୂଚୀ:


୧. ସରକାର ଉମେଶଚନ୍ଦ୍ର, ଭୂମିକା, ପଦ୍ମମାଳୀ, ଦ୍ୱିତୀୟ ସଂସ୍କରଣ, ନଭେମ୍ବର, ୧୯୧୨

୨. ମହାନ୍ତି କାହ୍ନୁଚରଣ, ଭୂମିକା (ଅଠେଇଶ ବର୍ଷ ପରେ), ହାଅନ୍ନ, ସାଥୀ ପ୍ରକାଶନ ନବମ ସଂସ୍କରଣ–୧୯୮୩

୩. ତତ୍ରୈବ, ପୃଷ୍ଠା– ୩୮

୪. ତତ୍ରୈବ, ପୃଷ୍ଠା – ୪୦

୫. ତତ୍ରୈବ, ପୃଷ୍ଠା-୬୯
୬. ମହାନ୍ତି କାହ୍ନୁଚରଣ, ଶାସ୍ତି, ପୃଷ୍ଠା-୩, ପ୍ର.ଫ୍ରେଣ୍ଡ୍ସ, କଟକ, ଏକାଦଶ ସଂସ୍କରଣ- ୧୯୮୬
୭. ତତ୍ରୈବ, ପୃଷ୍ଠା- ୧୨
୮. ତତ୍ରୈବ, ପୃଷ୍ଠା- ୩୧
୯. ତତ୍ରୈବ, ପୃଷ୍ଠା-୩୧
୧୦. ମହାନ୍ତି କାହ୍ନୁଚରଣ, ଶାସ୍ତି, ପୃଷ୍ଠା-୭, ପ୍ରକାଶକ-ଫ୍ରେଣ୍ଡସ୍, ଏକାଦଶ ସଂସ୍କରଣ- ୧୯୮୬
୧୧. ତତ୍ରୈବ, ପୃଷ୍ଠା- ୧୪୪
୧୨. ତତ୍ରୈବ, ପୃଷ୍ଠା- ୧୫୭
୧୩. ଆଚାର୍ଯ୍ୟ ଶାନ୍ତନୁକୁମାର, ଅନ୍ୟ ଏକ ସମୟ, ଅନ୍ୟ ଏକ ଭାରତ, ପୃଷ୍ଠା-୪୬, ଗ୍ରନ୍ଥମନ୍ଦିର, ପୁନର୍ମୁଦ୍ରଣ-୧୯୮୪
୧୪. ତତ୍ରୈବ, ପୃଷ୍ଠା-୫୫
୧୫. ମହାନ୍ତି ସୁରେନ୍ଦ୍ର, ‘ଟାମାଟି, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ପ୍ରକାଶନ ସମୟ- ୧୯୮୮, ପୃଷ୍ଠା-୪୦
୧୬. ତତ୍ରୈବ, ପୃଷ୍ଠା-୨୨୦-୨୧
୧୭. ମହାନ୍ତି ଗୋପୀନାଥ, ପରଜା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ପଞ୍ଚମ ସଂସ୍କରଣ- ୧୯୭୨, ପୃଷ୍ଠା-୪୭
୧୮. ତତ୍ରୈବ, ପୃଷ୍ଠା-୨୯୧
୧୯. ତତ୍ରୈବ, ପୃଷ୍ଠା-୪୩
୨୦. ମହାନ୍ତି ଗୋପୀନାଥ, ହରିଜନ, ପୃଷ୍ଠା-୪୧, ବିଦ୍ୟାପୁରୀ, ସଂସ୍କରଣ-୧୯୮୩,
୨୧. ତତ୍ରୈବ, ପୃଷ୍ଠା-୨୭
୨୨. ତତ୍ରୈବ, ପୃଷ୍ଠା-୧୯୭
୨୩. ରାୟ ପ୍ରତିଭା, ନୀଳତୃଷ୍ଣା, ପୃଷ୍ଠା-୧୧୧, ଆଦ୍ୟାପ୍ରକାଶନୀ, ପ୍ରଥମ ପ୍ରକାଶ - ୧୯୮୧
୨୪. ମହାନ୍ତି ବ୍ରଜମୋହନ, ଅରକ୍ଷିତ ଉପନିଷଦ, ପୃଷ୍ଠା- ୧୧୦-୧୧୧, ପ୍ରକାଶକ-ସାଥୀ ମହଲ, ସଂସ୍କରଣ-୧୯୮୦
୨୫. ତତ୍ରୈବ, ପୃଷ୍ଠା -୧୭୬
୨୬. ବାହିନୀପତି ହରିହର, କାରାର ମଣିଷ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
୨୭. ତତ୍ରୈବ, ପୃଷ୍ଠା-୧୧୮
୨୮. ତତ୍ରୈବ, ପୃଷ୍ଠା-୧୦୨
୨୯. ମହାନ୍ତି ଗୋପୀନାଥ, ହରିଜନ, ପୃଷ୍ଠା-୨୪୭, ବିଦ୍ୟାପୁରୀ, ସଂସ୍କରଣ-୧୯୮୩
୩୦. ତତ୍ରୈବ, ପୃଷ୍ଠା-୨୫୬
୩୧. ପଣ୍ଡା ହୃଷିକେଶ, ସୁନାପୁଟର ଲୋକେ, ଗ୍ରନ୍ଥମନ୍ଦିର, କଟକ, ପ୍ରଥମ ସଂସ୍କରଣ- ୧୯୯୧
୩୨. ତତ୍ରୈବ, ପୃଷ୍ଠା-୩୯
୩୩. ତତ୍ରୈବ, ପୃଷ୍ଠା -୬୩


❖ ❖ ❖

DOI :https://doi.org/10.5281/zenodo.14172122

ମୂଳ ପ୍ରବନ୍ଧ

# ବୈଦଗ୍ଧର ଅନୁଭବ

## : ମୟୂଖର ଆକାଂକ୍ଷା କବି ଅଭୟ ଦାସଙ୍କ 'ଛାଇ ଆଲୁଅର ଖେଳ'

**ସନ୍ତୋଷ କୁମାର ନାୟକ**

*"If poetry comes not as naturally as leaves to a tree it had better not come at all"*

***John Keats***

ସଂକ୍ଷିପ୍ତସାର :

ଏକବିଂଶ ଶତାବ୍ଦୀରେ ଉଭୟ ବ୍ୟକ୍ତି ଓ ସମୂହର ବିବିଧ ସାମାଜିକ, ମାନସିକ, ଦାର୍ଶନିକ ଓ ଆଧ୍ୟାତ୍ମିକ ସୀମା ଓ ସମସ୍ୟାକୁ ନେଇ ୨୦୧୨ ମସିହାରେ ପ୍ରକାଶ ପାଇଥିବା କବି ଅଭୟ ଦାସଙ୍କ 'ଛାଇ ଆଲୁଅର ଖେଳ' ର ପ୍ରଥମ କବିତା "ଛାଇ ଆଲୁଅର ଖେଳ"ର ତାତ୍ତ୍ୱିକ ତଥା ସୂକ୍ଷ୍ମ ସ୍ତରୀୟ ବିଶ୍ଳେଷଣ ଏହି ପ୍ରବନ୍ଧରେ କରାଯାଇଛି । ସାନ୍ଦ୍ର ଉପନିଷଦୀୟ ଦୃଷ୍ଟି ଓ ଦର୍ଶନଠାରୁ ଆରମ୍ଭକରି ପ୍ରାଚ୍ୟ ଓ ପ୍ରତୀଚ୍ୟ ମନୀଷୀମାନଙ୍କ ମହତ୍ତର ଭାବଧାରା ପ୍ରଭୃତିକୁ ଆଖି ଆଗରେ ରଖି ଏହି କବିତାଟିକୁ ସୂକ୍ଷ୍ମାତିସୂକ୍ଷ୍ମ ସ୍ତରରେ ସମୀକ୍ଷା କରାଯାଇଛି । ଏକ ସୁସ୍ଥ, ସବଳ, ସବୁଜ, ସଜଳ ତଥା ସରସ-ସୁନ୍ଦର ଜୀବନର ନିର୍ମାଣ ଓ ନିର୍ମିତିର ନକ୍ସା ଏହି କବିତାରେ ବିଦ୍ୟମାନ । ମଣିଷର ମନ, ମସ୍ତିଷ୍କ, ପ୍ରାଣ ଓ ଆତ୍ମାର ପ୍ରକ୍ଷାଳନ ଓ ନବନିର୍ମାଣ ପାଇଁ କବି ଯେଉଁ ସାରସ୍ୱତ ଉଦ୍ୟମ କରିଛନ୍ତି, ତା'ର ଜୀବନ୍ତ ଦଲିଲ୍ ଓ ଦସ୍ତାବିଜ୍ ଏଠାରେ ରହିଛି ମାତ୍ର ।

ପ୍ରମୁଖ ଶବ୍ଦ : ବିଦଗ୍ଧ, ଆଲୁଅ, ଉଭଟତା, ସାମାଜିକ ଅଙ୍ଗୀକାରବଦ୍ଧତା, ପ୍ରତୀକ, ଆତ୍ମଅନ୍ୱେଷା, ଉପନିଷଦୀୟ ଦର୍ଶନ

### ବିଷୟ :

କବି କୀଟସ୍‌ଙ୍କ ପରି କବିତା ପାଦପ ଦେହରୁ ନବନୀତକୋମଳ ନବଜାତ ସବୁଜ ପଲ୍ଲବ ସୁଲଭ ହେବା ଉଚିତ୍ ବୋଲି କହୁଥିବା ଓ ପ୍ରତ୍ୟୟ ରଖୁଥିବା କବି ଆଉ ଦରଦୀ ମଣିଷଟିଏ ହେଉଛନ୍ତି ଶ୍ରୀଯୁକ୍ତ ଅଭୟ ଦାସ । ୧୯୬୬ ମସିହାରେ ବାଲେଶ୍ୱର ଜିଲ୍ଲାସ୍ଥିତ ପାତ୍ରପଡ଼ାରେ କବିଙ୍କର ଜନ୍ମ । ପିତା ଶଶୀଭୂଷଣ ଦାସ ଓ ମାତା ନୀଳିମା ଦେବୀ, ଯାହାଙ୍କ ଅନ୍ତରଂଗ ଅନୁଭୂତି ତଥା ସ୍ମୃତି ଉଦ୍ଦେଶ୍ୟରେ ଏ ପୁସ୍ତକଟି ହୋଇଛି ସଶ୍ରଦ୍ଧ ସମର୍ପିତ । ଏକାଧାରରେ ଜଣେ ସୁଯୋଗ୍ୟ ପ୍ରକାଶକ, ସାମ୍ବାଦିକ ଓ ସାହିତ୍ୟିକ ପଦ ଓ ମର୍ଯ୍ୟାଦାର ସ୍ୱାଭାବିକ୍ ଭାବେ ସେ ଅଧିକାରୀ । ସଂପାଦନା ଓ ଗବେଷଣାରେ ହାତଦେଇଥିବା ଶ୍ରୀ ଦାସଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠା ମଧ୍ୟ କିଛି କମ୍ ସ୍ତମ୍ଭୀଭୂତକରିନି ଓଡ଼ିଶାବାସୀଙ୍କୁ । ତେବେ ପ୍ରତିଭାର ପରିଚୟ ଅଶେଷ ଏବଂ ଅନନ୍ୟ । ତଦୀୟ କବିତା ପୁସ୍ତକ 'ଛାଇ ଆଲୁଅର ଖେଳ' ପ୍ରଥମେ ପ୍ରକାଶ ପାଏ ୨୦୧୨ ମସିହାରେ ଯଦିଓ ଏଥିପୂର୍ବରୁ ସେ ଅନ୍ୟାନ୍ୟ ପତ୍ରପତ୍ରିକାରେ ନିଜର କବି ପ୍ରତିଭାର ବଳିଷ୍ଠ ପରିଚୟ ଦେଇସାରିଥିଲେ । ତେବେ କବିତାଟି ଆଡ଼କୁ ଗତିଶୀଳ ହେବା ଉଚିତ୍ ମନେହୁଏ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI:https://doi.org/10.5281/zenodo.14172122
Article No - BPP00235

**ଯୋଗାଯୋଗ : ଡକ୍ଟର ସନ୍ତୋଷ କୁମାର ନାୟକ,** ଓ. ଶି. ସେ-୧
ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ, ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବଲେଶ୍ୱର-୭୫୬୦୦୧
E-Mail ID : santoshonly123@gmail.com
ORCID ID : https://orcid.org/0000-0003-0089-9098

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୦.୯.୨୦୨୪ | ୨୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ସନ୍ତୋଷ କୁମାର ; ୨୦୨୪ । ବୈଦଗ୍ଧର ଅନୁଭବ: ମୟୂଖର ଆକାଂକ୍ଷା କବି ଅଭୟ ଦାସଙ୍କ 'ଛାଇ ଆଲୁଅର ଖେଳ' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ; ପୃଷ୍ଠା : ୨୫-୩୫ ।

ସଂସ୍କୃତରେ କୁହାଯାଇଛି- "ତୟା କବିତାୟା କିଂବା ତୟା ବନିତୟାଃଥବା/ ପଦ ବିନ୍ୟାସମାତ୍ରେଣ ଯୟା ନାପହୃତମ୍ ମନଃ ।" ସେ ସୁନ୍ଦରୀ କି ସୁନ୍ଦରୀ ବା ସେ କବିତା କି କବିତା ଯାହା ପ୍ରଥମ ସଂଦର୍ଶନରେ ରସିକର ମନହରଣ ନକରିପାରେ ? ବାସ୍ତବିକ୍ ଏକଥାଟି ଆଲୋଚ୍ୟ 'ଛାଇ ଆଲୁଅର ଖେଳ' କବିତାଟି ପ୍ରତି କେତେଦୂର ପ୍ରଯୁଜ୍ୟ ଏଠାରେ ବିଚାର୍ଯ୍ୟ ।

"ଯଦି ଦୁଃଖ ଦହିତେ ହୟ, ତବ ମିଥ୍ୟା ଚିନ୍ତା ନୟ,
ଏବଂ ଯଦି ଦଣ୍ଡ ସହିତେ ହୟ ତବୁ ମିଥ୍ୟା ବାକ୍ୟ ନୟ ।"

*(ରବୀନ୍ଦ୍ରନାଥ)*

ଆନନ୍ଦ-ବିଷାଦ, ଜନ୍ମ-ମୃତ୍ୟୁ, ଅମୃତ-ହଳାହଳ, ସତ୍ୟ-ମିଥ୍ୟା, ସ୍ୱପ୍ନ-ସ୍ୱପ୍ନଭଂଗ, ଆକାଂକ୍ଷା-ହତାଶା, ଓ ଆଲୋକ-ଅନ୍ଧକାର ହିଁ ସୃଷ୍ଟିର ମୂଳୋତ୍ସ । ଏମାନଙ୍କର ସଂଘର୍ଷ, ସଂଘାତ ଏବଂ ସଂସର୍ଗରୁ ଯେଉଁ ଉତ୍ପାଦ ଜାତହୁଏ, ତାହାର ନାମ ମୁହୂର୍ତ୍ତ । ଏହି ମୁହୂର୍ତ୍ତ ହିଁ ସମୟ, ଜୀବନ, ସମାଜ, ଚେତନା ଏବଂ ଅନୁଭୂତିର ଏକକ । ଯା'ରି ଭିତରେ ଆମ୍ଭେ ଅଛୁ, ଆମ୍ଭମାନଙ୍କ ମଧ୍ୟରେ କୋଷପରି ଭର୍ତ୍ତି ଏଇ ମୁହୂର୍ତ୍ତ । ଏଇ ମୁହୂର୍ତ୍ତ ମୁହୂର୍ତ୍ତ ମଧ୍ୟରେ ପାରସ୍ପରିକାକର୍ଷଣ ଶକ୍ତି ଖୁବ୍ ପ୍ରବଳ । ଏଥିରୁ ହିଁ ଗଠିତ ପୃଥିବୀ, ଆକାଶ- ଆଉ ସବୁକିଛି । ତୁନ୍ଦ୍ରାରୁ ସାହାରା ଯାଏ, ଆମେରୁ ବିଷୁବ ବ୍ୟାପ୍ତ ପୃଥିବୀର ଚିରାଚରିତ ଶାଶ୍ୱତ ଭାସ୍ୱତ ଏ ଛାଇ ଆଲୁଅର ଖେଳ । ଏହା ସାର୍ବିକ, ମୌଳିକ ତଥା ବାଧ୍ୟତାମୂଳକ । ସମସ୍ତ ପାର୍ଥିବ ପଦାର୍ଥ ନିମନ୍ତେ ଏହା କାର୍ଯ୍ୟକାରୀ ହୋଇଥାଏ । ପୁଣି ଆମ୍ଭେ ଖେଳ ବିଭିନ୍ନ ପ୍ରକାରର ଜାଣୁ । କେଉଁଠି କାହାର ପସନ୍ଦ-ନାପସନ୍ଦ, ତା'ର ବିବିଧତା ଜୈବ-ବିବିଧତା ଠାରୁ ଆହୁରି ବିଷମ ସମସ୍ୟା ତଥା ବୈଚିତ୍ର୍ୟମୟ । ସୂଚନାଯୋଗ୍ୟ ସମସ୍ତ ଖେଳ ମଧ୍ୟରୁ ଏହା ପ୍ରାଚୀନତମ, ସହଜ, ସୁଲଭ ଓ ଶିକ୍ଷଣୀୟ । ପୁଣି ଏହା ସମସ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏ ଖେଳରେ ଇଚ୍ଛା ବା ଶତଅନିଚ୍ଛା ସତ୍ତ୍ୱେ ବ୍ୟକ୍ତି ସାମିଲ୍ ହୋଇଯାଏ ତା'ର ଅଜ୍ଞାତରେ । ଏଥିରୁ କେବଳ ମଣିଷର ଶିକ୍ଷା କରିବାର କଥା । ଢେଉ ବା ଝଡ଼ର ମୁକାବିଲା କଲାବେଳେ ବା ଯୁଝି ହେଲାବେଳେ ପରସ୍ପର ବିପରୀତମୁଖୀ ନହୋଇ ବରଂ ସୁଚିନ୍ତିତ ଅବବୋଧ କ୍ରମେ ସେଠାରେ ବସିପଡ଼ିବା ଶ୍ରେୟସ୍କର । ତେବେଯାଇ ସ୍ପଷ୍ଟ ହେବ ସମସ୍ୟା ଏବଂ ଉନ୍ମୋଚନ ହେବ ସମସ୍ୟାର ସମାଧାନ । ତେବେ ମୋଟାମୋଟି ଉପରେ ବିଦଗ୍ଧ ଓ ବୈଦଗ୍ଧ, ବର୍ଣ୍ଣ ଓ ସୁବର୍ଣ୍ଣର ବର୍ଣ୍ଣାଢ୍ୟ ଆଲେଖ୍ୟ ହେଉଛି ସତାବନଗୋଟି କବିତାର ମୁଗ୍ଧ କାୟାକଳ୍ପ ସଂକଳନ- "ଛାଇ ଆଲୁଅର ଖେଳ" ।

ମୁହୂର୍ତ୍ତେ ଯଦି ପୂର୍ଣ୍ଣାଙ୍ଗ ଜୀବନ ହୁଏ, ତେବେ ସେହି 'ମୁହୂର୍ତ୍ତଟିର' ଜନ୍ମଦାତା ଛାଇ ଓ ଆଲୋକକୁ ଅସ୍ୱୀକାର କରିବାର ପ୍ରଶ୍ନଉଠେ ବା କେଉଁଠୁ ? ଛାୟାଲୋକ ସଂସର୍ଗରୁ ଅନୁଭବର ଜନ୍ମ । ଆଉଟିକିଏ ବିଶ୍ଳେଷଣ କରି ଦେଖିଲେ- 'ଛାୟାଲୋକ' ଗର୍ଭରେ 'ମୁହୂର୍ତ୍ତ' ଥିଲାବେଳେ 'ମୁହୂର୍ତ୍ତ' ଗର୍ଭରେ ଥାଏ 'ଅନୁଭୂତି' । ଆଉ ଏଇ ଅନୁଭୂତି ସମଗ୍ରକୁ ନେଇ ଗଠିତ ଜୀବନ । ଏଇ ଜୀବନର ପ୍ରତ୍ୟକ୍ଷ ଦସ୍ତାବିଜ୍ ହୋଇପଡ଼ିଛନ୍ତି ଏ ସଂକଳନର କବିତାବଳୀ । ଆଗାମୀକାଲି ପାଇଁ ଏମାନଙ୍କ ଠାରେ ଅଛି ଯଥେଷ୍ଟ ଖୋରାକ୍ । କବି ଶ୍ରୀ ଦାସ ଜୀବନକୁ ଏକ ସାକାରତ୍ମକ (optimistic) ଦୃଷ୍ଟିରେ ଦେଖିଛନ୍ତି । ଜୀବନ ମୃତ୍ୟୁ ଠାରୁ ଢେର ଅଧିକ ମୂଲ୍ୟବାନ୍, ମନୁ୍ୟମାନ ଓ ଦରକାରୀ ବସ୍ତୁ ହୋଇପଡ଼ିଛି ତାଙ୍କ ଦୃଷ୍ଟିରେ । ଜୀବନ ପତ୍ରଟିଏ ପରି । ପୁଣି ଏ ପତ୍ର ପଳିତ ହେବା ଶାଶ୍ୱତ, ଅପରିବର୍ତ୍ତନୀୟ ଓ ଚିରନ୍ତନ ଏକ ସତ୍ୟ । ଉପନିଷଦ ମତରେ ପତ୍ରକୁ ଓହଳାଇ ରଖିବା ଲାଗି ଦରକାର ଡେଙ୍ଫଟିଏ । ସେ ଡେଙ୍ଫ ହେଉ ଦୁର୍ବଳ ବା ସବଳ, ଅସୁସ୍ଥ ବା ସୁସ୍ଥ, ହୃଷ୍ଟପୁଷ୍ଟ ବା ଜରାଜୀର୍ଣ୍ଣ, କବି ଶ୍ରୀ ଦାସଙ୍କ ଆଖିରେ କିନ୍ତୁ ପତ୍ରଟି କଦାପି ଗୁରୁତର ବା ଦୁର୍ବହ ହୋଇପଡ଼ି ନାହିଁ । ମନୋବଳ କାବ୍ୟନାୟକର ଢେର୍ ଅଧିକ । ଅସ୍ମିତାବୋଧ ତା'ର ଢେର୍ ଅଧିକ । ତା'ର ଆକାଶକୁ ସେହି ଅସ୍ମିତାବୋଧର ଆଲୋକ ଘେରିରହିଛି । ତା'ର ବିବର ଆଶାରେ ସ୍ୱଚ୍ଛାମିୟରେ ପରିପୂର୍ଣ୍ଣ । ସେ ସଜଳ-ଶୀତଳ ଓ ବିମଳ ଆଶାଯୁକ୍ତ । ଜୀବନ-ଜବାର ଦଳ କାବ୍ୟନାୟକର ସଦାସଜଳ, ଆଭାଦୀପ୍ତ, ପ୍ରଭାଯୁକ୍ତ । ନାସ୍ତିତାର ଚିହ୍ନ ତା' ପୃଥିବୀରେ ନାହିଁ । ହତାଶା-ନିରାଶା ଓ ସ୍ୱପ୍ନଭଂଗର ଶତେକ କୁଠାରଘାତ ସତ୍ତ୍ୱେ ସେ ଭଗ୍ନ, ଜରାଜୀର୍ଣ୍ଣ, ଗତାୟୁ ବା ଦମ୍ଭହୀନ ହୋଇପଡ଼ିନାହିଁ । ସେ ଅସମର୍ଥ ନୁହେଁ, ଅପରନ୍ତୁ ଜୀବନର ରସାସ୍ୱାଦନ ନିମନ୍ତେ ସେ ଆଗ୍ରହୀ । ଉପନିଷଦର ସାରତତ୍ତ୍ୱ ଏଠାରେ ଯେ କବି ଶ୍ରୀ ଦାସଙ୍କ ଦ୍ୱାରା ଭଲରୂପେ ଆତ୍ମୀକୃତ (Assimilated) ହୋଇଛି ସେକଥା ସୁଧୀ-ବିଦଗ୍ଧେ ବୁଝିବାରେ ଆଦୌ ଅସୁବିଧା ନାହିଁ । ଅମୃତର ସନ୍ତାନ ଆମେ । ଆଲୋକର ସନ୍ତାନ ଆମେ । ଆଲୋକରୁ ଆଲୋକକୁ, ଅମୃତରୁ ଅମୃତକୁ ଆମର ବ୍ୟାପ୍ତି । ଅନ୍ଧକାର, ହଳାହଳ, ବିଷାଦ ବା ଅମ୍ବୁଦ ଆମ୍ଭର ସେ ସୂର୍ଯ୍ୟାଲୋକକୁ ଦବାଇ ଦେବାର, ଲୁଚାଇ ଦେବାର ନୁହେଁ, ଅବଦମିତ କରିବାର ନୁହେଁ । ମାନବ ଜୀବନର ପରିଣତି ଏତେ ଶସ୍ତା ବା ଏତେ ତୁଚ୍ଛ ନୁହେଁ । ଜନ୍ମକାଳୀନ ଏନ୍ତୁଡ଼ି ପାଉଁଶରୁ ଚାହୁଁଚାହୁଁ ସେ ଯେ କେବଳ ଶ୍ମଶାନ ଭସ୍ମରେ ରୂପାନ୍ତରିତ ହେବ ତାହା ନୁହେଁ ବରଂ ଇତିମଧ୍ୟରେ ସେ ଯେ ଅନନ୍ତ ଉନ୍ନତି, ଅସୀମ ଆଶାକାଂକ୍ଷା, ସୀମାହୀନ ଅଭୀପ୍ସା ଓ ଫଳପ୍ରାପ୍ତିର ସମ୍ଭାବନାକୁ ଉଦରସ୍ଥ କରିବା ଅବଶ୍ୟମ୍ଭାବୀ,- ଏକଥାକୁ କବି ଅଭୟ ଦାସ ତଦୀୟ କବିତା ଗୁଡ଼ିକରେ ପ୍ରଥମତଃ କାବ୍ୟନାୟକକୁ ଅପେକ୍ଷାମାଣ ଅବସ୍ଥାରେ ଛାଡ଼ିଦେଇ ଦ୍ୱିତୀୟତଃ ମନରେ ତା'ର 'ତଥାପି'ର ଚିହ୍ନଦେଇ ଏବଂ ତୃତୀୟତଃ ମୁଖ ମଣ୍ଡଳରେ ଚେନାଏ ହସ ଓ ଚିରୁଡ଼ାଏ ଆହ୍ଲାଦର ଚିତ୍ର ଆଙ୍କିଦେଇ ବୀଜଗାଣିତିକ ପ୍ରକ୍ରିୟାରେ ପ୍ରମାଣ କରିଦେଇଛନ୍ତି ।

ଆଶା-ନିରାଶା, ପ୍ରାପ୍ତି-ଅପ୍ରାପ୍ତିର ଦ୍ୱନ୍ଦ୍ୱ-ସଂଘାତ ମଧ୍ୟରେ ସର୍ବୈତିକାଳରେ ଜୀବନ ଓ ସମ୍ଭାବନା ଯେ ଶ୍ରେୟସ୍କର ଏକଥାକୁ ସଠିକ୍ ରୂପେ କବିତା କକ୍ଷରେ ଏବଂ ଶବ୍ଦ ବକ୍ଷରେ ଖଞ୍ଜିଦେଇ ଉକ୍ତଭାବ ପ୍ରତିପାଦନ କରିବାରେ କବି ସତତ ସମର୍ଥ ହୋଇପାରିଛନ୍ତି ବୋଲି ନିର୍ଦ୍ୱନ୍ଦ୍ୱରେ ମଧ୍ୟ କୁହାଯାଇପାରେ ।

ଦୁଃଖକୁ ଆଉଜି ସୁଖକୁ ଅପଲକ ଆଖିରେ ଅନାଇ ବସିଥିବା କାବ୍ୟନାୟକର ବିଶ୍ୱାସବୋଧ ଓ ସଂଗ୍ରାମଶୀଳତାକୁ ଦେଖିଲେ ଉପନିଷଦର ବାଣୀ ମନରେ ଉଙ୍କିମାରେ । ଗୋଟିଏ ପକ୍ଷରେ ପିଠିରେ ଦୁଃଖର ଜର୍ଜର ପ୍ରହାର-ଯନ୍ତ୍ରଣା ଓ ଅନ୍ୟପକ୍ଷରେ ଅପଲକ ଆତ୍ମପ୍ରତ୍ୟୟ ଓ ଭରସାନ୍ୱିତ ବିଶ୍ୱାସର ନିର୍ନିମେଷ ନୟନ ଯୁଗଳ । ଗୋଟିଏ ପକ୍ଷରେ ଅନ୍ଧାରର ଅନ୍ଧନଗରୀ, ଦୂର ଦୂର ଯାଏଁ ଅନ୍ଧାରର ଏକଚ୍ଛତ୍ରବାଦୀ ରାଜତ୍ୱ ଓ ଅନ୍ୟ ପକ୍ଷରେ ଆଲୋକର ଅମ୍ଳାନ ଅପେକ୍ଷା, ସତେଜ, ସଜଳ ପ୍ରାପ୍ତ୍ୟାଶା ଓ ଆକାଂକ୍ଷା । ଗୋଟିଏ ପକ୍ଷରେ କ୍ଷୁଧା ଓ ମହାମାରୀରେ ମୃତ୍ୟୁର ବିଭୀଷିକା ଓ ଅନ୍ୟପକ୍ଷରେ ଜୀବନର ଅପେକ୍ଷା ତଥା ମୃତ୍ୟୁ, ଅନ୍ଧାର, ହଳାହଳ, ଅସତ୍ୟ ବିରୋଧରେ ମୁକ୍ତକଣ୍ଠୀ ଉଦ୍‌ଘୋଷଣା; ଖୋଲାଖୋଲି ଚ୍ୟାଲେଞ୍ଜ୍ । ଏସବୁ କରିବାର ସାହସ କେବଳ ଓ କେବଳ ଯେ ଅମୃତର ସନ୍ତାନ ନିକଟରେ ଥାଇପାରେ, ଏକଥାର ସଫଳ ପରୀକ୍ଷଣ ଶ୍ରୀ ଦାସଙ୍କ ଏ ସଂକଳନରେ ଆମ୍ଭେ ଲକ୍ଷ୍ୟକରୁ । ତେବେ ଉପନିଷଦର ସେ ଅମୂର୍ତ୍ତବାଣୀ, ଅମୃତଠାଣିକୁ ଏଠାରେ ବୟାନ୍ କରାଯାଇପାରେ ।

"ଅସତୋ ମା ସଦଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋ-ର୍ମା ଅମୃତଂଗମୟ ।"

ଆଲୋକର ସନ୍ତାନ, ଅମୂର୍ତ୍ତ ଚେତନାର ସନ୍ତାନ, ଅମୃତର ଉତ୍ତରଦାୟାଦ ହେଉଛି ମାନବ ଶିଶୁ । ସେ ସହଜରେ ହାରିଯିବାର, ମରିଯିବାର ବା ହଜିଯିବାର ନୁହେଁ । ତା'ର ଆଶା-ଉନ୍ନତି ଓ ପ୍ରଗତି ତା'ର ସ୍ୱପ୍ନପରି ଅସୀମ, ଅନନ୍ତ, ଅକାତ ଓ ଅନେକ । ସୁତରାଂ ସେ ଅନ୍ଧାର-ଦୁଃଖ, ଯନ୍ତ୍ରଣା ନିକଟରେ ହାରିଯିବାର ନୁହେଁ । ମୃତ୍ୟୁ ପାଖରେ ସାଲିସ୍ କରିବାର ନୁହେଁ । ଆଲୋକରୁ ତା'ର ଗଠନ, ଆଲୋକରୁ ତା'ର ସ୍ଫୁରଣ । ଅମୃତର ଧାରାରୁ ଧାରେଅଛି ତା'ର ପ୍ରଲସିରେ, ରକ୍ତଧାରରେ; ପ୍ରତି ଧମନୀରେ । ସେ ଜୀବନ ଜୀଇଁବା ପାଇଁ, ସ୍ୱପ୍ନ ଦେଖିବା ପାଇଁ ପ୍ରସ୍ତୁତ । ସେଥିପାଇଁ ବାଟରେ ଯଦି କଣ୍ଟାପରି ଦୁଃଖ ବା ଅନ୍ଧାର ଉଭା ହୁଅନ୍ତି ତାହାକୁ ମଧ୍ୟ ସାମ୍ନା କରିବାକୁ ସେ ପ୍ରସ୍ତୁତ । ତାକୁ ଅନ୍ତକରି ଜୀବନର ବିଜୟ ତିଳକ ସହ ବଞ୍ଚିବାର ଆଶା-ଭରସା, ଇଚ୍ଛା ଓ ଉଚ୍ଛ୍ୱାସ ନେଇ ସେ (କାବ୍ୟନାୟକ) ଆଗଭର ।

କବି ଶ୍ରୀଯୁକ୍ତ ଅଭୟ ଦାସଙ୍କ କାବ୍ୟିକ ଉପାଦାନ (elements) ଗୁଡ଼ିକ ଖୁବ୍ ଜଣାଶୁଣା ନିଶ୍ଚିତ । କିନ୍ତୁ ଏମାନେ ଯେତେଅଧିକ ଜଣାଶୁଣା ସେତେଅଧିକ ଅପରିଚିତ ମଧ୍ୟ । କ୍ରମେ କ୍ରମେ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାପରି, ହାତ ପାହାନ୍ତରେ ଶବ୍ଦ ଗୁଡ଼ିକୁ ଆକର୍ଷଣୀୟ ଫୁଲ ଫୁଟିଛନ୍ତି ବୋଲି କହି ତୋଳିବାକୁ ଗଲାବେଳେ ସେମାନଙ୍କର ଓ ଆଲୋଚକ ମଧ୍ୟସ୍ଥ ଦୂରତ୍ୱ ଲାଘବ ନହୋଇ ଦୀର୍ଘତର ହେଲାପରି ବୋଧହୁଏ । It is multidirectional and like the algebra that has many solutions. ଏହା ଅବଶ୍ୟ ଉପନିଷଦୀୟ ଚିନ୍ତା-ଚେତନା ସଂଶ୍ଳେଷଣ ଅନୁରୂପ କ୍ରିୟା । ସରଳ ହିଁ ସତ୍ୟ ଓ ସରଳତା ହିଁ ପୃଥିବୀର ସବୁଠାରୁ ବଡ଼ ଜଟିଳତା । କବି ଶ୍ରୀ ଦାସଙ୍କ କବିତା ଗୁଡ଼ିକୁ ଚର୍ବଣ କଲାବେଳେ ଅନୁରୂପ ଅନୁଭୂତିକୁ ପାଥେୟ କରିବା ସାରମାତ୍ର । କବିଙ୍କ କବିତା କାନନରୁ ଫେରୁ ଫେରୁ ସମାଲୋଚକ ହାତରେ ଏଇ ଗୋଟିକେତେ ସାରତତ୍ତ୍ୱକୁ ନିଗାଡ଼ି ପୁଞ୍ଜିରୂପେ ଚାଙ୍ଗୁଡ଼ିରେ ଥୋଇଥିବାର ଦେଖାଯାଏ । ପୁଣି କବି ନିଜର ଶୈଳୀ (Style) ଏବଂ କବିତାର ଗୁରୁତ୍ୱପୂର୍ଣ୍ଣ ବିଭବ, 'ସାମାଜିକ ଅଙ୍ଗୀକାରବଦ୍ଧତା', ପ୍ରତି କେତେ ସଚେତନ ସେକଥା ବିଚାର କରିବା ପୂର୍ବରୁ ତଦୀୟ ନିଜସ୍ୱ ଉକ୍ତିକୁ ଉଦ୍ଧାର ପୂର୍ବକ ଅନୁଶୀଳନ କରାଯାଉ, ଯେଉଁଠି ପୁସ୍ତକଟିର "ମୋ କଥା: କବିତାର କଥା" ପର୍ଯ୍ୟାୟରେ କବି ନିଜେ କହିଛନ୍ତି- "××× କବିତା ଲେଖିଲାବେଳେ ଛନ୍ଦଯୁକ୍ତ ବା ଛନ୍ଦବିହୀନ ମୁକ୍ତଛନ୍ଦ, ପାରଂପାରିକତା ଅବା ଆଧୁନିକତା ଇତ୍ୟାଦି ଧାରାକୁ କଦାପି ବିଚାରକୁ ନେଇ ନାହିଁ । ବରଂ ସ୍ୱାଭାବିକ୍ ସ୍ୱୟଂକ୍ରିୟ ଗତିଶୀଳତାକୁ ଆପଣେଇ ନେଇଛି । ମୋ କବିତା ଯେ ସମାଜକୁ ଆମୂଳଚୂଳ ପରିବର୍ତ୍ତନ କରିଦେଇପାରିବ, ଏ ବିଶ୍ୱାସ ମୋର ଏତେଟା ନାହିଁ ।" (ସୂଚନାଯୋଗ୍ୟ ଏ ନାସ୍ତିବାଚକ ଉକ୍ତି ପଛରେ ବା ନେପଥ୍ୟରେ ରହିଛି ସଂଭ୍ରମ, ବିଦଗ୍ଧ, ବିନମ୍ର, ନତମସ୍ତକତା- ଅଜ୍ଞତା ନୁହେଁ ବା ଅପାରଗତା ନୁହେଁ) । ପୁଣି ସେ କହନ୍ତି "ତଥାପି କବିର ସମାଜ ପ୍ରତି ଯେ ନିର୍ଦ୍ଦିଷ୍ଟ କିଛି ଅଂଗୀକାରବଦ୍ଧତା ରହିଛି, ଏକଥା ମୁଁ ପୂର୍ଣ୍ଣଭାବେ ବିଶ୍ୱାସ ରଖିଛି । କବିତା ଅନ୍ତତଃ ମାନସିକ ସ୍ତରରେ କିଛିଟା ପ୍ରଭାବ ରଖିପାରିବ କିମ୍ବା ଏ ଦିଗରେ କିଛିଟା ସହାୟକ ହେବ ବୋଲି ମୋର ଦୃଢବିଶ୍ୱାସ ।" (ପୃଷ୍ଠା-୦୮) ଏସବୁର ଆଲୋଚନା ବର୍ତ୍ତମାନ ସଂକ୍ଷେପରେ କରାଯାଉଅଛି କାରଣ ଏଥିନିମନ୍ତେ ଆବଶ୍ୟକ ଏକ ବିସ୍ତୃତ ସମୟ ଓ ସ୍ଥାନୋପଯୋଗୀ ପ୍ଲାଟଫର୍ମ ।

ପୁସ୍ତକଟିର ପ୍ରଚ୍ଛଦରେ ଥିବା ଏକ ଘରର କାନ୍ଥ ଯୁଗଳ ମଧ୍ୟରେ ଥିବା ଛିଦ୍ରାବଳୀ ମଧ୍ୟଦେଇ ଆଲୋକର ଅବାଧ ପ୍ରବେଶ ଓ ମଧ୍ୟରେ ମଧ୍ୟରେ ଅସ୍ୱଚ୍ଛ କାନ୍ଥର ଛାୟାକୁ ଦେଖାଯାଇଛି । ମହୁଫେଣା ପ୍ରାୟକେ ଆଲୁଅ ଓ ଛାଇର ଏକ ମନୋଜ୍ଞ- 'ଅଛି-ନାହିଁ'ର ଲୁଚକାଳି (Hide & Sick) ଖେଳ ଏଠାରେ ଚିତ୍ରିତ ମାତ୍ର । ଏହା ଜୀବନର ସୂକ୍ଷ୍ମତମ ରୂପାୟନ ମାତ୍ର । ଜୀବନରେ ପ୍ରାତ୍ୟହିକ ଘଟଣା-ଦୁର୍ଘଟଣା-ସୁଖ-ଦୁଃଖ, ଆଲୋକ-ଅନ୍ଧାରକୁ କ୍ଷୁଦ୍ରକ୍ଷୁଦ୍ର କୋଠରୀ ଛିଦ୍ର ଓ ତନ୍ମଧ୍ୟସ୍ଥ ପ୍ରାଚୀନ ବା ଅନ୍ଧାର ଆଧାର ଦ୍ୱାରା ପ୍ରତୀକିତ ମାତ୍ର କରାଯାଇଛି ।

ଆଲୋକର ଆଧାର ଅନ୍ଧାର ହେଲାବେଳକୁ ଅନ୍ୟ ପକ୍ଷରେ ଅନ୍ଧାରର ଆଧାର ହୋଇଛି ଆଲୋକ । ଏମାନେ ପରସ୍ପର ଛନ୍ଦାଛନ୍ଦି । ଏମାନେ ପରସ୍ପର ଜଡ଼ିତ । ଏମାନେ ଜୀବନର ଅକାଟ୍ୟ-ଅଚ୍ଛେଦ୍ୟ ଛନ୍ଦ ମାତ୍ର । ଜୀବନର ସୂକ୍ଷ୍ମ ରୂପାୟନ ପରେ ପରେ ସ୍ଥୁଳଦୃଷ୍ଟି ଓ ଦର୍ଶନ ଭିତ୍ତିରେ ପ୍ରଚ୍ଛଦପଟରେ ରଖାଯାଇଛି ଏକ ଅସ୍ୱଚ୍ଛ ଦୀର୍ଘ ପ୍ରାସ୍ଟିକ କାନ୍ଥ । ଏହି କାନ୍ଥର ଉଭୟ ପାର୍ଶ୍ୱରେ ଜାଲିଜାଲିକା କାନ୍ଥ, ଯାହା ମଧ୍ୟଦେଇ ପ୍ରବେଶ କରୁଛି ଆଲୋକର ଅବିଶ୍ରାନ୍ତ ଧାରା । ଦୂରରୁ ଜୀବନ ଏହିପରି ଆଲୋକ ଓ ଛାୟାର ଖେଳ ବା ପଟାପଟା ଦାଗ ପରି ଦେଖାଯାଏ । ଅସ୍ତି-ନାସ୍ତି, ଜୀବନ-ମୃତ୍ୟୁ, ଦୁଃଖ-ସୁଖ, ଆନନ୍ଦ-ବିଷାଦ ପ୍ରଭୃତି ସବୁ ଦିନପରେ ରାତି ଓ ରାତିପରେ ଦିନ ଆସିଲା ପରି ଚାକ୍ରିକ ପ୍ରକ୍ରିୟାରେ ଆତଯାତ କରନ୍ତି । ଏକଥା ଏଠାରେ ପ୍ରତୀକିତ । ଦୂରରୁ ଦେଖାଯାଉଥିବା ଜୀବନର ଏକ ସ୍କେଚ୍ ଏଠାରେ ତିଆରି ହୋଇଛି କୁହାଯାଇପାରେ । ପୁଣି ଆଲୋକ ପରେ ଅନ୍ଧକାର ହୋଇ ଅନ୍ଧକାରରୁ ଆଲୋକର ଜୟଯାତ୍ରା ଓ ତା'ର ସ୍କେଚ୍ ମଧ୍ୟରେ କବି ମଧ୍ୟ ପୁନର୍ଜନ୍ମବାଦରେ ପ୍ରତ୍ୟୟୀ ଥାଇପାରନ୍ତି ବୋଲି କୁହାଯାଇପାରେ । ଅବଶ୍ୟ ଏହା ଏକ ବ୍ୟକ୍ତିଗତ ଓ ମନ୍ମୟାତ୍ମକ ବିଷୟ । ତଥାପି ମନସ୍ତତ୍ତ୍ୱ ଓ ତର୍କ ଦୃଷ୍ଟିରୁ ଏ ଯୁକ୍ତିଟି ଏଠାରେ ଉପସ୍ଥାପ୍ୟ ବୋଲି ମନେହୁଏ । ମୋଟାମୋଟି ଭାବେ ଏଠାରେ ଜୀବନର ଏକ ସ୍ଥୁଳ ରୂପଚିତ୍ର ହିଁ ପ୍ରଦତ୍ତ ।

ସଂକଳନର ପ୍ରାରମ୍ଭିକ କବିତା (କବିଙ୍କ ନିଜସ୍ୱ ସଂଳାପ- 'ମୋ କଥା: କବିତାର କଥା' ମଧ୍ୟସ୍ଥ 'ଟିକି ସଳିତା ନୁହେଁ)ଟି କୁ ଅନୁଶୀଳନ କଲାବେଳେ କବିଙ୍କର ମନସ୍ତତ୍ତ୍ୱର ଏକ ଦିଗ (facet) କିଛି କିଛି ବୁଝିହେଲାପରି ମନେହୁଏ । ତାହା ହେଉଛି telegraphicness ଓ symbolic tendency ବା ପ୍ରତୀକ ପ୍ରବଣତା । କବିତା ସଂକଳନର ପ୍ରଚ୍ଛଦ ଠାରୁ ଆମ୍ଭେ ଏହି କଥାଟିର ପରିଚୟ ଊଣାଅଧିକେ ପାଇସାରିଲେଣି । ଅଧୁନା ପ୍ରଥମ କବିତାର ନାମକରଣକୁ ଦେଖାଯାଉ । ଏହା ହିଁ ସଂକଳନର ଶେଷକଥା ଓ ଶ୍ରେଷ୍ଠ କଥା । ଏହାର ସୂଚନା ପୂର୍ବରୁ ଚୁମ୍ବକରେ ମଧ୍ୟ ଦିଆଯାଇଅଛି । ତେବେ କବିତାଟିର ପ୍ରଥମ ଧାଡ଼ିରେ କବି ଆଶ୍ଚର୍ଯ୍ୟ ହୋଇ ସବିସ୍ମୟ ପାର୍ଥିବ-ବୈଚିତ୍ର୍ୟକୁ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି । ଠିକ୍ ତା'ର ପରବର୍ତ୍ତୀ ଧାଡ଼ିରେ ଜୀବନର ତମାମ୍ କଥା ଘଟଣା-ଦୁର୍ଘଟଣା ଓ ସ୍ୱଚିନ୍ତା-ପ୍ରତ୍ୟୟବୋଧକୁ ପଦାରେ ପକାଇ ଦେଇଛନ୍ତି । ଏଇୟା କହି ଯେ-

> "କେଡ଼େ ବିଚିତ୍ର କେଡ଼େ ଅନିୟତ
> ଏ ଛାଇ-ଆଲୁଅର ଖେଳ ।
> ଅସୁମାରି ଆଲୁଅ ଓ
> ଅସରନ୍ତି ଛାଇର ଛବିଳ ବର୍ଣ୍ଣବୋଧ
> ମୋର ଏ ବୋନ୍‌ସାଇ ଜୀବନ ।"[୦୧]

କବିତାରେ ପ୍ରଥମତଃ ଶବ୍ଦ ବସାଣକୁ ଦେଖିନେବା, ଯେଉଁଥିରେ କବି 'କେଡ଼େ' ଶବ୍ଦଟିକୁ ସବିସ୍ମୟ ଦ୍ୱିଥର ଉଚ୍ଚାରଣ କରିବା ସହ 'ବିଚିତ୍ର', 'ଅନିୟତ' ପରି ସଂଶୟାତ୍ମକ ଓ ନାକାରତ୍ମକ ଭାବଗର୍ଭିତ ଶବ୍ଦ ବ୍ୟବହାର କରିଥିବାର ଦେଖାଯାଏ । ପୁଣି କବି ଏଠାରେ ଏହି ଖେଳକୁ ନିୟତିର ଅନିୟନ୍ତ୍ରିତ ବା ଅନାକାଙ୍କ୍ଷ୍ୟ ବେଭାରଯୁକ୍ତ ଖେଳରୂପେ ବିବେଚିତ ମଧ୍ୟ କରିଛନ୍ତି । ଏଠି ପୁଣି ଆଶାର ଅସୁମାରି ଆଲୁଅ ଓ ସ୍ରୋତ । ଏଠାରେ ଛାୟା ଏବଂ ଆଲୋକର ଛାଇଛବିଳ କାନ୍‌ଭାସକୁ ଜୀବନର ଚିତ୍ର ବୋଲି କବି ସ୍ୱୀକାର କରିନିଅନ୍ତି । ଦ୍ୱିତୀୟ ଧାଡ଼ିର 'ଅସୁମାରି' ଓ 'ଅସରନ୍ତି' ଶବ୍ଦ ଦ୍ୱୟ double negative ବା ଦ୍ୱି-ଋଣାତ୍ମକ ଭାବନାର ଉଦ୍ଦୀପନା ଜାତକରନ୍ତି ମାତ୍ର । ଏଠାରେ କବିଙ୍କ ଅସ୍ମିତାବୋଧ ଓ ସାକାରତ୍ମକ ଚିନ୍ତାଧାରାର ଦୈର୍ଘ୍ୟ, ପ୍ରସ୍ଥ ଓ ଗଭୀରତା ସଂପର୍କରେ ଅନ୍ଦାଜ୍ ଲଗାଯାଇପାରେ । ଏପରି ଶବ୍ଦ ପ୍ରୟୋଗରୁ କବିଙ୍କ ଆଶାର ଦୀପ୍ତି ଓ ଦ୍ୟୁତି ସମାଲୋଚକର ଆଖି ଝଲସାଇ ଦିଏ ସିନା ପାସୋରି ଯାଇପାରେନା ।

ଦାର୍ଶନିକତା କବିତାଟିର ଅନନ୍ୟ ବିଶେଷ ଦିଗ । କବି ଶ୍ରୀଯୁକ୍ତ ଦାସଙ୍କର ଜୀବନ ଦର୍ଶନ କବିତାର ହାଡ଼େ ହାଡ଼େ ଉଦ୍‌ଭାସିତ ହୋଇଉଠେ, ବିଶେଷକରି ଏହି ଦ୍ୱିତୀୟ ପଦରେ । ଜୀବନ ଯେ ଏକ ସାଦାସିଧା ରାସ୍ତା ନୁହେଁ, ଏକଥା କବିଙ୍କର ସ୍ୱଗତାନୁଭବ । ଏ ରାସ୍ତାର ରଂଗ ସବୁଜ, ବାଦାମୀ ବା କୌଣସି ନିର୍ଦ୍ଦିଷ୍ଟ ରଂଗର ନୁହେଁ, ନିର୍ଦ୍ଦିଷ୍ଟ ଭୌଗୋଳିକ ପରିଧିଗତ ନୁହେଁ ବା ଘଟଣାଗତ ନୁହେଁ, ଅପରନ୍ତୁ ଏହା ଏକ ସାର୍ବିକ ସତ୍ୟ ଓ ଉପଲବ୍ଧିଗତ । କାରଣ ସବୁରଂଗ ମିଶିଯାଏ ଏଇ ମାଟିରେ । ଏ ମାଟିର ବର୍ଣ୍ଣିତ ମାଟିଆ । ତା'ର ବା ଆଉ କ'ଣ କିଛି ସ୍ୱତନ୍ତ୍ର ବର୍ଣ୍ଣ ଥାଇପାରେ ? ସେତ ନିଜେ ସ୍ୱତନ୍ତ୍ର ! ସବୁତକ ସ୍ୱାତନ୍ତ୍ର୍ୟ ତା'ରି ଠାରୁ ଅଙ୍କୁରୋଦ୍‌ଗମିତ ହୋଇ ତା'ରି ଠାରେ ମିଶିଯା'ନ୍ତି । ସୁତରାଂ ସେ ମାଟିଆ । ସେଠି ଧୂଳିଧୂସରିତ ହେବା ସ୍ୱାଭାବିକ । ସେଠି ଉଚ୍ଚାଖାଲ ଭର୍ତ୍ତିଥିବା ମୋଡ଼ରେ ଝୁଣ୍ଟିବା ମଧ୍ୟ ସ୍ୱାଭାବିକ୍ । କବି ଅବଶ୍ୟ ଏଠାରେ ଅବଗତି ନିମନ୍ତେ ଆହୁରି ସ୍ପଷ୍ଟ କରିଦେଇଛନ୍ତି ଯେ, ଯେତେବଡ଼, ଯେତେ କୁଶଳୀ, ଅଜେୟ ପଦାତିକ ହେଲେ ମଧ୍ୟ ତାକୁ ମଧ୍ୟ ଏଇପଥରେ ଧୂଳିଧୂସରିତ ହେବାକୁ ପଡ଼େ । ସେ ବାଟର ନିଷ୍ଠୁର ଥୁଣ୍ଟା ପଥରରେ କ୍ଷତବିକ୍ଷତ ହେବା ମଧ୍ୟ ସୁନିଶ୍ଚିତ । ଏପରି କେହି ବ୍ୟକ୍ତି ନାହିଁ, ଯେ ଜୀବନରେ କେବେ ଝୁଣ୍ଟି ନାହିଁ, ପଡ଼ିନାହିଁ, ଖଣ୍ଡିଆ-ଖାବରା ହୋଇନାହିଁ, କ୍ଷତାକ୍ତ ବା ଲହୁଲୁହାଣ ହୋଇନାହିଁ । ଏହା ହିଁ କବିଙ୍କ ବକ୍ତବ୍ୟ । ଖାଲି ସେତିକି ନୁହେଁ, ଏହା ଏକ ଶାଶ୍ୱତ-ସନାତନ ଅନୁଭୂତିଗତ ଅଭିବ୍ୟକ୍ତି ମଧ୍ୟ ।

ସ୍ୱପ୍ନ ବା ଆକାଂକ୍ଷାର ଅନ୍ତଘଟିଲେ ଜୀବନର ପୂର୍ଣ୍ଣଚ୍ଛେଦ ପାତ ହୁଏ । କବି ଶ୍ରୀ ଦାସ ଏହାକୁ ଖୁବ୍ ଭଲଭାବେ ଜାଣନ୍ତି । ସୁତରାଂ ସ୍ୱପ୍ନ ଓ ସ୍ୱପ୍ନଭଂଗ ସତ୍ତ୍ୱେ ତଦୀୟ କବିତାକକ୍ଷରେ ଆକାଂକ୍ଷା ଓ

ପ୍ରତ୍ୟାକାଂକ୍ଷାର ନୀଳଯୋଗଫଳ ଘଟିଛି । ଏହା ସତ, କିନ୍ତୁ ସେଠାରେ ଜୀବନ ବା ସ୍ୱପ୍ନ କୌଣସିଟି ହାର ମାନିଯାଇନାହିଁ ମୃତ୍ୟୁ ନିକଟରେ ବା ନୈରାଶ୍ୟ ନିକଟରେ । ସେଠାରେ ସ୍ୱପ୍ନ, ଆଶା, ଆକାଂକ୍ଷା ପ୍ରଭୃତି ନିୟତିର କାଳଫାଶରେ ପଡ଼ି ଛାୟାତଳେ ଓ ଅନ୍ଧାରରେ ରହିଛନ୍ତି । ଏହା ନିଶ୍ଚିତ ସତ କିନ୍ତୁ ଏଥିରେ କେଉଁଟି ମଧ୍ୟ ନିରାହ, ନିରାଶ ବା ହତାଶ ହୋଇଯାଇ ନାହାନ୍ତି । ତେବେ କାବ୍ୟନାୟକ ଯା'ଭିତରେ ଅଦମ୍ୟ ଜୀବନୀ ଶକ୍ତିର ପ୍ରଦର୍ଶନ କରିଥିବା ଦେଖାଯାଏ । ସେ ନିଜ ଭିତରେ ଆଗକୁ ଯିବାର ବା ବଞ୍ଚିବାର ଏକ ସତ୍ତା ତଥାପି ରଖିଛି । ଖାସ୍ ସେ ସେଥିପାଇଁ ଆଗକୁ ବଢ଼ିପାରୁଛି, ହାରି ମଧ୍ୟ ଜିତିବାକୁ ସୁଯୋଗ ବାରମ୍ବାର ଖୋଜୁଛି । ଏହା ହେଉଛି ମାନବ ପକ୍ଷରେ ତା'ର ଆଦିମ ଅଥଚ ଶାଶ୍ୱତ ପୂର୍ଣ୍ଣତା । ଶ୍ରୀ ଅରବିନ୍ଦ ଥରେ ସେଥିପାଇଁ କହିନଥିଲେ କି- "ଏକ ଶାଶ୍ୱତ ପୂର୍ଣ୍ଣତା ଆମକୁ ତାହାରି ରୂପରେ ଅହରହ ରୂପାୟିତ କରିଚାଲିଛି ।" (ଶ୍ରୀ ଅରବିନ୍ଦ) କବି ଶ୍ରୀ ଦାସ ଏହି ପୂର୍ଣ୍ଣତାର ଅନ୍ୱେଷାରେ ବାହାରିଥିଲା ପରି ମନେହୁଏ ନାହିଁ କି ? ନହେଲେ ସେ କାହିଁକି ହଜାରେ ଥର ଲହୁଲୁହାଣ ହେଲାପରେ ଦେଖିଥା'ନ୍ତେ ଅସୁମାରି ଆଲୁଅ ବା ଅସରନ୍ତି ପ୍ରାଶ୍ରୟର ଛାୟା ଓ ଛବିଳ ବର୍ଣ୍ଣବୋଧ । ସେତ ହତାଶ ନିରାଶ ହୋଇ ଚୁପ୍‌ଚାପ୍ ଗୁମ୍‌ମାରି ବସିଥା'ନ୍ତେ ଓ ତାଙ୍କ ଆଖିଆଗରେ ଦିଗ୍‌ବଳୟରୁ ଦିଗ୍‌ବଳୟ ବ୍ୟାପୀ ରହିଥା'ନ୍ତ-କେବଳ ଓ କେବଳ ଅନ୍ଧକାର ଆଉ ଅନ୍ଧକାର (?) ଅର୍ଥାତ୍ ସେହି ଅଦୃଶ୍ୟ ଶକ୍ତିର ଆକର୍ଷଣ ନିଶ୍ଚିତରୂପେ ଆମ୍ଭମାନଙ୍କୁ ପ୍ରଭାବିତ କରୁଛି-ଏକଥାକୁ ଅସ୍ୱୀକାର କରାଯାଇନପାରେ । ପୁଣି ଏ ଶକ୍ତି ବାହାରେ ନାହିଁ ଅଛି ଆମ୍ଭରିମାନଙ୍କ ଭିତରେ । ପଦ୍ମଶ୍ରୀ ମନୋଜ ଦାସଙ୍କ ଭାଷାରେ- "ଅସୁମାରି କାଳବ୍ୟାପୀ ସମଗ୍ର କ୍ରମବିକାଶ, ସଭ୍ୟତାର କ୍ରମାଗତ ପ୍ରଗତିର ଏହାହିଁ ରହସ୍ୟ । ଆମର ଯାବତୀୟ ଉଦ୍ୟମ ଉଦ୍‌ଯୋଗ ପଛରେ ଏହି ସଚେତନ ଅଥବା ଅଚେତନ ଜ୍ଞାନ ହିଁ ରହିଛି ଯେ, ଆମ୍ଭେ ଅପୂର୍ଣ୍ଣ, ଆମକୁ ପୂର୍ଣ୍ଣତାର ସଂଧାନରେ ଆଗେଇବାକୁ ପଡ଼ିବ । କ୍ଷୀଣ ଭାବରେ ହେଉ ବା ସ୍ପଷ୍ଟ ଭାବରେ ହେଉ ଆମର ପ୍ରତିଟି ପଦକ୍ଷେପକୁ ଅନୁପ୍ରାଣିତ କରିଥାଏ ଏକ ଲକ୍ଷ୍ୟ ଅଥବା ଆଦର୍ଶ । ଅତି ସ୍ଥୂଳ ଭାବରେ ଏକଥା ଯେତିକି ସତ୍ୟ, ସେତିକି ସତ୍ୟ ବ୍ୟାପକ ଭାବରେ ମଧ୍ୟ । ଅର୍ଥାତ୍ ସୁଖ, ଶାନ୍ତି ଓ ଶକ୍ତି ନିମନ୍ତେ ଅୟୁତ ବ୍ୟର୍ଥତା ସତ୍ତ୍ୱେ ମାନବର ଯେଉଁ ଚିରନ୍ତନ ଅଭୀପ୍ସା, ତାହାର ଶାଶ୍ୱତ ସ୍ଥିତି କେଉଁଠି ନା କେଉଁଠି ଅବିସମ୍ବାଦିତ ଭାବେ ରହିଛି- ସେହି ସ୍ଥିତିର ଅନିର୍ବାଣ ଇସାରରେ ହିଁ ମାନବ ଜାତିର କାଳଜୟୀ ଯାତ୍ରା ଅବ୍ୟାହତ" ।[୦୨]

ଧୂଳି-ଧୂସରିତ ପଥୁରିଆ ଅଙ୍କାବଙ୍କା ଏ ରାସ୍ତାଟି ଜୀବନର ପ୍ରତୀକ । ତମାମ୍ ଜୀବନର ପ୍ରତୀକ । ଏ ପଥର କେଉଁମୋଡ଼ରେ ଥିବା ଗହଳ ବୃକ୍ଷରୁ ଭଦଭଦଳିଆର ସୁଗମ ସଂଗୀତ ଶୁଣାଯାଏ ତ କିଛିଦୂର ଗଲାପରେ ଛାତିରେ ଭରିଯାଏ ମେଦୁର ମେଘର ଥମ୍ ଥମ୍ କୋହ । କବି ବିଭୋର ହୋଇଛନ୍ତି ବିଜୁଳିର ଚମକରେ । କବି ଚିତ୍ତରେ ସୃଷ୍ଟି ହୋଇଛି ଚାଞ୍ଚଲ୍ୟ । ରୋମାଞ୍ଚ ଖେଳିଯାଇଛି କାବ୍ୟନାୟକର ପ୍ରତିଟି ଶିରା ଓ ପ୍ରଶିରାରେ । ଏଗୁଡ଼ିକ ଜୀବନର ରୋମାଣ୍ଟିକ୍ ଅନୁଭୂତି ରାଜି ଛଡ଼ା ଆଉ କିଛି ନୁହେଁ । ସେଠି କବି ବିଭୋର ହୁଏ, କଂପେ, କୋହଜର୍ଜର ହୁଏ ଏବଂ ମେଘମହ୍ଲାରରେ ନିଜକୁ ଭିଜାଏ ମଧ୍ୟ । ଅଥଚ ସେ କେବେ କେଉଁଠି ଥମିଯାଏନାହିଁ, ରହିଯାଏ ନାହିଁ, ଅଟକିଯାଏ ନାହିଁ । ଜୀବନର ସେହି ସମସ୍ତ ତିକ୍ତାତିକ୍ତ ଅନୁଭୂତିକୁ କବି ଶ୍ରୀ ଦାସ ଏଠାରେ ବୟାନ୍ ମାତ୍ର କଲାପରି ମନେହୁଏ । ଏତେବେଳେ କବି ଗଡ଼ନାୟକଙ୍କ ପଦଟିଏ ମନରେ ଉଙ୍କିମାରେ, ଯାହା ଏଠାରେ ସ୍ମର୍ତ୍ତବ୍ୟ-

"ଅଷାଢର ବିଜୁଳିଟି
ମୋର ପ୍ରେମର ପ୍ରତୀକ...."
କିମ୍ବା
ବସନ୍ତର କୋଇଲିଟି
ମୋର ପ୍ରେମର ପ୍ରତୀକ....
କିମ୍ବା
ପାହାନ୍ତା ଫୁକିଆ ତାରାଟି
ମୋର ପ୍ରେମର ପ୍ରତୀକ..... ।"

(କବି ରାଧାମୋହନ ଗଡ଼ନାୟକ)

ପ୍ରତୀକ ବାସ୍ତବରେ ଏକ ରୂପାନ୍ତରଣ କ୍ରିୟା । ଏହାକୁ ରୂପାନ୍ତରଣର ଆଦିରୂପ ବୋଲି ଆଧୁନିକ କାଳରେ କେତେକେ ମତବ୍ୟକ୍ତ କରୁଥିବାର ଦେଖାମଧ୍ୟ ଯାଉଛି । ସେମାନଙ୍କ ଭାଷାରେ- ପ୍ରତୀକ ହେଉଛି archetype of transformation. ସେଥିପାଇଁ ତ ସାନ୍ଦ୍ରରୁ ସାନ୍ଦ୍ରତର, ଗୁରୁ ରୁ ଗୁରୁତର ଅନୁଭୂତିକୁ ପ୍ରତୀକ ମାଧ୍ୟମରେ କବି ଶ୍ରୀଯୁକ୍ତ ଦାସ ସହଜରେ ବ୍ୟକ୍ତ କରିପାରିଛନ୍ତି । ତମାମ୍ ଜୀବନର କଥାକୁ ପଦ ଗୋଟିକେତେ ମଧ୍ୟରେ ସୀମୀତ ରଖିବା ସମ୍ଭବ ସେତେବେଳେ ହୁଏ, ଯେତେବେଳେ ସେ ଶବ୍ଦ ଗୁଡ଼ିକ ଗୁରୁତର ଅର୍ଥଦୀପ୍ତ ଓ ପ୍ରବଳ ବ୍ୟଞ୍ଜନାଧର୍ମୀ ହୋଇଥା'ନ୍ତି । ଶାସ୍ତ୍ରିକମାନଙ୍କ ମତରେ ଯଦି ଏହା ସତ୍ୟ ତେବେ ଆଲୋଚ୍ୟ କବିତାଟି ଯେ ଅଭିଧା, ଲକ୍ଷଣା ଊର୍ଦ୍ଧ୍ୱରେ ବ୍ୟଙ୍ଗାର୍ଥ ବା ବ୍ୟଞ୍ଜନାର ଅଧିକାରୀ ହୋଇପାରିଛି- ଏକଥାକୁ ଅସ୍ୱୀକାର କରିବାରେ ଦ୍ୱିଧା ବା ଦ୍ୱନ୍ଦ୍ୱ ବା ଦ୍ୱିମତ ରହେ ବା କେଉଁଠି ?

ବିଶ୍ୱକବି ଥରେ ମଣିଷର ଜୀବନ ଓ ତା'ର ଗତି ସଂପର୍କରେ ଏକ ସୁନ୍ଦର ଅଭିବ୍ୟକ୍ତି ରଖିଥିଲେ । ସେ କହିଥିଲେ "ଜୀବନେର ପଥେ ମାନୁଷ ଯାତ୍ରାକରେ ନିଜେକେ ଖୁଁଜେ ପାବାର ଜନ୍ୟୋ ।"[୦୩] ନିଜକୁ ଖୋଜିବା ବା ଆତ୍ମଅନ୍ୱେଷାର ଏହି ଅଦମ୍ୟ ଅଭୀପ୍ସାରୁ ହିଁ

ଜୀବନଦର୍ଶନର ସୃଷ୍ଟି । ପାଇବା-ହଜାଇବା ଓ ହଜାଇ ପାଇବା ମଧ୍ୟରେ ଜୟ-ପରାଜୟ, ଆଲୁଅ-ଅନ୍ଧାରର ସଂଘାତ ମଧ୍ୟରେ ଅସଂଖ୍ୟ ଗଳିଅର୍ଗଳି ସଂପନ୍ନ ରାଜରାସ୍ତା ବା ଧୂଳିଧୂସରିତ ରାସ୍ତା ଅତିକ୍ରମ କରୁକରୁ ମଣିଷ ଅଜାଣତରେ ଖୋଜିଚାଲେ ନିଜେ ନିଜକୁ, ଯାହାକୁ କୁହାଯାଇପାରେ ଆତ୍ମଅନ୍ୱେଷାବୋଧ । ଏଇଠି ବିଶ୍ୱବୋଧ ସହ ଆତ୍ମବୋଧଯୁକ୍ତ ହୋଇ ତା'ର ଆସେ ସଂପୂର୍ଣ୍ଣ ଜ୍ଞାନ ବା ଅବବୋଧ । ଏହାର ଅନ୍ୟ ନାମ ହିଁ ଜୀବନ ଦର୍ଶନ, ଯାହାକୁ ଆମ୍ଭେ କବି ଅଭୟ ଦାସଙ୍କ ଠାରେ ପ୍ରତ୍ୟକ୍ଷ ମାତ୍ର କରିଥାଉ । ଏ ସୂତ୍ରରେ କବି ଶ୍ରୀ ଦାସଙ୍କ ଏ କାବ୍ୟକୃତିଟି ଅନ୍ତତଃପକ୍ଷେ ବିଶ୍ୱବୋଧ ଉପରେ ପ୍ରତିଷ୍ଠିତ ବୋଲି ନିର୍ଦ୍ଵନ୍ଦ୍ୱରେ କୁହାଯାଇପାରେ, ଯାହାର ପ୍ରତ୍ୟେକ ଧମନୀରେ ପ୍ରବାହିତ ଉପନିଷଦୀୟ ଜାହ୍ନବୀର ପୂତସ୍ରୋତ ।

କବି ଶ୍ରୀ ଦାସଙ୍କ କବିତା ଗୁଡ଼ିକୁ ଅନୁଧ୍ୟାନ କଲେ ଆମ୍ଭେ ଏକପ୍ରକାରର ଶକ୍ତିର ସମ୍ମୁଖୀନ ହେଉ, ଯେଉଁ ଶକ୍ତି ତଦୀୟ କାବ୍ୟବଳୟକୁ ନିରବଧି ଘେରିରହିଛି । ଯେତେଦୂର ମନେହୁଏ ଏହି ଶକ୍ତି ଆଉ କିଛି ନୁହେଁ ବରଂ କବି ଓ କାବ୍ୟନାୟକ ମନ କନ୍ଦରର ରୀତିମତ ଏକ ଆକାଂକ୍ଷା; ମାନବାତ୍ମାର ଏକ ନିରନ୍ତର ଶାଶ୍ୱତ ଅଭୀପ୍ସା । ଏହି ଅଭୀପ୍ସା ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ତଦୀୟ କାବ୍ୟମାନସକୁ ସଦାସର୍ବଦା କରିଛି କବଳିତ ଓ ନିୟନ୍ତ୍ରିତ । ନିଜର ଚିନ୍ତାସମଗ୍ର, କର୍ମ ବା ସ୍ଥିତି ନେପଥ୍ୟରେ ଅଦୃଶ୍ୟ-ଅସୀମ ଅଥଚ ଶକ୍ତିମାନ ଏକ ହସ୍ତର ଅବସ୍ଥିତି ଓ ଇଂଗିତକୁ ସେ ସର୍ବଦା ଅନୁଭବ କରିଛନ୍ତି । ସୁତରାଂ ଏ ସବୁର ପ୍ରତିଫଳନ ସିଧାସଳଖ ଘଟିଛି ଏସବୁ କବିତାରେ, ଯଦ୍ଵାରା କବିତାଟିର ଭାଷା ସହଜ ସରଳ ହେଲେ ମଧ୍ୟ ବେଳେବେଳେ ଏହା ଅତୀନ୍ଦ୍ରିୟ ହୋଇପଡ଼ିଛି ତ ଅନ୍ୟବେଳେ ଇନ୍ଦ୍ରିୟୋତ୍ତର ଇଲାକାରେ ରହସ୍ୟବାଦୀ ହୋଇପଡ଼ିଛି । ଜୀବନବୋଧ ଭିତରେ ଏକ ତୁମୁଳ ସଂଘାତ ଏଠି ଅହରହ ଚାଲିଛି । ଏ ସଂଘର୍ଷ ଚେତନା ଗତ । ଏ ଗତି ଅନ୍ତଃସ୍ତରୀୟ, ଚେତନବଳୟ ଓ ନିଳୟ ଅନ୍ତର୍ଗତ । ତେବେ ମୋଟାମୋଟି ଉପରେ ଦରଦୀ କବି ଯେ ପ୍ରାତ୍ୟହିକ ଜୀବନରେ ଏ ଅନ୍ତର୍ଚେତନା ବା ଚିନ୍ତା-ଚେତନାଗତ ସଂଘର୍ଷ-ସଂଘାତର ସମ୍ମୁଖୀନ ହୋଇଥାନ୍ତି, ଏକଥାକୁ ଅସ୍ୱୀକାର କରାଯାଇନପାରେ । ଏ ସଂଘର୍ଷ-ନିରବଧି । ଏ ସଂଘାତ ନିରନ୍ତର । ଏସବୁ ନିତିଦିନିଆ ଘଟଣା । ଏଗୁଡ଼ିକ ଯେତିକି ଅବିଚ୍ଛେଦ୍ୟ ସେତିକି ଅନ୍ତରଂଗ ଅନୁଭୂତି ମାତ୍ର । ଏଇଟା ବୋଧହୁଏ କବି ଜୀବନର ପ୍ରଚ୍ଛନ୍ନ ଖୋରାକ୍ । ଆଉ ଏଇ ଖୋରାକ୍ ହିଁ ଖୋରାକ୍ ଯୋଗାଇଛି ଏ କବିତା ସୃଷ୍ଟି କରିବାରେ ।

କାବ୍ୟନାୟକ ଶତବାର ନିରାଶ, ହତାଶ ହୋଇ ପୁଣି ଆଶାର ଭେଳା ବାନ୍ଧିବାର ଆମ୍ଭେ ପ୍ରତ୍ୟକ୍ଷ କରୁ । କାବ୍ୟନାୟକ ଜୀବନକୁ ଅନ୍ତରଂଗ ଭାବେ ଦେଖିଛି, ଜାଣିଛି, ଚିହ୍ନିଛି । ଶୁଖିଲା କାଠ ଗଣ୍ଡିଟି ପରି ଘାଟରୁ ଘାଟକୁ ଭାସି ଭାସି ଚାଲିଯାଇଛି କାବ୍ୟନାୟକ । ବୈଶାଖର ନିର୍ମମ ନିଦାଘ ଝାଞ୍ଜି ଓ ଶୁଖିଲା ପରିବେଶ ଭିତରେ କାବ୍ୟ ନାୟକର ଶୋଷିଲା ଓଷ୍ଠଯୁଗଳ ଟୋପାଏ ପାଣିକୁ ଆଶା ଓ ବିଶ୍ୱାସର ସହ ଅପେକ୍ଷାକରି ରହିଛି । ଅବଧୂତ ପରି ସେ ଶିକ୍ଷା କରିବାକୁ ଚାହିଁଛି ପରିବେଶରୁ, ପ୍ରକୃତିରୁ, ଜୀବ ଓ ନିର୍ଜୀବ ଜଗତରୁ । ଉହଡହ ସୂର୍ଯ୍ୟାଲୋକରୁ କବି ଶିଖନ୍ତି ଜୀବନର ଜଟିଳତା । ଜୀବନ କେତେ ଦୁର୍ବହ, କେତେ ଜଟିଳ ଓ ନିର୍ମମ, କେତେ କଷ୍ଟକର, କେତେ ତୃଷ୍ଣା, କ୍ଷୁଧା, ହାହାକାର, ନିରାଶା, ହତାଶାର ତପ୍ତ ମରୁବାଲିପୂର୍ଣ୍ଣ ପଥ, ସେକଥା କାବ୍ୟନାୟକ ଜାଣିସାରିଛି । ପୁଣି ଅସହାୟ, ନିଃସହାୟ ଭାବେ ତାରୁଣ୍ୟ ବା ଯୌବନର ଉଦ୍ଦାମତା ମଧ୍ୟ ଫିକା ପଡ଼ିଯାଏ, ଶୁଖିଯାଏ, ଆଉ ଅସହାୟତାକୁ ବାଧହୋଇ ଗ୍ରୀବାମଣ୍ଡନ କରେ । ଏଇଠି ମଧ୍ୟ କବି ବା କାବ୍ୟନାୟକ ଆଶାରହିତ ଜୀବଟିଏ ପରି ପ୍ରଶ୍ୱାସ ରହିତ ହୋଇଯାଇନାହିଁ, ନିବେଦ ବା ନିଷ୍ପ୍ରାଣ ହୋଇଯାଇ ନାହିଁ । ମାନବଶିଶୁ ଏଇଠି ନିଶ୍ଚିହ୍ନ ହୋଇଯାଇ ନାହିଁ । ଦୁଃଖ-ଯନ୍ତ୍ରଣାକୁ ପ୍ରତିହତ କରିଛି ସେ । ଝଂଜା ସହ ମୁକାବିଲା କରି ସେ ବଞ୍ଚିଛି-ସେଇଥିରେ ହିଁ ତା'ର ବିଜୟ ।

ଏସବୁ ସତ୍ତ୍ୱେ ଛାଇ-ଆଲୁଅର ଛିଟ ଅଗଣାରେ, ସମୟର ଚୌଛକୀରେ ଏକ ଅପୂର୍ବ ବର୍ଣ୍ଣବିଭାରେ କାବ୍ୟନାୟକର ଛଳଛଳ ବର୍ତ୍ତମାନ ବିଭାସିତ । ତଥାପି ତଥାପି ମଧ୍ୟରେ କାବ୍ୟନାୟକ ଶତେକ ଝଞ୍ଜା ସତ୍ତ୍ୱେ ଜୀବୀତ । ଗ୍ରୀଷ୍ମର ନିର୍ମମ ନିଦାଘ ଓ ଆଶାଶୂନ୍ୟ ଆକାଶରେ ଜଳୀୟ କଣାର ଅନୁପସ୍ଥିତି ସତ୍ତ୍ୱେ ପ୍ରବଳରୁ ପ୍ରବଳ ଅସ୍ତିବାଦୀ-ସାକାରାତ୍ମକ ଭାବ ନେଇ ସେ ଦେଖିଛନ୍ତି ବର୍ଣ୍ଣିଳ ଆଶାର ମେଦୁର ମେଘମହ୍ଲାର । କୁହାଯାଏ ନାହିଁ କି- Hope: thy name is life- ଜୀବନର ଅନ୍ୟ ନାମ ହେଉଛି ଆଶା । ଆଶାରୁ ଆରମ୍ଭ ଜୀବନର । ଆଶାର ଶେଷରେ ସବୁକିଛି ନିଃଶେଷ ହୁଏ । ଆସେ ମୃତ୍ୟୁ, ଶୂନ୍ୟତା ଓ ହାହାକାର । ଏହା ହିଁ କବିଦର୍ଶନ । କବିଙ୍କର ଏହି ସ୍ଥିତିବାଦୀ ଓ ମହାଭାରତୀୟ ଦର୍ଶନକୁ ପ୍ରତ୍ୟକ୍ଷ କରିବା ସମୟରେ କବି ବୈକୁଣ୍ଠନାଥଙ୍କ ଏକ ସମଭାବୋକ୍ତି ମନେପଡ଼େ ।

"ମୃତ୍ୟୁ ନାହିଁ, ମୃତ୍ୟୁ ନାହିଁ ଅନ୍ଧକାର ଭେଦି
ଅମୃତ ପରାଣ ସୂର୍ଯ୍ୟ ନିତ୍ୟ ଚଳେ ଖେଦି
ପୁଣି ଜନ୍ମ, ପୁଣି ମୃତ୍ୟୁ, ଯାତ୍ରା ନୁହେଁ ଶେଷ
ବିକଶିତ ଲୀଳା ପଦ୍ମ ସୁମଧୁର କ୍ଲେଶ ।"[୦୪]

କବି ବୈକୁଣ୍ଠନାଥଙ୍କ ପରି ଜୀବନ ଓ ମୃତ୍ୟୁ, ଆଲୋକ ଓ ଅନ୍ଧାର ତଥା ଦିବା-ରାତ୍ରର କ୍ରମାନ୍ୱୟତା ଉପରେ ପ୍ରତ୍ୟୟୀ ହୋଇପଡ଼ିଛନ୍ତି କବି ଅଭୟ ଦାସ । ଜୀବନ ପ୍ରତି ଏକ ନିରାସକ୍ତ ନୁହେଁ ଆସକ୍ତ ଅଥଚ ଜଟିଳ ଜିଜ୍ଞାସାବୋଧ ଯେ ତଦୀୟ କାବ୍ୟମାନସକୁ କେବଳ ଆଚ୍ଛନ୍ନ କରି ରଖିଛି ତାହା ନୁହେଁ, ଅପରନ୍ତୁ ଏହା ମସ୍ତକ ଉପରେ ଜାରିରଖିଛି ଏକ ପ୍ରଶ୍ନିଳ ଘନଘଟା । ସୁତରାଂ ଜୀବନର

ଦୁର୍ଦମନୀୟ ଉଚ୍ଛ୍ୱାସ ଓ ଇଚ୍ଛା ତଦୀୟ କାବ୍ୟମାନସକୁ ଛତ୍ରେଛତ୍ରେ ଛୁଇଁ ଛୁଇଁ ଯାଇଛି । ତଦୀୟ ନିଗୂଢ଼ ବେଷ୍ଟନୀ ଭିତରକୁ ପ୍ରବେଶ କରିଛି ଓ ସଂବେଦନ, ଆଲୋଡ଼ନ, ସମ୍ମୋହନ ତଥା ରୋମାଞ୍ଚ-ରୋମନ୍ଥନ ସୃଷ୍ଟି ମଧ୍ୟ କରିପାରିଛି । କାରଣ ଇଚ୍ଛା-ଉଚ୍ଛ୍ୱାସ, ଆଶା-ଅଭୀପ୍‌ସାର ପୁଷ୍କରିଣୀ ତାଙ୍କର ଶୁଷ୍କ ହୋଇଯାଇନି । କାରଣ ସେ ଜାଣନ୍ତି ସେ ଅମୃତର ସନ୍ତାନ, ଆଲୋକର ସନ୍ତାନ, ଭାରତର ସନ୍ତାନ, ବେଦ-ଉପନିଷଦର ସୂକ୍ତିଜ ବିଶୁଦ୍ଧ ଚେତନାର ସନ୍ତାନ, ଜୀବନର ସନ୍ତାନ । ସେ ସଦାସର୍ବଦା ସମ୍ଭବା ଓ ସ୍ୱୟଂସଂପୂର୍ଣ୍ଣ । ସେ ପ୍ରସନ୍ନଚିତ୍ତ, ସେ ସ୍ଥିତପ୍ରଜ୍ଞ । ସୁଖ ବା ଦୁଃଖରେ ଅସ୍ଥିର ନହୋଇ ତଦୀୟ କାବ୍ୟନାୟକ ତେଣୁ ନିଶ୍ଚଳ ଚିତ୍ତରେ ଭବିତବ୍ୟ ବା ଆସନ୍ନ ଭବିଷ୍ୟକୁ ଅପେକ୍ଷା ମାତ୍ର କରିଛି କାରଣ ଅନୁଭବ ତା'ର ମହାମନ୍ତ୍ର; ବିମୁକ୍ତି ଓ ଆଲୋକ ତା'ର ମୂଳ ଉଦ୍ଦେଶ୍ୟ ।

କବି ବିଶ୍ୱାସ କରନ୍ତି ଯେ ସେ ଜଣେ ଶିଷ୍ୟ ଓ ଶିକ୍ଷକ । ଜୀବନରେ ଦୁଃଖ ତ ଶାଶ୍ୱତ ସତ୍ୟ । ହଁ ଏହା ମଧ୍ୟ ସତ ଯେ, ଦୁଃଖ କେବଳ ଏକମାତ୍ର ସତ୍ୟ ନୁହେଁ । ସଂସାର କେବଳ ଯେ ଗୋଟିଏ ବିଶୁଦ୍ଧ ଉପାଦାନକୁ ନେଇ ଚଳିପାରେ ନାହିଁ ଏକଥା କବି ଜାଣନ୍ତି । ସୁତରାଂ ଏହା କହିବା ଯଥାର୍ଥ ହେବ ଯେ, "ଦୁଃଖ ସତ୍ୟମ୍" ବା "ଦୁଃଖ ହିଁ କେବଳ ସତ୍ୟ" କଥାଟା ଏକମାତ୍ର ନିର୍ଭୁଲ ସତ୍ୟ ଉପରେ ପର୍ଯ୍ୟବେସିତ ନୁହେଁ । ଜୀବନରେ ସକଳ ପ୍ରକାରର ଦୁଃଖ-ଯନ୍ତ୍ରଣା-ବେଦନା-କଷଣର ବୋଝକୁ ଦୃଢ଼ ଭାବରେ ଧରିରଖିବା ପାଇଁ ଯେଉଁ ଡ଼େଙ୍ଗର ପ୍ରୟୋଜନ ହୁଏ ତା'ରି ଅନ୍ୱେଷଣାନୁସଂଧାନରେ ମଣିଷ ଅହରହ, ନିରବଧି, ନିରଳସ ଓ ନିରନ୍ତର ବ୍ରତୀ ଓ ବୈଶାସ୍ତୀ । ସେ ପ୍ରକୃତରେ ସେ ଡ଼େଙ୍ଗର ଅନୁସନ୍ଧାନ କରୁନି, ଅପରନ୍ତୁ ସେ କରୁଛି ବା ଜାରିରଖିଛି ଏକପ୍ରକାରର ସଂଘର୍ଷ ଓ ଆତ୍ମସଂଘାତ ଓ ସଂଗ୍ରାମ । ସେ ଡ଼େଙ୍ଗ ହେଉ କି ସଂଗ୍ରାମ ହେଉ, ଉଭୟେ କିନ୍ତୁ ଅଦୃଶ୍ୟ, etherial ଚେତନାର ବ୍ୟାପାର । ତା'ରି ସ୍ପର୍ଶରେ ନିଥର ମରୁର ଜୀବନ ହୁଏ ସ୍ୱତଃସ୍ଫୂର୍ତ୍ତ, ପ୍ରଗଳ୍‌ଭ, ବାଙ୍‌ମୟ ଓ ଚଳଚଞ୍ଚଳ । ସେ ଅମୃତମୟ ଆଶା ଓ ଚେତନା (ଡ଼େଙ୍ଗ)ର ସ୍ପର୍ଶରେ ଜୀବନ ହୁଏ ମଧୁମୟ ଓ ଅମୃତମୟ । କବି ଶ୍ରୀ ଦାସ ଏ ମର୍ମରେ ଅନୁଭବ କରିଛନ୍ତି ଯେ, ଏ ଜୀବନ ଓ ଜୀବଜଗତର ପ୍ରତ୍ୟେକ ଗଳି-ଛକ-ମୋଡ଼ରେ ରହିଛି ଗହ୍ୱର ବା ଖୋଲ । ସେ ଗହ୍ୱରରେ ରହିଛି ମଧୁ ଓ ଅମୃତ । ଜୀବନର ପ୍ରତ୍ୟେକଟି ଛନ୍ଦରେ, ପ୍ରତ୍ୟେକଟି ମୋଡ଼ରେ, ପ୍ରତିଟି ସତ୍ତାରେ ରହିଛି ଅମୃତରୂପୀ ମଧୁର ସତ୍ତା-ମଧୁସତ୍ତା । ସେ ମଧୁ ସନ୍ଧାନରେ ବାହାରିଛନ୍ତି କବି ଶ୍ରୀ ଦାସ । ଜୀବନରେ ଶତେକ ଯନ୍ତ୍ରଣା, ଦୁଃଖ, କଷଣ, ରୂପ-ରସ-ଗନ୍ଧ ଭିତରେ ଯେ ମଧୁମୟ ଅମୃତର ଶାଶ୍ୱତ ଉପଲବ୍ଧି ରହିଛି ଏକଥା କାବ୍ୟନାୟକ ଅନୁଭବ କରେ ମର୍ମେ ମର୍ମେ । ସେ ତା'ର ସନ୍ଧାନ ଲାଗି ବ୍ୟାକୁଳ । ଅତଏବ ଶତେକ ଝଡ଼, ଝଞ୍ଜା, ବିପତ୍ତି, କଷଣ, ଦୂଷଣ, ପ୍ରପୀଡ଼ନ, ଉତ୍ପୀଡ଼ନ ତଥା ଲହୁ-ଲୁହାଣର ପର୍ବ ସତ୍ତ୍ୱେ ସେ ଅପେକ୍ଷାମାଣ ସେହି ମଧୁମୟ ଅମୃତ ପାଇଁ ।

ଉପନିଷଦର ଏହି 'ମଧୁ' ତତ୍ତ୍ୱ ବା ଅମୂର୍ତ୍ତାମୃତ ତତ୍ତ୍ୱ ଉପରେ କବି ଚେତନା ଅଧିଷ୍ଠିତ ଥିଲାପରି ମନେହୁଏ । ବାସ୍ତବ-ଅବାସ୍ତବ, ଦୃଶ୍ୟ-ଅଦୃଶ୍ୟ, ଶ୍ରାବ୍ୟ-ଅଶ୍ରାବ୍ୟ, ଦିବା-ରାତ୍ର, ଆଲୋକ-ଅନ୍ଧକାର, ପ୍ରାପ୍ତି-ଅପ୍ରାପ୍ତି, ସ୍ୱପ୍ନ-ସ୍ୱପ୍ନଭଂଗ, ପ୍ରିୟ-ଅପ୍ରିୟ, ଶାଶ୍ୱତ-ଅଶାଶ୍ୱତ ଓ ମୂର୍ତ୍ତ-ଅମୂର୍ତ୍ତ ମଧ୍ୟରେ ଅନୁସନ୍ଧାନୀ ତଥା ଅନୁସଂନ୍ଧିତ୍ସୁ ମଣିଷର ଚେତନା ସମକ୍ଷରେ ହଠାତ୍ ଉଭାହୋଇଯାଏ ତା'ର କାବ୍ୟ ବସ୍ତୁସତ୍ତା, ଯାହା ଏକ ଶାଶ୍ୱତ ସ୍ୱାଭିମାନର ସନାତନ ରୂପ ମାତ୍ର । ପରୋକ୍ଷ ରୂପେ ଲେଖକୀୟ ଉପନିଷଦୀୟ ତାତ୍ତ୍ୱିକ ମତ ଏହା ଯେ, ଏହି ଅଦୃଶ୍ୟ ଅଜ୍ଞାତ ସତ୍ତାର ଅନୁସନ୍ଧାନ ଲାଗି ଏତେସବୁ ଫାର୍ଶ, ଏତେସବୁ ଦ୍ୱନ୍ଦ୍ୱ-ସଂଘାତ-ସଂଘର୍ଷ, ସଂଗ୍ରାମ-ବିପ୍ଳବ ଏବଂ ଉତ୍କଣ୍ଠା ଓ ଶ୍ଳେଷ । ବାସ୍ତବିକ୍ ଏହାହିଁ ଜୀବନ । ଏଗୁଡ଼ିକ ବ୍ୟତିରେକ ଜୀବନ ପ୍ରାଣହୀନ, ସ୍ୱାଦହୀନ, ବର୍ଣ୍ଣହୀନ ଏବଂ ଔଜଲ୍ୟ ରହିତ । ବୋଧହୁଏ ଏହା ହିଁ ଇତିମଧ୍ୟସ୍ଥ ଲେଖକୀୟ ପ୍ରଚ୍ଛନ୍ନ ମତ ଓ ମନ୍ତବ୍ୟ ।

ସଠିକ୍ ରୂପେ ବୁଦ୍ଧି ଓ ବୋଧିର ମଧୁର ସମନ୍ୱୟ କବିତାଟିରେ ଘଟିଛି ବୋଲି ମନେହୁଏ । ଜୀବନ ଦର୍ଶନ, ରହସ୍ୟବୋଧ, ବୌଦ୍ଧିକତା, ଅତୀନ୍ଦ୍ରିୟ ଭାବନା ଏହାର ଏକ ଏକ ପାର୍ଶ୍ୱ । ଏସବୁ ଊର୍ଦ୍ଧ୍ୱରେ ଏକ ସାହିତ୍ୟସୁଲଭ ସାମାଜିକ ଅଂଗୀକାରବଦ୍ଧତା ବା ସାର୍ବକାଳିକ ପ୍ରତିବଦ୍ଧତା କବିମାନସ ଏବଂ କବିତାର ସ୍ନାୟୁର ସରହଦ୍ ମଧ୍ୟରେ ଗୁଞ୍ଜରିତ ଓ ମର୍ମରିତ ମାତ୍ର । ଜୀବନ ଯେ କେବଳ ଆହ୍ଳାଦୋଦ୍ଦିଷ୍ଟ, ଆନନ୍ଦୋଦ୍ଦିଷ୍ଟ ତାହା ନୁହେଁ । ବିଶ୍ୱ ନାଟ୍ୟଗୁରୁ William Shakespeare ଥରେ ଡାକିହାକି କହିନଥିଲେ କି-"Life is not a bed of rose." ଗୋଲାପର ଛିନ୍ନ ପାଖୁଡ଼ା ବିଚ୍ଛୁରିତ (dispersed petals of rose) ବା ସଜ୍ଜିତ ଶଯ୍ୟା ଜୀବନ ନୁହେଁ କି ଯୌବନ ମଧ୍ୟ ନୁହେଁ । ଏସବୁର ଯବନିକା ଦୁଃଖର ଅଗଣାରେ ପାତ ହୋଇଥିଲାବେଳେ ଦୁଃଖ ମଧ୍ୟ ସୁଖର ଅଗଣାରେ ବିଚ୍ଛୁରିତ । ସୁତରାଂ ଜୀବନରେ ସୁଖ ଓ ଦୁଃଖ ଉଭୟ ଜରୁରୀ । ନିରାଶାରେ ଭଗ୍ନମନ ହେବା ସଚ୍ଚା ଶିଳ୍ପୀ ପ୍ରାଣର ମର୍ମକଥା ନୁହେଁ । ଜୀବନରେ ବ୍ୟକ୍ତି ଯଥାକାଂକ୍ଷା ଅଭୀଷ୍ଟ ଫଳପ୍ରାପ୍ତି ନହେଲେ, ସେ ତା'ର ମନାନୁସାରୀ ଚିତ୍ର ସୃଷ୍ଟି କରିନପାରିଲେ, ଭଗ୍ନ ମନୋରଥ ହୋଇ ଜୀର୍ଣ୍ଣ ହୋଇପଡ଼ିବା ପରି କବି, ସୃଷ୍ଟିର ଏ ସାଧାରଣ ଆପେକ୍ଷିକ ସତ୍ୟ (Relative truth) ଯାହାକୁ ଆମ୍ଭେ ଦୁଃଖ-ସୁଖ, ଆନନ୍ଦ-ବିଷାଦ, ବା ଛାଇ ଓ ଆଲୁଅ ବୋଲି କହୁ, ତାହାକୁ ଉପଲବ୍ଧ କରିଛନ୍ତି । ଭଂଗାଗଡ଼ାର ଉତ୍ସାହ-ହତୋତ୍ସାହ-ହୀନୋତ୍ସାହ ଓ ଜୀର୍ଣ୍ଣୋତ୍ସାହ ମଧ୍ୟରେ ମଣିଷ ବେଳେବେଳେ ନିରୁଦ୍‌ବେଗ, ନିରାକାଂକ୍ଷ ଏବଂ ନିରଭୀପ୍‌ସ ରୁହେ । ମାତ୍ର ସମାଜର ବା ଜୀବନର ଏହି ଘଟଣାଟି ଉପରେ ଆଲୋକପାତ

ଓ ଅନୁଶୀଳନ ପୂର୍ବକ କବି ତା'ର ନିରାକରଣରେ ସ୍ଥିତପ୍ରଜ୍ଞ ହେବାର ଉପଦେଶ ପ୍ରଦାନ କରିବା ସହିତ ନିରାଶାରେ ଭାଂଗିନପଡ଼ି ଅମୃତର ସନ୍ତାନବତ୍ ନିତ୍ୟ କଳ୍ପନାର ବିନିଯୋଗରେ ପ୍ରତିଭାର ଶେଷତମ ଉଚ୍ଛ୍ୱାସକୁ ସ୍ଫୁରିତ କରିବାର ଅଭୀପ୍‌ସାକାଂକ୍ଷା ପୋଷଣ କରିବା ଜରୁରୀ ବୋଲି ମତବ୍ୟକ୍ତ କରନ୍ତି । ଜୀବନର ପ୍ରାତ୍ୟହିକ ପରାଜୟକୁ ବିଜୟର ପ୍ରାଥମିକ ସୋପାନ ବା ପ୍ରସ୍ତ ବୋଲି ଧରିନେବା ଉଚିତ୍ । ଆଶାକୁ ଆହୁରି ସଜଳ ଏବଂ ସଫଳତାମୁଖୀନ କରିବା ଦରକାର । କବି ବୈକୁଣ୍ଠନାଥଙ୍କ ଉକ୍ତିଟିଏ ଏଠାରେ ମନେପଡ଼େ-

"ସକଳ ସୌନ୍ଦର୍ଯ୍ୟବୋଧ, ଭ୍ରାନ୍ତି ଅବିଶ୍ୱାସ
ସହସ୍ର ଆକ୍ଷେପ କ୍ଷୋଭ, ଅଶାନ୍ତି ନିରାଶ
ସବୁ ସେହି ସୃଷ୍ଟି ଲାଗି ଦେଇ ଶେଷ ଦାନ
ନୀରବେ ଅଶେଷ ମଧ୍ୟେ ହେବୁରେ ନିର୍ବାଣ ।"୦୫

ଭାଷା ପ୍ରୟୋଗ ଦୃଷ୍ଟିରୁ କବିତାସୁଲଭ ଶବ୍ଦ ଓ ବାକ୍ୟର ମାତ୍ରା ସୁସ୍ଥ ଓ ପର୍ଯ୍ୟାୟ ମନେହୁଏ । କେବଳ କେତୋଟି ମୋଡ଼ରେ ଅଧିକ ଶାଣିତ ଶବ୍ଦ ବ୍ୟବହାର କରାଯାଇ ପାରିଥା'ନ୍ତା ମାତ୍ର ଏହା ଏକାନ୍ତ ମନ୍ମୟ ବିଷୟ । ତେବେ ଶବ୍ଦ ବସାଣର ମୁଖ୍ୟ କଥାଟି ହେଉଛି ଭାବସଂପାଦ । ଭାବ ହିଁ ମୁଖ୍ୟକଥା । ତେବେ ମୋଟାମୋଟି ଉପରେ କବିତାଟିର ଆଙ୍ଗିକ ବିଭବ ଓ ବିଭାବ ଖୁବ୍ ସବଳ ଓ ସଫଳ । ଏ ଉକ୍ତିଟିର ସତ୍ୟତା ପ୍ରତିପାଦନ ନିମନ୍ତେ ନିମ୍ନୋକ୍ତ ପଙ୍‌କ୍ତିଟିକୁ ଲକ୍ଷ୍ୟ କରାଯାଉ- "ଗୋଟେ ଅଙ୍କାବଙ୍କା/ ପାଦଚଲା ମାଟିଆ ରାସ୍ତା/ ଯେଉଁଠି ବାରମ୍ବାର/ ଧୂଳିଧୂସରିତ ହୁଏ;/ ନିଷ୍ଠୁର ଥୁଣ୍ଟା ପଥର ଖଣ୍ଡରେ/ ରକ୍ତାକ୍ତ ହୁଏ/ ଜଣେ ଅଜେୟ ପଦାତିକର ଦୁଇପାଦ ।"୦୬ ଭାଷା କବିତାର ଶରୀର । ଭାବ ହେଉଛି ଆତ୍ମା । ଆତ୍ମା ତ ଶାଶ୍ୱତ । ତେବେ ଅର୍ଥରୂପୀ ଆତ୍ମା ଅକ୍ଷତ । ସର୍ବୋପରି ଅର୍ଥ- ନିରବଧି ପ୍ରବାହିତ ହେଲେ ମଧ୍ୟ ଭାଷାରୂପୀ ଶରୀରର ଆବଶ୍ୟକତା ଅଛି । କାରଣ ଆତ୍ମା ଯେତେଯାହା ହେଲେ ମଧ୍ୟ ଭାବ ଯେତେ ସଂଚରଣଶୀଳ ହେଲେ ଶୁଦ୍ଧା ଶରୀର ବା ଶବ୍ଦରୂପୀ ନାୟିକା ପରିପ୍ରକାଶର ମାଧ୍ୟମରୂପେ ନିତାନ୍ତ ଅପରିହାର୍ଯ୍ୟ । ଏଠାରେ କବିଙ୍କର ତଦନୁରୂପ ଭାବ ପରିପ୍ରକାଶାର୍ହ ଉଚ୍ଚତା ଥିଲାପରି ମନେହୁଏ । ସେହିପରି କବି ଶ୍ରୀ ଦାସ ତତ୍ପରେ ଭାବପ୍ରକାଶ ନିମନ୍ତେ ସାନ୍ଦ୍ରତମ ଶବ୍ଦର ପୌନପୌନିକତା ତଥା ଆଳଂକାରିକ ମସୃଣତାର ବ୍ୟବହାର ପୂର୍ବକ କହନ୍ତି-

"କେବେକେବେ ଭଦ ଭଦଳିଆର
ସୁଗମ ସଂଗୀତ,
ମେଘମେଦୁର ଆକାଶର
ଥମ୍ ଥମ୍ କୋହ ଓ
ଆଷାଢ଼ ଆକାଶର
ଚପଳା ଚମକ
ମୋତେ ବିଭୋର କରେ ।"୦୭

ଭାବ ପରିପ୍ରକାଶର ମାଧ୍ୟମ ଏଠାରେ ଯେତିକି ମନ୍ମୟ (subjective) ସେତିକି ବ୍ୟକ୍ତିଗତ (individual) ମଧ୍ୟ । ଯେପରି ଦିନେ ରବୀନ୍ଦ୍ରନାଥ ଚୟନ କରିଥିଲେ ନିଜସ୍ୱ ଛନ୍ଦ, ନିଜସ୍ୱ ସଂଳାପ ଓ ଶବ୍ଦ, କବି ଅଭୟ ବାବୁ ମଧ୍ୟ ତଦନୁରୂପ ଚୟନ କରିଛନ୍ତି ଏକାନ୍ତ ନିଜସ୍ୱ ଶୈଳୀ । ସେ କୌଣସି ନିର୍ଦ୍ଦିଷ୍ଟ ଶୈଳୀର ଉତ୍ତରାଧିକାରୀ ନୁହଁନ୍ତି ଯେ, ତାହାପାଇଁ ସେ ଭାବନା ସହ କରିବେ ସାଲିସ୍ ବା କୌଣସି ପ୍ରକାର ଚୁକ୍ତି । ଯଦି କୌଣସି ପ୍ରକାରର ଚିନ୍ତାଚେତନା ବା ଶୈଳୀ ଦ୍ୱାରା କବି ଶ୍ରୀ ଦାସ ପ୍ରଭାବିତ, ତେବେ ତାହା ହେଉଛି ତାଙ୍କ ନିଜସ୍ୱ ତଥା ତଦୀୟ ଆତ୍ମାର ଇଂଗିତ । ସେଥିପାଇଁତ ସେ ଭରାନଈର ସୁଅରେ ଶୁଖିଲା କାଠଗଣ୍ଡିଟେ ପରି ଭାସି ଭାସି ଘାଟରୁ ଘାଟକୁ ଗଲାପରେ ବା ଶୁଖିଲା ନଈର ଦନ୍ତୁର ପଠାରେ ଟୋପାଏ ପାଣିକୁ ଅପେକ୍ଷା କରିବା ପରେ ମଧ୍ୟ ଆଶାରତ । ସେ ଆତ୍ମାର ଡାକରାକୁ ଶୁଣିଛନ୍ତି । ସେ ଜୀବନ, ଆହ୍ଲାଦ ଓ ଆଲୋକକୁ ଅପେକ୍ଷା କରିଛନ୍ତି ।

କବି ଜୀବନକୁ ତିଳତିଳ କରି ଅନୁଭବ କରିବାକୁ ଚାହିଁଛନ୍ତି । ଜୀବନର ସମସ୍ତ ଫର୍ଦ୍ଦ ଯେ ଇଚ୍ଛାନୁସାରୀ, ଆକାଂକ୍ଷାନୁସାରୀ ହେବ ତା'ର କିଛି ମାନେନାହିଁ, ହୋଇପାରେ ସମୁଦ୍ରରେ ମୁକ୍ତାକାଂକ୍ଷୀ ବ୍ୟକ୍ତିର ଆଞ୍ଜୁଳାରେ ସବୁବେଳେ ମୁକ୍ତା ନମିଳି ବିଷଧର ସର୍ପ ମଧ୍ୟ ମିଳିପାରେ (?)! ଜୀବନ ସ୍ୱାଭାବିକ ରୀତିରେ ପ୍ରତାରଣା ଦେଇଛି କବିଙ୍କୁ । କିନ୍ତୁ ସେ ପ୍ରତାରଣା ତାଙ୍କ ଲାଗି ହୋଇଛି ପ୍ରେରଣାର ମହୋତ୍ସ । ସେହି ପ୍ରେରଣା, ସେହି ଆଶାକାଂକ୍ଷା, ଅଭୀପ୍‌ସାକୁ ପାଥେୟ କରି ସେ ଜୀବୀତ ଓ ଆଗକୁ ବଢ଼ିବାକୁ ନିଶ୍ଚିତ । ଦୁଃଖ, ଯାତନା-ଯନ୍ତ୍ରଣାର ଘୂର୍ଣ୍ଣିରେ ତଦୀୟ ଜୀବନ ନଈରେ ସୃଷ୍ଟି ହୋଇଛି ବିଚଳନ । ଏଥିରେ ହତୋତ୍ସାହ ବା ଜୀବନବିମୁଖ ନହୋଇ କବି ଦୃଷ୍ଟିକୋଣ ହୋଇଛି ଅସ୍ତିବାଦୀ ଓ ସାକାରାତ୍ମକ ।

ବୈଫଲ୍ୟ, ନୈରାଶ୍ୟ, ଦୁଃଖ-ଯନ୍ତ୍ରଣା ଓ ବେଦନାଦିକୁ ସୁଖ ଓ ଆହ୍ଲାଦ ସୁଲଭ ସ୍ୱାଭାବିକ ରୀତିରେ ଗ୍ରହଣ କରି କବି ଜୀବନକୁ ଓ ତା'ର ପ୍ରତ୍ୟେକଟି ଗତିଭଂଗୀକୁ ବିଶ୍ଳେଷଣ କରି ଦେଖିବାର ଦୃଷ୍ଟିଭଂଗୀ ଶିକ୍ଷା କରିଛନ୍ତି । କବି ଚେତନା ସେଥିପାଇଁ କେଉଁ ଅଜ୍ଞାତ ପ୍ରଶ୍ନକର୍ତ୍ତାର ଉତ୍ତରରେ ଜୀବନକୁ ତା'ର ସମସ୍ତ ଛନ୍ଦପତନ ସହିତ ସ୍ୱୀକାର କରିନେଇଥିବାର ଦେଖାଯାଏ । ସେଇଥିପାଇଁ ତ ଦାର୍ଶନିକ କବି ନିର୍ଲିପ୍ତ ଭାବରେ ଦୃପ୍ତକଣ୍ଠରେ ଶୁଣାଇଦେଇଛନ୍ତି-

"କେବେ ମୁଁ ଭରା ନଈ ସୁଅରେ
କାଠଗଣ୍ଡି ପରି
ଭାସି ଭାସି ଚାଲେ

ଘାଟରୁ ଘାଟକୁ ତ
କେବେ ପୁଣି
ଶୁଖିଲା ନଈର ଧାରରେ
ପାଣି ଟୋପେକୁ ଅପେକ୍ଷା କରେ
ମୋ ତୃଷାର୍ତ୍ତ ଦୁଇ ଓଠ ।"[୦୮]

କବି ଅପେକ୍ଷାମାଣ । କବି ଆଶାୟୀ । ଅସୀମ ପଥର ଯାତ୍ରୀ ସେ । ପଥିକର ଧର୍ମ-ଧାରଣା ନେଇ ସେ ଜୀବୀତ । ଯାତ୍ରାର ପ୍ରାପ୍ତି-ଅପ୍ରାପ୍ତି, ପାଇବା-ହଜାଇବାକୁ ନେଇ ଚିନ୍ତା କରିବା ଆଦୌ ଦରକାର ନାହିଁ । ତା'ର ଉଦ୍ଦେଶ୍ୟ ଏତିକି ଯେ ଯାତ୍ରାର ପଥ ଶେଷ କିପରି କରିବ । ଅଥଚ ଯା'ଭିତରେ କବିଙ୍କର ଜୀବନକୁ ଭଲପାଇବା ବା ଜୀବନ ପ୍ରତି ଦୁର୍ବଳତା ଥିବାକଥା ମଧ୍ୟ ସ୍ପଷ୍ଟ ହୋଇଯାଏ । କବି ବୈକୁଣ୍ଠନାଥ ସେଦିନ ଅନୁରୂପ ବକ୍ତବ୍ୟ ରଖିନଥିଲେ କି ତାଙ୍କ କବିତାଳୟରେ ? "ନିଃସଂଗ ପଥିକ ଭାଷେ ନାହିଁ ଦୁଃଖ ବିଫଳତା ଲାଜ/ବସନ୍ତ, ପଉଷ, ଗ୍ରୀଷ୍ମ ସକଳର ମୁହିଁ ଅନୁରାଗୀ । ମୃତ୍ୟୁ ଶଙ୍କା ଲାଭହାନି ଭାଳିବାକୁ ନାହିଁ ଅବକାଶ/ ମଂଗଳ ଭରସା ରଖି ଚଳେ ନିତ୍ୟ ବିଧାନର ଦାସ ।"[୦୯] ମଣିଷ ଯେ ବିଧାତାର ବିଧିର ଦାସତ୍ୱ ସ୍ୱୀକାର କରିଛି, ଏକଥା କବି ଚେତନାରୁ ସ୍ପଷ୍ଟ ସ୍ୱୀକୃତ ହୁଏ । ସର୍ବଜନବିଦିତ ଅଥଚ ଜୀବନର ଏହି ସାରସତ୍ୟ ନିକଟରେ ପହଞ୍ଚିବା ଆଦୌ ସଳଖ ନୁହେଁ ବରଂ ସର୍ପିଳ-ଜଟିଳ-କୁଟିଳ । ଏସବୁ ଦାର୍ଶନିକତା କବିଙ୍କ ଏ କବିତାଟିରୁ ସ୍ପଷ୍ଟଜ୍ଞାତ ହୁଏ ।

କବି ଶ୍ରୀ ଦାସଙ୍କ ଏ କବିତାଟି ଅନୁଶୀଳନ କଲାବେଳେ 'ଦୁଃଖ ସତ୍ୟମ୍' କଥାଟା ଏକାବେଳେ ଯେ ସତ୍ୟ ନୁହେଁ ଏକଥା ଜ୍ଞାତ ହୁଏ । ଦୁଃଖର ଓଜନ ଅଧିକ ହୋଇପାରେ । ମାତ୍ର ଏହି ଅପରିମେୟ ଦୁଃଖକୁ ଓହଳାଇ ରଖିବା ପାଇଁ ଯେଉଁ ଡ଼େଙ୍ଗର ପ୍ରୟୋଜନ, ତାହା କବିଙ୍କ ପାଖରେ ଅଛି । ଏହି ଡ଼େଙ୍ଗହିଁ ବାସ୍ତବରେ ଜୀବନର ମୂଳାଧାର, ସ୍ୱପ୍ନର ମୂଳାଧାର ଓ ସଫଳତାର ମୂଳାଧାର । ବାସ୍ତବରେ ଏଇ ଏତିକି ଉପଲବ୍ଧି ନିମନ୍ତେ ବିତିଯାଏ ତମାମ୍ ଜୀବନ । ସ୍ୱପ୍ନ ଭଳି, ସ୍ମୃତି ଭଳି ଏହା ଜୀବନାନ୍ତରୀକ୍ଷରେ ଚକ୍‌ଚକ୍ ମାରି ଉଭେଇଯାଏ । ଆଉ ଆମେ ତାକୁ ଖୋଜୁ । ଏଇ ଅନ୍ୱେଷାରେ ବିତିଯାଏ ଜୀବନ । କିନ୍ତୁ ଏହି ଅନ୍ୱେଷା ନିମନ୍ତେ ଯେଉଁ ଯେଉଁ ବିଶ୍ୱାସ ବା ଆନନ୍ଦର ଇଚ୍ଛା ଟିକକ ଦରକାର ତାହା ଅତ୍ୟାବଶ୍ୟକ ବ୍ୟକ୍ତି ପାଇଁ ଓ ସମାଜ ପାଇଁ । ଏ କାଳର ପ୍ରାବନ୍ଧିକ ତଥା ଆଗଧାଡ଼ିର ସାହିତ୍ୟିକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ ତାଙ୍କର 'ମଧୁସଂଧାନ' ପ୍ରବନ୍ଧରେ ଯାହା କୁହନ୍ତି, ଯେଉଁ ଅନୁରୂପ ଉପନିଷଦୀୟ ଚେତନା କଥା ପ୍ରଖାପନ କରନ୍ତି ତାହା ଏଠାରେ ଉଦ୍ଧାରଯୋଗ୍ୟ- "ଧରାଯାଉ କେହିଜଣେ ହାରିଯାଇଛି । ତା'ଆକାଶରୁ ପବନ ସରି ଆସୁଛି । ସେ ନଇଁ ଆସୁଛି ଦୁର୍ବହ ବୋଝ ତଳେ ଶୋଇଯିବ; ପେଷି ହୋଇଯିବ । ଏତିକିବେଳେ ଅକସ୍ମାତ୍ ତାକୁ ଚାହିଁ ଜଣେ ଖିଲିଖିଲି ହସିଦେଇଛି । ସେତିକିରେ ସେ ତେଜିଉଠିଛି । ଏଇ ହସ ଧରିବାକୁ ହାତ ବଢ଼େଇ ଦେଇଛି । ହସ ଘୁଞ୍ଚିଯାଇଛି ଗହୀରରୁ ଗହୀରକୁ । ଓଟାରିହୋଇ କିଛିବାଟ ବୁଡ଼ିଗଲା ପରେ ହୁଏତ ଆଖିରେ ନିଆଁ ଝୁଲ ଫୁଟେଇ ଆକାଶକୁ ହିଁ ସେ ଚିତ୍କାର କରିଛି । "ମୋତେ ଅଗ୍ନି ଦେ, ଆଲୋକ ଦେ, ଅମୃତ ଦେ, ଭରିଦେ ମୋର ବିବର । ଏଇ ଗହୀରରୁ ମୋର ଅଭିଯାନ ଆରମ୍ଭ ହେଲା । ନିଟୋଳ ସୁଧା ବିନ୍ଦୁପରି ଗୋଟିଏ ଜହ୍ନ ରାହୁର ମୁହଁରେ ପଶି ବାହାରିଯାଏ । ତାକୁ ଚୋବାଇବାକୁ ତା'ର ଦାନ୍ତ ନାହିଁ । ଜୀର୍ଣ୍ଣ କରିବାର ଉଦର ନାହିଁ । ଥରେ ଗିଳିଦେଲେ ପୁଣି ଗିଳିବାକୁ ସେ ତା'ପଛରେ ଗୋଡ଼େଇଥାଏ । ତାକୁ ସେ ଆକାଶସାରା, ଜୀବନସାରା ଖୋଜୁଥାଏ । ପାଏକି ପାଏନା କହିବା ଦୁଷ୍କର ।"[୧୦] ମଣିଷ ମଧ୍ୟ ସୁଖ-ଧୂମ ପଛରେ ଧାଏଁ । ଏହି ଆକାଶ କୁସୁମ ପଛରେ ଧାଇଁ ଧାଇଁ ରାହୁରୂପୀ ମଣିଷର ବିତିଯାଏ ତମାମ୍ ଜୀବନ । ଏକଥା ହିଁ ଏଠାରେ ପ୍ରଖ୍ୟାପିତ । ବ୍ୟକ୍ତି ଜୀବନର ଇତିବୃତ୍ତ ଏଠାରେ କବି ଶ୍ରୀ ଦାସ ଏଇ ଗୋଟିକେତେ ଧାଡ଼ିରେ ବ୍ୟକ୍ତ କରିବାରେ ସଫଳ ବୋଲି କୁହାଯାଇପାରେ । ନତୁବା ସେ କି କହିପାରନ୍ତେ-

"ଡ଼ହ ଡ଼ହ ସୂର୍ଯ୍ୟାଲୋକରୁ
ମୁଁ ଶିଖେ ଜୀବନର ଜଟିଳତା
ତ କେବେ ପୁଣି
ଅନେକ ଅସହାୟତାର
ଛତ୍ରଛାୟା ତଳେ
ବସାବାନ୍ଧେ ମୋର ତାରୁଣ୍ୟର
ବାଇ ଚଢ଼େଇ ।"[୧୧]

ପୁଣି ସେ ଅସହାୟତାର ମାୟାଜାଲରେ ପଡ଼ି ହାର୍ ମାନିନେଇ ନାହାନ୍ତି । ବାରମ୍ବାର ଅପହସିତ, ବିଡ଼ମ୍ବିତ, ବ୍ୟଥିତ ଓ ଅବାଞ୍ଛିତ ହେବା ସତ୍ତ୍ୱେ ଆମ୍ଭେ ଉଚ୍ଚଡାଳରେ ବସିଥିବା ସୁବର୍ଣ୍ଣ ବିହଙ୍ଗ ଉପରକୁ ଜାଲ ନିକ୍ଷେପ କଲାପରି ଆଶା ଭାଙ୍ଗୁନାହୁଁ । ସୁଖକୁ ହଜମ କରିବାର ଶକ୍ତି ଆମ୍ଭପାଖରେ ନାହିଁ । ଦୁଃଖକୁ ଐକାନ୍ତିକ ଭାବେ ଓହଳାଇ ରଖିବାର ଶକ୍ତି ମଧ୍ୟ ନାହିଁ ଆମ୍ଭଠାରେ । ଏହା ସମ୍ଭବ ସୁଖ ଓ ଶାନ୍ତିର ପ୍ରାପ୍ତ୍ୟାଶା ରୂପୀ ଡ଼େଙ୍ଗ ଦ୍ୱାରା । ତେବେ ଉପନିଷଦର ଏକ ସୁନ୍ଦର କଥା ଏବେଳରେ ସ୍ମୃତିପଟରେ ଉଙ୍କିମାରେ-

"ମଧୁବାତା ଋତାୟତେ ମଧୁ କ୍ଷରନ୍ତି ସିନ୍ଧବଃ ।" (ଋକ୍‌ବେଦ)

ସବୁଠାରେ ମଧୁର ଝରଣା, ସବୁଠାରେ ମଧୁର ପ୍ଲାବନ । ସୁଖେଚ ଦୁଃଖେଚୈବ ସନ୍ତି ପ୍ରଶାନ୍ତି ମଧୁ ବା । କବି ଶ୍ରୀ ଦାସ ଉପନିଷଦର ଏହି ତତ୍ତ୍ୱରେ ସ୍ନାତ । ସୁତରାଂ ସବୁକିଛି ତାଙ୍କୁ ଅମୃତ ଲାଗୁଛି ଓ ଲାଗିବା ସ୍ୱାଭାବିକ ମଧ୍ୟ । ଏଥିରେ ଖାଲି Social commitment ନାହିଁ, ଅପରନ୍ତୁ ରହିଛି ଆଗାମୀକାଲି ପାଇଁ ବଞ୍ଚିବାର ଖୋରାକ୍ ଓ ରାସ୍ତା ।

ଉପନିଷଦର ସେହି ଚନ୍ଦ୍ରଗିଳା ପ୍ରସଂଗ ବା ସୁନାପକ୍ଷୀ ପ୍ରସଂଗକୁ ଭିତ୍ତିକରି ଯେଉଁ ଉକ୍ତିଟି ରହିଛି ତାହା ଏଠାରେ ଉଦ୍ଧାରଯୋଗ୍ୟ, ଯାହା ଆଲୋଚ୍ୟ କବିତାର ଅନୁରୂପ ବକ୍ତବ୍ୟ ମାତ୍ର । ଉପନିଷଦରେ ଶେଷରେ ଜଣେକେହି ସେ ଗଛର ଚରିତ୍ର କୋଧାନ୍ୱିତ ହୋଇ କହିଛି– "ଶୁଣ ! ଏ ନିରର୍ଥକ ପରିଶ୍ରମ ବ୍ୟାପାର । ମୁଁ ଦେଖୁଛି, ମୁଁ କହୁଛି, ମୁଁ ଶୁଣୁଛି– ମୁଁ ହିଁ ଖୋଜୁଛି । ମୁଁ ବଞ୍ଚୁଛି ଏବଂ ମରୁଛି । ଏଣୁ ମୁଁ ହିଁ ସବୁ । ମୁଁ ହିଁ ମଧୁ ।" ଏସବୁ ପରେ ବହୁବିଧ ଜଗତ ଅନ୍ତର୍ଦ୍ଧାନ ହୁଏ ଓ ତତ୍‌ସଂଗେ ସଂଗେ ଅନ୍ତର୍ଯନ୍ତ୍ରଣା ମଧ୍ୟ ହୁଏ ଉଭାନ୍ । ଏହାହିଁ ବଞ୍ଚିବାର ଅମୋଘ ରହସ୍ୟ– ଯାହା ସାଂପ୍ରତିକ ନୁହେଁ ସାର୍ବିକ ଓ ସାର୍ବକାଳିକ ପ୍ରୟୋଜନୀୟ ତତ୍ତ୍ୱଟିଏ । ଏ ତତ୍ତ୍ୱ ଏଠାରେ ପ୍ରଖ୍ୟାପିତ ଏ କବିତାଟି ଦ୍ୱାରା । କବିତାର ଗ୍ରନ୍ଥିରେ ଗ୍ରନ୍ଥଟିର ସାରତତ୍ତ୍ୱ ରହିଛି । ସମଗ୍ର ବିଶ୍ୱର ସମସ୍ତ ସମସ୍ୟାର ଅର୍ଦ୍ଧେକ ସମାଧାନ ମନେହୁଏ ଏଇଠାରେ, ଏହି ବିଶ୍ୱର ଅଭାବବୋଧ ଠାରେ ହିଁ ରହିଛି । କାରଣ ଏହା ହିଁ ଜୀବନରଥକୁ ବାହିନିଏ । ଏହା ହିଁ ଜୀବନ ତରଣୀକୁ ଆଗକୁ ନିଏ । କବିଙ୍କ ମତରେ ବିଶ୍ୱ ବର୍ତ୍ତମାନ ଯେଉଁ ଆତ୍ମହୀନତା ବା ଆତ୍ମ-ଅଭାବ-(self crisis)ର ସମ୍ମୁଖୀନ ହେଉଛି, ଏହା ତା'ର ସୁଗମ ସମାଧାନ ମାତ୍ର ।

ବାଟ ସରେନି, ବାଟ ଚାଲିବାକୁ ହୁଏ । ଆଉ ଏ ବାଟ ଚାଲିବା ଲାଗି ଦରକାର ଆଶାର ଅନାଳଗ୍ରନ୍ଥି । ଏ ଗ୍ରନ୍ଥି ଆଲୋଚ୍ୟ କବିତାର କାବ୍ୟନାୟକ ମଧ୍ୟରେ ବିଦ୍ୟମାନ; ତା'ର ଧମନୀରେ ପ୍ରବାହିତ । ସମାଲୋଚକ ସନ୍ତୋଷ କୁମାର ନାୟକ ତଦୀୟ "ମଧୁଛନ୍ଦା" ପ୍ରବନ୍ଧରେ ଏ କବିତାର ସାରତତ୍ତ୍ୱକୁ ବେଶ୍ ପ୍ରଖ୍ୟାପିତ କରିଥିବାର ଲକ୍ଷ୍ୟ କରିହେବ– "ଅସରନ୍ତି ଏ କାହାଣୀ; ଅକଳନ୍ତି ତା'ର ରହସ୍ୟ । ବାଟଚଲା ସରେନି, ବିର୍ମ୍ ବଢିଚାଲେ ଆଗକୁ ଆଗକୁ କାହିଁ କେତେମୋଡ଼ ଆଉ ଖାଲଢିପ ଡ଼େଇଁ । ବିଚାରା ମଣିଷଟା ଚାଲୁ ଚାଲୁ ସେ ଖାଲରେ ପଡ଼ି ଅଣ୍ଟା ଭାଙ୍ଗିଯାଏ ତ କେବେ ଢିପରେ ଛିଡ଼ାହୋଇ ଚିନ୍ମୟାମୋଦ ପ୍ରାପ୍ତ ହୁଏ । ଆଗକୁ ଧାଇଁ ଯାଏ ସିନା ସେହି ଖାଲ ଢିପରେ ପୁଣି ପଡ଼ିଉଠେ । ସବୁକିଛି ନିଆରା ନିଆରା ଲାଗେ । ମୂର୍ତ୍ତିସିନା ପଥରରେ କଷାଘାତ ଖାଇ ପୂଜାପାଏ, ଗାଧୁଆ ତୁଠର ପଥର ଖାଲି ପଦାଘାତକୁ ଶ୍ରେୟ । ତୁଚ୍ଛ ମନୁଷ୍ୟ-ବିଶ୍ୱ-ପ୍ରାନ୍ତରରେ ଏକାଟିଆ ସିଏ ! ××× ସେ ସଂଧାନରତ । ଆନନ୍ଦ କେଉଁଠି ? ସୁଖ କେଉଁଠି ? ଖାଲ ନା ଢିପରେ ? ବିବ୍ରତ ଆନନକୁ ତା'ର ଅବଲୋକନ କଲେ ଜଣାଯାଏ ସତେ ଅବା ତା'ର ବଞ୍ଚିବାର ଅର୍ଥ, ତା'ର ମୌଳିକ ସତ୍ତା ହଜିଯାଇଛି । ସ୍ୱଭାବ କବି ଗଂଗାଧରଙ୍କ ଭାଷାରେ– "ବିଶ୍ୱଦେଖ ମଧୁମୟ" । ତେବେ ମନୁଷ୍ୟ କ'ଣ ସେହି ମଧୁ ପଛରେ ଧାଇଁଛି ? ମଣିଷ ତ ସ୍ରଷ୍ଟାଙ୍କ ଶ୍ରେଷ୍ଠ ସୃଷ୍ଟି, ପଞ୍ଚଭୂତ । ଭିର୍ଭୁତ, ଭଗବତାଂଶ ! ତେବେ ଅସମ୍ଭବ କ'ଣ ? ସୃଷ୍ଟିର ଅୟମାରମ୍ଭ କାଳରୁ ତେବେ ମନୁଷ୍ୟ କ'ଣ ଖୋଜୁଛି ? ତଥାପି ସତଟା ସତ । ମନୁଷ୍ୟ ସତ୍ୟାନୁସନ୍ଧାନେ, ମଧୁସଂଧାନେ । ××× । ହଁ-ନା, ପାପ-ପୂଣ୍ୟ, ଖାଲ-ଢିପ, ବିଷ-ପୀୟୂଷ, ଦିବା-ରାତ୍ର, ମିଛ-ସତରେ ମନୁଷ୍ୟ ବାସ୍ତବିକ୍ ଛନ୍ଦିଯାଇଛି ।"[୧୨] ଏହି କଥାତକ ହିଁ କବି ଶ୍ରୀ ଦାସ ଏଠାରେ କହିଛନ୍ତି । କବିତାର ଯବନିକାପାତ ପୂର୍ବରୁ ଶେଷ ପଦରେ କବି ବଜ୍ରକଣ୍ଠରେ ସତ୍‌ସାହସ, ସଦିଚ୍ଛା ଓ ଦୃଢକାଂକ୍ଷା, ଦୃଢସ୍ୱର ଓ ସ୍ୱାକ୍ଷର ବହନ ପୂର୍ବକ କହନ୍ତି–

> "ଛାଇ ଆଲୁଅର ଛିଟ ଅଗଣାରେ
> ସମୟର ଚାରିଛକରେ
> ଏକ ଅପୂର୍ବ ବର୍ଣ୍ଣବିଭାରେ
> ତଥାପି ବିଭାସିତ
> ମୋର ଛଳଛଳ ବର୍ତ୍ତମାନ;
> ତଥାପି ମୋ ମନର
> ଗ୍ରୀଷ୍ମ ଆକାଶରେ
> ଝଙ୍କୃତ ପ୍ରତିନିୟତ
> ଅନେକ ବର୍ଣ୍ଣିଳ ଆଶାର
> ମେଘମହ୍ଲାର ।"[୧୩]

ଏହିପରିଭାବେ ଆଙ୍ଗିକ-ଆତ୍ମିକ, ସାହିତ୍ୟିକ ବିଭବ ପ୍ରଦର୍ଶନରେ ଏହି କବିତାଟି ସ୍ୱାତନ୍ତ୍ର୍ୟ ଜାହିର ମାତ୍ର କରେନାହିଁ ଅପରନ୍ତୁ ଆଧୁନିକ ଓଡ଼ିଆ କବିତା ପର୍ଯ୍ୟାୟରେ ପ୍ରାଚ୍ୟ ଚେତନାର ମୁଖପତ୍ର ରୂପେ ଏକ ବଳିଷ୍ଠ ଇସ୍ତାହାର ଓ ଦସ୍ତାବିଜ୍ ରୂପେ ଆଗାମୀ ଦିନରେ ନିଜର ସ୍ଥାନ ଦାବି କରିବସିବ ବୋଲି ମଧ୍ୟ କୁହାଯାଇପାରେ ।

କବିତା ବା କବି ବା ସ୍ରଷ୍ଟା ବା ପ୍ରତିଭାର ପରିଚୟ କିଛିନଥାଏ । କାରଣ ପ୍ରତିଭାର ପରିଚୟ ନିଜେ ସେ ପ୍ରତିଭା । "ଆକାଶର କିବା ସୀମା ! ପ୍ରତିଭାର କିବା ସରହଦ୍ ?" କଥାଟା ଏଠାରେ ପ୍ରଯୁଜ୍ୟ ନୁହେଁ କି ? ଏବେଳେ ଶ୍ରୀ ବିଷ୍ଣୁପଦ ଭଟ୍ଟାଚାର୍ଯ୍ୟଙ୍କ ଏକ ଉକ୍ତି ମନେପଡ଼େ, ଯାହା ପରିଶେଷରେ ପ୍ରଯୁର୍ଯ୍ୟ ବୋଲି ମନେହୁଏ– "ଯାହାଙ୍କ ଦୃଷ୍ଟିରେ ଅତୀତ, ଅନାଗତ, ସୂକ୍ଷ୍ମ, ବ୍ୟବହିତ, ବିପ୍ରକୃଷ୍ଟ– ସକଳ ବସ୍ତୁ ସମାନ ରୂପେ ଉଭାସିତ ହୋଇଥାଏ, ସେ ହିଁ କବି । ସୁତରାଂ ଋଷି ଓ କବି ଏ ଉଭୟ ଶବ୍ଦ ହିଁ ସମାନାର୍ଥକ । ପ୍ରାତିଭ ପ୍ରତ୍ୟକ୍ଷ ହିଁ ଋଷିତ୍ୱ କବିତ୍ୱର ଲକ୍ଷଣ । ଏଇ ପ୍ରତ୍ୟକ୍ଷ, ଚାକ୍ଷୁଷ ପ୍ରତ୍ୟକ୍ଷ ଠାରୁ ବିଲକ୍ଷଣ– ଏହା ମାନସ ସାକ୍ଷାତ୍‌କାର ବିଶେଷ । ଇଂରେଜୀରେ ଏହାର ଏକମାତ୍ର ପ୍ରତିଶବ୍ଦ–Intuition, Imagination ବା fancy ନୁହେଁ, ସମାହିତ କବି ଚିତ୍ତରେ ବସ୍ତୁ ସ୍ୱରୂପ (thing in itself) ସହିତ ସଂପର୍କ ଜନିତ ବୋଧି ବା ପ୍ରଜ୍ଞା ହିଁ ଏହି ପ୍ରାତିଭ ପ୍ରତ୍ୟକ୍ଷର ସ୍ୱରୂପ ××× ପ୍ରଜ୍ଞା ବା ପ୍ରତିଭା ହିଁ କବିତ୍ୱର ବୀଜ ସ୍ୱରୂପ । ପ୍ରତିଭା ନଥିଲେ ଯେ କବି ହେବା ସମ୍ଭବପର ନୁହେଁ, ତାହା ପ୍ରତ୍ୟେକ

ଆଚାର୍ଯ୍ୟ ହିଁ ସ୍ୱୀକାର କରିଛନ୍ତି ।"[୧୪] କବି ଅଭୟ ଦାସଙ୍କ ପକ୍ଷେ ଏହା କହିବା ଉଚିତ୍ ମନେହୁଏ ନାହିଁ କି ? ସଂକଳନର ପ୍ରଥମ ପାଦ ବା ମୁଖଶାଳାରୁ ହିଁ ମନ କିଣିନେଲା ପରି କବିତାଟିଏ ଆଲୋଚ୍ୟ କବିତା 'ଛାଇ ଆଲୁଅର ଖେଳ' । ଭରତାଚାର୍ଯ୍ୟଙ୍କ ଭାଷାରେ- "ନାମକାର୍ଯ୍ୟ ନାଟକସ୍ୟ ଗର୍ଭିତାର୍ଥ ପ୍ରକାଶନ" । ପରିଶେଷରେ ଏତକ କୁହାଯାଇପାରେ କବିତାଟି ଆମୂଳ-ଆନାମକରଣ-ଶେଷ ତଥା ଏହାର ନିର୍ଯ୍ୟାସ, ସୁସ୍ଥ ଓ ସବଳ । ସବୁତକ କାବ୍ୟିକ device ବା ଉପକରଣ ଏଠାରେ ସୁରକ୍ଷିତ ଓ ସୁସ୍ଥଥିଲା ପରି ଜ୍ଞାତ ହୁଏ । ଏଣୁ ଏହା ଯେ ସଫଳତମ କବିତା ମଧ୍ୟରେ ଆଗଧାଡ଼ିର ଆସନ ଦାବିକରେ ଏଥିରେ ଦ୍ୱିମତ ହେବାର ମନେହୁଏ ନାହିଁ ।

**ସହାୟକ ଗ୍ରନ୍ଥସୂଚୀ:**


୧. ଦାସ, ଅଭୟ- ***ଛାଇ ଆଲୁଅର ଖେଳ***- ବହିଘର, ବାଲେଶ୍ୱର- ଦ୍ୱିତୀୟ ସଂସ୍କରଣ- ୨୦୧୩- ପୃ-୦୯ ।

୨. ଦାସ, ମନୋଜ- ***କେତେ ଦିଗନ୍ତ***- (ପ୍ରଥମ ଭାଗ)- ପ୍ରଥମ ପ୍ରକାଶ- ୧୯୮୬- ପୃ-୧୧ ।

୩. ମୁଖୋପାଧ୍ୟାୟ, ଡକ୍ଟର ଶୁଭ୍ରାଂଶୁ- ***ରବୀନ୍ଦ୍ର କାବ୍ୟୋର ପୁନର୍ବିଚାର***- ପ୍ରଥମ ପ୍ରକାଶ-ପୃ-୦୨ ।

୪. ପଟ୍ଟନାୟକ, ବୈକୁଣ୍ଠନାଥ- ରମାରଲାଁ- ***ବୈକୁଣ୍ଠନାଥ ଗ୍ରନ୍ଥାବଳୀ*** (୨ୟ ଭାଗ)- ପୃ-୪୧୧ ।

୫. ପଟ୍ଟନାୟକ, ବୈକୁଣ୍ଠନାଥ- ସୃଷ୍ଟି-***ଚକ୍ରୈବ***- ପୃ-୮୪ ।

୬. ଦାସ, ଅଭୟ- ***ଛାଇ ଆଲୁଅର ଖେଳ***- ବହିଘର, ବାଲେଶ୍ୱର- ଦ୍ୱିତୀୟ ସଂସ୍କରଣ- ୨୦୧୩- ପୃ-୦୯ ।

୭. ଦାସ, ଅଭୟ- ***ଚକ୍ରୈବ***- ପୃ-୦୯ ।

୮. ଦାସ, ଅଭୟ- ***ଚକ୍ରୈବ***- ପୃ-୦୯-୧୦ ।

୯. ପଟ୍ଟନାୟକ, ବୈକୁଣ୍ଠନାଥ- ସଂକେତ ଶିଳା- ବୈକୁଣ୍ଠନାଥ ଗ୍ରନ୍ଥାବଳୀ (୨ୟ ଭାଗ)- ପୃ-୧୩୭ ।

୧୦. ରଥ, ଚନ୍ଦ୍ରଶେଖର- ମଧୁସଂଧାନ- ***ଗଦ୍ୟଧାରା***- ସଂ.-ରତ୍ନାକର ଚଇନି ଓ ଅନ୍ୟମାନେ- ଓଡ଼ିଆ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା- ପୁସ୍ତକ ଭବନ- ଭୁବନେଶ୍ୱର- ପ୍ରଥମ ମୁଦ୍ରଣ- ୨୦୦୬- ପୃ- ୧୭୪-୧୭୫ ।

୧୧. ଦାସ, ଅଭୟ- ***ଛାଇ ଆଲୁଅର ଖେଳ***- ବହିଘର, ବାଲେଶ୍ୱର- ଦ୍ୱିତୀୟ ସଂସ୍କରଣ- ୨୦୧୩- ପୃ-୧୦ ।

୧୨. ନାୟକ, ସନ୍ତୋଷ କୁମାର- 'ମଧୁଛନ୍ଦା'- ***ଭାସ୍ୱତ***- ସଂ.- ଡକ୍ଟର ଇନ୍ଦିରା ଦତ୍ତ ଓ ଅନ୍ୟମାନେ- ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ- ବାଲେଶ୍ୱର- Vol. VIII, No-01- ୨୦୦୮- ପୃ-୧୦ ।

୧୩. ଦାସ, ଅଭୟ- ***ଛାଇ ଆଲୁଅର ଖେଳ***- ବହିଘର, ବାଲେଶ୍ୱର- ଦ୍ୱିତୀୟ ସଂସ୍କରଣ- ୨୦୧୩- ପୃ-୧୦ ।

୧୪. ଭଟ୍ଟାଚାର୍ଯ୍ୟ, ଶ୍ରୀ ବିଷ୍ଣୁପଦ- ***କାବ୍ୟ ମୀମାଂସା***- ଜିଜ୍ଞାସା ପବ୍ଲିକେଶନ୍ସ ପ୍ରା:ଲି:, କଲିକତା- ୧୯୮୨- ପୃ-୨-୩ ।


❖ ❖ ❖

DOI :https://doi.org/10.5281/zenodo.14172140

ମୂଳ ପ୍ରବନ୍ଧ

# ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀବାଦୀ ଚେତନା

**ଉଷାରାଣୀ ରଥ**

**ସଂକ୍ଷିପ୍ତ ସାର :**

ସମଗ୍ର ବିଶ୍ୱରେ ବିଂଶ ଶତକର ଦ୍ୱିତୀୟ ଭାଗରେ ବହୁଚର୍ଚ୍ଚିତ ବାଦ ହେଉଛି 'ନାରୀବାଦ', ଯାହା ମୂଳତଃ ଏକ ପାଶ୍ଚାତ୍ୟ ଅବଧାରଣା । ନାରୀଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ଓ ସୁଯୋଗ ଦେବା ହିଁ ଏହି ବାଦର ମୂଳ କଥା । ସମାଜରେ ଲିଙ୍ଗଭିତ୍ତିକ ପକ୍ଷପାତିତା ବିରୁଦ୍ଧରେ ଏହି ନାରୀବାଦ ଏକ ପ୍ରତିକ୍ରିୟା । ନାରୀର ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ଏଥିରେ ଗୁରୁତ୍ୱ ପାଇଥାଏ । ନାରୀକୁ ପରିପୂର୍ଣ୍ଣ ଅଭିବ୍ୟକ୍ତି ପ୍ରଦାନ କରିବାର ଆଗ୍ରହ ଏଥିରେ ରହିଥାଏ । ନାରୀବାଦ ରାଜନୀତିକ ଆନ୍ଦୋଳନରୁ ଆରମ୍ଭ ହୋଇ ପରବର୍ତ୍ତୀ କାଳରେ ନୃତାତ୍ତ୍ୱିକ, ସମାଜତାତ୍ତ୍ୱିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ ତଥା ବୌଦ୍ଧିକ ନବଜାଗରଣ ଦିଗରେ ପ୍ରସାରିତ ହୋଇଛି । ବିଭିନ୍ନ ସମୟରେ ଅନେକ ନୂତନ ତତ୍ତ୍ୱକୁ ସ୍ୱ ଅଙ୍ଗୀଭୂତ କରିଛି । ଭାରତରେ ୧୯୬୦ ମସିହା ବେଳକୁ ଏହି ବାଦ ନାରୀ ସ୍ୱାଭିମାନ ଓ ନାରୀମୁକ୍ତି ରୂପରେ ଆତ୍ମପ୍ରକାଶ କରି ଏକବିଂଶ ଶତାବ୍ଦୀ ବେଳକୁ ସ୍ପଷ୍ଟ ରୂପ ଗ୍ରହଣ କରିଛି ଓ ସ୍ୱାଭାବିକ ଭାବରେ ଲେଖିକାମାନଙ୍କ ସୃଷ୍ଟିରେ ଏହା ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଛି । ଗାଳ୍ପିକା ସରୋଜିନୀ ସାହୁ ଜଣେ ଦୃଢ଼ ନାରୀବାଦୀ ଲେଖିକା ଭାବରେ ପରିଚିତ । ତାଙ୍କର ନାରୀବାଦୀ ଚେତନା ନାରୀର ଆର୍ଥନୀତିକ ସ୍ୱାଧୀନତା ଓ ନିଜ ଶରୀର ଉପରେ ଅଧିକାରକୁ ଗୁରୁତ୍ୱ ଦେବା ସହ ନାରୀର ନାରୀତ୍ୱକୁ ବେଶ୍ ମର୍ଯ୍ୟାଦା ଦିଏ, ଯାହା ତାଙ୍କ ରଚିତ ଗଳ୍ପରେ ସ୍ପଷ୍ଟ ଲକ୍ଷ୍ୟଣୀୟ ।

**ପ୍ରମୁଖ ଶବ୍ଦ:** ନାରୀବାଦ, ନାରୀର ସ୍ୱତନ୍ତ୍ର ବ୍ୟକ୍ତିସତ୍ତା, ପରିପୂର୍ଣ୍ଣ ଅଭିବ୍ୟକ୍ତି, ନାରୀ ସ୍ୱାଭିମାନ, ନାରୀ ମୁକ୍ତି, ନାରୀତ୍ୱ ।

## ବିଷୟ :

'ନାରୀବାଦ' ଏକ ପାଶ୍ଚାତ୍ୟ ଅବଧାରଣା । ବିଂଶ ଶତକର ଦ୍ୱିତୀୟ ଭାଗରେ ଏହି ଚେତନା ମୁଖ୍ୟତଃ ଏକ ଶକ୍ତିଶାଳୀ ଆନ୍ଦୋଳନର ରୂପ ନେଇଥିଲା ଏବଂ ସମଗ୍ର ବିଶ୍ୱସମାଜ ତଥା ସାହିତ୍ୟ ଜଗତକୁ କବଳିତ କରିଥିଲା । ଇଂରାଜୀରେ ନାରୀବାଦ 'Feminism' ଭାବରେ ପ୍ରଚଳିତ । ଏହାର ଉତ୍ପତ୍ତି ଫରାସୀ ଶବ୍ଦ 'Feminism'ରୁ । ଶବ୍ଦଟିର ଇଂରାଜୀ ଆଭିଧାନିକ ଅର୍ଥ ହେଉଛି 'Activity in support of' । ବିଶେଷ ଦୃଷ୍ଟିରୁ ଏହାର ଅର୍ଥ 'The principle that women should have the same rights and chances as man' । ଅର୍ଥାତ୍ ନାରୀଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ଓ ସୁଯୋଗ ଦେବା । ଏହି ଅଧିକାର ମୁଖ୍ୟତଃ ସାମାଜିକ, ଆର୍ଥନୀତିକ, ରାଜନୀତିକ ତଥା ଯୌନ ସ୍ୱାଧୀନତା ଜନିତ । ସମାଜରେ ନାରୀମାନଙ୍କୁ ପ୍ରତିକ୍ଷେତ୍ରରେ ଗୌଣ ସ୍ଥାନ ମିଳିବା ବିପକ୍ଷରେ ଚେତନାଗତ ସଂଘର୍ଷ ହିଁ ବାସ୍ତବରେ ନାରୀବାଦ । ୱାର୍ଲଡ୍ ବୁକ୍‌ରେ ଉଲ୍ଲେଖ ଅଛି ଯେ– "Feminism is a belief that women should have economic, political and social equality with men." (World Book Encyclopedia, P. 441) ଏ ଅନୁସାରେ ନାରୀବାଦ ଏକ ରାଜନୀତିକ ଆନ୍ଦୋଳନ, ଯାହାର ଉଦ୍ଦେଶ୍ୟ ଅର୍ଥନୀତି,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI:https://doi.org/10.5281/zenodo.14172140
Article No - BPP00236

ଯୋଗାଯୋଗ :
**ଡକ୍ଟର ଉଷାରାଣୀ ରଥ,** ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଆ ବିଭାଗ
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
**E-Mail ID :** usharani.rath75@gmail.com
**ORCID ID :** https://orcid.org/0009-0009-0483-0195

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧.୮.୨୦୨୪ | ୧୦.୯.୨୦୨୪ | ୧୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ରଥ, ଉଷାରାଣୀ ; ୨୦୨୪ । ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀବାଦୀ ଚେତନା । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ : ୧୦, ସଂଖ୍ୟା : ଜ; ପୃଷ୍ଠା :୩୬-୪୦ ।

ରାଜନୀତି ଓ ସାମାଜିକ କ୍ଷେତ୍ରରେ ନାରୀମାନଙ୍କୁ ପୁରୁଷମାନଙ୍କ ସହ ସମାନ ଅଧିକାର ପ୍ରଦାନ କରିବା । ଏହି ଆନ୍ଦୋଳନ ଜନମାନସରେ ଯେଉଁ ନୂତନ ଚେତନା ସୃଷ୍ଟି କରିଥିଲା ତାହା 'ନାରୀବାଦ' ନାମରେ ନାମିତ ହେଲା । ଏହି ଚେତନା ନାରୀର ସ୍ୱତନ୍ତ୍ର ବ୍ୟକ୍ତିସତ୍ତାକୁ 'ନାରୀବାଦ' ନାମରେ ନାମିତ ହେଲା । ଏହି ଚେତନା ନାରୀର ସ୍ୱତନ୍ତ୍ର ବ୍ୟକ୍ତିସତ୍ତାକୁ ଗୁରୁତ୍ୱ ଦେଇଥାଏ । ସମାଜ ନିର୍ଦ୍ଦେଶିତ ପକ୍ଷପାତୀ ପ୍ରଥା ଓ ପରମ୍ପରାର ଅନ୍ଧ ନିଗଡ଼ରୁ ମୁକ୍ତ ନାରୀର ସ୍ୱତନ୍ତ୍ର ସତ୍ତା, ସମ୍ମାନ ଓ ଅଧିକାରକୁ ପ୍ରତିଷ୍ଠା କରିବା ଓ ନାରୀକୁ ପରିପୂର୍ଣ୍ଣ ଅଭିବ୍ୟକ୍ତି ଦେବାର ମାନସିକ ଚେତନା ହିଁ ନାରୀବାଦ, ଯାହା ପରବର୍ତ୍ତୀ କାଳରେ ନୃତାତ୍ତ୍ୱିକ, ସମାଜତାତ୍ତ୍ୱିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ ତଥା ବୌଦ୍ଧିକ ନବଜାଗରଣ ଦିଗରେ ପ୍ରସାରିତ ହୋଇଛି । ବିଭିନ୍ନ ସମୟରେ ନବପ୍ରବର୍ତ୍ତିତ ଅନେକ ତତ୍ତ୍ୱ ନାରୀବାଦରେ ଅନ୍ତର୍ଭୁକ୍ତ ହୋଇଛି । ନାରୀମାନେ ନିଜସ୍ୱ ଦୃଷ୍ଟିକୋଣରୁ ନାରୀବାଦର ସମୀକ୍ଷା କରିଛନ୍ତି ।

ଭାରତରେ ୧୯୬୦ କାଳରେ ସୃଷ୍ଟ ସାହିତ୍ୟରେ ନାରୀବାଦ ନାରୀ ସ୍ୱାଭିମାନ ଓ ନାରୀମୁକ୍ତି ରୂପରେ ଆତ୍ମପ୍ରକାଶ କରି ଏକବିଂଶ ଶତାବ୍ଦୀ ବେଳକୁ ସ୍ପଷ୍ଟ ରୂପ ଗ୍ରହଣ କରିଛି । ସବୁ ଭାଷାର ସାହିତ୍ୟ ପରି ଓଡ଼ିଆ ଭାଷାରେ ମଧ୍ୟ ବିଶେଷ ଭାବରେ ଲେଖିକାମାନଙ୍କ ସୃଷ୍ଟିରେ ଏହି ପ୍ରସଙ୍ଗଟି ଅଧିକ ଜୀବନ୍ତ ଓ ବଳିଷ୍ଠ ହୋଇପାରିଛି ।

ବିଂଶ ଶତାବ୍ଦୀର ସପ୍ତମ ଦଶକରୁ ଗଳ୍ପଜଗତରେ ପାଦ ଦେଇଥିବା ସରୋଜିନୀ ସାହୁ ଏ ସମୟରେ ସବୁଠାରୁ ଦୃପ୍ତ ସ୍ୱରରେ ନାରୀବାଦକୁ ରୂପ ଦେଉଥିବା ଗାଳ୍ପିକା ଭାବରେ ସୁପରିଚିତ । ନିଜର ଫ୍ରାଙ୍କନେସ୍ ପାଇଁ ସମଗ୍ର ବିଶ୍ୱସାହିତ୍ୟରେ ସେ ବହୁଚର୍ଚ୍ଚିତ ତଥା ବହୁ ଆଦୃତ । କଲିକତାର Kindle ପତ୍ରିକା ତାଙ୍କୁ ଭାରତର ପଚିଶ ଜଣ ବ୍ୟତିକ୍ରମୀ ମହିଳାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଥିଲା । ଆମେରିକାର ଓରଲନ୍ସ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ କ୍ୟାଥି ନେଲସନ୍ ତାଙ୍କର ଏକ ପ୍ରୋଜେକ୍ଟର ଶିରୋନାମା ଦେଇଥିଲେ,ଯାହାର ଓଡ଼ିଆ ଅନୁବାଦ ହେଉଛି- 'ସିମୋନ୍-ଦି ବାଭୋ: ସରୋଜିନୀ ସାହୁ- ପାଶ୍ଚାତ୍ୟ ଓ ପ୍ରାଚ୍ୟ ନାରୀବାଦ' । ପାଶ୍ଚାତ୍ୟ ଜଗତର ବହୁଚର୍ଚ୍ଚିତ ନାରୀବାଦୀ ଚିନ୍ତନ ସିମୋନ୍-ଦି-ଭାବେଙ୍କ ସହ ସରୋଜିନୀଙ୍କ ତୁଳନୀୟତା ଏଥିରୁ ସ୍ପଷ୍ଟ । ସରୋଜିନୀଙ୍କ ନାରୀବାଦ ସଂପର୍କିତ ମତ ହେଉଛି- "ନାରୀବାଦ ମୋ ପାଇଁ ଗୋଟେ ସ୍ଲୋଗାନ୍ ନୁହେଁ, ଗୋଟେ ଅନୁଭବ ।" (ମୋ ଦୃଷ୍ଟିରେ ନାରୀବାଦ, ସାମ୍ନା ପତ୍ରିକା ପୂଜା ସଂଖ୍ୟା ୨୦୧୦) ତାଙ୍କ ମତରେ "ନାରୀମାନଙ୍କର ଦୁଇପ୍ରକାର ଅଧିକାର ରହିବା ଉଚିତ- ପ୍ରଥମଟି ଆର୍ଥନୀତିକ ଓ ଅନ୍ୟଟିଦେହ ଉପରେ ତା' ନିଜ ଅଧିକାର ।" (ତତ୍ରୈବ) । ଭାରତର ଏକ ପ୍ରସିଦ୍ଧ ପତ୍ରିକା 'The Sunday Tribune of India'ର ସଂପାଦକ ସରୋଜିନୀଙ୍କ ନାରୀବାଦୀ ଚେତନା ସଂପର୍କରେ ଲେଖିଛନ୍ତି- "Sahu accepts feminism as an integral part of femaleness separate from the masculine world. As such differs from the feminist views of Virginia Woolf or Judith Butler x x x her feminism is constantly linked to the sexual politics of a woman and identifies women's sexual liberation as the real motive behind the women's movement." (The Sunday Tribune of India, October-26, 2008) ସରୋଜିନୀ ସ୍ୱୀକାର କରନ୍ତି ନାରୀ ଓ ପୁରୁଷ ମଧ୍ୟରେ ଥିବା ଜୈବିକ ବିଭେଦକୁ । ତେଣୁ ନାରୀର ନାରୀତ୍ୱ ତାଙ୍କ ଗଳ୍ପଗୁଡ଼ିକରେ ନିଜର ସ୍ୱତନ୍ତ୍ର ସ୍ଥିତିକୁ ଜାହିର କରିଥାଏ । ନାରୀର ନାରୀତ୍ୱ ବା Feminity କୁ ମର୍ଯ୍ୟାଦାର ସହ ସ୍ୱୀକାର କରିବା ହେଉଛି ତାଙ୍କ ନାରୀବାଦୀ ଚେତନାର ଅନ୍ୟତମ ମୁଖ୍ୟତତ୍ତ୍ୱ ଏବଂ ଏହା ନାରୀବାଦର ଦ୍ୱିତୀୟ ତରଙ୍ଗର ଏକ ପ୍ରମୁଖ ପ୍ରସଙ୍ଗ ରୂପେ ଉଭା ହୋଇଥିଲା ।

ଋତୁମତୀ ହେବା ନାରୀତ୍ୱର ଏକ ବିଭାବ । ନୂଆ କରି ବୟଃପ୍ରାପ୍ତିର ସନ୍ଧିକ୍ଷଣକୁ ସେ ଖୁବ୍ ସୁନ୍ଦର ରୂପାୟିତ କରିଛନ୍ତି 'ଆଗ୍ନେୟଗିରି' ଗଳ୍ପରେ । ଗଳ୍ପର ନାୟିକା ପାରମ୍ପରିକ ଝିଅମାନଙ୍କ ଠାରୁ ଭିନ୍ନ ଭାବରେ ଚିତ୍ରିତ । ପ୍ରଥମ ଋତୁମତୀ ହେବାରେ ତାକୁ ଘରର କୋଣିକିଆ ବଖରାରେ ବନ୍ଦ କରାଯାଇଛି, ଯାହା ତାକୁ ପ୍ରତିକ୍ରିୟାଶୀଳ କରିଛି । ତା'ଠାରେ ସ୍ୱାଭାବିକ ମାନସିକ ପରିବର୍ତ୍ତନକୁ ଗାଳ୍ପିକା ତୀକ୍ଷ୍ଣ ଦୃଷ୍ଟିରେ ନିରୀକ୍ଷଣ କରିଛନ୍ତି- "ମୋତେ ଆଗଭଳି ଦୌଡ଼ି ଖେଳିବାକୁ ଭଲ ଲାଗୁନଥିଲା । ମୁଁ ମୋ ପ୍ରସାଧନ ଉପରେ ଦିନକୁ ଦିନ ବେଶି ଗୁରୁତ୍ୱ ଦେଲି × × × ମୋର ପୂରିଲା ଓଠ, ଚଞ୍ଚଳ ଆଖି ଓ ଗାଢ଼ ଭୂଲତାକୁ ବାରମ୍ବାର ଆଇନାରେ ଦେଖୁଥିଲି ।" ଗଳ୍ପ ନାୟିକାର ଏହି ସ୍ୱୀକାରୋକ୍ତିରେ ରହିଛି ନାରୀତ୍ୱର ସ୍ୱାଭାବିକ ବିକାଶ, ଯାହା ଗାଳ୍ପିକାଙ୍କ ଦୃଷ୍ଟିରେ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେହିପରି ରୂପାୟଣ ଲକ୍ଷ୍ୟ କରାଯାଏ । 'ଦୂରପାହାଡ଼ର ଛବି' ଗଳ୍ପର ମଂଜୁ ଚରିତ୍ରରେ- "ଯେବେ ସେ ମ୍ୟାଟ୍ରିକ୍ ପାଇଲା, ସେ ଦିନଠୁ ମଂଜୁ ସ୍ୱପ୍ନ ଦେଖିଲା ଦୂର ପାହାଡ଼ ଗୁମ୍ଫାରେ ସେ ଘର ବସାଇବ । ଘର ଭିତରେ ସେ କ'ଣ ଏକା ରହିବ ? ସେଇଦିନ ହିଁ ମଂଜୁ ଆବିଷ୍କାର କଲା ତା'ର ସ୍ୱାମୀ ମନସ୍କ ମନଟାକୁ × × × ମନ ମୁତାବକ ଲୋକଟିଏ ଖୋଜିବୁଲିଲା ତା' ଗୁମ୍ଫାର ଘର ପାଇଁ ।" ବୟସର ଏ ସନ୍ଧିକ୍ଷଣରେ ନିଜ ହାତପାଆନ୍ତାରେ ଥିବା ପୁଅକୁ ନେଇ ସ୍ୱପ୍ନ ଦେଖିବା ଏକ ସ୍ୱାଭାବିକ କଥା, ଯାହା ମଂଜୁ କରିଛି । ନିଜ ଘର ପାଖରେ ଥିବା ପାନଦୋକାନୀକୁ ନେଇ ସ୍ୱପ୍ନ ଦେଖା ଆରମ୍ଭ କରିଛି । ଏ ସ୍ୱପ୍ନଦେଖା ନିତାନ୍ତ ସାଧାରଣ, ସ୍ୱାଭାବିକ । ଦିନ ଗଡ଼ିବା ସଂଗେ ସଂଗେ ସ୍ୱପ୍ନର ନାୟକ ମଧ୍ୟ ବଦଳି ଯାଆନ୍ତି । ମଂଜୁର ସ୍ୱପ୍ନ ଭିତରେ ବାରଲୋକ ବଦଳିଛନ୍ତି । ପୁଣି ବିବାହ ପ୍ରସ୍ତାବ ପଡ଼ିବା ବେଳରୁ ହିଁ ଭାବି ସ୍ୱାମୀକୁ ନେଇ ନୂଆ ଧରଣର ସିରିଜ୍ ସ୍ୱପ୍ନ ଆରମ୍ଭ ହୋଇଯାଇଛି । ତା' ସହିତ

ଏକ ଅନୁଚ୍ଚାରିତ ବକ୍ତବ୍ୟକୁ ଅତି ବୋଲ୍ଡ୍ ଭାବରେ ସରୋଜିନୀ ପ୍ରକାଶ କରିଦେଇଛନ୍ତି- "ବାହା ହେବା ଯାଏ ନିଜ ଉପରେ ଆଖି ରଖିଥାଅ । ସ୍ୱପ୍ନ ଭିତରେ ବାରମ୍ବାର ଲୋକ ବଦଳାଅ ମନା ନାହିଁ, ହେଲେ ସ୍ୱପ୍ନଗୁଡ଼ା ସବୁ ନିଜ ପେଟ ଭିତରେ ସାଇତି ରଖ ।" ସମାଜର କଟକଣା ପ୍ରତି ପ୍ରଚ୍ଛନ୍ନ ବିଦ୍ରୁପ ଏଥିରେ ଜଳ ଜଳ ଦିଶିଯାଏ । 'ଅପରାହ୍ନ' ଗଳ୍ପରେ ଷାଠିଏ ବର୍ଷ ପର୍ଯ୍ୟନ୍ତ ଋତୁମତୀ ହୋଇଚାଲିଛନ୍ତି ନାୟିକା, ଯାହା ତାଙ୍କୁ ଉପହାସର ପାତ୍ରୀ କରିଛି । ମାତ୍ର ତାଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଛି ଯେ ନିଜର ସକ୍ରିୟ ନାରୀତ୍ୱ ନିମନ୍ତେ ତାଙ୍କର ତ ଗର୍ବ କରିବାର କଥା । ସେ ଲଜ୍ଜିତ ହେଉଛନ୍ତି କାହିଁକି ?

ନାରୀବାଦର ଦ୍ୱିତୀୟ ତରଙ୍ଗ (୧୯୬୦-୧୯୮୦)ରେ ବିବାହ ଓ ମାତୃତ୍ୱକୁ ନାରୀ ଅବଦମନର ଏକ ପ୍ରମୁଖ କାରଣ ଭାବେ ବିଚେଚନା କରାଗଲା । ବିବାହ ପ୍ରତି ଏକ ବିମୁଖତା ଦେଖାଦେଇଥିଲା ବିଶ୍ୱନାରୀଙ୍କ ମାନସରେ, ଯାହା ସରୋଜିନୀଙ୍କ ଗଳ୍ପରେ ରୂପପାଇଛି । 'ନିଜ ଗହୀରରେ ନିଜେ' ସଂକଳନର 'ନିଜ ଗହୀରରେ ନିଜେ' ଗଳ୍ପରେ ସରୋଜିନୀ ବାହାଘରକୁ ଆତ୍ମହତ୍ୟା ସହ ତୁଳନା କରିଛନ୍ତି । ବିବାହ କଲେ ନାରୀର ସ୍ୱାଧୀନତା, ନିଜର ଆକାଙ୍କ୍ଷା ସବୁକିଛିକୁ ଛାତିତଳେ ଚାପିଦେବାକୁ ହେବ । ଗାଳ୍ପିକାଙ୍କ ଭାଷାରେ- "ତମର ନିଜସ୍ୱ ପରିଚୟ ହଜେଇ ଦେବାକୁ ପଡ଼ିବ ବାହାଘର ପରେ । ବାହାଘରଟା ଗୋଟେ ପରାଧୀନତା, ଗୋଟେ କୁଆଁରୀ ଝିଅର ଆତ୍ମହତ୍ୟା ଛଡ଼ା ଆଉ କ'ଣ ?" ସେହିପରି ପକ୍ଷୀଟିଏ ପରି ଉଡୁଥିବା ନାରୀଟିଏ କେମିତି ବିବାହ ପହରେ ପିଂଜରାବଦ୍ଧ ହେବାର ଅନୁଭବ କରେ ତାହା ବେଶ୍ ଲକ୍ଷ୍ୟ କରାଯାଏ 'ରେପ୍' ଗଳ୍ପର ସୁପର୍ଣ୍ଣ ଚରିତ୍ରରେ- "ସୁପର୍ଣ୍ଣା କେବେ ଭାବିନଥିଲା ଏମିତି ହେବ ତା'ର ଜୀବନ ଗୋଟେ ଘର ଭିତରେ ସୀମାବଦ୍ଧ । ଗୋଟେ ଦିନର ପଞ୍ଜିକା ଅନ୍ୟଦିନଠୁ ଫରକ୍ ନଥିବା କିଛି × × × ସ୍ୱାମୀ ପାଇଁ ଗରମ ଗରମ ରୁଟି, ପୁଅ ପାଇଁ ରାଇମ୍, ଝିଅର ଚମଡ଼ା, ଦାନ୍ତ ଓ ବାଳର ଯତ୍ନ ନଉ ନଉ ସେ ଭୁଲିଯିବ ସୁପର୍ଣ୍ଣା ବୋଲି କେହି ଜଣେ ଥିଲା, ଯିଏ ୟୁନିଭର୍ସିଟିର ପିକ୍‌ନିକ୍‌ରେ ଧବଳେଶ୍ୱରର ନଦୀକୂଳରେ ବସି ସିଗାରେଟ୍ ଟାଣୁଥିଲା ।" ତାକୁ ଲାଗୁଥିଲା ସମାଜର ପ୍ରଚଳିତ ବ୍ୟବସ୍ଥାରେ ସେ ରେପ୍ଡ୍ ହୋଇଯାଇଛି । ତା' ଜୀବନ, ଆଶା, ଆକାଂକ୍ଷା ସବୁକିଛି ବଦଳିଯାଇଛି ଗତାନୁଗତିକତା ମଧ୍ୟରେ ।

ନାରୀବାଦର ତୃତୀୟ ତରଙ୍ଗ (୧୯୯୦-୨୦୧୨)ରେ ନାରୀବାଦ ନାରୀର ବ୍ୟକ୍ତିସତ୍ତାକୁ ଗୁରୁତ୍ୱ ଦେବା ସହ ନାରୀବାଦର ନୂତନ ତର୍ଜମା ଆରମ୍ଭ କରିଥିଲା । ନାରୀର ଯୌନଚେତନା, ଏଥିସହ ସଂପୃକ୍ତ ବିଭିନ୍ନ ସମସ୍ୟା ଓ ନାରୀର ଯୌନ ଅଧିକାରକୁ ଏ ପର୍ଯ୍ୟାୟରେ ମାନ୍ୟତା ଦିଆଗଲା । 'ନେପଥ୍ୟ' ଗଳ୍ପରେ ଦୁଇଜଣ ସମକାମୀ ନାରୀଙ୍କୁ ଗଳ୍ପନାୟିକା ପୂଜା ସ୍ୱାଭାବିକ ଭାବରେ ଗ୍ରହଣ କରିନେଇଛି । ଯେ କୌଣସି ପ୍ରକାର ହେଉନା କାହିଁକି ଜୀବନରୁ ଆନନ୍ଦ ଦାୟକ ଅନୁଭୂତି ସାଉଁଟି ନେବା ପ୍ରକୃତ କଥା । ସମକାମୀ ହେଲେ ମଧ୍ୟ ସେଥିରେ ପାପବୋଧ ରହିବା ଅପରିହାର୍ଯ୍ୟ ନୁହେଁ । ନାରୀର ନିଜ ପସନ୍ଦର ଯୌନଜୀବନ ଉପଭୋଗ କରିବାର ଅଧିକାର ରହିଛି, ଏହାହିଁ ସରୋଜିନୀଙ୍କ ବକ୍ତବ୍ୟ । 'ଛି' ଗଳ୍ପରେ ପାରିଜାତ ଠାରେ ଉତ୍ତୀର୍ଣ୍ଣ ଯୌବନରେ ଏକ ଭିନ୍ନ ଅନୁଭବ ସୃଷ୍ଟି ହୋଇଛି । ନିଜ ସଂସାର ଭିତରୁ ବିଚ୍ଛିନ୍ନ ହୋଇ ବିଚରଣ କରିଛି ନିଜସ୍ୱ ଅନ୍ତର୍ଜଗତରେ । ବାସ୍ତବ ବୈବାହିକ ଜୀବନରେ ପାଇନଥିବା ଏକ ପ୍ରେମ ସଂପର୍କର କଳନାରୁ ଆନନ୍ଦ ସାଉଁଟିଛି । ତା'ର ସଂଗୁପ୍ତ ଅବସୋସ କାଳ୍ପନିକ ସୁଖପ୍ରାପ୍ତିରେ ପରିପୂର୍ଣ୍ଣ ହୋଇଛି- "ସମସ୍ତେ ଶୋଇପଡ଼ିଲେ, ରାତିର ଗଭୀରତାରେ ସେ ପାଦ ଚିପି ଚିପି ଆସେ × × × ଖଟ ପାଖରେ ଆଣ୍ଠେଇପଡ଼ି ଓଠରେ ଆଦର କରେ × × × ଲୀଳାୟିତ ଭଙ୍ଗୀରେ ବିସ୍ତରି ଯାଉଥାଏ ତା'ର ଦେହ × × ×" । କଳ୍ପିତ ପ୍ରେମିକ ପୁରୁଷକୁ କଳ୍ପନା କଲେ ରୋମାଞ୍ଚିତ ହୋଇଛି ପାରିଜାତ, ଯାହା ତା'ର ଅବଚେତନର କାମନାକୁ ସୂଚିତ କରେ । ନାରୀବାଦର ଏ ପର୍ଯ୍ୟାୟରେ Naomi Wolf ଙ୍କର 'The Beauty Myth'(୧୯୯୦) ପୁସ୍ତକଟି ନାରୀର ମନରେ ବାର୍ଦ୍ଧକ୍ୟର ଭୟ ପ୍ରସଙ୍ଗର ଉନ୍ମୋଚନ କରିଥିଲା, ଯାହା ନାରୀମାନଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଥିଲା । ସରୋଜିନୀଙ୍କ ଗଳ୍ପନାୟିକା ପାରିଜାତ ଠାରେ ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଏ । ତା'ର ଆଖିତଳେ ପଡ଼ଇଥିବା କଳା ଦାଗ, ଚମଡ଼ା ଢିଲା ହୋଇଯିବା, ଦେହର ରଙ୍ଗ କମିଯିବା, ବାଳ ପାଚିବା ଇତ୍ୟାଦି କଥା ଝିଅର ମୁହଁରୁ ଶୁଣି ପାରିଜାତ ଦୁଃଖୀ ହୋଇପଡ଼ିଛି ।

ନାରୀବାଦର ଏହି ତୃତୀୟ ତରଙ୍ଗରେ ନାରୀର ଗୋପନୀୟ ଅନୁଭୂତିର ଆଲୋଚନା ଉନ୍ମୁକ୍ତ ହେଲା ଓ ସଂଗୁପ୍ତ ନାରୀଭାବନାର ଯଥାଯଥ ପରିପ୍ରକାଶ ଘଟିଲା । ଏ ଦିଗରେ ଗାଳ୍ପିକା ସରୋଜିନୀ ସାହୁ ମଧ୍ୟ ଯଥେଷ୍ଟ ଉନ୍ମୁକ୍ତ । ସମକାଳୀନ ବିଶିଷ୍ଟ ନାରୀବାଦୀ କବି ଓ ସମାଲୋଚିକା ଅପର୍ଣ୍ଣା ମହାନ୍ତି ସରୋଜିନୀଙ୍କ ସଂପର୍କରେ ମତ ଦିଅନ୍ତି- "ସରୋଜିନୀଙ୍କ ଗଳ୍ପ ବଳୟ ନାରୀର ଛଳନାହୀନ ସ୍ୱାଧୀନତାକୁ ସୁପାରିଶ କରିଛି । ନାରୀର ବ୍ୟକ୍ତିତ୍ୱ ଓ ସୁଖସନ୍ତୋଷ କଥା ଉଠିଲେ ସେ ଦେହ,ମନ କାହାରି ସହିତ ସାଲିସ୍ କରିନାହାନ୍ତି ।" (ମହାନ୍ତି, ଅପର୍ଣ୍ଣା, 'କବି ଓ ସମାଲୋଚିକା ଅପର୍ଣ୍ଣା ମହାନ୍ତିଙ୍କ ଦୃଷ୍ଟିରେ ଗାଳ୍ପିକା ସରୋଜିନୀ ସାହୁ', କାଦମ୍ବିନୀ, ଜାନୁୟାରୀ, ୨୦୦୮) ନିଜ ଗଳ୍ପରେ ନିର୍ଭୀକତା ପ୍ରସଙ୍ଗରେ ସରୋଜିନୀ କୁହନ୍ତି- "ମୋ ସାମ୍ନାରେ ଅନେକ କବାଟ ଅଛି । ତେଣୁ ସେ ସବୁକୁ ଯଦି ଧ୍ୟାନ ଦେବି ତେବେ ନାରୀର ନିର୍ଭେଜାଲ କଥା ଲେଖିବି କେମିତି ?" (ସାହୁ, ସରୋଜିନୀ, ମୋ ଦୃଷ୍ଟିରେ ନାରୀବାଦ, ସାମ୍ନା, ପୂଜାସଂଖ୍ୟା, ୨୦୧୦) ନିଜର କୁମାରୀତ୍ୱକୁ ନେଇ ନାରୀ ମନର ଭାବାବେଗକୁ ପ୍ରକାଶ କରିଛନ୍ତି

ଗାଳ୍ପିକା 'ଦୂରପାହାଡ଼' ଗଳ୍ପରେ । ବିବାହ ପରେ ସ୍ୱାମୀ ସହ ମିଳନର ପ୍ରଥମ ରାତ୍ରିରେ ରୋମାଞ୍ଚିତ ଶିହରିତ ମଂଜୁ ବାସ୍ତବରେ ଆନନ୍ଦର ଅନୁଭୂତି ପାଇନାହିଁ,ବରଂ ଅଜସ୍ର ବେଦନା ଓ ଯନ୍ତ୍ରଣାରେ ଭାଙ୍ଗିପଡ଼ିଛି । ଯନ୍ତ୍ରଣାରେ ଘୃଣାରେ ଦାନ୍ତ ଚିପି ପଡ଼ିରହିଛି ମଂଜୁ, ସତେ ଯେପରି ଝଡ଼ଟିଏ ବହିଯାଇଛି ତା' ଉପରେ । ତା'ର ଅନୁଭୂତି ଗାଳ୍ପିକାଙ୍କ ଭାଷାରେ- "ବିଛଣାରେ ଲାଲ୍ ଦାଗ ଦେଖି ଭୟରେ ଭୋ ଭୋ କରି କାନ୍ଦି ପକେଇଥିଲା ମଂଜୁ । ଏତେ ଦିନର ସଞ୍ଚିତ ତା'ର ନାରୀତ୍ୱ କେଉଁ ଘୁଣପୋକ ଅତ୍ୟାଚାରରେ ଝରିପଡୁଛି, ଝରିପଡୁଚି ତା'ର ସର୍ବସ୍ୱ ।"

ନାରୀ ଶାରୀରିକ ମିଳନରେ ବି ଆବେଗ, ପ୍ରେମର ଅପେକ୍ଷା ରଖେ, ତା'ର ଅଭାବରେ ଦୁଃଖୀ ହୋଇଯାଏ । ମଂଜୁ ମନେ ମନେ ପ୍ରଶ୍ନ କରିଛି- "କାହାକୁ ଛୁଇଁଲେ ବର୍ଷା ହୁଏ, ଗଳିଯାଏ, ଭାଙ୍ଗିଯାଏ ବିଶାଳ ପାହାଡ଼ ତମେ କି ଏସବୁ ବୁଝ ? ଜାଣ ?" ଆଦିତ୍ୟର ଚୁମା ମଧ୍ୟ ମଂଜୁକୁ ଛେପ ଲାଗି ଅସନା ଲାଗିଛି । ସେ ରୁମାଲରେ ପୋଛିଦେବାର ନୀରବ ବିଦ୍ରୋହଟି ବେଶ୍ ସ୍ପଷ୍ଟ ହୋଇପାରିଛି । 'କ୍ରୀତଦାସୀ' ଗଳ୍ପରେ ନିଜ ସ୍ୱାମୀଙ୍କ ପାଶବିକ ଯୌନ ସଂପର୍କ କଥା ମା'କୁ କହିବାରେ ମଉ ଚରିତ୍ରଟିକୁ ବେଶ୍ ଉନ୍ମୁକ୍ତ କରିଛନ୍ତି ଗାଳ୍ପିକା । ବୈବାହିକ ଧର୍ଷଣର ଗୋପନ ଅନୁଭୂତିକୁ ଗାଳ୍ପିକା ବେଶ୍ ସ୍ପଷ୍ଟ ରୂପ ଦେଇଛନ୍ତି ନିଜ ଗଳ୍ପରେ ।

'ବୁର୍ଖା' ଗଳ୍ପରେ ବୋହେମିଆନ୍ ଚରିତ୍ର ସିମି ଧର୍ଷଣର ଶିକାର ହୋଇ ମଧ୍ୟ ଭାଙ୍ଗିପଡ଼ିନାହିଁ । ତା'ର ନୀରବତା ମଧ୍ୟରେ ଦୃଢ଼ ଠାଣି ବଜାୟ ରହିଛି – "ଚାରି ଜଣ ଯାକ ମୋତେ କାମୁଡ଼ି ଛିଣ୍ଡାଇଥିଲେ । ବଟ୍ ଆଇ ଆମ୍ ନଟ୍ ସାଟିସ୍‌ଫାଏଡ୍ ।" ସିମି ପରବର୍ତ୍ତୀ କାଳରେ ବିବାହ, ଘର ସଂସାର କରିଛି, ଜୀବନ ସ୍ୱାଭାବିକ ଭାବରେ ଗଡ଼ିଚାଲିଛି ।

'ଜୀବନର ଏତେ ଦୀର୍ଘ ଆଲିଙ୍ଗନ, ବାଧ୍ୟବାଧକତାର ଲୁହାର ବନ୍ଧନ କାହାର କାମ୍ୟ ଥାଏ କୁହ, କିଏ ଚାହେଁ' ଗଳ୍ପରେ ନାରୀବାଦର ବୈପ୍ଳବିକ ଦିଗଟି ପ୍ରଥା, ପରମ୍ପରା, ଗତାନୁଗତିକ ଚିନ୍ତାଧାରାରେ ଏକ ବିସ୍ଫୋରଣ ସୃଷ୍ଟି କରିଛି । ଗାଳ୍ପିକାଙ୍କ ଭାଷାରେ- "ସବୁ ସ୍ତ୍ରୀ ଲୋକଗୁଡ଼ା ଧର୍ଷିତା ହେବା ଉଚିତ । ନହେଲେ ମୁଣ୍ଡରେ ସଂଚିତ ଥିବା ହଜାର ବର୍ଷର ଫ୍ୟାଟ୍ ତରଳିବନି । କ୍ରମାଗତ ଧର୍ଷିତ ହେଲେ ସ୍ତ୍ରୀ ଲୋକଗୁଡ଼ା ଧର୍ଷଣକୁ ତୁଚ୍ଛ ମନେ କରି ଓଲଟା ତିନି ଚାରି ଜଣ ମିଳ ପୁରୁଷ ଆଡ଼କୁ ଆଗେଇଯିବେ ।"

ନାରୀପ୍ରତି ସମାଜର ସ୍ଥାଣୁ ବିଚାରଧାରାକୁ ଭାଙ୍ଗିଦେବାକୁ ନାରୀବାଦ ତତ୍ପର । ପୁଅଟିଏ ପାଇବାରେ ଶ୍ରେଷ୍ଠ ଅନୁଭବ କରୁଥିବା ସମାଜ ପ୍ରତି କୁଠାରଘାତ କରିଛି 'ଦୁଃଖ ଅପ୍ରମିତ' ସଂକଳନର 'ଛି' ଗଳ୍ପଟି । ପାରିଜାତର ଆଈ ପୁଅ ହେବା ପାଇଁ ଝାଡ଼ାରୁ କୃମି ନେଇ ପାଚିଲା କଦଳୀରେ ମିଶାଇ ନିଜ ଝିଅକୁ ଦେଇଥିବା କଥା ଜାଣି ପାରିଜାତର ତୀବ୍ର ପ୍ରତିକ୍ରିୟା ହୋଇଛି । 'ଚୌକାଠ' ସଂକଳନର 'ଚୌକାଠ' ଗଳ୍ପରେ ନିଜ ବାପଘରର ଆକଟ ତଥା ନଜରକୁ ଡେଇଁ ଇପ୍‌ସିତା ତା'ର ପ୍ରେମିକ ସହ ପଳାୟନର ମାନସିକ ଦ୍ୱନ୍ଦ୍ୱକୁ ସାହସର ସହିତ ଅତିକ୍ରମ କରିଛି, ଯଦିଓ ସେ ଜାଣେ କୌଣସି ସମସ୍ୟା ହେଲେ ସେ ପୁଣିଥରେ ବାପଘରର ଚୌକାଠ ଭିତରେ ପାଦ ଥାପିପାରିବ ନାହିଁ । ଚୌକାଠ ସମାଜର, ପ୍ରଥା, ପରମ୍ପରାର ପ୍ରତୀକ, ଯାହାକୁ ଭାଙ୍ଗିଛି ନାରୀ । 'ସୃଜନୀ : ସରୋଜିନୀ' ସଂକଳନର 'ବେଡ଼ି' ଗଳ୍ପରେ ଇଭଟିଜିଂର ଭୟ ରୂପକ ବେଡ଼ିରୁ ମୁକ୍ତ ହେବା ପାଇଁ ପ୍ରେରଣା ଦେଇଛି ଗଳ୍ପ ନାୟିକା । ସାମାଜିକ କଟକଣା କେବଳ ନାରୀ ପାଇଁ, ପୁରୁଷ ପାଇଁ ନୁହେଁ । ଏହା ସରୋଜିନୀଙ୍କୁ କରିଛି ପ୍ରତିକ୍ରିୟାଶୀଳ, ଯାହା ପ୍ରତିଫଳିତ ହୋଇଛି ତାଙ୍କ ଗଳ୍ପର ଚରିତ୍ରରେ । 'ମୋହଭଙ୍ଗ' ଗଳ୍ପରେ ଘରେ ବାପାଙ୍କ ପସନ୍ଦର ଜିନିଷ କେବଳ ରନ୍ଧା ହେବା, ବାପାଙ୍କ ପସନ୍ଦରେ ମା'ର ଗହଣା କିଣା ହେବା, ଗହଣା କେଉଁ ସମୟରେ ପିନ୍ଧିବ ନ ପିନ୍ଧିବ ସେ ନିଷ୍ପତି ବାପା କରିବା ପରି ଘଟଣା ସୁପର୍ଣ୍ଣାକୁ ପ୍ରତିକ୍ରିୟାଶୀଳ କରିଛି । 'ଉଡ଼ିବାର ବେଳ' ଗଳ୍ପରେ ଝିଅକୁ ସବୁ କଟକଟାରୁ ମୁକ୍ତ ଏକ ପକ୍ଷୀ ପରି ଚିତ୍ରଣ କରିଛନ୍ତି ଗାଳ୍ପିକା । ସୁପର୍ଣ୍ଣା ପୁଅଟିକୁ ପତ୍ରବନ୍ଧୁ କରିଛି । ପ୍ରଥମ ଅବସ୍ଥାରେ ଭୟ ଓ ସଂକୋଚ ସୃଷ୍ଟି ହେଲେ ମଧ୍ୟ କ୍ରମଶଃ ସେ ଜଡ଼ତା କଟିଯାଇଛି । ସରୋଜିନୀଙ୍କ ଭାଷାରେ- "ସୁପର୍ଣ୍ଣାର ଏଇଟା ଗୋଟେ ପ୍ରକାର ସାହସିକ ପଦକ୍ଷେପ ଥିଲା ତାଙ୍କ ଘର ଭିତରେ ।" 'ପାହାଚ' ଗଳ୍ପର ସୋମାନୀକୁ ଚା' ଜଳଖିଆ ଧରି ବରପକ୍ଷର ଲୋକଙ୍କ ସାମ୍ନାକୁ ଯାଇ ନିଜକୁ ପ୍ରଦର୍ଶନ କରିବା ଅପମାନ ଜନକ ମନେ ହୋଇଛି । 'ଆଗ୍ନେୟଗିରି' ଗଳ୍ପରେ ନାୟିକା ଝିଅପାଇଁ ଥିବା ସବୁ କଥକଟାକୁ ଅଗ୍ରାହ୍ୟ କରିଛି । ପାରାଲାଲ୍ ପ୍ୟାଣ୍ଟ୍ ଟପ୍ ପିନ୍ଧିଛି । ରାସ୍ତାରେ ପୁଅମାନଙ୍କ ମନ୍ତବ୍ୟକୁ ଦେହର ଧୂଳି ପରି ଝାଡ଼ି ଦେଇଛି । ପତ୍ରିକାରୁ ଠିକଣା ସଂଗ୍ରହ କରି ପତ୍ରବନ୍ଧୁ କରିବା, ପୁଅ ସାଙ୍ଗମାନଙ୍କ ଠାରୁ ଘର ଠିକଣାରେ ଚିଠି ଆସିବା, ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ଡାକ୍ତର ବା ଶିକ୍ଷୟିତ୍ରୀ ପରି ସୁରକ୍ଷିତ ଚାକିରି କରିବାକୁ ଅନିଚ୍ଛା ପ୍ରକାଶ କରିବା ଭିତରେ ଗାଳ୍ପିକାଙ୍କ ନାରୀବାଦୀ ଚେତନାଟି ସ୍ପଷ୍ଟ, ଯାହା ସମାଜର ସ୍ଥାଣୁ ବିଚାରଧାରାକୁ ଭାଙ୍ଗିଦେବାକୁ ଉଦ୍ଦିଷ୍ଟ । 'ରେପ୍'ର ନାୟିକା ସୁପର୍ଣ୍ଣା ପରପୁରୁଷ ସହ ସ୍ୱପ୍ନରେ ଯୌନ ସଂପର୍କ ସ୍ଥାପନ ସଂପର୍କରେ ସ୍ୱାମୀ ଆଗରେ ବର୍ଣ୍ଣନା କରିବା ପରି ଦୁଃସାହସ କରିପାରିଛି- "ଦେଖିଲି ଡାକ୍ତର ତ୍ରିପାଠୀଙ୍କ ସଙ୍ଗେ ହୋଇଗଲା × × × ହି ଫକ୍‌ଡ୍ ମି ।" ଏପରି ଦୁଃସାହସ କେବଳ ସରୋଜିନୀ ହିଁ କରିପାରନ୍ତି ନିଜ ଗଳ୍ପରେ ।

ସରୋଜିନୀଙ୍କ ନାରୀବାଦୀ ଚେତନାରେ 'ସତୀତ୍ୱ' ଅପେକ୍ଷା 'ନାରୀତ୍ୱ' ବଡ଼ । ତାଙ୍କ ମତରେ- "ଯୌନତାକୁ ନେଇ ଏତେ ସମ୍ବେଦନଶୀଳ ହେବା ଉଚିତ ନୁହେଁ । କ୍ଷୁଧା ତୃଷା ପରି ଏହା ମଧ୍ୟ ଅନିବାର୍ଯ୍ୟ ।" (ସାମନ୍ତ, ଡ. ଇତି, କଥାରେ କଥାରେ ଉପନ୍ୟାସରେ ନାରୀ ଚରିତ୍ର, କାଦମ୍ବିନୀ, ଅଗଷ୍ଟ, ୨୦୧୦) 'ଅଛିଣ୍ଡା' ଗଳ୍ପର ଝୁମୁକାଠାରେ ସେ ଖଂଜିଦେଇଛନ୍ତି ଭିନ୍ନ ଚିନ୍ତାଧାରା । ଝୁମୁକାର ସ୍ୱାମୀ ତାକୁ ଜୁଆଖେଳରେ ପଣ ରଖି ହାରିଯାଇଛି । ପଣ ରକ୍ଷା କରି ଝୁମୁକା ରାତିରେ ଅନିଚ୍ଛାସତ୍ତ୍ୱେ ଦରଜୀ ଘରକୁ ଯାଇଛି । ମାତ୍ର ଦରଜୀ ତାକୁ ଫେରାଇଦେବାରେ ଏକ ଅପମାନିଆ ଭାବ ସଞ୍ଚରି ଯାଇଛି ତା' ମନରେ- "ଫେରେଇଦେଲା କେମିତି ? ମୁତୁରା ଗନ୍ଧଉଛି ତା' ଦିହଟା ? କଳା ମିଚିମିଚି ହାତ ଦି ଖଣ୍ଡ ବୋଲି କି ?" ପୁରୁଷ ଠାରୁ ପ୍ରତ୍ୟାଖ୍ୟାନର ଅପମାନଟା ସତୀତ୍ୱ ଠାରୁ ବଡ଼ ହୋଇ ଦିଶିଛି । 'ଇଚ୍ଛାପୂର୍ତ୍ତି' ଗଳ୍ପର ଶ୍ରଦ୍ଧା ମନରେ ନିଷିଦ୍ଧ ଇଚ୍ଛାଟିଏ ମୁଣ୍ଡ ଟେକିଛି - "ବାଧା ବନ୍ଧନହୀନ ଭାବରେ ନିନ୍ଦା କୁତ୍ସାର ବାହାରେ ମାନ ଅପମାନରୁ ଊର୍ଦ୍ଧ୍ୱରେ ଚାରିତ୍ରିକ ଶୁଦ୍ଧି ଅଶୁଦ୍ଧିର ଅପରପାର୍ଶ୍ୱରେ ଟଳମଳ ଜୀବନଟେ ଅଛି, ସେ ଉପଭୋଗ କରିବ ।" ମାତ୍ର ପ୍ରଶାନ୍ତ ସହ ପୁରୀର ହୋଟେଲ୍ ରୁମ୍‌ରେ କିଛି ନ ଘଟିବା ହିଁ ତାକୁ ନିରର୍ଥକ ମନେ ହୋଇଛି, ଯଦିଓ ପୂର୍ବରୁ ସେ ବେଶ୍ ଭୟଭୀତ ଥିଲା ।

'ଲୁଚକାଳି' ଗଳ୍ପ ସଂକଳନର 'ଲୁଚକାଳି' ଗଳ୍ପରେ ଆମେ ସମକାଳୀନ ନାରୀବାଦର ଏକ ତତ୍ତ୍ୱ 'ସାଇବର ନାରୀବାଦ'ର ଝଲକ୍ ଲକ୍ଷ୍ୟ କରିପାରିବା । ଏ ପରିପ୍ରେକ୍ଷୀରେ ସାଇବର ଫେମିନିଜମ୍ ଉପରେ ଆଲୋକପାତ କରିବା ପ୍ରାସଙ୍ଗିକ ହେବ । 'ସାଇବର ନାରୀବାଦ' ନାରୀ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟା, ଇଣ୍ଟରନେଟ୍ ମଧ୍ୟରେ ସଂପର୍କକୁ ଦର୍ଶାଇବା ସହିତ ଏ କ୍ଷେତ୍ରରେ ପୁରୁଷର ଏକଚାଟିଆ ଅଧିକାର ସଂପର୍କିତ ସମାଜର ବଦ୍ଧମୂଳ ଧାରଣାକୁ ପ୍ରତିହତ କରେ ଓ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନାରୀ ପୁରୁଷର ସମାନତା ଦର୍ଶାଇଥାଏ । ସରୋଜିନୀଙ୍କ 'ଲୁଚକାଳି' ଗଳ୍ପରେ ମା'ଟିଏ ଗବେଷଣା ନିମନ୍ତେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ରହିଛି । ଦେଢ଼ବର୍ଷ ତଳେ ବାଙ୍ଗାଲୋରରେ ଛାଡ଼ି ଆସିଥିବା ପୁଅ ସାଙ୍ଗରେ ଦେଖା କରିବାର ସୁଯୋଗ ପାଇନାହିଁ । ଯଦିଓ ପୁଅ ପାଇଁ ତା'ର ବ୍ୟାକୁଳତା କିଛି କମ୍ ନୁହେଁ । କମ୍ପ୍ୟୁଟର୍ ମାଧ୍ୟମରେ ଚାଟିଂ ହିଁ ହୋଇଛି ମା' ପୁଅଙ୍କ ମଧ୍ୟରେ । କମ୍ପ୍ୟୁଟର୍ ବ୍ୟବହାରରେ ନାରୀ ମଧ୍ୟ ସକ୍ଷମ ଏହା ସ୍ପଷ୍ଟ ହୋଇଛି ଗଳ୍ପରେ ।

ଏହି ଗଳ୍ପରେ ନାରୀବାଦର ଅନ୍ୟ ଏକ ତତ୍ତ୍ୱ 'ଟ୍ରାନ୍ସ ଫେମିନିଜମ୍' ମଧ୍ୟ ପରିଲକ୍ଷିତ । ଏହି ତତ୍ତ୍ୱବାଦୀ ଏମି କୋୟାମାଙ୍କ ମତରେ- "There shall be no form of authority-political, medical religious or otherwise, that can overise a person's decissions regarding their bodies." (Koyama, Emi, The Transfeminist Manifesto, April 17, 2018)

ଆଲୋଚ୍ୟ ଗଳ୍ପରେ ପୁଅର ଶରୀର ଓ ମନ ଭିତରେ ଲୁଚକାଳି ଖେଳ । ପୁରୁଷର ଶରୀର ଭିତରେ ନାରୀର ମନ । ପୁଅଟି ସ୍ୱୀକାର କରିଛି- "ମୁଁ ଭାବପ୍ରବଣତାରେ ବୁଡ଼ିଯାଏ, ହତାଶାରେ ଭାଙ୍ଗିପଡ଼େ × × × ଏ ଦେହ ପାଇଁ ଏ ମନ ବଡ଼ ବେଖାପ ନୁହେଁ କି ?" ପୁଅଟି ଲିଙ୍ଗ ପରିବର୍ତ୍ତନ କରି ଝିଅ ହେବାକୁ ଚାହେଁ । ଏହା ସମାଜର 'ପୁଅ ଶ୍ରେଷ୍ଠ' ଜନିତ ବିଚାରର ସ୍ଥାଣୁତାକୁ ଭାଙ୍ଗି ଦେଇ ପାରିଛି ।

ଅତଏବ ନାରୀର ନାରୀତ୍ୱକୁ ମର୍ଯ୍ୟାଦା ପ୍ରଦାନ ପୂର୍ବକ ତାକୁ ସାହସୀ ଆତ୍ମବିଶ୍ୱାସୀ ତଥା ନିଜ ମନର ସଂଗୁପ୍ତ ଭାବନାକୁ ପ୍ରକାଶ କରିବାରେ ବେଶ୍ ଉନ୍ମୁକ୍ତ କରିଛନ୍ତି ଗାଳ୍ପିକା ସରୋଜିନୀ, ଯାହା ତାଙ୍କର ନାରୀବାଦୀ ଦୃଷ୍ଟିକୋଣର ପରିଚାୟକ । ସମକାଳୀନ ବିଶିଷ୍ଟ ଗାଳ୍ପିକ ତଥା ସରୋଜିନୀଙ୍କ ସ୍ୱାମୀ ୰ ଜଗଦୀଶ ମହାନ୍ତି ତାଙ୍କ ସଂପର୍କରେ ଦେଇଥିବା ମନ୍ତବ୍ୟ ବେଶ୍ ଯଥାର୍ଥ- "ଅଶୀଦଶକ ପର୍ଯ୍ୟନ୍ତ ଓଡ଼ିଶାର ଲେଖିକାମାନଙ୍କ ମନରେ 'ନାରୀବାଦ' ସଂକ୍ରାନ୍ତୀୟ ସ୍ପଷ୍ଟ ରୂପରେଖ ତିଆରି ହୋଇ ନଥିଲା । ସେଇ ଦୃଷ୍ଟିକୋଣରୁ କୁହାଯାଇପାରେ ସରୋଜିନୀ ସାହୁ ହିଁ ଓଡ଼ିଆ ଗଳ୍ପରେ ନାରୀବାଦର ଟ୍ରେଣ୍ଡ୍ ସେଟର ।" (ମହାନ୍ତି, ଜଗଦୀଶ, 'ଗଳ୍ପ ଚର୍ଚ୍ଚାରେ କାଳଖଣ୍ଡ', ଓଡ଼ିଆ ଗଳ୍ପ, କାଲି, ଆଜି ଓ କାଲି, ପୃ. ୧୨୪) ।

**ସହାୟକ ଗ୍ରନ୍ଥସୂଚୀ:**

୧. ମହାନ୍ତି, ଜଗଦୀଶ, 'ଓଡ଼ିଆ ଗଳ୍ପ : କାଲି, ଆଜି ଓ କାଲି'

୨. World Book Encyclopedia

**ପତ୍ରପତ୍ରିକା:**

୧. କାଦମ୍ବିନୀ, ଜାନୁୟାରୀ-୨୦୦୮

୨. ସାମ୍ନା, ପୂଜା ସଂଖ୍ୟା -୨୦୧୦

୩. କାଦମ୍ବିନୀ, ଅଗଷ୍ଟ -୨୦୧୦

୪. The Sunday Tribune of India, October-26, 2008

**ଇଣ୍ଟରନେଟ୍:**

୧. Koyama, Emi, The Transfeminist Manifesto, April-17, 2018.

❖ ❖ ❖

DOI :https://doi.org/10.5281/zenodo.14172147

ମୂଳ ପ୍ରବନ୍ଧ

# ନାଟ୍ୟକାର ବିଜୟ ମିଶ୍ରଙ୍କ ମିଥ୍‌କୈନ୍ଦ୍ରିକ ନାଟକ : ଏକ ଦୃଷ୍ଟିପାତ

**ଚିନ୍ମୟ ସାମଲ**

**ସଂକ୍ଷିପ୍ତ ସାର :**

ଆଧୁନିକ ଓଡ଼ିଆ ନାଟକରେ ନାଟ୍ୟକାର ବିଜୟ ମିଶ୍ର ଏକ ଚର୍ଚ୍ଚିତ ଚେହେରା । ନାଟ୍ୟକାର ଶ୍ରୀ ମିଶ୍ରଙ୍କୁ ଛାଡି ଦେଇ ଆଧୁନିକ ଓଡ଼ିଆ ନାଟକର ଆଲୋଚନା ବୃଥା ପ୍ରୟାସ ମାତ୍ର । ଉଭୟ ପାରମ୍ପରିକ / ବ୍ୟବସାୟିକ ଏବଂ ପରୀକ୍ଷାଧର୍ମୀ ନାଟକ ଚରନା କରି ସେ ସମୃଦ୍ଧ କରିଛନ୍ତି ଓଡ଼ିଆ ନାଟ୍ୟସାହିତ୍ୟର ବାଣୀ ଭଣ୍ଡାରକୁ ବିପୁଳ ଭାବରେ । ପେଶା ଯେ ତାଙ୍କର ସରକାରୀ କର୍ମଚାରୀ ଏବଂ ନିଶା ନାଟ୍ୟରଚନା । ଏହି ନିଶାର ମାତ୍ରା ଆଧିକ୍ୟ ଯୋଗୁଁ ସେ ଓଡ଼ିଶାର ଜଣେ ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର ଭାବରେ ପାଇଛନ୍ତି ଏକ ସ୍ୱତନ୍ତ୍ର ପରିଚୟ । ସମାଜରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା, ସେ ସାମାଜିକ ସମସ୍ୟା / ବାହ୍ୟିକ ସମସ୍ୟା ହେଉ, ହେଉ ଅବା ଅନ୍ତର୍ନିହିତ ସମସ୍ୟା / ମନୁଷ୍ୟର ମାନସିକ ସମସ୍ୟା, ବିଭିନ୍ନ ଘଟଣାବଳୀକୁ ପାଥେୟ କରି ତାଙ୍କ ନାଟ୍ୟସାହିତ୍ୟ ହୋଇଛି ଋଦ୍ଧିମନ୍ତ । ୧୯୫୦-୬୦ ବେଳକୁ ଓଡ଼ିଶା ନାଟ୍ୟ ପରିବେଶରେ ଦେଖା ଦେଇଥିବା 'ନବନାଟ୍ୟ ଆନ୍ଦୋଳନ'ର ସେ କର୍ଣ୍ଣଧାର ସଦୃଶ । ବିଭିନ୍ନ ନାଟକ ରଚନା ଏବଂ ମଞ୍ଚାଭିନୟ କ୍ଷେତ୍ରରେ ସେ ପାରଦର୍ଶିତା ଲାଭ କରିଛନ୍ତି । ଏହି ବିଭିନ୍ନ ପ୍ରକାର ନାଟକ ରଚନା ମଧ୍ୟରେ ନାଟ୍ୟକାର ମିଶ୍ର କେତୋଟି ମିଥ୍‌ଧର୍ମୀ ନାଟକ ମଧ୍ୟ ରଚନା କରିଯାଇଛନ୍ତି । ଯେଉଁ ମିଥ୍ ପ୍ରାଚୀନ ଭାରତୀୟ ଐତିହ୍ୟ ପରମ୍ପରା ସହ ବର୍ତ୍ତମାନର ପ୍ରୋକ୍ଷାପଟ୍ଟରେ ଯୋଗସୂତ୍ର ଭଳି କାର୍ଯ୍ୟ କରେ । ପ୍ରାଚୀନତାର ଭିତ୍ତିଭୂମି ଉପରେ ଆଧୁନିକତାର ସ୍ତମ୍ଭକୁ ସ୍ଥାପନ କରେ । ତେବେ ନାଟ୍ୟକାର ବିଜୟ ମିଶ୍ରଙ୍କ ମିଥ୍‌କୈନ୍ଦ୍ରିକ ନାଟକର ସମ୍ପୂର୍ଣ୍ଣ ଆଲୋଚନା ଉକ୍ତ ପ୍ରବନ୍ଧର ଉଦ୍ଦେଶ୍ୟ ।

**ପ୍ରମୁଖ ଶବ୍ଦାବଳୀ :**

ମିଥ୍, ଅନ୍ୟୋକ୍ତି, କାଳ୍ପନିକତା (Fantacy) , ବୋଧଦ୍ରୁମ, ନିରଞ୍ଜନା, Mythic Drama ପ୍ରତୀକ, ବିଶ୍ୱ ସଂରଚନା ରହସ୍ୟ ।

**ବିଷୟ :**

ସାହିତ୍ୟର ଉତ୍ସ ଭାବେ ମିଥ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୌଣସି ଏକ ପୌରାଣିକ ବା ଐତିହାସିକ କାହାଣୀକୁ ଅବିକଳ ଭାବେ ସାହିତ୍ୟରେ ଉପସ୍ଥାପନା କରି ଦେଲେ ତାହା ମିଥ୍ ହୋଇଯାଏ ନାହିଁ । ନିର୍ଦ୍ଦିଷ୍ଟ ମିଥ୍ କାହାଣୀକୁ ବାରମ୍ବାର ପରିବର୍ତ୍ତନ କରି ଭିନ୍ନ ରୂପରେ ନୂଆ ନୂଆ ଚିନ୍ତାଚେତନା, ଦୃଷ୍ଟି ଓ ଦର୍ଶନର ସତ୍ୟାନୁସନ୍ଧାନ କରିବାରେ ମିଥ୍ ସାହାଯ୍ୟ କରିଥାଏ । ତଥାକଥିତ ବିଶ୍ୱାସର ସମ୍ପର୍କରୁ ମିଥ୍ ଛିନ୍ନ ହୋଇଗଲେ ତାହା ସମ୍ପୂର୍ଣ୍ଣ ଭାବେ ସାହିତ୍ୟିକ ରୂପ ଲାଭ କରେ, କାରଣ ସାହିତ୍ୟ ବିଶ୍ୱାସ ଅପେକ୍ଷା କଳ୍ପନାକୁ ଅଧିକ ଗୁରୁତ୍ୱ ଦିଏ । ଏହି ମିଥ୍‌ର ପ୍ରୟୋଗ ଦ୍ୱାରା ସମୃଦ୍ଧ ହୋଇଥାଏ ସାହିତ୍ୟ । ତେଣୁ ମିଥ୍ ଓ ସାହିତ୍ୟ ପରସ୍ପର ପରିପୂରକ ।

ମିଥ୍ (Myth) ଶବ୍ଦ ଏକ ପ୍ରାଚୀନ ଗ୍ରୀକ୍ ଶବ୍ଦ, ଯାହାକି Mythos (ଗଳ୍ପ) ଓ Logus (କହିବା)ର ସମଷ୍ଟିରେ ଏହା ସୃଷ୍ଟ । ତଥାପି ଯେକୌଣସି ଗଳ୍ପ ବା ଆଲୋଚନା ମିଥ୍ ପର୍ଯ୍ୟାୟଭୁକ୍ତ ନୁହେଁ । ଯେଉଁ ଗଳ୍ପରେ ବିଶ୍ୱ ସଂରଚନା ରହସ୍ୟ, ସ୍ଥିତି ଓ ବିଲୟ ରହସ୍ୟ,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:https://doi.org/10.5281/zenodo.14172147
Article No - BPP00237

**ଯୋଗାଯୋଗ :**
**ଶ୍ରୀମାନ୍ ଚିନ୍ମୟ ସାମଲ (ଅଧ୍ୟାପକ)** ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
**E-Mail ID:** chinmaysamal97@gmail.com
**ORCID ID:** https://orcid.org/0000-0002-0565-106X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୧.୮.୨୦୨୪ | ୧୦.୯.୨୦୨୪ | ୨୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାମଲ, ଚିନ୍ମୟ; ୨୦୨୪ । ନାଟ୍ୟକାର ବିଜୟ ମିଶ୍ରଙ୍କ ମିଥ୍‌କୈନ୍ଦ୍ରିକ ନାଟକ : ଏକ ଦୃଷ୍ଟିପାତ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ, ପୃଷ୍ଠା :୪୦-୪୫ ।

ଜନ୍ମ-ମୃତ୍ୟୁ ଓ ପୁନର୍ଜନ୍ମ ସମ୍ପର୍କରେ ଅନୁସନ୍ଧିତ୍ସୁ ପ୍ରଶ୍ନ ବର୍ଣ୍ଣିତ ହୋଇଥାଏ, ସେଗୁଡ଼ିକ ମିଥ୍‌ର ଭାବବସ୍ତୁ ପର୍ଯ୍ୟାୟଭୁକ୍ତ[୧] ତେଣୁ ସମସ୍ତ ଗଳ୍ପ ମିଥ୍‌ର ପର୍ଯ୍ୟାଭୁକ୍ତ ନୁହେଁ କିନ୍ତୁ ସମ୍ପ୍ରତି ମିଥ୍‌ର ସଂଜ୍ଞା ବଦଳି ଯାଇଛି । କାରଣ ମଣିଷର ମାନସିକତା ସରଳ ଠାରୁ ଜଟିଳତା ଦେଇ ଗତି କଲାବେଳେ 'ମିଥ୍'ର କ୍ଷେତ୍ରରେ ମଧ୍ୟ ନାନା ଜଟିଳତା ପ୍ରତ୍ୟକ୍ଷୀଭୂତ ହୁଏ । ପ୍ରାଚୀନ ସମୟରେ ମିଥ୍‌କୁ ଆଖ୍ୟାନମୂଳକ ଭାବରେ ବ୍ୟବହାର କରାଯାଉଥିବା ବେଳେ ସମ୍ପ୍ରତି ପ୍ରତୀକାତ୍ମକ ଭାବେ ଏହାକୁ ବ୍ୟବହାର କରାଯାଉଛି ।

ମିଥ୍‌କୁ ଅବଲମ୍ବିତ କରି ଅଧିକାଂଶ ଲେଖକ ସାହିତ୍ୟ ସୃଷ୍ଟି କରି ଚାଲିଛନ୍ତି । ମିଥ୍ ଏକ ଚେତନା । ମିଥ୍ ଆମ ପ୍ରାଚୀନ ପରମ୍ପରା, ବୁନିଆଦିକୁ ଆମ ପାଖରେ ପହଞ୍ଚାଇ ଦିଏ । ସେହିଥିରୁ ଆମେ ଅତୀତକୁ ଚିହ୍ନି ପାରୁ, ଜାଣି ପାରୁ । ତେବେ ମିଥ୍ ଏକ ସର୍ବକାଳୀନ ସତ୍ତା । ଏହାର କ୍ରମବିବର୍ତ୍ତନ ହେଉଥାଏ; ମାତ୍ର ମୂଳ କଥାଟି, ମୂଳ ସତ୍ତାଟି ନିହିତ ଥାଏ ।ଅତୀତର ଚେତନାକୁ ଲକ୍ଷ୍ୟ କରି ଭବିଷ୍ୟତରେ ମାର୍ଗ ପ୍ରଦର୍ଶନ କରିବାରେ ଏହା ଅତ୍ୟନ୍ତ ଉପଯୋଗୀ । ମିଥ୍‌ରେ ଥାଏ ନିତ୍ୟ କାଳର ଜିଜ୍ଞାସାବୋଧ । ଆଜିର ବସ୍ତୁବାଦୀ ଦୁନିଆରେ ମିଥ୍ ଅନ୍ତର୍ଗତ ପୂଜାବିଧି ଓ ଅଲୌକିକତାର ପ୍ରାସଙ୍ଗିକତା ହୁଏତ ଗ୍ରହଣଯୋଗ୍ୟ ହୋଇପାରେ; ମାତ୍ର ଏ ସବୁରୁ ଅନ୍ତର୍ଜଗତରେ ଥିବା ମାନସିକତା ଓ ଆନ୍ଦୋଳନ ଆଧୁନିକ ଶିଳ୍ପୀମାନସକୁ ନୂତନ ସୃଷ୍ଟି ମଧ୍ୟରେ ଅଗ୍ରସର ହେବାକୁ ସହଯୋଗ କରିଥାଏ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଧୁନିକ ଓଡ଼ିଆ ନାଟକରେ ମିଥ୍‌ର ସଫଳ ପ୍ରୟୋଗ ଘଟିଥିବାର ଜଣାଯାଏ । ମିଥ୍ ମାଧ୍ୟମରେ ବା ମିଥ୍‌ର ଚରିତ୍ର ମାଧ୍ୟମରେ ସାମ୍ପ୍ରତିକ ସମାଜର ଅନେକ ବଡ଼ ବଡ଼ ସମସ୍ୟା ପ୍ରକାଶ ପାଉଥିବାର ଜଣାଯାଏ । ଏ ସମ୍ପର୍କରେ ନାଟ୍ୟ ସମାଲୋଚକ ଡ. ହେମନ୍ତ କୁମାର ଦାସଙ୍କ ମତକୁ ଉଦ୍ଧାର କଲେ ଜଣାଯାଏ, "ଐତିହ୍ୟ ପ୍ରକାଶ ସହିତ ସମସାମୟିକତାର କର୍ତ୍ତୃକ ରାକ୍ଷୀବନ୍ଧନ ଘଟାଇବା ହିଁ ହେଉଛି ଉତ୍ତର ଆଧୁନିକ ସାହିତ୍ୟର ଏକ ବିଶେଷ ଦିଗ । ପୁଣି କଳା ଓ ସଂସ୍କୃତିର ପୃଷ୍ଠଭୂମିରେ ମଣିଷର ଇତିହାସ ଜାଣିବା ପାଇଁ ମିଥ୍ ଭଳି ଶକ୍ତିଶାଳୀ ମାଧ୍ୟମ ଆଉ ନାହିଁ । ପୁରାଣ, କିମ୍ବଦନ୍ତୀ କିମ୍ବା ଲୋକକଥା ଅବା ପରୀ କଥାର ପ୍ରାଚୀନ ରୂପରେ ସାମ୍ପ୍ରତିକତାର ଅନ୍ୱେଷଣ ହେଉଛି ସାହିତ୍ୟର ମିଥ୍ ପ୍ରୟୋଗର ଏକମାତ୍ର କାରଣ ।"[୨] ଯଦି ସାମ୍ପ୍ରତିକ ସମାଜ, ସାଂସ୍କୃତିକ ଜୀବନବୋଧ ସହିତ ଯୋଗସୂତ୍ର ରକ୍ଷା କରି କୌଣସି ଶାଶ୍ୱତ ତତ୍ତ୍ୱକୁ ଉପସ୍ଥାପନ କରେ, ତାହା ହୁଏ ସାର୍ଥକ ମିଥ୍ । କେବଳ ପୁରାଣର ଚିତ୍ର ବା ଆଖ୍ୟାନକୁ ଏଥିରେ ଉଲ୍ଲେଖ କରି ଦେଲେ ତାହା ମିଥ୍ ହୋଇଯାଏ ନାହିଁ । ୧୯୫୦ ମସିହା ବେଳକୁ ପରୀକ୍ଷା ନିରୀକ୍ଷା ସହିତ ବୌଦ୍ଧିକ ନାଟକ ରଚନାର ପରମ୍ପରା ଆରମ୍ଭ ହେଲା ଏବଂ ଏହାସହିତ ପାରମ୍ପରିକ ନାଟକର ଲେଖା ମଧ୍ୟ ହେଉଥିଲା । ଷାଠିଏ, ସତୁରୀ ବେଳକୁ ଓଡ଼ିଆ ନାଟ୍ୟସାହିତ୍ୟ କ୍ଷେତ୍ରରେ ଏହି ମିଥ୍‌ର ବ୍ୟବହାର କ୍ଷିପ୍ରଗତିରେ ଆରମ୍ଭ ହୋଇଛି । ଏ କ୍ଷେତ୍ରରେ ଓଡ଼ିଆ ନାଟ୍ୟସାହିତ୍ୟର ବିଭିନ୍ନ ନାଟ୍ୟକାରମାନେ ସେମାନଙ୍କ ଲେଖନୀ ଜରିଆରେ ସଫଳତା ଅର୍ଜନ କରିଯାଇଛନ୍ତି । ତନ୍ମଧ୍ୟରୁ ନାଟ୍ୟକାର ବିଜୟ ମିଶ୍ର ଅନ୍ୟତମ । ନାଟ୍ୟକାର ଶ୍ରୀ ମିଶ୍ରଙ୍କ ନାଟପ୍ରତିଭା ଆରମ୍ଭ ହୋଇଥିଲା 'ଜନନୀ' (୧୯୬୦ – ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍, କଟକ) ନାଟକ ଠାରୁ । ଏହାପରେ ପରେ ତାଙ୍କ ନାଟ୍ୟସୃଜନ ଗୋଟିଏ ପରେ ଗୋଟିଏ ନାଟକ ରଚନା କରି ଚାଲିଥିଲା । ତାଙ୍କ ଲେଖନୀ ମୁନରୁ ଝରି ଆସିଥିଲା ଅଜସ୍ରସ୍ରାବୀ ନାଟ୍ୟଦିଗ୍‌ବଳୟ । 'ଜନନୀ' ନାଟକ ପରେ 'ଏକାକୀ' 'ଅଶାନ୍ତଗ୍ରହ', 'ତିମିରତୀର୍ଥ', 'ପ୍ରତୀକ୍ଷା', 'ଆର୍ତ୍ତନାଦ', 'ସାଗରତୀରେ', 'ହେ ସ୍ୱର୍ଗ ବିଦାୟ', 'ଶବବାହିକାମାନେ', 'ଅସହ୍ୟ ସହର', 'ଯାଯାବର' 'ଏଠି ସେଠି ସବୁଠି', 'ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ', 'ଯାଦୁକର', ନିଷିଦ୍ଧସ୍ୱପ୍ନ' ('ଗୌରୀ' ନାମରେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ), 'ତଟ ନିରଂଜନା', 'ସାକ୍ଷୀ ଇତିହାସ', 'ଜଣେ ରାଜା ଥିଲେ', 'ବାଦ୍‌ଶାହା', 'ପର୍ଶୁରାମ', ('ଅନ୍ଧକାରର ସ୍ୱର' ନାମରେ ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍, ପୁରୀ ଠାରେ ଅଭିନୀତ) 'ଭୋକ', ଧର୍ମାବତାର ଇତ୍ୟାଦି ନାଟକ ସେ ରଚନା କରିଥିଲେ । ଏତଦ୍‌ବ୍ୟତୀତ ସେ 'ବନ୍ଦୀ', 'ଫେରିବା ସମୟ', 'ଯନ୍ତ୍ରା', 'ପଞ୍ଚଶାୟକ', 'ହସଂବଳାକା', 'ପାଷାଣ ପ୍ରତୀକ୍ଷା', 'ଅନ୍ୟ ଅରଣ୍ୟ', 'ଚନ୍ଦ୍ରଡୋରୀ', 'ଲଗ୍ନ', 'ଆହ୍ୱାନ', 'ତାପରେ ଯମୁନାର କ'ଣ ହେଲା', 'ପାହାଚ', 'ଅଜ୍ଞାତବାସ' ଏହିପରି ଅନେକ ସଫଳ ନାଟକର ସ୍ରଷ୍ଟା । ନାଟକ ବ୍ୟତିରେକ 'ତା'ଆରି ଲାଗି', 'ଲେବର କ୍ରସିଂ', 'କୌଣିସ ଏକ ନାଟକ ପାଇଁ', 'ଚତୁଷ୍କୋଣ', 'କୋଠରୀ', 'ଭାଲୁ ଉପଦ୍ରବ', 'ଧର୍ମାବତାର' ପ୍ରଭୃତି ଏକାଙ୍କିକାମାନଙ୍କର ସେ ହେଉଛନ୍ତି ଜଣେ ସଫଳ ରୂପକାର । ନାଟ୍ୟକାର ଶ୍ରୀ ମିଶ୍ରଙ୍କ ଅଜସ୍ରସ୍ରାବୀ ନାଟକ ମଧ୍ୟରୁ ମିଥ୍‌ଧର୍ମୀ ନାଟକର ସମୀକ୍ଷା କରିବା ଏଇ ପ୍ରବନ୍ଧର ଉଦ୍ଦେଶ୍ୟ । 'ସମୁଦ୍ରରୁ ଶଙ୍ଖ ଖୋଜିବା' ନ୍ୟାୟରେ ଶ୍ରୀ ମିଶ୍ରଙ୍କ ନାଟକ ରୂପୀ ସମୁଦ୍ରରୁ ଚାରିଗୋଟି ମିଥ୍‌ଧର୍ମୀ ଶଙ୍ଖକୁ ଉଦ୍ଧାର କରାଯାଇ ପାରିଲା । ନାଟକଗୁଡ଼ିକ ହେଉଛି ତଟ ନିରଞ୍ଜନା (୧୯୭୮), ଜଣେ ରାଜା ଥିଲେ (୧୯୮୦), ପର୍ଶୁରାମ (୧୯୮୧) ଏବଂ ଅନ୍ୟ ଅରଣ୍ୟ (ଅପ୍ରକାଶିତ) । ଏହି ଚାରିଗୋଟି ନାଟକରେ ମିଥ୍‌ର ସ୍ୱରୂପକୁ ସନ୍ଧାନ କରାଯାଇ ନାଟକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଉକ୍ତ ପ୍ରବନ୍ଧର ଲକ୍ଷ୍ୟ ।

ନାଟ୍ୟକାର ବିଜୟ ମିଶ୍ରଙ୍କ ନାଟକ 'ତଟ ନିରଞ୍ଜନା'ର କଥାଭାଗ ଆଧୁନିକ କାଳର ହେଲେ ମଧ୍ୟ ଏହା ଯେ, ଏକ ଧାରାବାହିକ କାହାଣୀ ସ୍ରୋତର ଫଳଶ୍ରୁତି ଏହାକୁ ଅସ୍ୱୀକାର କରାଯାଇ ନପାରେ । ଏଥିପାଇଁ ଅଶ୍ୱଘୋଷଙ୍କର 'ସୌନ୍ଦରନନ୍ଦ' କାବ୍ୟ, ହିନ୍ଦୀ ନାଟ୍ୟକାର

ମୋହନ ରାକେଶଙ୍କର 'ଲହରୋ କା ରାଜହଂସ' ନାଟକ । ଜର୍ମାନ ଔପନ୍ୟାସିକ ହେରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ' ଉପନ୍ୟାସ, Arnold ଙ୍କର 'Light of Asia' । ଓଡ଼ିଆ କଥାକାର ସୁରେନ୍ଦ୍ର ମହାନ୍ତିଙ୍କର ମହାନିର୍ବାଣ ଗଳ୍ପକୁ ସ୍ମରଣ କରାଯାଇପାରେ । ଏହାର ଅର୍ଥ ନୁହେଁ ଯେ, ନାଟ୍ୟକାର ଶ୍ରୀ ମିଶ୍ର ସିଧାସଳଖ ଭାବରେ ଏସବୁ ଗ୍ରନ୍ଥର ଅନୁବାଦ କରି ତାଙ୍କର ନାଟକ ରଚନା କରିଯାଇଛନ୍ତି । ଏ ସମ୍ପର୍କରେ ନାଟ୍ୟକାର ନିଜେ ନାଟକର ଅଗ୍ରଲେଖରେ ଉଲ୍ଲେଖ କରିଅଛନ୍ତି, "ଚିନ୍ତାଠାରୁ ଅଭିନୟ ପର୍ଯ୍ୟନ୍ତ ତଟନିରଂଜନା ଏକ ଧାରାବାହିକ ଆଲୋଚନା ଓ ସମାଲୋଚନାର ଶରବ୍ୟ । ବୋଧହୁଏ, ତା'ର ଏକମାତ୍ର କାରଣ ଏ ନାଟକର ଆଖ୍ୟାନ ଭାଗ । 'ହେରମାନ ହେସ୍'ଙ୍କର ସିଦ୍ଧାର୍ଥ କିମ୍ବା ସୁରେନ୍ଦ୍ର ମହାନ୍ତିଙ୍କର 'ମହାନିର୍ବାଣ' ପରି ନାଟକରେ ଯଦିଓ ବୁଦ୍ଧ, ସଙ୍ଘ, ନିରଞ୍ଜନା ନଦୀ, ବୋଧିଦ୍ରୁମ ଏବଂ ଆନନ୍ଦ ଇତ୍ୟାଦି ଅଛନ୍ତି, ତଥାପି ଏ ନାଟକ ବୁଦ୍ଧଙ୍କର ଜୀବନୀ ନୁହେଁ କିମ୍ବା ବୌଦ୍ଧଧର୍ମ ଉପରେ ଆଧାରିତ ଏକ ତାତ୍ତ୍ୱିକ ଅନୁଶୀଳନ ନୁହେଁ । ଏଠି ସଙ୍ଘଠାରୁ ଆରମ୍ଭ କରି ନିରଞ୍ଜନା, ବୋଧିଦ୍ରୁମ ଏବଂ ବୁଦ୍ଧ ପ୍ରତୀକ ଭାବରେ ବ୍ୟବହୃତ ।"(୩) ତେଣୁ ଆଖ୍ୟାନ ଭାଗ ଦୃଷ୍ଟିରୁ ନାଟ୍ୟକାର ଉଲ୍ଲିଖିତ ଗ୍ରନ୍ଥମାନଙ୍କର ପ୍ରଭାବରେ ପ୍ରଭାବିତ ହୋଇ ସେଗୁଡ଼ିକର ଛାୟାରେ ନିଜର ନାଟକକୁ ରଚନା କରିଥିବା ଅନୁଭୂତ ହୁଏ ।

ନାଟ୍ୟକାରଙ୍କର ନାଟକ 'ତଟ ନିରଞ୍ଜନା' ଐତିହାସିକ ନାଟକ ନ ହେଲେ ମଧ୍ୟ ତା'ର ପଶ୍ଚାତ୍ ଭାଗରେ ଏକ ବିରାଟ ଇତିହାସ ଦଣ୍ଡାୟମାନ । ସଙ୍ଘ ବନାମ ବ୍ୟକ୍ତିର ସଙ୍ଘର୍ଷର ଇତିହାସରୁ ତଟ ନିରଞ୍ଜନାର ସୃଷ୍ଟି । ନାଟ୍ୟକାରଙ୍କ ଦୃଷ୍ଟିରେ 'ବ୍ୟକ୍ତିର ଅନୁଷ୍ଠାନ ସହିତ ସମ୍ପର୍କ ଏବଂ ଅନୁଷ୍ଠାନର ବ୍ୟକ୍ତି ଉପରେ ପ୍ରଭାବ, ବିଦ୍ୱେଷ କିମ୍ବା ସଙ୍ଘର୍ଷ ହେଉଛି ଏ ନାଟକର ମୁଖ୍ୟ ସମ୍ବାଦ ।"(୪) ବୌଦ୍ଧଧର୍ମରେ ସଙ୍ଘର ପ୍ରତିଷ୍ଠା ହୁଏତ ବୁଦ୍ଧଦେବଙ୍କ ଆଦେଶରେ ହୋଇଥାଇପାରେ । ବୁଦ୍ଧ ପ୍ରତିଷ୍ଠିତ ସଙ୍ଘରେ କିନ୍ତୁ ରହିଛି ପରିଚାଳକମାନଙ୍କର ଏକଛତ୍ରବାଦୀ ମନୋବୃତ୍ତିର ଚିତ୍ର । ସଙ୍ଘ ଏଠି ସାମାଜିକ ବ୍ୟବସ୍ଥାର ଉଚ୍ଚ ପାହାଚରେ ରହି ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ଲୋପ କରିବାକୁ ଚାହେଁ । ଆନନ୍ଦଙ୍କ କଣ୍ଠରେ "ସଙ୍ଘମାନଙ୍କର ଉନ୍ନତି ପାଇଁ, ଭିକ୍ଷୁମାନଙ୍କର ଆତ୍ମଶୁଦ୍ଧି ପାଇଁ ଆପଣ ଆଜିଠାରୁ ମୌନବ୍ରତ ଅବଲମ୍ବନ କରନ୍ତୁ ।"(୫) ବୁଦ୍ଧଙ୍କର ଆଧ୍ୟାତ୍ମିକ ଅନ୍ୱେଷଣ ଅସମାପ୍ତ । ସେ ଇଚ୍ଛାମତୀମାନଙ୍କ ପ୍ରଶ୍ନର ଉତ୍ତର ନ ଦେଇପାରିବା ସତ୍ତ୍ୱେ ସଙ୍ଘର ଗାଦିସୀନ ପରିଚାଳକ ଆନନ୍ଦ; ସଙ୍ଘ ଉନ୍ନତିର ଦୋହି ଦେଇ ତାଙ୍କୁ ନିରବ କରାଇ ଦେଇଛି । ବୁଦ୍ଧଙ୍କର ଅସମାପ୍ତ କଥା କଥାରେ ହିଁ ରହିଯାଇଛି । ନିରଞ୍ଜନା ତଟକୁ ଯାଇ ଜୀବନକୁ ପୁନର୍ନିରୀକ୍ଷା କରିବାରୁ ସେ ବଞ୍ଚିତ । ବ୍ୟକ୍ତିର ସ୍ୱାଧୀନତାକୁ ତିଳ ତିଳ କରି ହତ୍ୟା କରୁଥିବା ସଙ୍ଘ କଥା ନାଟକରେ କୁହାଯିବା ସଙ୍ଗେ ସଙ୍ଗେ ସଙ୍ଘ ପରିଚାଳକମାନଙ୍କର ସ୍ୱେଚ୍ଛାଚାରୀ ମନୋବୃତ୍ତି ତଥା ରାଜନୀତିକ ଅଭିସନ୍ଧିର ଚିତ୍ର ନାଟକରେ ପ୍ରଦର୍ଶିତ ହୋଇଅଛି । ହୋଇପାରେ ଏହା ତଥାଗତ ପ୍ରତିଷ୍ଠିତ ବୌଦ୍ଧଭିକ୍ଷୁ, ଭିକ୍ଷୁଣୀ ପରିବେଷ୍ଟିତ ସଙ୍ଘ କିମ୍ବା ହୋଇପାରେ ସାମ୍ପ୍ରତିକ କାଳର ଯେକୌଣସି ରାଜନୀତିକ ଦଳ, ଅନୁଷ୍ଠାନ ବା ପ୍ରତିଷ୍ଠାନ । ନାଟକ ବର୍ଣ୍ଣିତ ଚରିତ୍ରମାନଙ୍କର ଇତିହାସ ସହିତ ସମ୍ପୃକ୍ତି ଥିଲେ ମଧ୍ୟ ସେମାନଙ୍କୁ ଆଧୁନିକ ସମାଜର ଗୋଟିଏ ଗୋଟିଏ ରାଜନୀତିକ ଚରିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ ।

"ମିଥ୍ ପ୍ରତୀକ ହୋଇପାରେ କିନ୍ତୁ ପ୍ରତୀକ କେବେ ହେଲେ ମିଥ୍ ହୋଇପାରେ ନାହିଁ । ମିଥ୍‌କୁ ପୌରାଣିକ ପ୍ରତୀକ କୁହାଯାଇପାରେ । ପ୍ରତୀକର ଦୁନିଆଁ କିନ୍ତୁ ମିଥ୍ ଠାରୁ ବିଶାଳ ଓ ଗଭୀର ।"(୬) ନାଟ୍ୟକାର ବିଜୟ ମିଶ୍ରଙ୍କ 'ତଟ ନିରଞ୍ଜନା' ଆଧୁନିକ ଓଡ଼ିଆ ନାଟ୍ୟରାଜ୍ୟରେ ମିଥିକ ନାଟକ ରୂପେ ଗ୍ରହଣୀୟ । ଅଧ୍ୟାପକ ଡ. ବିଜୟ କୁମାର ଚୌଧୁରୀଙ୍କ ମତରେ, "ଆଲୋଚନାର ସାମଗ୍ରିକତା ଦୃଷ୍ଟିରୁ ବିଚାର କଲେ ଆଲୋଚ୍ୟ 'ତଟନିରଞ୍ଜନା' ନାଟକରେ କରାଯାଇଥିବା ପାତ୍ର ପରିକଳ୍ପନା, ଦୃଶ୍ୟ ସଂଯୋଜନା, ସଂଳାପ ଉପସ୍ଥାପନା, ଉଦ୍ଦେଶ୍ୟ ବିବେଚନା ପର୍ଯ୍ୟନ୍ତ ପ୍ରତ୍ୟେକ ଦୃଷ୍ଟିକୋଣରୁ ଏହା ଏକ ପରମ୍ପରା ବିଚ୍ୟୁତ ଆଧୁନିକ ନାଟକ, ଯେଉଁଥିରେ ଆତ୍ମଗୋପନ କରିଥିବା ମାନବୀୟ ସତ୍ୟକୁ ବିଭିନ୍ନ ପ୍ରତୀକ ମାଧ୍ୟମରେ ଉନ୍ମୋଚନ କରାଯାଇଛି ।"(୭)

ନାଟ୍ୟକାର ଶ୍ରୀ ମିଶ୍ରଙ୍କ ଅନ୍ୟତମ ମିଥ୍‌ଧର୍ମୀ ନାଟକ 'ଜଣେ ରାଜା ଥିଲେ' । ଏହି ନାଟକରେ Allegory (ଅନ୍ୟୋକ୍ତି) ଓ Fantasy (କାଳ୍ପନିକତା)ର ପ୍ରୟୋଗ ଅତି ଚମତ୍କାର । ଏ ନାଟକରେ ରାଜା କ୍ଷମତାର ପ୍ରତୀକ ସିଂହାସନକୁ ଜାବୁଡ଼ି ଧରିଛନ୍ତି । ତିନିଜଣ ବିଜ୍ଞ ବ୍ୟକ୍ତି, ନିରଞ୍ଜନା, ଦେବୀ ଏମାନଙ୍କ ମାଧ୍ୟମରେ ନାଟ୍ୟକାର ସାମାଜିକ ବିପ୍ଳବର ସ୍ୱରକୁ ପ୍ରକାଶ କରିଅଛନ୍ତି । ଯୁଗେ ଯୁଗେ ପ୍ରଜାମାନେ ଓଟ । ସେମାନଙ୍କ ପିଠିରେ କୋରଡ଼ା ବସେ । ଅତ୍ୟାଚାରର ସୀମା ରହେନା । କଣ୍ଟାସିଜୁ ଓ ମରୁଭୂମିର ରୁକ୍ଷ ପରିବେଶ ପରି ଅତୀବ ଶୋଚନୀୟ ସେମାନଙ୍କର ଜୀବନଧାରା । 'ରାଣୀ' ମଧ୍ୟ ସ୍ୱାଧୀନ ନୁହଁନ୍ତି । ତାଙ୍କର ସ୍ୱାଧୀନତା ଅପହୃତ । ପାରିଷଦମାନଙ୍କ ଅବସ୍ଥା ମଧ୍ୟ ତଦ୍ରୂପ । ତୋଷାମଦର ବ୍ୟୁହଟିଏ ରଚନା କରି ତୋଷାମଦର ପରସ୍ପରକୁ ବଳିଯିବା ପାଇଁ ଅଦ୍ଭୁତ ପ୍ରତିଯୋଗିତା । ତିନିଜଣ ବିଜ୍ଞ ବ୍ୟକ୍ତିଙ୍କ ସୁଦୟାରେ ଶାସନ ବ୍ୟବସ୍ଥାକୁ ବଦଳାଇ ଅତ୍ୟାଚାରୀ ରାଜା ବିରୁଦ୍ଧରେ ବିଦ୍ରୋହର ସ୍ୱର ଉତ୍ତୋଳନ କରିବା ନିମନ୍ତେ ମଣିଷ ମୁହାଁ " 'ନିରଞ୍ଜନ'ର ଆତ୍ମପ୍ରକାଶ । 'ନିରଞ୍ଜନ ଏବଂ ମୂକ 'ଦେବୀ'ର ସୁଦୟାରୁ ରାଣୀ ପୁତ୍ତଳିକା ହୋଇ ରହି ନାହାନ୍ତି । ପାରିଷଦମାନେ ରାଜାଙ୍କ କଥାକୁ ଅବମାନନା କରିଛନ୍ତି । ଅତ୍ୟାଚାରୀ

ରାଜା ସିଂହାସନରୁ ଓହ୍ଲାଇ ଆସିଛନ୍ତି । ରାଣୀ ଓ ପାରିଷଦମାନଙ୍କ ଅନୁରୋଧରେ ଅଗତ୍ୟା ନିରଞ୍ଜନକୁ ସିଂହାସନରେ ବସିବାକୁ ପଡିଛି । କିନ୍ତୁ ଲୋକକଥାର 'ବତ୍ରିଶ ସିଂହାସନ'ର ଗାଇ ଜଗୁଆଳ ପରି ସିଂହାସନ ସ୍ପର୍ଶରେ ନିରଞ୍ଜନର ହୋଇ ଅପୂର୍ବ ପରିବର୍ତ୍ତନ । ନିରଞ୍ଜନର ରାଜକୀୟ ଅହଙ୍କାର ଆକାଶଛୁଆଁ ହୋଇଛି । ଆଶ୍ଚର୍ଯ୍ୟର କଥା ଏହା ଯେ, ଯେଉଁ ଜାତୀୟ ସଙ୍ଗୀତ ବୋଲାଯିବା ନିମନ୍ତେ ଆଦେଶ କରି କହିଛି, "ନୂଆଗୀତ ନୁହେଁ, ସେଇ ପୁରୁଣା ଜାତୀୟ ସଙ୍ଗୀତ ଦରବାରରେ ବୋଲାଯିବ । କିନ୍ତୁ ଭଣିତାରେ କହେ ରାଜା ସୁର ନ ହୋଇ କହେ ରାଜା ନିର ହେବ ।"(୮) ବିଜ୍ଞ ବ୍ୟକ୍ତିମାନଙ୍କର ଆଶା ଆକାଙ୍‌କ୍ଷା ଧୂଳିସାତ । ଦେବୀ କଇଁ କଇଁ ହୋଇ କାନ୍ଦି ଉଠିଛି । ପରିସମାପ୍ତିରେ ନାଟ୍ୟକାର ବ୍ୟଞ୍ଜନା ସୃଷ୍ଟି କରି ଭବିଷ୍ୟତ ସମ୍ପର୍କରେ ଖୁବ୍ ଆଶାବାଦୀ ହୋଇ ପଡିଛନ୍ତି । ହୁଏତ ଏକ ଶୋଷଣହୀନ ସମାଜ ପ୍ରତିଷ୍ଠା ପାଇଁ ନାଟ୍ୟକାର ଇଙ୍ଗିତ ଦେଇଛନ୍ତି । ନାଟକର ଶେଷ ପର୍ଯ୍ୟାୟରେ ଅନ୍ତରାଳରୁ ନିୟତିର କଣ୍ଠସ୍ୱର ଭଳି ଭାସି ଆସିଛି, "ଦିନେ ନା ଦିନେ ଦେବୀର କାନ୍ଦ ହସରେ ପରିଣତ ହେବ । ଦିନେ ନା ଦିନେ ଗୁମ୍ଫାର ଅନ୍ଧାର ଭିତରେ ସଢୁଥିବା ବିଜ୍ଞମାନେ ମୁକ୍ତ ହେବେ । ଦିନେ ନା ଦିନେ ଓଟମୁହାଁ ମାନେ ମଣିଷର ମୁହଁକୁ ରୂପାନ୍ତରିତ ହେବେ କିମ୍ବା ସେମାନେ ଓଟ ମୁଖା ଫିଙ୍ଗି ଦେଇ ମଣିଷ ହୋଇଯିବେ । କିନ୍ତୁ ସେଦିନ କେବେ ଆସିବ ? କେବେ ! କେବେ ! କେବେ !"(୯)

ନାଟ୍ୟକାର ଶ୍ରୀ ମିଶ୍ରଙ୍କ 'ପର୍ଶୁରାମ' ଅନ୍ୟତମ ଆଧୁନିକ ମିଥ୍‌ଧର୍ମୀ ନାଟକ । ଏ ନାଟକରେ ନାଟ୍ୟକାର ପର୍ଶୁରାମ ମିଥ୍‌ଟିକୁ ବେଶ୍ ସଫଳତାର ସହିତ ପ୍ରୟୋଗ କରିଛନ୍ତି । ଆଲୋଚକଙ୍କ ମତରେ, "ନାଟ୍ୟକାର ପର୍ଶୁରାମ ମିଥ୍‌ଟିକୁ ପୁରାଣରୁ ଆଣି ଆଧୁନିକ ନାଟକ ପର୍ଶୁରାମ ରଚନା କରିଛନ୍ତି ।"(୧୦) ସେଦିନ ଯମଦଗ୍ନିଙ୍କ ନିର୍ଦ୍ଦେଶରେ ପୁତ୍ର ପର୍ଶୁରାମ ତାଙ୍କର ତୀକ୍ଷ୍ଣ ପର୍ଶୁରେ ମାତା ରେଣୁକାଙ୍କର ଶିରଚ୍ଛେଦ କରିଥିଲେ । ରେଣୁକାଙ୍କର ଅପରାଧ ଥିଲା ସେ ସ୍ନାନ ସାରି ତର୍ପଣ କଲାବେଳେ ଅନ୍ୟମନସ୍କ ହୋଇପଡିଥିଲେ ଏବଂ ତାଙ୍କର ଏହି ଅନ୍ୟମନସ୍କତାର କାରଣ ଯମଦଗ୍ନିଙ୍କୁ କ୍ରୋଧାନ୍ଧ କରିଥିଲା । ପିତାଙ୍କ ମୁଖରୁ ରେଣୁକାଙ୍କୁ ହତ୍ୟା କରିବା ପାଇଁ ଆଦେଶ ସ୍ଫୁରିବା ମାତ୍ରେ ତତ୍‌କ୍ଷଣାତ୍ ଆଜ୍ଞା ପାଳନ କରିଥିଲେ ବୀର ପର୍ଶୁରାମ ଏବଂ ନିଜ ପିତୃଭକ୍ତିର ପରିଚୟ ଦେଇଥିଲେ । ପୁତ୍ରର ଏହି ପିତୃଭକ୍ତିରେ ମୁଗ୍ଧ ହୋଇ ଯମଦଗ୍ନି ତାଙ୍କୁ ବର ମାଗିବା ପାଇଁ କହିବାରୁ ସେ ମାତାଙ୍କର ଜୀବନଭିକ୍ଷା କରିଥିଲେ । ରେଣୁକା ଜୀବନ ଫେରି ପାଇଥିଲେ ସତ; କିନ୍ତୁ ମାତୃ ହତ୍ୟାଜନିତ ଅପରାଧ ହେତୁ ପର୍ଶୁରାମଙ୍କ ସ୍କନ୍ଧରୁ ଆଉ ପର୍ଶୁ ଖସିଲା ନାହିଁ । ଶେଷରେ ବହୁ ତୀର୍ଥ ଭ୍ରମଣ ପରେ ତ୍ରିବେଣୀରେ ସ୍ନାନ କରିପାରିବା ପରେ ପର୍ଶୁ ସ୍କନ୍ଧଚ୍ୟୁତ ହୋଇଥିଲା । ସେହି ପର୍ଶୁରାମ ପୁଣି ଏକୋଇଶ ବାର ପୃଥିବୀକୁ ନିକ୍ଷତ୍ରୀୟ କରିବା ପାଇଁ ଶପଥ ନେଇଥିଲେ ।

ସେହିଭଳି ଏକ ବିଷୟବସ୍ତୁକୁ ନାଟ୍ୟକାର ରୂପ ଦେଇଛନ୍ତି ଆଧୁନିକ ପଟ୍ଟଭୂମିରେ । ପୁରାଣର ପର୍ଶୁରାମ ପିତୃଆଜ୍ଞାରେ ମାତୃହତ୍ୟା କରିଥିବା ବେଳେ ନାଟକର ପର୍ଶୁରାମ କାହା ନିର୍ଦ୍ଦେଶରେ ମାତୃହତ୍ୟା ନକରି ନିଜ ବିବେକର ତାଡ଼ନାରେ ସେହି କାର୍ଯ୍ୟ ସମ୍ପାଦନ କରିଛି । ପର୍ଶୁରାମର ଦାଦା ତା' ମା' ରେଣୁକାର ଉପପତି । ପିତାଙ୍କ ମୃତ୍ୟୁ ପରେ ପରେ ମା'ଙ୍କୁ ଆଶ୍ରୟ ଦେବା ନାଁରେ ତାର ଦାଦା ନିଜର ପାଶବିକ କ୍ଷୁଧାକୁ କରିଛି ଚରିତାର୍ଥ । ନିଜ ମା' ଜୀବନର ଏହି କଳଙ୍କିତ ଅଧ୍ୟାୟକୁ ଜାଣିସାରି ମା'ଙ୍କର ସମସ୍ତ କାକୁତିମିନତିକୁ ପ୍ରତ୍ୟାଖ୍ୟାନ କରି ମାତୃହତ୍ୟା ପରି ଜଘନ୍ୟ କାର୍ଯ୍ୟ ସାରି କରିଛି । "x x x ମୁଁ ତୋତେ ଛାଡ଼ିବିନି । ତୋରି ରକ୍ତରେ ମୋର କଳଙ୍କ ଧୋଇ ଦେବି – ମା ବୋଲି ମୁଁ ତୋତେ କେବେ କ୍ଷମା କରିପାରିବିନି । ମୁଁ ତୋତେ ଶେଷ କରିଦେବି – ନା' ହାତ ଧରିବ ନାହିଁ, ଦୃଷ୍ଟି କମ୍ପିତ ହେବନି, ଲକ୍ଷ୍ୟଭ୍ରଷ୍ଟ ହେବନି । ମୁଁ ଠିକ୍ ଆଗେଇ ଯିବି – ଠିକ୍ ଆଗେଇ ଯିବି –"(୧୧)

ପୁରାଣରେ ପର୍ଶୁରାମଙ୍କର ଥିଲା ଦୁଇଗୋଟି ଭୂମିକା – ଗୋଟିଏ ପିତୃଆଜ୍ଞା ପାଳନ କରି ମାତାଙ୍କ ହତ୍ୟା କରିବା, ଅନ୍ୟଟି ପୃଥିବୀକୁ ଏକୋଇଶ ଥର ନିକ୍ଷତ୍ରୀୟ କରି ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା । ନାଟ୍ୟକାର ଶ୍ରୀ ମିଶ୍ରଙ୍କ ସାମାଜିକ ନାଟକ 'ପର୍ଶୁରାମ'ରେ ପର୍ଶୁରାମ ମାଆକୁ ହତ୍ୟା କରିଛି । ଏଇ ହତ୍ୟା ପିତାଙ୍କ ନିର୍ଦ୍ଦେଶରେ ନୁହେଁ, ନିଜ ବିବେକର ତାଡ଼ନାରେ । ପରେ ସେ ଆସିଛି ଏକ ଆବର୍ଜନା ବସ୍ତିକୁ । ଯେଉଁଠାରେ ରହନ୍ତି କାଳୀ, କରାଳୀ, ରେଣୁକା, ଗୋକୁଳୀ, ଚମ୍ପା, ମଥୁରୀ ଭଳି ମଣିଷମାନେ । ଯେଉଁଠି ମଣିଷମାନେ ମଣିଷ ଭଳି ବଞ୍ଚନ୍ତି ନାହିଁ, ବରଂ ବଞ୍ଚନ୍ତି ନର୍ଦ୍ଦମାରେ ସାଲୁବାଲୁ ହେଉଥିବା କୃମିକୀଟ ପରି । ପୁଣି ସେହିଭଳି ବସ୍ତିରେ ନିଜ ଆଧିପତ୍ୟ ବିସ୍ତାର କରି ଏକଛତ୍ରବାଦୀ ଶାସନ କରୁଥିବା ଏକମାତ୍ର ମହାରାଜା, ଯାହା ପଞ୍ଝାରୁ କେହି ମୁକ୍ତ ନୁହଁନ୍ତି । ସେହିଠାରେ ଚାଲେ ମହାରାଜାଙ୍କ କର୍ତ୍ତୃତ୍ୱ । ନାଟକ ମଧ୍ୟରେ ମହାରାଜାର ଶୋଷଣ ଅତ୍ୟନ୍ତ ନଗ୍ନ ଓ ବିଭତ୍ସ । ସେଠି ସେ ମହାରାଜାଙ୍କୁ ହତ୍ୟା କରିଛି ଏବଂ ସବୁ ମହାରାଜାମାନଙ୍କୁ ହତ୍ୟା କରିବା ପାଇଁ ଦୃଢ ଶପଥ ନେଇଛି । ସମାଲୋଚକ ବିଜୟ କୁମାର ଶତପଥୀଙ୍କ ମତରେ "ପର୍ଶୁରାମ ଅନୁଭବ କରିଛି ଗୋଟିଏ ମହାରାଜାର ମୃତ୍ୟୁରେ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ସମାଜରେ ରହିଥିବା ସବୁ ମହାରାଜାମାନଙ୍କୁ ଧ୍ୱଂସ କରିବା ପାଇଁ, ନିକ୍ଷତ୍ରୀୟ କରିବା ପାଇଁ ସେ ପର୍ଶୁରାମ ।"(୧୨) ମୋଟ୍ ଉପରେ ନାଟକ ମଧ୍ୟରେ ପର୍ଶୁରାମ ମିଥ୍ ଜରିଆରେ ଯୁବଶକ୍ତିର ଉଦ୍‌ବୋଧନ କରାଯାଇ ଶୋଷଣମୁକ୍ତ ଏକ ସମାଜ ନିମନ୍ତେ ଇଙ୍ଗିତ ପ୍ରଦାନ କରାଯାଇଛି ।

ନାଟ୍ୟକାର ଶ୍ରୀ ବିଜୟ ମିଶ୍ରଙ୍କ ଅନ୍ୟତମ ଅପ୍ରକାଶିତ ମିଥ୍‌ଧର୍ମୀ ନାଟକ 'ଅନ୍ୟ ଅରଣ୍ୟ' । ଏହି ନାଟକଟି ଅପ୍ରକାଶିତ

ଥିବାରୁ ଲେଖକର ଏହା ହସ୍ତଗତ ହୋଇପାରି ନାହିଁ । ନାଟ୍ୟକାର ବିଜୟ ମିଶ୍ରଙ୍କ ନାଟ୍ୟ ସୃଜନ ଉପରେ ଗବେଷଣା କରି ଡକ୍ଟରେଟ୍ ଲାଭ କରିଥିବା ଡ. ବିଜୟ କୁମାର ଚୌଧୁରୀ ଏହି ନାଟକର ପାଣ୍ଡୁଲିପିଟି ପାଇଥିଲେ । ତାଙ୍କ ମତରେ, "ଅନେକ ନାଟକର ସଫଳ ସ୍ରଷ୍ଟା ଶ୍ରୀଯୁକ୍ତ ମିଶ୍ରଙ୍କ କେତେକ ନାଟକ ପ୍ରକାଶିତ ଓ ଅନ୍ୟ କେତେକ ଅପ୍ରକାଶିତ । ପ୍ରକାଶିତ ନ ହୋଇଥିଲେ ବି ସେ ନାଟକଗୁଡ଼ିକ ପାଣ୍ଡୁଲିପି ଆକାରରେ ବିଭିନ୍ନ ମଞ୍ଚରେ ଅଭିନୀତ ହୋଇ ଦର୍ଶକୀୟ ସ୍ୱୀକୃତି ପାଇ ସାରିଛନ୍ତି । ସେମାନଙ୍କ ମଧ୍ୟରେ ନିଷିଦ୍ଧ ସ୍ୱପ୍ନ (ଗୌରୀ), ଅଜ୍ଞାତବାସ, ଲଗ୍ନ, ପାଷାଣର ପ୍ରତୀକ୍ଷା, ହଂସ ବଳାକା, ଅନ୍ୟ ଅରଣ୍ୟ, ପଞ୍ଚଶାୟକ, ପାହାଚ ଆଦି ମଞ୍ଚସ୍ଥ ହୋଇ ଓଡ଼ିଆ ନାଟକର ମାନବୃଦ୍ଧି କରିଥିବାରୁ ଅପ୍ରକାଶିତ ହୋଇଥିଲେ ମଧ୍ୟ ପ୍ରସଙ୍ଗ କ୍ରମେ ସେଗୁଡ଼ିକର ଆଲୋଚନା ଅପ୍ରାସଙ୍ଗିକ ନୁହେଁ । "ତେଣୁ ଏହିସବୁ ନାଟକର ଆଲୋଚନା ପର୍ଯ୍ୟାଲୋଚନା କରି ଡ. ଚୌଧୁରୀ 'ଅନ୍ୟ ଅରଣ୍ୟ' ନାଟକକୁ 'ମିଥ୍‌କ' ବୋଲି ଦର୍ଶାଇଛନ୍ତି । ତେବେ ନିମ୍ନରେ ଯାହା ଆଲୋଚନା କରାଯିବ, ତାହା ଡ. ଚୌଧୁରୀଙ୍କ ଗବେଷଣାର ଫଳ ।

* 'ଅନ୍ୟ ଅରଣ୍ୟ' ସମ୍ପୂର୍ଣ୍ଣ ଏକ ବେତାର ନାଟକ ହୋଇଥିବାରୁ ଏହାର ମଞ୍ଚମୂଲ୍ୟ ନିର୍ଦ୍ଧାରଣ କରିହୁଏ ନାହିଁ । ବେତାର ନାଟକ ଭାବରେ ନାଟକଟି ବହୁବାର ପ୍ରଚାରିତ । Epic Drama ବା କାବ୍ୟ ନାଟକ ଭାବରେ ଏହାର ମୂଲ୍ୟ ନିର୍ଦ୍ଧାରିତ । ପୁରାଣକୁ ଆଧୁନିକ ଛାଞ୍ଚରେ ନିର୍ମାଣ କରିବା ନିମନ୍ତେ ଏଥିରେ ପ୍ରଚେଷ୍ଟା କରାଯାଇଛି । ସର୍ପ ଦଂଶନ ଭୟରେ ଭୟଭୀତ ପୁରାଣର ପରୀକ୍ଷିତ ମହାରାଜା ଆଜିର ସମାଜରେ ପରୀକ୍ଷିତ ଦାସ ରୂପେ ରୂପାନ୍ତରିତ ହୋଇଛନ୍ତି । ଆଶ୍ଚର୍ଯ୍ୟଜନକ ଭାବେ ମହାରାଜା ପରୀକ୍ଷିତ ଏ ନାଟକ ମଧ୍ୟରେ ପ୍ରତୀକଟିଏ ପାଲଟି ଯାଇଛନ୍ତି । ସାମ୍ପ୍ରତିକ ସମାଜରେ ପ୍ରତ୍ୟେକ ମଣିଷ ପରୀକ୍ଷିତ ମହାରାଜାଙ୍କ ପରି ତକ୍ଷକ ଭୟରେ ଆତଙ୍କିତ । କାରଣ ବିକଳାଙ୍ଗ, ରୁଗ୍‌ଣ, ନଗ୍ନସଭ୍ୟତା ରୂପୀ ହିଂସ୍ର, ଭୟଙ୍କର ତକ୍ଷକ ସଭିଙ୍କ ଗଳାରେ ଛନ୍ଦି ହୋଇ ସମସ୍ତଙ୍କୁ ଅଣନିଶ୍ୱାସ କରାଉଛି । ସେଥିରୁ କାହାର ମୁକ୍ତି ନାହିଁ । ସଭିଏଁ ସନ୍ତ୍ରସ୍ତ । ତା' କବଳରୁ ମୁକ୍ତିଲାଗ ସମସ୍ତ ପ୍ରୟାସ, ଆବିଷ୍କୃତ ସମସ୍ତ ଉପାୟ ବୃଥା । କାରଣ ସେ ସର୍ବଗ୍ରାସୀ ତକ୍ଷକ । ଏହି ବକ୍ତବ୍ୟକୁ ନାଟ୍ୟକାର ପ୍ରତୀକ ଛଳରେ ଉପସ୍ଥାପନ କରିଅଛନ୍ତି । 'ଅନ୍ୟ ଅରଣ୍ୟ'କୁ ଏକ 'Mythic Drama' ଭାବରେ ମଧ୍ୟ ଗ୍ରହଣ କରାଯାଇପାରେ ।

ଏବଂ ଶେଷରେ ନାଟ୍ୟକାର ବିଜୟ ମିଶ୍ରଙ୍କ ଦ୍ୱାରା ରଚିତ ଏବଂ ଅଭିନୀତ ଏହି ଚାରିଗୋଟି ମିଥ୍‌ଧର୍ମୀ ନାଟକ ବେଶ୍ ସଫଳତାର ଶୀର୍ଷରେ ପହଞ୍ଚି ପାରିଛି । ନାଟକରେ ମିଥ୍ ପ୍ରୟୋଗର ସାଫଲ୍ୟତା ସେ ପାଇ ପାରିଛନ୍ତି । ପୁରାତନକୁ ନବ୍ୟଦୃଷ୍ଟିରେ ପରିବେକ୍ଷଣ ଏବଂ ବିଶ୍ଳେଷଣ ଉଭୟ ବୌଦ୍ଧିକ ଏବଂ ସାଧାରଣ ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥାଏ । ସାମ୍ପ୍ରତିକତା ପରିପ୍ରେକ୍ଷୀରେ ପୁରାତନ ଚରିତ୍ର ଏବଂ ପରିବେଶର ନବମୂଲ୍ୟାୟନ କେବଳ ଯେ ଦର୍ଶକ ହୃଦୟକୁ ଆହ୍ଲାଦିତ କରିଥାଏ ତା' ନୁହେଁ ପୁରାତନକୁ ନୂତନତା ସହ ଯୋଡ଼ିବାରେ ମିଥ ଯୋଗସୂତ୍ର ରୂପେ କାର୍ଯ୍ୟ କରେ । ପୁରାତନକୁ ଛାଡ଼ି ନୂତନତାର ସ୍ଥାପନ ନୁହେଁ, ଏହିପରି ଶିକ୍ଷା ସେ ଦେଇ ଚାଲିଥାଏ । ସର୍ବୋପରି ନୂତନ ସମାଜ ନିମିତ୍ତ ଏହା ଭିତରେ ଯେପରି ଲୁକ୍କାୟିତ ହୋଇ ରହିଥାଏ ନିଗୂଢ଼ ତତ୍ତ୍ୱ । ଏହାକୁ ବୁଝିବାରେ ହିଁ ମିଥ୍‌ର ସାର୍ଥକତା । ନାଟ୍ୟକାର ଶ୍ରୀ ମିଶ୍ର ଏହିପରି ତତ୍ତ୍ୱଶୀଳ ବାର୍ତ୍ତାକୁ ତାଙ୍କ ନାଟକ ଜରିଆରେ ଅତି ସରଳିଆ ଭାଷାରେ ଯେପରି ବୁଝାଇ ପାରିଛନ୍ତି, ତାହା ବେଶ୍ ଶିକ୍ଷାପ୍ରଦ ଏବଂ ଉପଭୋଗ୍ୟ ।

### ସହାୟକ ଗ୍ରନ୍ଥସୂଚୀ :


୧. The New Encyclopaedia Britanica, p. 407 ।

୨. ଦାସ, ହେମନ୍ତ କୁମାର : ଓଡ଼ିଆ ନାଟକର ଉତ୍ତର ଆଧୁନିକତା, ବିଦ୍ୟାପୁରୀ, କଟକ, ପ୍ରଥମ ପ୍ରକାଶନ, ୨୦୦୮, ପୃ. ୨୬୪ ।

୩. ତଟ ନିରଞ୍ଜନା (ନାଟକ)ର ଅଗ୍ରଲେଖ ।

୪. ତତ୍ରୈବ ।

୫. ମିଶ୍ର, ବିଜୟ : ତଟ ନିରଞ୍ଜନା, ପୃ. ୧୦୨ ।

୬. ମିଶ୍ର, ସଙ୍ଘମିତ୍ରା : ନାଟକ : ବ୍ୟାପ୍ତି ଓ ଦୀପ୍ତି, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ, ୧୯୯୪, ପୃ.୯୮ ।

୭. ଚୌଧୁରୀ, ବିଜୟ କୁମାର : ତଟ ନିରଞ୍ଜନା ନାଟକର କାୟାକଳ୍ପ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ, ୧ମ ସଂସ୍କରଣ, ୨୦୨୩, ପୃ. ୧୦୮ ।

୮. ମିଶ୍ର, ବିଜୟ : ଜଣେ ରାଜା ଥିଲେ, ପୃ. ୧୨୬, ୧୨୭ ।

୯. ତତ୍ରୈବ, ପୃ. ୧୨୮ ।

୧୦. ଚୌଧୁରୀ, ବିଜୟ କୁମାର : ବିଜୟ ମିଶ୍ରଙ୍କ ନାଟକରେ ପରୀକ୍ଷା ଓ ପ୍ରୟୋଗ, ଆର୍ଯ୍ୟ ପ୍ରକାଶନ, କଟକ, ପ୍ରଥମ ପ୍ରକାଶକାଳ, ୨୦୦୭, ପୃ. ୮୬ ।

୧୧. ମିଶ୍ର, ବିଜୟ : ପର୍ଶୁରାମ, ପୃ. ୧୯ ।

୧୨. ଶତପଥୀ, ବିଜୟ କୁମାର : ନୂତନ ମୂଲ୍ୟବୋଧର ନାଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପ୍ରଥମ ପ୍ରକାଶ, ୧୯୯୧, ପୃ. ୩୫ ।


* ଉକ୍ତ ପରିଚ୍ଛେଦଟି ଡ. ବିଜୟ କୁମାର ଚୌଧୁରୀଙ୍କ ପିଏଚ୍.ଡି. ଥିସିସ୍ 'ବିଜୟ ମିଶ୍ରଙ୍କ ନାଟକରେ ପରୀକ୍ଷା ଓ ପ୍ରୟୋଗ'ରେ ସ୍ଥାନିତ, ପୃ. ୯୨, ୯୩ ।

❖ ❖ ❖

DOI :https://doi.org/10.5281/zenodo.14172167

ମୂଳ ପ୍ରବନ୍ଧ

# ସ୍ୱୀକାରୋକ୍ତି ମୂଳକ ଓଡ଼ିଆ ଉପନ୍ୟାସ : ପ୍ରମୁଖ ଔପନ୍ୟାସିକଗଣ

**ପ୍ରତ୍ୟାଶା ଧଳ**

**ସଂକ୍ଷିପ୍ତସାର :**

ସ୍ୱୀକାରୋକ୍ତି ମୂଳକ ଉପନ୍ୟାସ(Confessional Novel) ସମ୍ପର୍କରେ ଅନୁଶୀଳନ କଲେ ଏ ଧରଣର ଉପନ୍ୟାସରେ ଲେଖକ Self conscious ବା ଆତ୍ମ-ସଚେତନ ରହିଥାଏ । ସ୍ୱୀକାରୋକ୍ତି ମୂଳକ ଉପନ୍ୟାସ ହେଉଛି ଏକ ସାହିତ୍ୟିକ ଧାରା ବା ଶୈଳୀ । ଏହା ସ୍ୱସଚେତନ ଶୈଳୀରେ ଲିଖିତ । ଅର୍ଥାତ୍ ଏହି ପ୍ରକାର ଉପନ୍ୟାସ ଯେଉଁ ଶୈଳୀରେ ଲେଖାଯାଇଥାଏ, ସେହି ଶୈଳୀ ପ୍ରତି ସେହି ଲେଖା ଭିତରେ ଲେଖକଙ୍କର ସ୍ୱୀକାରୋକ୍ତି ରହିଥାଏ । 'ସ୍ୱୀକାରୋକ୍ତି ମୂଳକ ଉପନ୍ୟାସ' ଏପରି ଏକ ଧାରା ଯାହା ଓଡ଼ିଆ ସାହିତ୍ୟରେ ଅନାଲୋଚିତ ପ୍ରାୟ । ତେଣୁ ଏହି ଧାରାରେ କେଉଁ କେଉଁ ଉପନ୍ୟାସକୁ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ତା'ର କାରଣ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ହେଉଛି ଏହି ପ୍ରବନ୍ଧଟିର ମୁଖ୍ୟ ଲକ୍ଷ୍ୟ ।

**ପ୍ରମୁଖ ଶବ୍ଦ :**

ସ୍ୱୀକାରୋକ୍ତି, ସ୍ୱସଚେତନ ଶୈଳୀ, ଚରିତୋପନ୍ୟାସ, ପର୍ଯ୍ୟାୟକ୍ରମିକ ଉପନ୍ୟାସ, ପ୍ରାୟୋପନ୍ୟାସ, ଭ୍ରମଣୋପନ୍ୟାସ, ଅଣକାଳ୍ପନିକ ଫର୍ମ, ରୈଖିକ ନିୟମ, ଆତ୍ମ-ସଚେତନ ।

ସାହିତ୍ୟର ଦିଗନ୍ତ ଆଜି ଯେପରି ବହୁବିସ୍ତୃତ, ଅନୁରୂପ ସମାଲୋଚନା କ୍ଷେତ୍ର ମଧ୍ୟ ବହୁ ବୈଚିତ୍ର୍ୟପୂର୍ଣ୍ଣ । ସମ୍ପ୍ରତି ଆଲୋଚନାର ବିଭିନ୍ନ ବର୍ଗୀକରଣ ପ୍ରସ୍ତୁତ ହୋଇଥିବାର ଲକ୍ଷ୍ୟ କରାଯାଉଛି । ସେହି ବର୍ଗୀକରଣ ମଧ୍ୟରେ ସ୍ୱୀକାରୋକ୍ତି ମୂଳକ ଆଲୋଚନା ଅନ୍ୟତମ ।

ସାହିତ୍ୟରେ Confession/ସ୍ୱୀକାରୋକ୍ତିର କଥା ଯେତେବେଳେ ଆସେ ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରଥମେ ଆମ ନଜରକୁ ଆତ୍ମଜୀବନୀ ହିଁ ଆସେ । The World Book of Encyclopaediaରେ ଆତ୍ମଜୀବନୀର ସଂଜ୍ଞା ନିର୍ଦ୍ଦେଶ କରାଯାଇଛି- "Autobiography is a type of biography in which the author tells the story of his or her own Life." ଆତ୍ମଜୀବନୀ ମୁଖ୍ୟତଃ ଜଣେ ବ୍ୟକ୍ତିର ସମଗ୍ର ଜୀବନର ଘଟଣା ପ୍ରବାହର ଆକଳନ ଏବଂ ଯାହାର ଆକଳନ କରିବା ଦ୍ୱାୟିତ୍ୱ ମଧ୍ୟ ସେହି ବ୍ୟକ୍ତିଟି ଉପରେ ହିଁ ନ୍ୟସ୍ତ । ଆତ୍ମଜୀବନୀର ସଫଳତା ନିର୍ଭର କରେ, ବିଚାରକ ଭାବରେ ଲେଖକ ନିଜେ ନିଜକୁ କେତେଦୂର ନିରପେକ୍ଷ ରଖି ପାଠକ ନିକଟରେ ଉପସ୍ଥାପନ କରିପାରିଛନ୍ତି । ଜୀବନର ସଫଳତାକୁ ସ୍ୱୀକାର କରିବା ଖୁବ୍ ସହଜ ହୋଇଥାଏ ମାତ୍ର ବିଫଳତା, ଦୋଷତ୍ରୁଟି ଏବଂ ଅପରାଧକୁ ସ୍ୱୀକାର କରିବା ଖୁବ୍ କଷ୍ଟକର । ସତ୍ୟକୁ ସ୍ୱୀକାର କରିବାର ସାହସ ସବୁ ଲେଖକଙ୍କର ନଥାଏ, ଯେଉଁଠି ଲେଖକ ନିଜ ସମଗ୍ର ଜୀବନର ସତ୍ୟକୁ ସ୍ୱୀକାର କରି ପାଠକ ସମ୍ମୁଖରେ ଉପସ୍ଥାପନ କରିଥାଏ, ସେଇଠି ସେହି ଆତ୍ମଜୀବନୀ ହୋଇଥାଏ ସଫଳ । ଜର୍ଜ ବର୍ଣ୍ଣାଡ୍ ଶ'ଙ୍କ ମତରେ- "The best autobiographies are confessions, but if a

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.14172167
Article No - BPP00238

ଯୋଗାଯୋଗ :
**ଡ. ପ୍ରତ୍ୟାଶା ଧଳ (ଅଧ୍ୟାପିକା)**
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା
**E-Mail ID:** reema.dhal12@gmail.com
**ORCID ID:** https://orcid.org/0009-0008-2764-2261

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୨.୮.୨୦୨୪ | ୧୦.୯.୨୦୨୪ | ୧୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଧଳ, ପ୍ରତ୍ୟାଶା, ୨୦୨୪ । ସ୍ୱୀକାରୋକ୍ତି ମୂଳକ ଓଡ଼ିଆ ଉପନ୍ୟାସ : ପ୍ରମୁଖ ଔପନ୍ୟାସିକଗଣ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ, ପୃଷ୍ଠା :୪୬-୫୪ ।

man is deep writer all his work are confessions."

ଉପନ୍ୟାସ ପରି ଏକ ବହୁ ଚର୍ଚ୍ଚିତ ଲୋକପ୍ରିୟ ସାହିତ୍ୟିକ ବିଭାଗରେ ପରୀକ୍ଷା ନିରୀକ୍ଷା ସବୁବେଳେ ଚାଲିଥାଏ । ଅନେକ ସମୟରେ ସଚେତନ ଭାବରେ କେହି କେହି ପରୀକ୍ଷା କରିଥାନ୍ତି, କେହି କେହି ଅସଚେତନ ଭାବରେ କିଛି ଲେଖି ଦେଇଥାନ୍ତି ଏବଂ ପରେ ଜଣାପଡ଼େ ଯେ ତାହା ଗୋଟିଏ ନୂଆ କଥା ବା ନୂଆ ଶୈଳୀ । ସ୍ୱୀକାରୋକ୍ତି ମୂଳକ ଉପନ୍ୟାସ (Confessional Novel) ସମ୍ପର୍କରେ ଅନୁଶୀଳନ କଲେ ଏ ଧରଣର ଉପନ୍ୟାସରେ ଲେଖକ Self conscious ବା ଆତ୍ମ-ସଚେତନ ରହିଥାଏ । ଆମେରିକୀୟ ଔପନ୍ୟାସିକ ଓ ସମାଲୋଚକ William H. Gass ୧୯୭୦ ମସିହାରେ ତାଙ୍କ ପୁସ୍ତକ 'Fiction and the Figures of Life'ରେ Fiction with self consciousness, Self awareness, Self Knowledge, Ironic self distance ଉପରେ ଗୁରୁତ୍ୱ ଦେଇଥିଲେ । ସ୍ୱୀକାରୋକ୍ତି ମୂଳକ ଉପନ୍ୟାସର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି, ଲେଖକ ସର୍ବଦା Self conscious ବା ଆତ୍ମ-ସଚେତନ ରହିଥାଏ ।

"Confessional Writing usually involves the disclosure personal revelations and secrets, often in first-person, non-fiction forms such as diaries and memories." ସ୍ୱୀକାରୋକ୍ତି ମୂଳକ ଉପନ୍ୟାସ ହେଉଛି ଏକ ସାହିତ୍ୟିକ ଧାରା ବା ଶୈଳୀ । ଏହା ପରୀକ୍ଷାମୂଳକ କାହାଣୀଧର୍ମୀ ଗଦ୍ୟରଚନା । ଏହା ସ୍ୱସଚେତନ ଶୈଳୀରେ ଲିଖିତ । ଅର୍ଥାତ୍ ଏହି ପ୍ରକାର ଉପନ୍ୟାସ ଯେଉଁ ଶୈଳୀରେ ଲେଖାଯାଇଥାଏ, ସେହି ଶୈଳୀପ୍ରତି ସେହି ଲେଖା ଭିତରେ ଲେଖକଙ୍କର ସ୍ୱୀକାରୋକ୍ତି ରହିଥାଏ । 'ସ୍ୱୀକାରୋକ୍ତି' ହେଉଛି ଉପନ୍ୟାସର ଏକ ଶୈଳୀ, ଯାହା ପ୍ରଥମେ ଯୁକ୍ତରାଷ୍ଟ୍ରରେ ଉତ୍ପନ୍ନ ହୋଇଥିଲା । ଏହା ମଧ୍ୟ ଆଧୁନିକତା (modernism)ର ଏକ ରୂପ ଭାବରେ ବର୍ଗୀକୃତ ହୁଏ । ବ୍ୟକ୍ତିଗତ ଅଭିଜ୍ଞତା, ମାନସିକତା ଏବଂ ବ୍ୟକ୍ତିଗତ ଆଘାତର ଚରମ ମୁହୂର୍ତ୍ତ ଉପରେ ଧ୍ୟାନ ଦେଇ ଏହାକୁ ବ୍ୟକ୍ତିଗତ କିମ୍ବା 'ମୁଁ'ର ଉପନ୍ୟାସ ଭାବରେ ମଧ୍ୟ ବର୍ଣ୍ଣନା କରାଯାଇଥାଏ । 'ସ୍ୱୀକାରୋକ୍ତି ମୂଳକ' ଉପନ୍ୟାସ ସାଧାରଣତଃ ପ୍ରଥମ ପୁରୁଷୀୟ ଶୈଳୀରେ ଲିଖିତ ହୋଇଥାଏ । ଅନେକ ସମୟରେ ଏହାର ଶୈଳୀଟି ଆତ୍ମକଥନମୂଳକ ଶୈଳୀର ଅନ୍ତର୍ଗତ ମଧ୍ୟ ହୋଇଥାଏ । ଏଥିରେ ଲେଖକୀୟ ଆତ୍ମସଂପୃକ୍ତିଟି 'ବାସ୍ତବ' ।

ସ୍ୱୀକାରୋକ୍ତି ମୂଳକ ଉପନ୍ୟାସ ଜୀବନ ଲେଖିବାର ଏକ ରୂପ, ବିଶେଷ କରି ଜୀବନୀ ଫର୍ମ ମାଧ୍ୟମରେ । ସୁରେନ୍ଦ୍ର ମହାନ୍ତିଙ୍କ 'ଶତାବ୍ଦୀର ସୂର୍ଯ୍ୟ'(୧୯୭୦) ଓଡ଼ିଆ ସାହିତ୍ୟର ପ୍ରଥମ ସଂଳ ଚରିତୋପନ୍ୟାସ । ଯେତେବେଳେ ଦେଶର କୌଣସି ଶିଷ୍ଟ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନାୟକ କରି, ତାଙ୍କ ଜୀବନ ଚରିତକୁ ଉପଜୀବ୍ୟ କରି ଜାତି ପ୍ରତି ତାଙ୍କ ଅବଦାନକୁ ପ୍ରତିଷ୍ଠା ଦେବାର ଉଦ୍ୟମ କୌଣସି ଉପନ୍ୟାସରେ ସଚେତନ ଭାବରେ କରାଯାଏ, ତାହାକୁ 'ଚରିତ' ଉପନ୍ୟାସ କୁହାଯାଏ । ଏହି ଚରିତୋପନ୍ୟାସରେ ଲେଖକ ଯେଉଁ ଚରିତ୍ରକୁ ନାୟକ ଭାବେ ଚିତ୍ରଣ କରିଥାଏ, ସେହି ଚରିତ୍ର ପ୍ରତି ଲେଖକଙ୍କ ସ୍ୱୀକାରୋକ୍ତି ଉପନ୍ୟାସରେ ପ୍ରକାଶ ପାଇଥାଏ । ଚରିତୋପନ୍ୟାସ ଜୀବନୀ ନୁହେଁ; ମାତ୍ର ଜୀବନଠାରୁ ରସାଳ । ଚରିତୋପନ୍ୟାସ ଇତିହାସ ନୁହେଁ, ମାତ୍ର ଇତିହାସ ଭଳି ତଥ୍ୟ ନିର୍ଭର । ଚରିତୋପନ୍ୟାସ ଚରିତ୍ର ଚିତ୍ର କେବଳ ନୁହେଁ, ଚରିତ୍ର ନିର୍ମାଣ ମଧ୍ୟ । ଲେଖକ ଉପନ୍ୟାସର ଭୂମିକାରେ ସ୍ୱୀକାର କରିଛନ୍ତି ଯେ- "ଓଡ଼ିଆରେ ଚରିତୋପନ୍ୟାସର ଏହା ହୁଏତ ପ୍ରଥମ ଉଦ୍ୟମ ନୁହେଁ । ମାତ୍ର ଏକ ସୁବିସ୍ତୃତ ପୃଷ୍ଠଭୂମିରେ, ବହୁ ଚରିତ୍ର ଓ ଘଟଣାର ସମାବେଶ, ପୁଣି ଚରିତ୍ର-ଚିତ୍ରଣରେ, ଏପରି ଚରିତୋପନ୍ୟାସ, ପଥିକୃତ ଉଦ୍ୟମର ଅନନ୍ୟତା ନିଶ୍ଚିତ ଭାବରେ ଦାବୀକରେ ।" ଓଡ଼ିଆ ସାହିତ୍ୟରେ ମୁକୁନ୍ଦ ଦାଶଙ୍କ 'କଳାପାହାଡ଼' (୧୯୩୪), ଚକ୍ରଧର ମହାପାତ୍ରଙ୍କ 'ରୋଡ଼ଙ୍ଗ ବକ୍ସି' (୧୯୪୮) ଜୀବନଚରିତଧର୍ମୀ ଉପନ୍ୟାସ ହେଲେ ସୁଦ୍ଧା ଏଥିରେ ଔପନ୍ୟାସିକଙ୍କ ଜୀବନଦୃଷ୍ଟି ସେମିତି ପ୍ରତିଫଳିତ ହୋଇପାରିନାହିଁ । ଫଳରେ, ଏ ଦୁଇଟି ଉପନ୍ୟାସ ଅନେକ କ୍ଷେତ୍ରରେ ଐତିହାସିକ ଉପନ୍ୟାସର ଲକ୍ଷଣାକ୍ରାନ୍ତ ହୋଇପଡ଼ିଛି । ତେଣୁ ଓଡ଼ିଆ ସାହିତ୍ୟରେ ପ୍ରକୃତରେ ଚରିତ ଉପନ୍ୟାସ ଲେଖା ପ୍ରଥମେ ହିଁ ସୁରେନ୍ଦ୍ର ମହାନ୍ତି ଆରମ୍ଭ କରିଛନ୍ତି ।

ସୁରେନ୍ଦ୍ର ମହାନ୍ତିଙ୍କ 'ଶତାବ୍ଦୀର ସୂର୍ଯ୍ୟ' (୧୯୭୦) ଓ 'କୁଳବୃଦ୍ଧ' (୧୯୭୮) ଗୋଟିଏ ଚରିତୋପନ୍ୟାସର ଦୁଇଟି ଖଣ୍ଡର ନାମ । 'ଶତାବ୍ଦୀର ସୂର୍ଯ୍ୟ' ଉପନ୍ୟାସର 'ଭୂମିକା'ରେ ଲେଖକଙ୍କ ସ୍ୱୀକାରୋକ୍ତି- "ଇଂ ୧୮୦୩ରେ ଇଂରେଜମାନଙ୍କଦ୍ୱାରା ଓଡ଼ିଶା ଅଧିକାର ଓ ଓଡ଼ିଆ ଜାତୀୟତାର ଚରମ ବିପର୍ଯ୍ୟୟ ପରଠାରୁ ଇଂ ୧୯୦୩ରେ ଉତ୍କଳ-ସମ୍ମିଳନୀ ମଣ୍ଡପରୁ ଓଡ଼ିଆ ଜାତୀୟତାର ନବଜନ୍ମ ଘୋଷଣା ପର୍ଯ୍ୟନ୍ତ, ଦୀର୍ଘ ଏକ ଶତାବ୍ଦୀ କାଳର ଇତିହାସ, ମଧୁସୂଦନ(ଜନ୍ମ ଇଂ ୧୮୪୮)ଙ୍କ ଜୀବନୀସୂତ୍ରରେ ଏଥିରେ ଗ୍ରଥିତ ହୋଇଅଛି । ଊନବିଂଶ ଶତାବ୍ଦୀରେ ଓଡ଼ିଶାର ନବଜାଗରଣ ଓ ସେଥିରେ ମଧୁସୂଦନଙ୍କ ଭୂମିକା, ଏହାର ବିଷୟବସ୍ତୁ ।" ଏହି ଉପନ୍ୟାସରେ ମଧୁସୂଦନଙ୍କ ପ୍ରଥମ ୫୫ ବର୍ଷ (୧୮୪୮-୧୯୦୩) ର ଜୀବନ ବୃତ୍ତାନ୍ତ ସାମସମୟିକ ଇତିହାସର ଘଟଣା, ଚରିତ୍ର ଓ ସ୍ଥାନ ପୃଷ୍ଠଭୂମିରେ ବର୍ଣ୍ଣିତ । 'ଭୂମିକା'ରେ ଲେଖକ ସ୍ୱୀକାର କରି କହିଛନ୍ତି ଯେ-" 'ଶତାବ୍ଦୀର ସୂର୍ଯ୍ୟ'ରେ ଊନବିଂଶ ଶତାବ୍ଦୀର ପୃଷ୍ଠଭୂମିରେ ମଧୁସୂଦନଙ୍କର ଗୋଟିଏ ମର୍ମର ପ୍ରତିମୂର୍ତ୍ତି ନିର୍ମାଣ କରିବାର ଉଦ୍ୟମ

ମୁଁ କରିନାହିଁ । ରକ୍ତମାଂସ ଦେହଧାରୀ ଗୋଟିଏ ମନୁଷ୍ୟର ଆଲେଖ୍ୟ ମୁଁ ଏଥିରେ ଅଙ୍କନ କରିବା ପାଇଁ ଚେଷ୍ଟା କରିଛି ।" ଏହା ସହିତ ଲେଖକ ସ୍ୱୀକାର କରୁଛନ୍ତି ଯେ, ଜୀବନଚରିତର ଧରାବନ୍ଧା ସୂତ୍ରରେ 'ଶତାବ୍ଦୀର ସୂର୍ଯ୍ୟ'କୁ ଠିକ୍ ପରିବେଷଣ କରିହେବ ନାହିଁ, ସେଥିପାଇଁ ସେ ଜୀବନଚରିତ ପରିବର୍ତ୍ତେ ଚରିତୋପନ୍ୟାସ ଶୈଳୀରେ ଏହାକୁ ରଚନା କରିଛନ୍ତି । ୧୯୦୩ ଠାରୁ ୧୯୩୪ ପର୍ଯ୍ୟନ୍ତ ମଧୁସୂଦନଙ୍କ ଜୀବନୀର ଉତ୍ତରାର୍ଦ୍ଧ ନିକଟ ଭବିଷ୍ୟତରେ ପ୍ରକାଶ କରିବାର ବାସନା ରହିଲା ବୋଲି କହି 'ଶତାବ୍ଦୀର ସୂର୍ଯ୍ୟ' ଉପନ୍ୟାସର 'ଭୂମିକା'କୁ ଶେଷ କରୁଛନ୍ତି ଲେଖକ । 'କୁଳବୃଦ୍ଧ' ପ୍ରକାଶ ପାଉଛି ୧୯୭୮ ମସିହାରେ ମଧୁସୂଦନଙ୍କ କର୍ମମୟ ଜୀବନର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ୧୯୦୩ ରୁ ୧୯୩୪ ପର୍ଯ୍ୟନ୍ତ ଘଟଣାବଳୀକୁ ଆଧାରକରି । 'କୁଳବୃଦ୍ଧ' ଉପନ୍ୟାସଟି ଅଧିକ ଐତିହାସିକ ତଥ୍ୟନିଷ୍ଠ ହୋଇଥିବାରୁ 'ଶତାବ୍ଦୀର ସୂର୍ଯ୍ୟ' ଉପନ୍ୟାସ ପରି ସୁଖପାଠ୍ୟ ହୋଇପାରିନାହିଁ । ଏଥିରେ ଲେଖକ ତାଙ୍କର ଗବେଷଣାଲବ୍ଧ ଜ୍ଞାନକୁ ରୂପାୟିତ କରିଛନ୍ତି । ଏ ସମ୍ପର୍କରେ ଲେଖକ ଭୂମିକାରେ ସ୍ୱୀକାର କରି କହିଛନ୍ତି-" 'ଶତାବ୍ଦୀର ସୂର୍ଯ୍ୟ' ପରି ଏହା ମଧ୍ୟ 'ଚରିତୋପନ୍ୟାସ' ଶୈଳୀରେ ରଚିତ । କିନ୍ତୁ ଇତିହାସ ପରି ଏହା ମଧ୍ୟ ତଥ୍ୟନିଷ୍ଠ ହୋଇଥିବାରୁ ଉପନ୍ୟାସର ବର୍ଣ୍ଣନା ବା ବିଶ୍ଳେଷଣଧର୍ମୀ ପ୍ରାଞ୍ଜଳତା ଏଥିରେ ସ୍ଥାନେ ସ୍ଥାନେ କ୍ଷୁର୍ଣ୍ଣ ହୋଇଥିବା ସ୍ୱାଭାବିକ । ପାଠକମାନେ ଯଦି ଏଥିରେ ବେଳେବେଳେ, ଐତିହାସିକ ତଥ୍ୟର ଜଞ୍ଜାଳ ମଧ୍ୟରେ ଝୁଣ୍ଟି ପଡ଼ନ୍ତି; ତାହେଲେ ସେମାନେ ଏହାକୁ ଅବଶ୍ୟମ୍ଭାବୀ ରୂପେ ଗ୍ରହଣ କରିବା ପାଇଁ ଅନୁରୋଧ । ଉପନ୍ୟାସର ସ୍ୱାଦ୍ୟତା ବା ସୁଖପାଠତା ପାଇଁ, ଐତିହାସିକ ତଥ୍ୟକୁ ମୁଁ ବିସର୍ଜନ ଦେଇ ପାରି ନାହିଁ- ଦେବା ମଧ୍ୟ ଉଚିତ୍ ନୁହେଁ ।" ଉପନ୍ୟାସ ଏକ ସର୍ଜନାତ୍ମକ କଳା ହୋଇଥିବାରୁ ଏହା କୌଣସି ନିୟମର ପରିସର ଭୁକ୍ତ ନୁହେଁ । ତେଣୁ ଚରିତୋପନ୍ୟାସରେ ଲେଖକ ଏକ ବାସ୍ତବ ଚରିତ୍ରକୁ ଉପନ୍ୟାସର ନାୟକ ରୂପେ ମନୋନୀତ କରିଥାଏ ଏବଂ ସେହି ଚରିତ୍ର ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକର ବର୍ଣ୍ଣନା କରିଥାଏ । ଏ ଧରଣର ଉପନ୍ୟାସରେ ବର୍ଣ୍ଣିତ ଘଟଣାଗୁଡ଼ିକ ଇତିହାସ ଭଳି ତଥ୍ୟ ନିର୍ଭର, ତେଣୁ ସୁରେନ୍ଦ୍ର ମହାନ୍ତି 'ଶତାବ୍ଦୀର ସୂର୍ଯ୍ୟ' ଏବଂ 'କୁଳବୃଦ୍ଧ' ଉପନ୍ୟାସଦ୍ୱୟର ମୁଖବନ୍ଧରେ ସ୍ୱୀକାର କରିଛନ୍ତି ଯେ, ସେ ସମସାମୟିକ ବିଭିନ୍ନ ରିପୋର୍ଟ, ଚିଠିପତ୍ର, ମଧୁସୂଦନଙ୍କ ପ୍ରକାଶିତ ବକ୍ତବ୍ୟ, ପରିବାରବର୍ଗଙ୍କ ମନ୍ତବ୍ୟ ଏବଂ ସେ ସମୟର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ମତାମତ ଉପରେ ନିର୍ଭର କରି ଏହି ଉପନ୍ୟାସଟିକୁ ରଚନା କରିଛନ୍ତି । ଯେତେବେଳେ 'ସ୍ୱୀକାରୋକ୍ତି ମୂଳକ' ଉପନ୍ୟାସ ସମ୍ପର୍କରେ ଆଲୋଚନା କରାଯାଉଛି, ସେତେବେଳେ 'ଚରିତୋପନ୍ୟାସ'କୁ ଏହାର ଅଂଶ ବିଶେଷ ଭାବରେ ଗ୍ରହଣ କରିବାକୁ ହେବ । କେବଳ ସୁରେନ୍ଦ୍ର ମହାନ୍ତିଙ୍କ ଏହି ଚରିତୋପନ୍ୟାସଦ୍ୱୟ ନୁହେଁ ବରଂ ଏ ଧାରାରେ ରଚିତ ପ୍ରାୟ ସମସ୍ତ ଉପନ୍ୟାସରେ ଲେଖକମାନଙ୍କ ସ୍ୱୀକାରୋକ୍ତି ପ୍ରକାଶ ପାଇଥାଏ ।

କେତେକ ଉପନ୍ୟାସ ଗୋଟିଏ ଭାଗରେ ଶେଷ ନହୋଇ ଦୁଇ ତିନୋଟି ଭାଗରେ ଶେଷ ହୋଇଥାଏ, ସେହି ଦୁଇଟି, ତିନୋଟି କିମ୍ବା ତା ଠାରୁ ଅଧିକ, ଏହି ଯେଉଁ ଭାଗ, ତାହାକୁ ପର୍ଯ୍ୟାୟ କୁହାଯାଏ । ଏହି ପର୍ଯ୍ୟାୟକ୍ରମରେ ଯେଉଁ ଉପନ୍ୟାସ ରଚନା କରାଯାଏ, ତାହାକୁ ପର୍ଯ୍ୟାୟକ୍ରମିକ ଉପନ୍ୟାସ କୁହାଯାଏ । ଏହି ପର୍ଯ୍ୟାୟ ବା ଭାଗଗୁଡ଼ିକ ସାଧାରଣତଃ ପ୍ରଥମାର୍ଦ୍ଧ, ଦ୍ୱିତୀୟାର୍ଦ୍ଧ, ଉତ୍ତରାର୍ଦ୍ଧ ବା ଶେଷାର୍ଦ୍ଧ ଭାବେ ଉଲ୍ଲିଖିତ । ପର୍ଯ୍ୟାୟକ୍ରମିକ ଉପନ୍ୟାସରେ ପ୍ରଥମ ଭାଗର ଦ୍ୱିତୀୟ ଭାଗ ଓ ଦ୍ୱିତୀୟ ଭାଗର ତୃତୀୟ ଭାଗ ଯେ ପରିବର୍ଦ୍ଧିତ ବା କ୍ରମବର୍ଦ୍ଧିତ ଅଂଶ ତାହା ଲେଖକ ସ୍ୱୀକାର କରିଥାନ୍ତି । ତେଣୁ ପ୍ରଥମ ଭାଗରେ ସ୍ଥାନିତ ଚରିତ୍ର ଓ ଘଟଣାର ବିକାଶ ଶେଷ ଭାଗରେ ଦେଖାଦେବା ସ୍ୱାଭାବିକ । ଓଡ଼ିଆ ଉପନ୍ୟାସର ଏଭଳି ଏକ ଧାରା ସମ୍ପର୍କରେ ଆଲୋଚନା କଲାବେଳେ ଅବଶ୍ୟ ଗୌରବ ଅନୁଭବ ହୋଇଥାଏ । କାରଣ ଓଡ଼ିଆ ସାହିତ୍ୟରେ ଏ ଧରଣର ଉପନ୍ୟାସର ପ୍ରଚୁରତା ଦେଖିବାକୁ ମିଳେ । ଏ ଧାରାରେ ଯେତେବେଳେ ଜଣେ ଲେଖକ ଉପନ୍ୟାସ ଲେଖେ, ସେତେବେଳେ ସେହି ଧାରା ପ୍ରତି ଲେଖକର ଥିବା ସଚେତନତା ନିଜର ସ୍ୱୀକାରୋକ୍ତିମୂଳକ ମନ୍ତବ୍ୟ ମାଧ୍ୟମରେ ପ୍ରକାଶ ପାଇଥାଏ । ବାସ୍ତବରେ ପର୍ଯ୍ୟାୟକ୍ରମିକ ଉପନ୍ୟାସ ଧାରା 'ଲେଖକ' ଭିତ୍ତିରେ ଦ୍ୱିବିଧ । ପ୍ରଥମଟି ସମାନ ଲେଖକଙ୍କ ଦ୍ୱାରା ଉପନ୍ୟାସର ଉତ୍ତରାଂଶ ଗୁଡ଼ିକର ରଚନା । ଦ୍ୱିତୀୟଟି ଜଣେ ଲେଖକଙ୍କର ରଚନା ଅନ୍ୟ ଲେଖକଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ବିକଶିତ ଓ ଲିଖିତ । ଏଠାରେ ଦ୍ୱିତୀୟ ଧାରାଟିକୁ ଆଲୋଚନା କରାଯାଇଛି ।

ଭିନ୍ନଜଣେ ଲେଖକ 'ମୂଳଲେଖକ'ର ଲେଖାକୁ ବିକଶିତ କଲାବେଳେ ଦ୍ୱିତୀୟ ଲେଖକଙ୍କ ଦୃଷ୍ଟିଭଙ୍ଗୀ, ଆଦର୍ଶ, ଦର୍ଶନ ମଧ୍ୟ ଉପନ୍ୟାସର ଗଠନରେ ନିର୍ଦ୍ଦିଷ୍ଟ ଭୂମିକା ନେଇଥାନ୍ତି । ସେଗୁଡ଼ିକ ଯୋଗୁଁ ପ୍ରଥମ ଧାରାର 'ପର୍ଯ୍ୟାୟ' ଗୁଡ଼ିକଠାରୁ ଅଧ୍ୟୟନ ଓ ଗବେଷଣା ପାଇଁ ଏହି 'ଦ୍ୱିତୀୟ ଧାରା'ର ପର୍ଯ୍ୟାୟକ୍ରମିକ ଉପନ୍ୟାସ ଗୁଡ଼ିକରେ ଥାଏ ପ୍ରଶସ୍ତ କ୍ଷେତ୍ର । ସାମାନ୍ୟ ବିସ୍ତାର ପୂର୍ବକ ଏହାକୁ ବିଶ୍ଳେଷଣ କରାଯାଉ: ସାଧାରଣତଃ ପର୍ଯ୍ୟାୟକ୍ରମିକ ଉପନ୍ୟାସରେ ଜଣେ ଔପନ୍ୟାସିକ ଉପନ୍ୟାସର ଦୁଇଟି ଭାଗ/ ତିନୋଟି ଭାଗ ରଚନା କରିଥାନ୍ତି । ମାତ୍ର ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ' (୧୯୨୮) ଏବଂ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'କଣାମାମୁଁ' (୧୯୪୭)ର ପରବର୍ତ୍ତୀ ଅଂଶ ଅନ୍ୟ ଲେଖକଙ୍କଦ୍ୱାରା ରଚିତ । 'ମଲାଜହ୍ନ'ର ପରବର୍ତ୍ତୀ ଅଂଶ ୧୯୮୦ ମସିହାରେ ଚକ୍ରଧର ମହାପାତ୍ର 'ହସିଲାଜହ୍ନ' ନାମରେ ଏବଂ 'କଣାମାମୁଁ'ର ପରବର୍ତ୍ତୀ ଅଂଶ ଏମାର୍‌କେୟାର୍ (ମୋହନ ଦାସ ରତିକାନ୍ତ ରାଓ) ୧୯୮୫ ମସିହାରେ 'କଣାମାମୁଁ' ନାମରେ

ଲେଖିଛନ୍ତି । ପର୍ଯ୍ୟାୟକ୍ରମିକ ଉପନ୍ୟାସର ଧାରାରେ ଏହା ଏକ ନୂତନ ପରୀକ୍ଷା । ଯେଉଁଥିରେ ଜଣେ ଲେଖକ ଅନ୍ୟ ଜଣେ ଲେଖକଙ୍କ ସୃଷ୍ଟିର ପରବର୍ତ୍ତୀ ଅଂଶକୁ ନିଜ ଶୈଳୀରେ ଉପସ୍ଥାପନ କରିଥାଏ । ଏହା କେବଳ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଘଟିନି, ବଙ୍ଗଳା ଉପନ୍ୟାସ ସାହିତ୍ୟରେ ମଧ୍ୟ ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଯଥା- ରବୀନ୍ଦ୍ରନାଥଙ୍କ 'ନୌକାଡୁବି'ର ପରବର୍ତ୍ତୀ ଅଂଶ ହିରେନ୍ଦ୍ର ନାରାୟଣ ମୁଖୋପାଧ୍ୟାୟଙ୍କ ଦ୍ୱାରା 'ନୌକାଡୁବିର ପରେ' ନାମରେ ବହୁବର୍ଷ ପରେ ରଚିତ ।

ଏ ଧରଣର ଉପନ୍ୟାସ ଦୁଇ, ତିନି ବା ଚାରିଖଣ୍ଡ ମଧ୍ୟରେ ସାଧାରଣତଃ ସୀମିତ । ପ୍ରଥମ ଭାଗ ରଚିତ ହେବା ପରେ ହୁଏତ ଲେଖକ ପାଠକୀୟ ଅନୁରୋଧ କିମ୍ବା ପ୍ରଥମ ଭାଗରେ ରହିଯାଇଥିବା ଅପୂର୍ଣ୍ଣତା ବା ପରିଣତିର ପରିବର୍ତ୍ତନ ତାଙ୍କୁ ପ୍ରଥମ ଭାଗର ପରବର୍ତ୍ତୀ ଅଂଶ ବା ଉତ୍ତରାର୍ଦ୍ଧ ରଚନା କରିବାକୁ ପ୍ରେରଣା ଦେଇଥାଏ । ମାତ୍ର ଏଠାରେ ମନକୁ ଗୋଟିଏ ପ୍ରଶ୍ନ ଆନ୍ଦୋଳିତ କରିପାରେ, ଜଣେ ସ୍ରଷ୍ଟାଙ୍କର କୃତିକୁ ଆଉ ଜଣେ କାହିଁକି ଲେଖେ ? କିମ୍ବା ଲେଖିବାର ଉଦ୍ଦେଶ୍ୟ କ'ଣ ହୋଇପାରେ ? ଦ୍ୱିତୀୟ ଭାଗ ଲେଖୁଥିବା ଲେଖକ ପ୍ରଥମେ ପ୍ରଥମ ଭାଗର ପାଠକ ହୋଇଥାଏ । ପାଠକଟିଏର ହୃଦୟକୁ ଲେଖାଟି ସେତିକି ଆଲୋଡ଼ିତ କରିଥିବାରୁ ସେ ଦ୍ୱିତୀୟ ଭାଗ ଲେଖିବାକୁ ଚିନ୍ତା କରେ । ଏହା ଦ୍ୱିତୀୟ ଲେଖକର ଏକ ସଚେତନ ପ୍ରୟାସ । ଚକ୍ରଧର ମହାପାତ୍ର 'ହସିଲାଜହ୍ନ' ଉପନ୍ୟାସରେ ସ୍ୱୀକାର କରିଛନ୍ତି- ସେ ଉପେନ୍ଦ୍ର କିଶୋର ଦାସଙ୍କୁ 'ମଲାଜହ୍ନ' ଉପନ୍ୟାସର ପରବର୍ତ୍ତୀ ଅଂଶ ରଚନା କରିବା ପାଇଁ ଯେଉଁ ଅନୁରୋଧ କରିଥିଲେ ତା'ର ଉତ୍ତରରେ ସେ ଲେଖିଥିଲେ "ମଲାଜହ୍ନକୁ ଯେବେ ଜୀଆଁଇ ଦେବାକୁ ଭାବୁଛନ୍ତି, ଆପଣ ଜୀଆନ୍ତୁ, ଭଲ ହେବ । ମୋ ଦ୍ୱାରା ଆଉ ନୁହେଁ ।" 'ମଲାଜହ୍ନ' ରଚିତ ହେବାର ଦୀର୍ଘ ୫୨ ବର୍ଷ ପରେ ଚକ୍ରଧର ମହାପାତ୍ର 'ହସିଲାଜହ୍ନ' ରଚନା କରିଛନ୍ତି । ଏମାର୍ କେୟାର ପ୍ରଥମ 'କଣାମାମୁଁ' ଉପନ୍ୟାସଟି ବାରମ୍ବାର ପାଠକରି ଏହି ଚରିତ୍ର ଦ୍ୱାରା ପ୍ରଭାବିତ, ଉଦ୍‌ବୁଦ୍ଧ ହୋଇ ଏହାର ଉତ୍ତରାର୍ଦ୍ଧ ପୁନଶ୍ଚ 'କଣାମାମୁଁ' ନାମରେ ଦୀର୍ଘ ୩୪ ବର୍ଷପରେ ପ୍ରକାଶ କରିଛନ୍ତି ବୋଲି ଉପନ୍ୟାସର 'ମୁଖବନ୍ଧ'ରେ ସ୍ୱୀକାର କରିଛନ୍ତି ।

ଏଠାରେ ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ'ର ପରବର୍ତ୍ତୀ ଅଂଶ ଚକ୍ରଧର ମହାପାତ୍ର 'ହସିଲାଜହ୍ନ'ରେ ଏବଂ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'କଣାମାମୁଁ'ର ପରବର୍ତ୍ତୀ ଅଂଶ ଏମାର୍‌କେୟାର 'କଣାମାମୁଁ'ରେ ଉପସ୍ଥାପନ କରିଛନ୍ତି । ଏହି ଉପନ୍ୟାସରେ ଦ୍ୱିତୀୟାର୍ଦ୍ଧ, ପ୍ରଥମାର୍ଦ୍ଧର ପରିବର୍ଦ୍ଧିତ ଅଂଶ । ମୁଖ୍ୟ ନାୟକ, ନାୟିକା ଉଭୟ ଉପନ୍ୟାସରେ ସମାନ ଥାଇ ସେହି ଚରିତ୍ର ଏବଂ ଘଟଣାର ବିକାଶ ଘଟିଛି । ପ୍ରସଙ୍ଗ କ୍ରମେ କିଛି ନୂତନ ଚରିତ୍ର ଓ ଘଟଣାର ସଂଯୋଜନା କରାଯାଇଛି । ଔପନ୍ୟାସିକ ଉପେନ୍ଦ୍ର କିଶୋରଙ୍କର 'ମଲାଜହ୍ନ'ର ପରବର୍ତ୍ତୀ ଭାଗ ରଚନା କରିବାର ଉଦ୍ଦେଶ୍ୟ ନଥିଲା । ତେଣୁ 'ମଲାଜହ୍ନ' ପରିଣତିରେ ନାୟିକା ସତୀ ନଦୀରେ ଝାସ ଦେଇଛି । ଚକ୍ରଧର ମହାପାତ୍ର ଏହି ଉପନ୍ୟାସର ଆବେଦନରେ ଏତେ ପରିମାଣରେ ପ୍ରଭାବିତ ହୋଇଥିଲେ ଯେ ଦୀର୍ଘ ବର୍ଷ ପରେ ସେ 'ହସିଲାଜହ୍ନ' ଲେଖିଛନ୍ତି ବୋଲି 'ମୁଖବନ୍ଧ'ରେ ସ୍ୱୀକାର କରିଛନ୍ତି ଏବଂ ଉଭୟ ଉପନ୍ୟାସ ମଧ୍ୟରେ ଯୋଗସୂତ୍ର ରଖିବା ପାଇଁ 'ମଲାଜହ୍ନ'ରେ ଉଲ୍ଲିଖିତ ଚରିତ୍ରର ପୂର୍ବ ଇତିହାସ 'ହସିଲାଜହ୍ନ'ରେ ଦେଇଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ 'ହସିଲାଜହ୍ନ'ରେ ଚକ୍ରଧର ମହାପାତ୍ର କେବଳ ସତୀକୁ ପୁନର୍ଜନ୍ମ ଦେଇନାହାନ୍ତି ବରଂ ସଂପୂର୍ଣ୍ଣ ଉପନ୍ୟାସଟିକୁ ନିଜ ଶୈଳୀରେ ନବଜୀବନ ପ୍ରଦାନ କରିଛନ୍ତି ।

ଲକ୍ଷ୍ମୀକାନ୍ତ ମହାପାତ୍ର 'କଣାମାମୁଁ' ଉପନ୍ୟାସର ଶେଷରେ ଅସମ୍ପୂର୍ଣ୍ଣ ଲେଖି ଛାଡ଼ି ଦେଇଛନ୍ତି । ଏହାର ପରବର୍ତ୍ତୀ ଅଂଶ ଲେଖୁଛନ୍ତି ଏମାର କେୟାର । 'କଣାମାମୁଁ' ଉପନ୍ୟାସଦ୍ୱୟର ରଚୟିତା ଭିନ୍ନ ମାତ୍ର ଉଭୟ ଉପନ୍ୟାସର ବିଷୟବସ୍ତୁ, ଘଟଣା ବିନ୍ୟାସ, ଚରିତ୍ର ଚିତ୍ରଣର ଶୈଳୀ ତଥା ଭାଷା ପ୍ରୟୋଗରେ ଏତେ ବେଶି ସାମଞ୍ଜସ୍ୟ ରହିଛି ଯେ ଏହା ଗୋଟିଏ ଉପନ୍ୟାସ ବୋଲି ପାଠକଟିଏ ଅନୁଭବ କରିବ । ପ୍ରଥମ 'କଣାମାମୁଁ' ଉପନ୍ୟାସଟି ବାରମ୍ବାର ପାଠକରି ଏହି କଣାମାମୁଁ ଚରିତ୍ରଦ୍ୱାରା ପ୍ରଭାବିତ ହୋଇ ଏମାର୍ କେୟାର ଏହାର ଉତ୍ତରାର୍ଦ୍ଧ ଲେଖିଛନ୍ତି ବୋଲି ଉପନ୍ୟାସର 'ମୁଖବନ୍ଧ'ରେ ସ୍ୱୀକାର କରିଛନ୍ତି । ଅନ୍ୟ ଜଣେ ଲେଖକଙ୍କ ଉପନ୍ୟାସର ଉତ୍ତରାର୍ଦ୍ଧ ଲେଖିବାବେଳେ ସେ ଅତି ସଚେତନ ଭାବରେ ଏହି ଉପନ୍ୟାସଟିକୁ ଗଢ଼ି ତୋଳିଛନ୍ତି । ମାମୁଁଙ୍କ ଅନ୍ତର୍ଦ୍ଧାନପରେ ଆଖଡ଼ା ବୈଠକର ସମସ୍ତ ସାଙ୍ଗସାଥୀଙ୍କର ଚାରିତ୍ରିକ ବିକାଶ ଉତ୍ତରାର୍ଦ୍ଧରେ ଦର୍ଶାହେବା ସହିତ ଘଟଣାଗୁଡ଼ିକ ସ୍ୱତଃ ସଂଯୋଜିତ ହୋଇଯାଇଛି ପ୍ରଥମାର୍ଦ୍ଧର ଘଟଣା ସହିତ । ପ୍ରଥମ 'କଣାମାମୁଁ' ଯେଉଁଠି ଶେଷ ହୋଇଥିଲା, ଦ୍ୱିତୀୟ 'କଣାମାମୁଁ'ର କଥାବସ୍ତୁ ଏମାର କେୟାର ସେଇଠୁ ଆରମ୍ଭ କରିଛନ୍ତି ବୋଲି ମୁଖବନ୍ଧରେ ସ୍ୱୀକାର କରିଛନ୍ତି । 'ପର୍ଯ୍ୟାୟକ୍ରମିକ' ଉପନ୍ୟାସରେ ଲେଖକଙ୍କ ସ୍ୱୀକାରୋକ୍ତି ପ୍ରକାଶ ପାଇଥାଏ ତେଣୁ ଏ ଧାରାରେ ରଚିତ ଉପନ୍ୟାସଗୁଡ଼ିକୁ ମଧ୍ୟ 'ସ୍ୱୀକାରୋକ୍ତି ମୂଳକ' ଉପନ୍ୟାସ ଭାବରେ ଗ୍ରହଣ କରାଯିବ ।

ସ୍ୱୀକାରୋକ୍ତି ମୂଳକ ଉପନ୍ୟାସ (Confessional Novel) ସାଧାରଣତଃ ବ୍ୟକ୍ତିଗତ ପ୍ରକାଶ ଏବଂ ରହସ୍ୟର ପ୍ରକାଶକୁ ଅନ୍ତର୍ଭୁକ୍ତ କରିଥାଏ, ଏ ଧରଣର ଉପନ୍ୟାସରେ ପ୍ରଥମ ବ୍ୟକ୍ତି ଅଣ-କାଳ୍ପନିକ ଫର୍ମରେ ରହି ଉପନ୍ୟାସଟିକୁ ରଚନା କରିଥାଏ । 'ଆହତ ସ୍ୱପ୍ନ'(୧୯୮୫) ଉପନ୍ୟାସରେ କହ୍ନେଇଲାଲ ଦାସଙ୍କୁ ଜଣେ ଆତ୍ମ-ସଚେତନ ଲେଖକ ଭାବରେ ଲକ୍ଷ୍ୟ କରିହେବ, ଯିଏକି ପ୍ରଥମ ପୁରୁଷୀୟ

ବର୍ଣ୍ଣନାତ୍ମକ ଶୈଳୀ(First person narration style)ରେ ରହି ଉପନ୍ୟାସ ଲେଖିବାର ପ୍ରଯତ୍ନ କରୁଛନ୍ତି । "ମୁଁ ଜାଣେନି ଉପନ୍ୟାସ କିପରି ଆରମ୍ଭ କରିବାକୁ ହୁଏ । କାରଣ ମୁଁ କେବେ ଉପନ୍ୟାସ ଲେଖିନି । ଗଳ୍ପ କବିତା ଲେଖିଛି । ଉପନ୍ୟାସ ଲେଖିବି ବୋଲି ଅନେକ ଥର ଅନେକ ପ୍ରକାର ଚିନ୍ତାକରି ଅଟକି ଯାଇଛି । ଭାବିଛି ଗଳ୍ପ ଲେଖିଦେଲି ବୋଲି ଉପନ୍ୟାସବି ଲେଖି ପକାଇବି ? ମୋର ମନେ ହୁଏ ଗଳ୍ପ ଯଦି କୁଟୀରଶିଳ୍ପ, ଉପନ୍ୟାସ ଏକ ବିରାଟ କାରଖାନା । ମୁଁ ଯଦିବା ଖୁବ୍ ଦୁର୍ବଳ ନୁହେଁ ତଥାପି ଅନେକ କାର୍ଯ୍ୟ କରିବାର ଇଚ୍ଛା ଥିଲେ ମଧ୍ୟ ପାରେନି । ଭୟ ଲାଗେ ଶେଷ କରିପାରିବିକି ନା । କାର୍ଯ୍ୟ ତୁଲାଇବାର ଭୟ ମୋ ଭିତରେ ସବୁବେଳେ ।"

କହ୍ନେଇଲାଲ ଦାସଙ୍କର ଉପନ୍ୟାସ ଲେଖିବା ପ୍ରତି ଅପାରଙ୍ଗମ ଥିବା ତଥା ଉପନ୍ୟାସ କିପରି ଲେଖାଯାଏ ସେ ସମ୍ପର୍କରେ ସ୍ୱଗତୋକ୍ତି କଲାବେଳେ ରୋମାଣ୍ଟିକ ଶ୍ଳେଷକୁ ଲକ୍ଷ୍ୟ କରିହୁଏ । କହ୍ନେଇଲାଲ ଦାୟିତ୍ୱପୂର୍ଣ୍ଣ ଏବଂ ବଡ଼ ଧରଣର କାର୍ଯ୍ୟ ତୁଲାଇବା ଅସମ୍ଭବ ବା ଉପନ୍ୟାସ ଲେଖିବାକୁ ପଛଘୁଞ୍ଚା ଦେବାର ସ୍ୱୀକାରୋକ୍ତି ଭିତରେ ଲେଖକଙ୍କର ଆତ୍ମ-ସଚେତନତାକୁ ଅନୁଭବ କରିହୁଏ ।

'ଆହତ ସ୍ୱପ୍ନ' ଉପନ୍ୟାସରେ ବାରମ୍ବାର ଲେଖକ ନିଜେ ଉପନ୍ୟାସ ଭିତରେ ଉପନ୍ୟାସ ଲେଖିବାର ପ୍ରଯତ୍ନ କରୁଛନ୍ତି । ଲେଖକ ନିଜେ ଯିଏକି ନିଜ ଉପନ୍ୟାସର ସଂରଚନା ଉପାଦାନଗୁଡ଼ିକୁ ସଚେତନ ଭାବରେ ପାଠକର ଦୃଷ୍ଟି ଆକର୍ଷଣ କରାଉଛନ୍ତି । ସେ ଉପନ୍ୟାସ ଭିତରେ ଉପନ୍ୟାସ ଲେଖା ଆରମ୍ଭ କରୁଛନ୍ତି, ଯେପରି; "ଦେବୀ, ତୁ ଶେଷ ଚିଠିରେ ଲେଖିଛୁ ତୁ ମୋତେ ଭୁଲିଯାଇ ପାରିବୁ । କିନ୍ତୁ ମୋ ଭଲପାଇବାଟା ଅନ୍ୟମାନଙ୍କଠାରୁ ଭିନ୍ନ ଯେ ! +++ ତୁ କଣ ଭାବୁଛୁ ତୁ ସେ ମନ୍ଦିରକୁ କେତୋଟି ଆଟମିକ୍ ଲାଇନ୍ ଲେଖି ଉଡ଼ାଇ ଦେଇ ପାରିବୁ ?" ପୁଣି ଲେଖକ ସଚେତନ ହେଉଛନ୍ତି ଏବଂ ସ୍ୱୀକାର କରୁଛନ୍ତି ଯେ ଏମିତି ବାଜେ ଉପନ୍ୟାସ ଆରମ୍ଭ କରାଯାଏ କି ? ବରଂ ଏଇଟା ଦେବୀ ଚିଠିର ଉତ୍ତର ହେଇଯାଉଛି । ତେଣୁ ଲେଖକଙ୍କ ଭିତରେ ଉପନ୍ୟାସ ଲେଖିନପାରିବାର ଅପାରଗତା ଓ ଅବସୋସକୁ ସେ ନିଜେ ଉପନ୍ୟାସରେ ବାରମ୍ବାର ସ୍ୱୀକାର କରୁଛନ୍ତି ।

ଲେଖକ ନିଜେ/କହ୍ନେଇ ଚରିତ୍ର ଉପନ୍ୟାସ ଭିତରେ ତାଙ୍କ ପ୍ରେମିକା ଦେବୀ ଏବଂ କୁନି ଅପାକୁ ନେଇ ଉପନ୍ୟାସ ଲେଖିବାର ଚେଷ୍ଟା କରୁଛନ୍ତି । ସେ ସ୍ୱୀକାର କରୁଛନ୍ତି ଯେ, ତାଙ୍କୁ ଥରେ ଦେବୀ କହିଥିଲା ଉପନ୍ୟାସ ଲେଖିବା ପାଇଁ, ସେଥିପାଇଁ ସେ ଉପନ୍ୟାସ ଭିତରେ ଉପନ୍ୟାସ ଲେଖିବା ଆରମ୍ଭ କରୁଛନ୍ତି ଏବଂ ଭାବୁଛନ୍ତି ଏହାକୁ କିପରି ଆଗେଇବେ । ସେ ପୁଣି ଭାବୁଛନ୍ତି କୁନିଅପାକୁ ନେଇ ଉପନ୍ୟାସ ଆରମ୍ଭ କରିବେ । କାରଣ କୁନିଅପାର ଗୋଟିଏ ଗୋଟିଏ ଶବ୍ଦ ତାଙ୍କ ଜୀବନର ଗତି ବଦଳାଇ ଦେଇଥିଲା । କୁନିଅପାର ଗୋଟିଏ ଚିଠିର ଗୋଟିଏ ଧାଡ଼ି ଥିଲା- "କହ୍ନେଇ, ତୁମେ ଯଦି ପ୍ରକୃତରେ ମୋତେ ଭଲପାଅ ତାହେଲେ ଲେଖ; କାରଣ ମୁଁ ଚାହେଁ ତୁମେ ଜଣେ ପ୍ରତିଷ୍ଠିତ ଲେଖକ ହୁଅ ।"

କହ୍ନେଇ ଦେବୀ ଓ ତା ସମ୍ପର୍କକୁ ନେଇ ସ୍ୱପ୍ନ ଦେଖେ ଏବଂ ସେହି ସ୍ୱପ୍ନଗୁଡ଼ିକୁ ଉପନ୍ୟାସର ରୂପ ଦେବାପାଇଁ ଚିନ୍ତା କରେ କିନ୍ତୁ ପୁଣି ନିଜ ଉପରେ ତାର ବିଶ୍ୱାସ ହୁଏନି ଯେ ସେ ଉପନ୍ୟାସ ଲେଖିପାରିବ ବୋଲି । ତେଣୁ ଏଠାରେ ଲେଖକର ନିଜପ୍ରତି ଥିବା ସଂଶୟାତ୍ମକ ଦୃଷ୍ଟି ପ୍ରକାଶ ପାଇଛି । ସେଥିପାଇଁ ସେ/କହ୍ନେଇ କହେ; "ମୋ ଦ୍ୱାରା ବୋଧହୁଏ ଉପନ୍ୟାସ ଲେଖା ହୋଇ ପାରିବ ନାହିଁ । କାରଣ ଉପନ୍ୟାସରେ ବୋଧହୁଏ କିଛି ନାଟକୀୟ ଘଟଣା ଓ ନାଟକୀୟ ଚରିତ୍ର ଦେବାକୁ ହୁଏ । ଯଦିବା ମୋର ଘଟଣା ଖୁବ୍ ନାଟକୀୟ ତଥାପି ସତ୍ୟ ଘଟଣାକୁ ନେଇ ଉପନ୍ୟାସ ଲେଖିବାକୁ କେମିତି ଏକ ପ୍ରକାର ଲାଗୁଛି । ଦେବୀ କ'ଣ ଭାବିବ ? ନା, ଉପନ୍ୟାସ ଅନ୍ୟ କୌଣସି ପ୍ରକାରେ ଆରମ୍ଭ କରିବି ?" ଯେତେବେଳେ ଲେଖକ ନିଜେ ପ୍ରଥମ ପୁରୁଷୀୟ ବର୍ଣ୍ଣନା ଶୈଳୀରେ ରହି ଉପନ୍ୟାସ ଲେଖେ ସେତେବେଳେ ଯେ ସେହି 'ମୁଁ' ଚରିତ୍ରଟି ନିଜେ ଲେଖକ ବା ସେ ଯାହା କହୁଛି ତାହା ବାସ୍ତବ ତାହା ସେଥିରୁ ପ୍ରମାଣିତ ହୋଇନଥାଏ । କିନ୍ତୁ କହ୍ନେଇଲାଲଙ୍କ 'ଆହତ ସ୍ୱପ୍ନ' ଉପନ୍ୟାସରେ ଲେଖକ କେବଳ ପ୍ରଥମ ପୁରୁଷରେ ରହି ଉପନ୍ୟାସ ଲେଖୁନାହାନ୍ତି ବରଂ ସେହି ଚରିତ୍ରଟି ଯେ ସେ ନିଜେ/କହ୍ନେଇ ତାହା ମଧ୍ୟ ସ୍ୱୀକାର କରୁଛନ୍ତି । ଦେବୀ ? ଏ ଚରିତ୍ର ବାସ୍ତବ ? ନା କାଳ୍ପନିକ ? କଥାକାର ଭୀମ ପୃଷ୍ଟି ଲେଖିଛନ୍ତି ଯେ- "ପ୍ରେମରେ ତା ଜୀବନରେ ଆସୁଛନ୍ତି- ଅନୁ, ଅସୀମା, ରାନୀ, ରାଗିଣୀ, ଝୁନୁ, ଧାରା, ସୀମା, ସିପ୍ରା, ତିଥି, ସୁପ୍ରୀତି ଓ ଦେବୀବର୍ଣ୍ଣା ଜ୍ୟୋସ୍ନା । ବାଲେଶ୍ୱରର ବହୁ ବିତ୍ତଶାଳୀ ପରିବାର ଅନନ୍ୟା ମାନବୀ ବା ଦେବୀ । କନ୍‌ହେଇ ପରେ ତା ପାଇଁ ଅବିବାହିତ ବିଧବା । ସେଇଠି ବଞ୍ଚିଛି ପ୍ରେମ ।"

ଉପନ୍ୟାସରେ କହ୍ନେଇ ଚରିତ୍ରକୁ ଜଣେ ଲେଖକ ଅପେକ୍ଷା ସମାଲୋଚକ ଭୂମିକାରେ ମଧ୍ୟ ବିଚାର କରିହେବ । କହ୍ନେଇ ବାରମ୍ବାର ଉପନ୍ୟାସ ଭିତରେ ଉପନ୍ୟାସ ଲେଖିବାର ପ୍ରଚେଷ୍ଟା କରୁଛି ମାତ୍ର ପୁଣି ସେ ନିଜେ ନିଜକୁ ଏବଂ ନିଜ ଲେଖାକୁ ସମାଲୋଚନା କରୁଛି । ସବୁବେଳେ ସେ ନିଜକୁ ନିଜେ ପ୍ରଶ୍ନ କରୁଛି ସେ କ'ଣ ଉପନ୍ୟାସ ଲେଖିପାରିବ ? କିମ୍ବା ଯାହା ଲେଖୁଛି ତାହା କ'ଣ ଉପନ୍ୟାସ ହେଇପାରେ ? ସେ ବିଭିନ୍ନ ଘଟଣାକୁ ନେଇ ଉପନ୍ୟାସ ଲେଖିବାକୁ ଚିନ୍ତା କରୁଛି, ଏମିତି କି ସେ ଚିନ୍ତା କରୁଛି ଯଦି ଉପନ୍ୟାସଟିକୁ ଜୁନ୍ ୨୫ ତାରିଖ ଘଟଣାରୁ ଆରମ୍ଭ କରନ୍ତା ତାହେଲେ ସେ ପୃଥିବୀର ଶ୍ରେଷ୍ଠ ଔପନ୍ୟାସିକ ହୋଇ ସାରନ୍ତାଣି ମାତ୍ର ସେ ନିଜେ ନିଜ ଲେଖାକୁ

ସମାଲୋଚନା କରୁଛି ଏବଂ ତା ଦ୍ୱାରା ଉପନ୍ୟାସ ଲେଖାଯାଇ ପାରିବ ନାହିଁ ବୋଲି ସ୍ୱୀକାର କରୁଛି ।

ଗୋଟିଏ ପଟରେ ଦେବୀ ଏବଂ କହ୍ନେଇର ସମ୍ପର୍କକୁ ନେଇ ଉପନ୍ୟାସ ଗତିଶୀଳ ହେଉଛି, ଅନ୍ୟ ପଟରେ ଉପନ୍ୟାସ ଭିତରେ ଶେଷ ଯାଏଁ କହ୍ନେଇ ଦେବୀକୁ ନେଇ ଉପନ୍ୟାସ ଲେଖିବାର ପ୍ରଯତ୍ନ କରୁଛି । କହ୍ନେଇକୁ ଦେବୀ ଥରେ କହିଥିଲା– ତୁମେ ଯେତେବେଳେ ସବୁଠାରୁ ବଡ଼ ଔପନ୍ୟାସିକ ଗାଳ୍ପିକ ହୋଇଯିବ ସେତେବେଳେ ଯାଇ ମୁଁ ସମ୍ପୂର୍ଣ୍ଣ ରୂପେ ତୁମର ହୋଇଯିବି । ସେଥିପାଇଁ ସେ କେବଳ ଦେବୀକୁ ନେଇ ସ୍ୱପ୍ନ ଦେଖେ ଆଉ ସ୍ୱପ୍ନ ଦେଖେ ଉପନ୍ୟାସ ଲେଖିବାର ।

ଉପନ୍ୟାସର ପରିସମାପ୍ତି ଘଟୁଛି, ଯେଉଁଠି ଦେବୀ ଆଉ ଜଣକୁ ବିବାହ କରିଛି ମାତ୍ର କହ୍ନେଇ ସ୍ୱପ୍ନ ଦେଖିବା ଛାଡ଼ିନି ନା ଦେବୀର, ନା ଉପନ୍ୟାସର । ଦେବୀକୁ ପାଇବା ଏ ଜନ୍ମରେ ତା ପାଇଁ ଅସମ୍ଭବ ସେ ଜାଣେ କିନ୍ତୁ ସେଇ ସବୁ ଘଟଣାକୁ ନେଇ ତ ଉପନ୍ୟାସ ଲେଖିହେବ । ସେଥିପାଇଁ ସେ ଉପନ୍ୟାସର ଶେଷରେ ଉପନ୍ୟାସ ଲେଖିବ ବୋଲି ପ୍ରତିଶ୍ରୁତିଟିଏ ଦିଏ ।

ପାଠକଟିଏ ବା ସମାଲୋଚକଟିଏ ମନରେ ପ୍ରଶ୍ନ ସୃଷ୍ଟି ହୋଇପାରେ ଯେ କହ୍ନେଇଲାଲ କାହିଁକି ପ୍ରଥମ ପୁରୁଷୀୟ ବର୍ଣ୍ଣନା ଶୈଳୀ (First person narration style)ରେ ରହି ନିଜର ବ୍ୟକ୍ତିଗତ ଆବେଗ-ଅନୁଭୂତି, ମାନସିକ କ୍ରିୟା ପ୍ରକ୍ରିୟାକୁ ଉପନ୍ୟାସ ମାଧ୍ୟମରେ ବ୍ୟକ୍ତ କଲେ ? ସେ ସମ୍ପର୍କରେ ଲେଖକଙ୍କ ମତ– "ମୁଁ ଫୁଟାଣି ଦେଖାଇ କହୁଛି, ମୁଁ ନିଜ ବିନା ମୋ ଗଳ୍ପ ଉପନ୍ୟାସରେ ଆଉ କାହାକୁ ହିରୋ କରିବାକୁ ରାଜି ନୁହେଁ । କାରଣ ମୋ ନିଜ କଥା କହିସାରିଲେ ଅନ୍ୟମାନଙ୍କ କଥା କହିବି । ନିଜ ଗପରେ ନିଜେ ନାୟକ । ଆଣ୍ଟିହିରୋ ।" ଲେଖକଙ୍କର ଲେଖିବାର ଏହି ଶୈଳୀ ହିଁ 'ଆହତ ସ୍ୱପ୍ନ'କୁ ଏକ ସଫଳ 'ସ୍ୱୀକାରୋକ୍ତି ମୂଳକ' ଉପନ୍ୟାସ ଭାବରେ ପ୍ରତିଷ୍ଠିତ କରିପାରିଛି ।

'ଅମୃତଫଳ'(୧୯୯୬) ଉପନ୍ୟାସରେ କଥାକାର ମନୋଜ ଦାସ ତାଙ୍କ 'ଏକ ପ୍ରାୟୋପନ୍ୟାସ : ସଂକ୍ଷିପ୍ତ କୈଫିୟତ୍'ରେ ପାଠକମାନଙ୍କୁ ଏହାକୁ ଏକ ଉପନ୍ୟାସ ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ଏବଂ ଏହି ଅନୁରୋଧ ଭିତରେ ହିଁ ଲେଖକଙ୍କର ଆତ୍ମ-ସଚେତନ ବା ସେଲ୍‌ଫ-ରିଫ୍ଲେକ୍ସିଭ୍‌କୁ ଲକ୍ଷ୍ୟ କରିହୁଏ । "ଉପନ୍ୟାସ ଲେଖୁଛି ନା ଅନ୍ୟ କିଛି, ସେ କଥା ଚିନ୍ତାକରି ନାହିଁ । ଥରେ ଥରେ ମନେ ହୋଇଛି, ଯଦି ପ୍ରାୟୋପନ୍ୟାସ (ଉପନ୍ୟାସ – ପ୍ରାୟ କଥାସାହିତ୍ୟ) ନାମରେ ସୃଜନଶୀଳ ଲେଖାର କୌଣସି ବିଭବ ଥା'ନ୍ତା, ଏହା ସେହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ ହୁଅନ୍ତା । ମନୋଜ ଦାସଙ୍କ ଏ ସ୍ୱୀକାରୋକ୍ତି ଓ 'ପ୍ରାୟୋପନ୍ୟାସ' ଶବ୍ଦର ସୃଷ୍ଟି ଓ ପ୍ରୟୋଗ ମଧ୍ୟରେ 'ଉପନ୍ୟାସ'ର ଏକ ଭିନ୍ନତାକୁ ଦେଖାଇବାର ପ୍ରୟାସ ରହିଛି । ଯଦିଓ ଏ ପାରିଭାଷିକ ଶବ୍ଦ 'ପ୍ରାୟୋପନ୍ୟାସ'ର ସଂଜ୍ଞା ଓ ସ୍ୱୀକୃତି ଏଯାବତ୍ ସର୍ବଜନୀନ ନୁହେଁ ।

ଆତ୍ମ-ସଚେତନତା ମୂଳକ, ଆତ୍ମସୂଚନା କୈନ୍ଦ୍ରିକ ଅନୁଭୂତି ଭିତରେ ଉପନ୍ୟାସ ଲେଖିବାର ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ମନୋଜ ଦାସଙ୍କ 'ଅମୃତଫଳ'ରେ ଲକ୍ଷ୍ୟ କରିହୁଏ । ଉପନ୍ୟାସ ଖଣ୍ଡାଂଶର ସମ୍ମିଶ୍ରଣ, ଉପନ୍ୟାସରେ ବାରମ୍ବାର ପରିବର୍ତ୍ତନ ଏବଂ ଏହି ପରିବର୍ତ୍ତନ ପାଠକକୁ ଚେତାଇ ଦିଏ ଯେ, ସେ ଉପନ୍ୟାସର ଏକ ପାଠକ ଏବଂ ଏକ ଭାଷାର ସୌଧକୁ ବିଭିନ୍ନ ରୂପ, ରଙ୍ଗ ମାଧ୍ୟମରେ ସେ ଉପଭୋଗ କରୁଛି ଏବଂ ସମୀକ୍ଷା ମଧ୍ୟ କରୁଛି । 'ଅମୃତଫଳ' ଉପନ୍ୟାସରେ ଐତିହାସିକ ପ୍ରସଙ୍ଗକୁ ପୁନଃପରିଚିତି ପ୍ରଦାନ କରାଯାଇଛି ବୋଲି ପାଠକଟିଏ ଅନୁଭବ କରିପାରେ ! ମାତ୍ର ଲେଖକ 'ଏକ ପ୍ରାୟୋପନ୍ୟାସ : ସଂକ୍ଷିପ୍ତ କୈଫିୟତ୍'ରେ ପାଠକକୁ ପୁସ୍ତକଟିକୁ ପାଠକରିବା ପୂର୍ବରୁ ସୂଚାଇଛନ୍ତି ଯେ- ନମ୍ର ଏବଂ ସ୍ପଷ୍ଟ ଭାବରେ କହି ରଖେଁ – ଏହା ଐତିହାସିକ ଉପନ୍ୟାସ ନୁହେଁ, ପ୍ରେରଣା-ପ୍ରସୂତ ଏକ ଉପନ୍ୟାସ (ବା ପ୍ରାୟୋପନ୍ୟାସ) । ଏହାର ବାସ୍ତବତା ତଥ୍ୟଭିତ୍ତିକ ନୁହେଁ । ଏ ବାସ୍ତବତାର ଆକଳନ ମୋର ପାଠକମାନେ ତଥ୍ୟ ଓ ଇତିହାସଠୁଁ ଭିନ୍ନମାନଦଣ୍ଡ ପ୍ରୟୋଗ ଦ୍ୱାରା କରିବେ ବୋଲି ମୁଁ ଆଶାବାନ୍ ।"

'ଅମୃତଫଳ'ର ପରିକଳ୍ପନା ଅତିଚମତ୍କାର ଏବଂ ଅଭିନବ । ସ୍ଥୂଳ ଅର୍ଥରେ ଦେଖିବାକୁ ଗଲେ 'ଅମୃତଫଳ' ଦୁଇଟି ଉପନ୍ୟାସର ଏକ ସମ୍ମିଳିତ ରୂପ, ଯାହା ପରସ୍ପରକୁ ଆଲିଙ୍ଗନ କରି ଗତିଶୀଳ । ଗୋଟିଏ କାହାଣୀ କିମ୍ବଦନ୍ତୀ ଆଧାରିତ ରାଜା ଭର୍ତ୍ତୃହରିଙ୍କ ଜୀବନର ଘନଘଟା ଓ ଅନ୍ୟଟିରେ କର୍ପୋରେଟ୍ ଜଗତରେ ଜଣେ ପ୍ରତିଷ୍ଠିତ ଶିଳ୍ପପତି ଅମରନାଥଙ୍କ ଜୀବନର ସଫଳତା, ବିଫଳତା, ପ୍ରାପ୍ତି ଓ ଅପ୍ରାପ୍ତିର କାହାଣୀ ବର୍ଣ୍ଣିତ । ମନୋଜ ଦାସ ସିଧାସଳଖ ପାଠକମାନଙ୍କୁ ସମ୍ବୋଧନ ବା address କରି ଉପନ୍ୟାସ ସମ୍ପର୍କରେ ସୂଚନା ଦେଇଛନ୍ତି । "ଉଜ୍ଜୟିନୀର ଆମୋଦପ୍ରିୟ ତଥା ଲୋକପ୍ରିୟ ରାଜା ଭର୍ତ୍ତୃହରିଙ୍କୁ ଜଣେ ଯୋଗୀ ହଠାତ୍ ଦିନେ ଧରେଇ ଦେଲେ ଏକ ଅମୃତଫଳ । ଦୀର୍ଘ ଜୀବନ ଓ ଯୌବନ ପ୍ରଦାନ ତଥା ମୃତ-ସଞ୍ଜୀବନୀ ତା'ର ଗୁଣ । ରାଜା ସେ ଫଳ ନେଇ ଦେଲେ ତାଙ୍କ ସାନରାଣୀଙ୍କୁ । ତିନି ଦିନ ଉତ୍ତାରୁ ନଗରୀର ସୁନ୍ଦରୀ ନର୍ତ୍ତକୀ ଫଳଟି ଆଣି ପୁଣି ରାଜାଙ୍କୁ ଭେଟିଦେଲା – ଗୋପନରେ । ଆଚମ୍ବିତ ହେଲେ ରାଜା । +++ ପ୍ରଶ୍ନ-ଜର୍ଜରିତ ରାଜା ଶାସନଭାର ସୁଯୋଗ୍ୟ ଅନୁଜ ବିକ୍ରମାଦିତ୍ୟଙ୍କ ଉପରେ ନ୍ୟସ୍ତ କରି ପରିବ୍ରଜ୍ୟା ବ୍ରତ ନେଲେ ।" ଏହାହିଁ ଭର୍ତ୍ତୃହରିଙ୍କ ସମ୍ପର୍କରେ ସୁପ୍ରାଚୀନ କିମ୍ବଦନ୍ତୀର ମର୍ମ । ଲେଖକଙ୍କ କହିବା ଅନୁସାରେ, ଗୋଟିଏ ସଂସ୍କରଣ ଅନୁସାରେ ଉକ୍ତ ରାଣୀଙ୍କ ନାମ ପିଙ୍ଗଳା । ଅନ୍ୟ ଏକ ସଂସ୍କରଣ କହେ, ପଙ୍ଗଳା ଥିଲେ ତାଙ୍କ ପ୍ରଥମ ରାଣୀ – ଯିଏ କି ରାଜାଙ୍କର ଶିକାର ବେଳେ ମୃତ୍ୟୁ ହୋଇଛି

ବୋଲି ମିଥ୍ୟା ସମ୍ବାଦ ପାଇ ତତ୍କ୍ଷଣାତ୍ ପ୍ରାଣଶୂନ୍ୟ ହୋଇ ଲୋଟି ପଡ଼ିଥିଲେ । ଯେଉଁ ରାଣୀଙ୍କ ପାଇଁ ରାଜାଙ୍କ ବୈରାଗ୍ୟ ହେଲା, ସେ ସିନ୍ଧୁମତୀ । ଯଦିଓ ଭର୍ତ୍ତୃହରିଙ୍କୁ ନେଇ ଭିନ୍ନ ଭିନ୍ନ ସଂସ୍କରଣ ପ୍ରଚଳିତ ଅଛି ମାତ୍ର ଲେଖକଙ୍କ ସ୍ୱୀକାରୋକ୍ତି– 'ଆପଣଙ୍କର ଏ ଲେଖକ କିମ୍ବଦନ୍ତୀର ଦ୍ୱିତୀୟ ରୂପକୁ ଗ୍ରହଣ କରିଛି ।' ସିନ୍ଧୁମତୀ ! ଏ ଚରିତ୍ରର ବିଶେଷତ୍ୱ କଣ ? ଏମିତି ଅନେକ ପ୍ରଶ୍ନ ହୁଏତ ପାଠକ ମନକୁ ଆସିପାରେ, ପାଠକଟିଏକୁ ଦ୍ୱନ୍ଦ୍ୱରେ ନପକାଇବା ପାଇଁ ଆରମ୍ଭରୁ ଲେଖକଙ୍କ ସ୍ୱୀକାରୋକ୍ତି– "ଉଜ୍ଜୟିନୀ ଉପକଣ୍ଠବର୍ତ୍ତୀ ଗୁମ୍ଫା ଦର୍ଶନ ଓ ତହିଁ ଭିତରେ କିଛି ସମୟ ନିମଗ୍ନ ରହିବା ପରେ – ଦିନେ ରାଣୀ ସିନ୍ଧୁମତୀଙ୍କ ଆଚରଣର ବ୍ୟାଖ୍ୟା, ସତେ ଅବା ମହାକାଳ ଅନ୍ତର୍ଭୁକ୍ତ ଅସଂଖ୍ୟ ଅପ୍ରକାଶ୍ୟ ତଥ୍ୟରୁ ଏକ – ଲେଖକର ଚେତନାରେ ଉଦ୍ଭାସିତ ହୋଇଥିଲା (ଯାହା ବିଂଶ ପରିଚ୍ଛେଦର ବିଷୟବସ୍ତୁ) । ସେହି ଉଦ୍ଭାସନ ଅନୁସାରେ ସିନ୍ଧୁମତୀଙ୍କ ବୃତ୍ତାନ୍ତ ବଳେ ବଳେ ଏ ରଚନାରେ ନିରୂପିତ ହୋଇଯାଇଛି ।"

ଏହି କିମ୍ବଦନ୍ତୀଟି ଲେଖକଙ୍କୁ ବହୁଦିନରୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହେଉଥିବାର ସେ ସ୍ୱୀକାର କରିଛନ୍ତି ଏବଂ କହିଛନ୍ତି ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଦିନେ ସେ ପାଇଲେ ହରିଦ୍ୱାରଠାରେ ଅଦ୍ୟାବଧି ଚିହ୍ନିତ ଭର୍ତ୍ତୃହରିଗୁମ୍ଫାର ସନ୍ଧାନ । ପରେ ପରେ ସେ ଉଜ୍ଜୟିନୀ ଉପକଣ୍ଠରେ ଥିବା ଭର୍ତ୍ତୃହରିଙ୍କ ସ୍ମୃତିପୂତ ଗୁମ୍ଫା – ତାଙ୍କ ପ୍ରଥମ ସାଧନା ସ୍ଥଳ- ଦେଖିବାର ଏବଂ ତହିଁ କିଛି ସମୟ ଅତିବାହିତ କରିବାର ସୁଯୋଗ ପାଇଥିଲେ । ହରିଦ୍ୱାରସ୍ଥିତ ଗୁମ୍ଫା ଭିତରେ ହିଁ ଲେଖକ 'ଅମୃତଫଳ' ରଚନା ପାଇଁ ପ୍ରେରଣା ଲାଭ କରିଥିବା କଥା ସ୍ୱୀକାର କରିଛନ୍ତି ଏବଂ କହିଛନ୍ତି "ସେ ଲେଖିବାକୁ ପ୍ରସ୍ତୁତ ହୋଇଯିବା ମାତ୍ରେ ଅପ୍ରତ୍ୟାଶିତ ଭାବରେ ପ୍ରେରଣା-ବଳୟ ଭିତରକୁ ଧସେଇ ପଶିଆସିଲେ ଅପରିଚିତ ଅଥଚ ଅତି ପରିଚିତ ଅମରନାଥ । ତାଙ୍କ ପଛରେ ତାଙ୍କ କନ୍ୟା ମନୀଷା । ଅମରନାଥଙ୍କୁ ଏଡ଼ାଇବାକୁ ସେ ଚେଷ୍ଟା କରିପାରିଲେ ନାହିଁ । କାରଣ ଅମରନାଥ ଯେପରି କହୁଥିଲେ : ମୁଁ ବର୍ତ୍ତମାନ । ମୋ ବିନା କେଉଁ ଆଖିରେ ଅତୀତକୁ ଦେଖିବାର ଶକ୍ତି ତମେ ଆୟତ୍ତ କରିପାରିବ ?" ମନୋଜ ଦାସ ଏବଂ 'ଅମୃତଫଳ'ର ବିଶେଷତ୍ୱ ହେଉଛି- ଲେଖକ ଏଠାରେ ଐତିହାସିକ ପ୍ରସଙ୍ଗର ପୁନର୍ବିନ୍ୟାସ କରିଛନ୍ତି । ଅତୀତ ଓ ବର୍ତ୍ତମାନ ସମତାଳରେ ଗତି କରି ଇତିହାସ ଓ ବାସ୍ତବତାକୁ ଗୋଟିଏ ବିନ୍ଦୁରେ ଅବସ୍ଥାପିତ କରିଛି । ଏଥିରେ ଅତୀତର ସ୍ଥାନ, କାଳ, ପାତ୍ର ବର୍ତ୍ତମାନର ସ୍ଥାନ, କାଳ, ପାତ୍ରକୁ ଲମ୍ଫିତ ହୋଇ ଅତୀତର ଚେତନାକୁ ବର୍ତ୍ତମାନର ଚେତନା ସହ ମିଶାଇ ତାହାକୁ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଛନ୍ତି । ଏଥିରେ ଚିତ୍ରିତ ହୋଇଥିବା ସ୍ଥାନ, କାଳ, ପାତ୍ର କେତେବେଳେ କେଉଁ ସ୍ଥାନ, କାଳ, ପାତ୍ରର କଥା କୁହନ୍ତି, ତାହା ସେମାନେ ମଧ୍ୟ ଜାଣନ୍ତି ନାହିଁ । ଏହି ଉପନ୍ୟାସରେ କୌଣସି ରୈଖିକ ନିୟମ ବା Timeline କାମ କରି ନାହିଁ ।

'ଅମୃତଫଳ' ଉପନ୍ୟାସରେ ସମୁଦାୟ ୨୧ଟି ପରିଚ୍ଛେଦ ରହିଛି । ଏହି ଯେଉଁ ପରିଚ୍ଛେଦି କରଣ, ଏଥିରେ ଗୋଟିଏ ପରିଚ୍ଛେଦରେ ଅମରନାଥଙ୍କ ସମକାଳର କଥା କୁହାଯାଉଥିବାବେଳେ ଆଉ ଗୋଟିଏ ପରିଚ୍ଛେଦରେ ଭର୍ତ୍ତୃହରିଙ୍କର ସମକାଳର କଥା କୁହାଯାଇଛି । କଥାକାର ବେଶ୍ ସଚେତନ ଭାବରେ ଅତୀତର କଥାବସ୍ତୁକୁ ବର୍ତ୍ତମାନ କାଳଖଣ୍ଡକୁ ନେଇ ଆସି ଏକ ଅପୂର୍ବ ଚେତନାର ସଂଯୋଗ କରିଛନ୍ତି । ଉପନ୍ୟାସରେ ଅମରନାଥ ଓ ଭର୍ତ୍ତୃହରିଙ୍କ କାହାଣୀଦ୍ୱୟ ଭିନ୍ନ ଭିନ୍ନ କାଳଖଣ୍ଡରେ ଥିଲେ ମଧ୍ୟ ସମାନ୍ତରାଳ ଭାବରେ ଗତି କରିଛି । କଥାକାର କୋଡ଼ିଏ ପରିଚ୍ଛେଦ ପର୍ଯ୍ୟନ୍ତ ଗୋଟିଏ ଭାଗରେ ଅତୀତ ଏବଂ ଆଉ ଗୋଟିଏ ଭାଗରେ ବର୍ତ୍ତମାନର କଥା କହି ଆସୁଥିବା ବେଳେ ଏକୋଇଶ ବା ଶେଷ ପରିଚ୍ଛେଦରେ ଅତୀତ ଓ ବର୍ତ୍ତମାନକୁ ଖୁବ୍ ସୁନ୍ଦର ଭାବରେ ସମନ୍ୱିତ କରି ଦେଇଛନ୍ତି । ଏଠାରେ ଉଭୟଙ୍କ ଲକ୍ଷ୍ୟ ଓ ଆଭିମୁଖ୍ୟ ମଧ୍ୟରେ ସାମଞ୍ଜସ୍ୟ ଦେଖିବାକୁ ମିଳେ । ଏହା କଥାକାରଙ୍କର ଏକ ସଚେତନ ପ୍ରୟାସ । ସେଥିପାଇଁ ଲେଖକ 'ଏକ ପ୍ରାୟୋପନ୍ୟାସ : ସଂକ୍ଷିପ୍ତ କୈଫିୟତ୍'ରେ ଏହା ଏକ ପ୍ରାୟୋପନ୍ୟାସ (ଉପନ୍ୟାସ – ପ୍ରାୟ କଥାସାହିତ୍ୟ) ବୋଲି ସ୍ୱୀକାର କରିଛନ୍ତି ।

୧୯୯୯ ରେ ପ୍ରକାଶ ପାଏ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ତୃଷ୍ଣା: ଏକ ଅନାବିଷ୍କୃତ ଆମେରିକା' ଉପନ୍ୟାସ । ଉପନ୍ୟାସର କିୟଦ୍ ଅଂଶ ପ୍ରଥମେ ମାସିକ ସାହିତ୍ୟ ପତ୍ରିକା 'ସୁଚରିତା'ର ଏକ ବିଶେଷ ସଂଖ୍ୟାରେ 'ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ' ଶୀର୍ଷକରେ ପ୍ରକାଶିତ ହୋଇ ବେଶ୍ ଚର୍ଚ୍ଚିତ ହୋଇଥିଲା । ଉପନ୍ୟାସର 'ପୂର୍ବାଭାସ'ରେ ଲେଖକ ସ୍ୱୀକାର କରିଛନ୍ତି, 'ସୁଚରିତା'ରେ ପ୍ରକାଶିତ ଅଂଶଟିକୁ ପାଠ କରି ବହୁ ସହୃଦୟ ପାଠକ ପାଠିକା ତାଙ୍କୁ ପଚାରିଥିଲେ, ଏ ଘଟଣା କ'ଣ ସତ ? ସେମାନଙ୍କ ବାହାଘର ସତରେ ଭାଙ୍ଗିଗଲା ? ଜଗନ୍ନାଥଙ୍କ ସ୍ୱପ୍ନାଦେଶ ତେବେ ମିଛ ? ଏହି ସବୁ ପ୍ରଶ୍ନର ଉତ୍ତର ରଖିଛନ୍ତି ଲେଖକ ନିଜେ ଉପନ୍ୟାସର 'ପୂର୍ବାଭାସ'ରେ । ସେ କହିଛନ୍ତି– "ନା, ଜଗନ୍ନାଥଙ୍କ ସ୍ୱପ୍ନାଦେଶ ମିଥ୍ୟା ହୋଇପାରେନା । ସେଥିପାଇଁ ସେଦିନ ଦିଲ୍ଲୀ ଏୟାରପୋର୍ଟରେ ଅଚାନକ 'ଭେଟିଥିବା' ଏକ ନବବିବାହିତ ଦମ୍ପତିଙ୍କର କାହାଣୀଟିକୁ ସଂପୂର୍ଣ୍ଣ ରୂପ ଦେବାପାଇଁ ଏ ପୂର୍ଣ୍ଣାଙ୍ଗ 'ଭ୍ରମଣୋପନ୍ୟାସ'ଟିକୁ ପ୍ରକାଶ କରିବାକୁ ହେଲା ।" ଲେଖକ 'ଭେଟିଥିବା' ଶବ୍ଦଟିକୁ ହାଇଲାଇଟ୍ କରୁଛନ୍ତି ଏବଂ ପରବର୍ତ୍ତୀ ବାକ୍ୟରେ 'ତୃଷ୍ଣା' ଏ ଉପନ୍ୟାସର ମୁଖ୍ୟ ଚରିତ୍ର ସେ ହୁଏତ କାଳ୍ପନିକ, କିନ୍ତୁ ଜୀବନ୍ତ ତୃଷ୍ଣାର ଏକ ନିଖୁଣ ମଡ଼େଲ୍ ମଧ୍ୟ ଅଛି ଏ ଲେଖକର ଦୃଷ୍ଟି ସମ୍ମୁଖରେ ବୋଲି କହିଛନ୍ତି ମାତ୍ର ଏଥିରୁ ଆମକୁ ବୁଝିନେବାକୁ ହେବ ଲେଖକଙ୍କ ସ୍ୱୀକାରୋକ୍ତି, 'ତୃଷ୍ଣା'କୁ ଲେଖକ କାଳ୍ପନିକ କହିଲେ ମଧ୍ୟ

ସେ ହେଉଛି ଲେଖକ ଦିଲ୍ଲୀ ଏୟାରପୋର୍ଟରେ ଭେଟିଥିବା ସେହି ଚରିତ୍ରଟି, ଯିଏକି ବାସ୍ତବ ।

ଭ୍ରମଣ ଅନୁଭୂତିକୁ ନେଇ ଉପନ୍ୟାସ ଲେଖିବାର ପରମ୍ପରା ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ସମୃଦ୍ଧ ନହେଲେ ହେଁ, ଲେଖକ ଉପନ୍ୟାସର ପୂର୍ବାଭାସରେ ଏହାକୁ ଏକ 'ଭ୍ରମଣୋପନ୍ୟାସ' ବୋଲି ସ୍ୱୀକାର କରିବା ସହିତ ଏହାକୁ ଏକାଧାରାରେ ଏକ ଭ୍ରମଣକାହାଣୀ ଆଉ ଉପନ୍ୟାସ ବୋଲି କହିଛନ୍ତି । ୧୯୯୩ରେ ଔପନ୍ୟାସିକ ଥରେ ଆମେରିକା ଯାଇଛନ୍ତି ଓ ଦେଖିଛନ୍ତି ଆମେରିକାର ସଯତ୍ନବର୍ଦ୍ଧିତ ପାର୍କ, ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ନଦନଦୀ, ହ୍ରଦ, ପ୍ରପାତ ଓ ଘଞ୍ଚ ଅରଣ୍ୟ ଘେରା ମହାପ୍ରକୃତି । ଆମେରିକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରାଚୁର୍ଯ୍ୟରେ ଔପନ୍ୟାସିକ ଆବିଭୂତ ହୋଇଛନ୍ତି ଏବଂ ପୁନର୍ବାର ୧୯୯୭ରେ ସେହି ସୌନ୍ଦର୍ଯ୍ୟ ଦର୍ଶନ ଆକାଂକ୍ଷାରେ ବିଭୋର ନହୋଇ ପତ୍ନୀଙ୍କ ତାଗିଦା କ୍ରମେ ଆମେରିକାର ପ୍ରକୃତିକୁ ସନ୍ଦର୍ଶନ ନକରି ମଣିଷର ମନକୁ, ମଣିଷର ପ୍ରକୃତିକୁ ବୁଝିବାକୁ ଚେଷ୍ଟା କରିଛନ୍ତି ବୋଲି ଉପନ୍ୟାସରେ ସ୍ୱୀକାର କରିଛନ୍ତି । "ଏଥର ଆମେରିକା ଯାଉଚ ଯଦି ତେବେ ମଣିଷକୁ ଦେଖ; ଚରିତ୍ରମାନଙ୍କୁ ଦେଖ- ସେ ପ୍ରକୃତି-ପର୍ଯ୍ୟବେକ୍ଷଣ କଥା ପଛକୁ ରଖ । ତମେ ପରା ଜଣେ ନଭେଲିଷ୍ଟ ? ସାହିତ୍ୟ କଣ ଗଛରେ ଫଳେ- ଫଳେ ମଣିଷଙ୍କ ଚରିତ୍ରରେ । ତାକୁଇ ଦେଖ ଏଥର ।"

ଲେଖକଙ୍କ କହିବା ଅନୁସାରେ ଉପନ୍ୟାସର ମୁଖ୍ୟ ଚରିତ୍ର 'ତୃଷ୍ଣା' ହୁଏତ କାଳ୍ପନିକ ମାତ୍ର ଉପନ୍ୟାସରେ ବାସ୍ତବ ଚରିତ୍ର ଭାବରେ ଚିତ୍ରିତ ହୋଇଛନ୍ତି ଲେଖକ ନିଜେ ଏବଂ ତାଙ୍କ ପରିବାରର ସଦସ୍ୟ । ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ପତ୍ନୀ ନିରୁପମା ଦେବୀଙ୍କର ଝିଅ-ଜ୍ୱାଇଁ ସୁଲୁ ଓ ମହେଶଙ୍କର ଆମେରିକା ଅବସ୍ଥାପିତ ଘରକୁ ବୁଲିଯିବା ଉପଲକ୍ଷେ ଯେଉଁ ଭ୍ରମଣାନୁଭୂତି ଏବଂ ତତ୍‌ସହିତ କେତେଜଣ ବନ୍ଧୁସୂତ୍ରରେ ସଂଯୁକ୍ତ ଚରିତ୍ରମାନଙ୍କୁ କେନ୍ଦ୍ରକରି ହିଁ ଏ ଉପନ୍ୟାସ ରଚିତ । ଉପନ୍ୟାସର ଗୋଟିଏ ପଟେ ଲେଖକ ଏକ ସନ୍ଧାନୀ ଦୃଷ୍ଟିନେଇ ବସ୍ତୁବାଦୀ ଜଡ଼ତା ମଧ୍ୟରେ ମାନବିକତା ହରାଇ ବସୁଥିବା ଅସଂଖ୍ୟ ମାନବିକ ବିକାରଗ୍ରସ୍ତ ଆମେରିକୀୟଙ୍କୁ, ଭାରତାଗତ ଅସଂଖ୍ୟ ଭାରତୀୟଙ୍କର ଶତ ପ୍ରାଚୁର୍ଯ୍ୟସତ୍ତ୍ୱେ ଛିନ୍ନମୂଳ ହେବାର ଅସହାୟତା, ଯନ୍ତ୍ରଣା, ସଂସ୍କୃତିହୀନ ଜୀବନ ବଞ୍ଚିବାର ମାର୍ମିକ ବେଦନା ଏବଂ ତତୋଧିକ ଭାରତାମେରିକୀୟ ଅର୍ଥାତ୍ ଭାରତୀୟଙ୍କର ଆମେରିକାରେ ଜନ୍ମିଥିବା, ବଞ୍ଚୁଥିବା ସନ୍ତାନମାନଙ୍କର ହୀନମନ୍ୟତା, ପୂର୍ଣ୍ଣ ଆମେରିକୀୟ ହେବାର କୁଚ୍ଛ ପ୍ରୟାସ, ଭାରତପ୍ରତି ଅହେତୁକ ବିଶ୍ରଦ୍ଧା, ଭାରତୀୟ ବୋଲି ପରିଚୟ ଦେବାର କୁଣ୍ଠାବୋଧକୁ ଆବିଷ୍କାର କରିଛନ୍ତି; ଅନ୍ୟପଟେ ତୃଷ୍ଣା ଚରିତ୍ରର ବିଶ୍ଳେଷଣ କରି ଆମେରିକା ଓ ଭାରତକୁ ଏକତ୍ର ସମାନ୍ତରାଳ ଦେଖିବାର ପ୍ରତ୍ୟାଶା ରଖିଛନ୍ତି ଏବଂ ତୃଷ୍ଣାକୁ କେନ୍ଦ୍ରକରି ରହସ୍ୟମୟ ଘଟଣାର ଅବତାରଣା କରିଛନ୍ତି ।

ଲେଖକ ସ୍ୱୀକାର କରିଛନ୍ତି ଯେ, ତାଙ୍କର ଦ୍ୱିତୀୟ ଥର ବା ୧୯୯୭ର ଆମେରିକା ଭ୍ରମଣ ସମୟରେ ପ୍ରାପ୍ତ ଦୁଇଟି ଅଦ୍ଭୁତ ତଥ୍ୟ ଆମେରିକା ସମ୍ପର୍କରେ ତାଙ୍କୁ ସର୍ବାଧିକ ବିସ୍ମୟକର ମନେ ହୋଇଥିଲା । ଜଣେ ପରାମନସ୍ତତ୍ତ୍ୱବିତ୍ ମାନସିକବିକାରଗ୍ରସ୍ତ ରୋଗୀମାନଙ୍କ ଚିକିତ୍ସାପ୍ରୟାସୀ ମାନସିକ ରୋଗୀଙ୍କଠାରୁ ସମ୍ମୋହନ ସୂତ୍ରରେ ସେ ଆଦାୟ କରିଥିଲେ ସେହି ବିଚିତ୍ର ତଥ୍ୟଟିକୁ । ତାଙ୍କ ମତରେ ବର୍ତ୍ତମାନ ଆମେରିକାରେ ଦେଖାଯାଉଥିବା ଅଧିକାଂଶ ଦୁରାରୋଗ୍ୟ ମାନସିକ ବିକୃତି ଭୋଗୁଥିବା ରୋଗୀମାନେ ପୂର୍ବଜନ୍ମର ସଂସ୍କାରବଶତଃ ଶିକାର ହୋଇଛନ୍ତି ଏଇ ଦୁର୍ଭାଗ୍ୟର । ଲେଖକ କହିଛନ୍ତି, ଡକ୍ଟର ମୋଦୀ ଆହୁରି ମଧ କହନ୍ତି ଯେ, "ବର୍ତ୍ତମାନ ତାଙ୍କ ପାଖକୁ ଚିକିତ୍ସାପାଇଁ ଆସୁଥିବା କେତେକ ମାନସିକ ରୋଗୀ ପୂର୍ବଜନ୍ମରେ ଥିଲେ ଭାରତରେ ଜନ୍ମିତ ଖାଣ୍ଟି ଭାରତୀୟ ନାଗରିକ ! ଆମେରିକା ପ୍ରତି ଜୀବନକାଳରେ ଅତ୍ୟଧିକ ଲାଳସାର ପରିଣତି ସ୍ୱରୂପ ସେମାନେ ପୁନର୍ଜନ୍ମ ଗ୍ରହଣ କରିଛନ୍ତି ଆମେରିକାରେ ଏବଂ ସଂସ୍କାରଗତ ଦ୍ୱନ୍ଦ୍ୱବଶତଃ ଭୋଗୁଛନ୍ତି ଏହି ଦୁରାରୋଗ୍ୟ ବ୍ୟାଧି- ମାନସିକ ବିକୃତି ।" ଲେଖକ ସ୍ୱୀକାର କରିଛନ୍ତି କି ତାଙ୍କୁ ଦ୍ୱିତୀୟ ତଥ୍ୟଟି ପ୍ରାପ୍ତ ହୋଇଥିଲା କନେକ୍ଟିକଟ୍ ରାଜ୍ୟର ୱ୍ୱାସିଂଟନ୍ ଟାଉନ୍ ନିକଟବର୍ତ୍ତୀ ଅରଣ୍ୟ ମଧ୍ୟରେ ଅବସ୍ଥିତ ଲୋହିତ ଭାରତୀୟଙ୍କ ସଂସ୍କୃତିର ଗବେଷଣା ପାଇଁ ପ୍ରତିଷ୍ଠିତ ଏକ ସଂଗ୍ରାହାଳୟରେ । ସେଠାରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟର ସମ୍ମୁଖୀନ ହେବାକୁ ପଡ଼ିଥିଲା ଲେଖକ ଏବଂ ତାଙ୍କ ପରିବାରକୁ । ପ୍ରଦର୍ଶିତ ସାଂସ୍କୃତିକ ସାମଗ୍ରୀ ମଧ୍ୟରୁ ଗୋଟିଏ ପ୍ରତିକୃତି ଦେଖି ଚମକୃତ ହୋଇଥିଲେ ସେମାନେ । ପ୍ରତିକୃତିଟି ଥିଲା ସ୍ୱୟଂ ଶ୍ରୀ ଜଗନ୍ନାଥଙ୍କର, ଆଉ ତା ତଳେ ଲିପିବଦ୍ଧ ହୋଇଥିଲା- 'ଦ ହାଉସ୍ ଗଡ୍' – ଅର୍ଥାତ୍ ଗୃହଦେବତା ବା ଇଷ୍ଟଦେବତା । ଆମେରିକାର ଆଦିମ ଅଧିବାସୀଙ୍କ ନାମ ଏପର୍ଯ୍ୟନ୍ତ ମଧ ଇଣ୍ଡିଆନ୍ ବା ଭାରତୀୟ । ଏଇ ଆଦିମ ଅଧିବାସୀ, ଯାହାଙ୍କୁ ଭାରତୀୟ ଲୋକେ କହନ୍ତି ଲୋହିତ ଭାରତୀୟ, ସେମାନଙ୍କ ଗୃହଦେବତା ଯେ ଶ୍ରୀଜଗନ୍ନାଥ, ଏଇ ତଥ୍ୟଟି ଲେଖକଙ୍କୁ ରୋମାଞ୍ଚିତ କରିଥିଲା ବୋଲି 'ପୂର୍ବାଭାସ'ରେ ସ୍ୱୀକାର କରିଛନ୍ତି । ଲେଖକ କହିଛନ୍ତି- "ମନେହେଲା ସତେ ଯେମିତି ଏକ ଅନାବିଷ୍କୃତ ଆମେରିକାର ସନ୍ଧାନ ଅଚାନକ ପ୍ରାପ୍ତହେଲା ମତେ । ଏ ଆମେରିକାକୁ ୧୪୯୨ରେ ସ୍ଥୁଳଭାବେ ଆବିଷ୍କାର କରିଥିଲେ କଲମ୍ୱସ୍ ଓ ଏ ବିଶାଳ ଭୂଭାଗର ନାମକରଣ ମଧ କରିଥିଲେ ଇଣ୍ଡିଆ ବା ଭାରତ । କିନ୍ତୁ ଏଇ ବିଶାଳ ଭୂଭାଗର ଆଧ୍ୟାତ୍ମିକ ପରିଚୟ ଯେ ଖାଲି ଭାରତ ନୁହେଁ, ଶ୍ରୀଜଗନ୍ନାଥଙ୍କ ଦେଶ, ଏଇ ଦୁର୍ଲଭ ଅନୁଭବ ମତେ ଅନୁପ୍ରେରିତ କରିଥିଲା 'ତୃଷ୍ଣା'ର ବିବାହ ଓ ବିଚ୍ଛେଦର ଅସଲ ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ କାରଣ

ଅନୁସନ୍ଧାନରେ । ଆମେରିକା ପ୍ରତି ଭାରତୀୟମାନଙ୍କର ଅହେତୁକ ଆକର୍ଷଣର କାରଣ ଯେ ଖାଲି ସେ ଦେଶର ବାହ୍ୟ ବୈଷୟିକ ବୈଭବ କେବଳ ନୁହେଁ, ତାହା ଆହୁରି ଗଭୀର- ଏଇ ବିଶ୍ୱାସ ମତେ ପବୃତ୍ତ କଲା ସଂଶିତ ଭ୍ରମଣୋପନ୍ୟାସଟିକୁ ଯଥାର୍ଥ ଭାବେ ଅର୍ଥାନ୍ୱିତ କରାଇବାରେ । ସୁଖର ସନ୍ଧାନରେ ଯାଇଥିବା ଆମ୍ଭମାନେ ସେଠି ପ୍ରକୃତରେ କେତେ ସୁଖରେ ଅଛନ୍ତି ତାହାର ଅନୁସନ୍ଧାନ ମଧ୍ୟ ଥିଲା ମୋର ଆମେରିକା ଭ୍ରମଣର ଅନ୍ୟତମ ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ସେଇ ଅନୁସନ୍ଧାନରୁ ଉପଲବ୍ଧ ଜ୍ଞାନ ଓ ଅଭିଜ୍ଞତା କେବଳ ରୂପାୟିତ ହୋଇଛି ଏଇ ଭ୍ରମଣୋପନ୍ୟାସ "ତୃଷ୍ଣା"ରେ । 'ତୃଷ୍ଣା: ଏକ ଅନାବିଷ୍କୃତ ଆମେରିକା'ରେ ଲେଖକଙ୍କ ସ୍ୱୀକାରୋକ୍ତି ପ୍ରକାଶ ପାଇଥିବାରୁ ଏହାକୁ 'ସ୍ୱୀକାରୋକ୍ତି ମୂଳକ' ଉପନ୍ୟାସର ଅନ୍ତର୍ଗତ କରାଯାଇଛି ।

ଏ ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି 'ସ୍ୱୀକାରୋକ୍ତି ମୂଳକ' ଉପନ୍ୟାସୀୟ 'ଧାରା'କୁ ଓଡ଼ିଆ ଉପନ୍ୟାସରେ ଖୋଜିବା ଏବଂ ଏହାର ବୈଶିଷ୍ଟ୍ୟକୁ ଅନ୍ୱେଷଣ କରିବା । ଏ କଥା ସତ ଯେ ଓଡ଼ିଆ ଉପନ୍ୟାସ ସାହିତ୍ୟର ପ୍ରମୁଖ ଔପନ୍ୟାସିକମାନଙ୍କ ଲେଖାରେ ଲେଖକଙ୍କ ସ୍ୱୀକାରୋକ୍ତି କିପରି ପ୍ରକାଶ ପାଇଛି ତାହା ଏହି ଆଲୋଚନାର ମୁଖ୍ୟ ପ୍ରସଙ୍ଗ । ସେହିଭଳି ଏ କଥା ମଧ୍ୟ ସତ୍ୟ ଯେ ଏହି 'ସ୍ୱୀକାରୋକ୍ତି ମୂଳକ' ଆଲୋଚନା ବେଳେ ଆହୁରି ଅନେକ ଉପନ୍ୟାସକୁ ଏହାର ପରିସର ଭୁକ୍ତ କରାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପଟ୍ଟନାୟକ, କଇଳାଶ, 'ସମକାଳୀନ ଓଡ଼ିଆ ଉପନ୍ୟାସରେ ପରୀକ୍ଷାଧର୍ମିତା', କଲିକତା, ମଲ୍ଲିକା, ୨୦୧୫

୨. ପଣ୍ଡା, ଚିତ୍ତରଞ୍ଜନ, 'ଓଡ଼ିଆ ଉପନ୍ୟାସ ସ୍ରଷ୍ଟାଙ୍କ କୃତି ଓ କୃତିତ୍ୱ', କଟକ, ଏ.କେ. ମିଶ୍ର, ପ୍ରଥମ ସଂସ୍କରଣ-୨୦୨୦


❖ ❖ ❖

DOI: https://doi.org/10.5281/zenodo.14172177

ମୂଳ ପ୍ରବନ୍ଧ

# ଏକବିଂଶ ଶତାବ୍ଦୀରେ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପର ପୃଷ୍ଠଭୂମି

**ସୁମନ୍ତ କୁମାର ଭୋଇ**

**ସଂକ୍ଷିପ୍ତସାର :**

ଓଡ଼ିଆ କ୍ଷୁଦ୍ରଗଳ୍ପର କ୍ରମବିକାଶ ଧାରାରେ ଏକବିଂଶ ଶତାବ୍ଦୀ ବିଶେଷ ମୂଲ୍ୟ ବହନ କରେ । ପରିବର୍ତ୍ତିତ ସମୟର ପ୍ରାଣ ସ୍ପନ୍ଦନକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଆଦିରୁ ଅଦ୍ୟାବଧି କ୍ଷୁଦ୍ରଗଳ୍ପର ଜୈତ୍ରଯାତ୍ରା ଅଗ୍ରସର । ତେବେ ଏକବିଂଶର ଓଡ଼ିଆ କ୍ଷୁଦ୍ରଗଳ୍ପ ପୂର୍ବ ଶତାବ୍ଦୀର ଗଳ୍ପ ରଚନାର ଧାରା ଓ ଧରାଠାରୁ କିଂଚିତ୍ ଭିନ୍ନ ହେଲେ ମଧ୍ୟ ପୂର୍ବ ଶତକର ପ୍ରଭାବରୁ ମୁକ୍ତ ମଧ୍ୟ ଆତ୍ମିକ ଓ ଆଙ୍ଗିକ କ୍ଷେତ୍ରରେ ନବ ରୁଚିର ଆନୟନ ସହ ବହୁ ଘଟଣା ଅପରିବର୍ତ୍ତିତ ଭାବେ ଏକାଳର କ୍ଷୁଦ୍ରଗଳ୍ପର କଳେବରରେ ଆତ୍ମପ୍ରକାଶ କରିଛି ଏବଂ ପୂର୍ବ ଶତକର ବହୁ ଚିତ୍ତ ଚାଞ୍ଚଲ୍ୟକାରୀ ଘଟଣାର ପ୍ରଭାବରେ ଚଳିତ ଶତକର ଗଳ୍ପ ସୌଷ୍ଠବ ଯେ ବିମଣ୍ଡିତ ହୋଇପାରିଛି ଏଥିରେ ସନ୍ଦେହର ଅବକାଶ ନାହିଁ ।

**ପ୍ରମୁଖ ଶବ୍ଦ :**

କ୍ଷୁଦ୍ରଗଳ୍ପ, ଏକବିଂଶ, ପୃଷ୍ଠଭୂମି, ମହାବାତ୍ୟା, ରାଜନୀତି, ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଗଣମାଧ୍ୟମ, ପୁଞ୍ଜିନିବେଶ, ସାଂପ୍ରଦାୟିକ ଦଙ୍ଗା, ଜଗତୀକରଣ, ବିସ୍ଥାପନ, ନାରୀ ସଶକ୍ତିକରଣ, କରୋନା ମହାମାରୀ

## ବିଷୟ :

ସାହିତ୍ୟ ସର୍ବଦା ନବମାର୍ଗୀ । ନୂତନ ମୂଲ୍ୟବୋଧ, ପରିବର୍ତ୍ତିତ ସାମାଜିକ, ସାଂସ୍କୃତିକ, ରାଜନୀତିକ ତଥା ଆର୍ଥିକ ସ୍ଥିତାବସ୍ଥା ଦ୍ୱାରା ସାହିତ୍ୟର କଳେବର ସମୃଦ୍ଧ ହୁଏ । ବିଶେଷତଃ ଯୁଗୀୟ ପ୍ରଭାବ ବ୍ୟତିରେକ ସାହିତ୍ୟ କାଳୋତୀର୍ଣ୍ଣ ହେବା ଆୟସସାଧ୍ୟ । ବିଶ୍ୱ ସାହିତ୍ୟ ହେଉ ବା ସ୍ୱଦେଶର ସାହିତ୍ୟ ହେଉ ଆଦିରୁ ଅଦ୍ୟବଧି ବିଭିନ୍ନ ଚିନ୍ତା, ଚେତନା ତଥା ଦର୍ଶନ ଦ୍ୱାରା ସାହିତ୍ୟ ସର୍ବଦା ପ୍ରଭାବିତ ହୋଇଆସିଛି । ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ଏହି ପ୍ରକ୍ରିୟାରୁ କୌଣସି ସାହିତ୍ୟ ବାଦ୍ ନୁହେଁ । ଏପରିକି ମାନବର କ୍ରମୋନ୍ନତି ତଥା ଅଭୀପ୍ସାର ପରିପୂର୍ତ୍ତି ନିମନ୍ତେ ସମୟାନୁସାରେ ତା'ର ଅନ୍ତରରେ ଦେଖାଦେଇଛି ନବ ଉନ୍ମାଦନା ଓ ଜାଗରଣ । ସେହି ଚିତ୍ତ ଚାଞ୍ଚଲ୍ୟକାରୀ ତଥା ପରିବର୍ତ୍ତନକାମୀ ଅଦମ୍ୟ ଅଭିଳାଷ ହିଁ ମଣିଷକୁ ଦେଖାଇଛି ମୁକ୍ତିର ପଥ ଓ ଚଖାଇଛି ସ୍ୱାଧୀନତାର ସ୍ୱାଦ । ବିଶ୍ୱ ପ୍ରେକ୍ଷାପଟ୍ଟରେ ଏହିପରି ଅସଂଖ୍ୟ ଜାଗରଣର ବିବରଣୀକୁ ପ୍ରତ୍ୟକ୍ଷ କଲେ ସ୍ପଷ୍ଟ ଅନୁମିତ ହୁଏ ଯେ ସେସବୁର ପ୍ରଭାବ ସାହିତ୍ୟର ଅଙ୍ଗୀଭୂତ । ଏଣୁ ଚଳିତ ଶତକର ପ୍ରାରମ୍ଭରୁ ଏଯାବତ୍ ଯେଉଁସବୁ ଉଲ୍ଲେଖନୀୟ ଘଟଣାପ୍ରବାହ ଏକବିଂଶ ଶତାବ୍ଦୀର କ୍ଷୁଦ୍ରଗଳ୍ପକୁ ମହିମାମଣ୍ଡିତ କରିବା ସହ କ୍ରମବିକାଶର ଧାରାକୁ ଅପ୍ରତିହତ ରଖିଛି, ସେସବୁ ମଧ୍ୟରେ–

### (କ) ମହାବାତ୍ୟା ପରବର୍ତ୍ତୀ ସାମାଜିକ ଜୀବନ ଓ ଆର୍ଥିକ ସ୍ଥିତି:

ବ୍ୟକ୍ତିଗତ ଜୀବନରେ ଯେଭଳି ଉତ୍ଥାନ ଓ ପତନର ଧାରା ପ୍ରତି'ଳିତ ସେହିଭଳି ଗୋଟିଏ ଜାତି ବିଶେଷରେ ମଧ୍ୟ ଏହି ସାର୍ବଭୌମିକ ନିୟମର ଧାରା ପରିଲକ୍ଷିତ ହେବା ସ୍ୱାଭାବିକ । ଏଥିପାଇଁ ବହୁ କାରକ ଯେ ଦାୟୀ ଏହା ସ୍ୱୀକାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରସଙ୍ଗ ବିଚାର୍ଯ୍ୟ । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଓଡ଼ିଶାର

**ଯୋଗାଯୋଗ :**
**ସୁମନ୍ତ କୁମାର ଭୋଇ,** ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଆଦିକବି ସାରଳାଦାସ ମହାବିଦ୍ୟାଳୟ, ଜଗତସିଂହପୁର-୩୭
**E-Mail ID:** sumantabhoi5@gmail.com
**ORCID ID:** https://orcid.org/0009-0006-0739-8148

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୮.୨୦୨୪ | ୧୭.୯.୨୦୨୪ | ୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ସୁମନ୍ତ କୁମାର; ୨୦୨୪ । ଏକବିଂଶ ଶତାବ୍ଦୀରେ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପର ପୃଷ୍ଠଭୂମି । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ, ପୃଷ୍ଠା : ୫୫-୬୧ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.14172177
Article No - BPP00239

ପୂର୍ବ ପାର୍ଶ୍ୱରେ ବିସ୍ତୀର୍ଣ୍ଣ ବଙ୍ଗୋପସାଗର ସାଙ୍ଗକୁ ଅନ୍ୟ ତିନିପଟରେ ଗିରିରାଜି ପରିପୂର୍ଣ୍ଣ ସବୁଜ ଶ୍ୟାମ ଶୋଭାରେ ଏହି ରାଜ୍ୟ ବିଶୋଭିତ । ପ୍ରକୃତିର ଏହି ମନୋରମ ପରିବେଷ୍ଟନୀ କେତେବେଳେ ମଣିଷକୁ ବିମୁଗ୍ଧ କରିଛି ତ କେତେବେଳେ ତା'ର ବିଶାଳ ବିକ୍ଷୁବ୍ଧ ରୂପରେ ସ୍ତବ୍ଧ ଓ ଚକିତ ମଧ୍ୟ କରିଛି । ସେହିଭଳି ବହୁ ଅବିସ୍ମରଣୀୟ ଘଟଣା ମଧ୍ୟରୁ ୧୯୯୯ ମସିହା ଅକ୍ଟୋବର ୨୯ ତାରିଖର ମହାବାତ୍ୟା ଅନ୍ୟତମ । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ପରେ ଯଦି କୌଣସି ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା ତେବେ ତାହା ଥିଲା ଏହି ମହାବାତ୍ୟା । ବିଶେଷତଃ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଯଥା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ ଓ ପୁରୀ ଏତଦ୍‌ସହ କଟକ, ଖୋର୍ଦ୍ଧା, ଢେଙ୍କାନାଳ ଆଦି ଜିଲ୍ଲାର ବାସିନ୍ଦା ତଥା ସେମାନଙ୍କର ଜୀବନ ଓ ଜୀବିକା ବିଶେଷ ଭାବରେ ମହାବାତ୍ୟା ଦ୍ୱାରା ହୋଇଥିଲା ପ୍ରଭାବିତ । ଜଗତସିଂହପୁର ଜିଲ୍ଲାର ବହୁ ଅଂଚଳ ମହାବାତ୍ୟାରେ ସଲିଳ ସମାଧି ସାଜିଥିବା ବେଳେ ବହୁ ଲୋକ ସମୁଦ୍ରର ବିକ୍ଷୁବ୍ଧ ରୂପ ଓ ତା'ର ବହୁଦୂରପ୍ରସାରୀ କଳେବର ମଧ୍ୟରେ ମଧ୍ୟ ସବୁଦିନ ପାଇଁ ବିଲୀନ ହୋଇଯାଇଥିଲେ । କେବଳ ଓଡ଼ିଶା କାହିଁକି ବିଶ୍ୱ ମଧ୍ୟ ଏତାଦୃଶ ବିପର୍ଯ୍ୟୟର କ୍ଷୟକ୍ଷତି ପ୍ରତ୍ୟକ୍ଷ କରି ସ୍ତବ୍ଧ ଓ ଚକିତ ହୋଇଥିଲା । ଏହାରି ପ୍ରଭାବରେ ବହୁ ପରିବାର ବାସହରା ହେଲେ, ବହୁ ଲୋକ ଆତ୍ମୀୟସ୍ୱଜନ ଓ ପ୍ରିୟପରିଜନଙ୍କୁ ହରାଇଲେ, ଜୀବନ ଓ ଜୀବିକା ଉଜୁଡ଼ି ପଡ଼ିଲା ଏବଂ ଜୀବନ ଯେମିତି ହାହାକାରମୟ ହୋଇଉଠିଲା । ସରକାରୀ କଳର ତଥ୍ୟାନୁଯାୟୀ ଦଶ ହଜାର ଲୋକ ମୃତାହତ ହୋଇଥିବା ବେଳେ ପନ୍ଦରଶହ ଶିଶୁ ଅନାଥ ମଧ୍ୟ ହୋଇଥିଲେ । କିନ୍ତୁ ଏହି ସଂଖ୍ୟାଠୁ ଯଥେଷ୍ଟ ଅଧିକ ଅର୍ଥାତ୍ ପଚାଶ ହଜାର ଲୋକ ମୃତାହତ ହୋଇଥିବାର ବେସରକାରୀ ସୂତ୍ରରୁ ଜଣାପଡ଼େ । ମୁଖ୍ୟତଃ ଏହି ମହାବାତ୍ୟା ପରବର୍ତ୍ତୀ ସମୟ ଥିଲା ବହୁ ଅହ୍ୱାନଭରା । ବାସହରା ନିରନ୍ନ ଜନତାଙ୍କ ଥଇଥାନ ତଥା ବିପର୍ଯ୍ୟସ୍ତ ସାମାଜିକ ଜୀବନ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ତତ୍କାଳୀନ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ, ବହୁ ବେସରକାରୀ ସେବା ସଂସ୍ଥାଗୁଡ଼ିକର ସହାୟତା ତଥା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରୁ ଆର୍ଥିକ ସହାୟତା ବହୁ ଭାବରେ ଓଡ଼ିଶାର ସ୍ଥିତିକୁ ଦୃଢ଼ୀଭୂତ କରିବାରେ ସହାୟକ ହୋଇଥିଲା । ଏହି ମହାବାତ୍ୟାର ଅଭାବିତ କରାଳ ରୂପ, ବିପର୍ଯ୍ୟସ୍ତ ଜନଜୀବନ ଓ ଏହାର ପରବର୍ତ୍ତୀ ସମୟ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୀତିକ ସର୍ବୋପରି ଆର୍ଥିକ ବ୍ୟବସ୍ଥାରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା । ଏସବୁ ସହ ଓଡ଼ିଶାର ପ୍ରାକୃତିକ ପରିବେଶ ଉପରେ ଏହାର ପ୍ରଭାବ ହେତୁ ବହୁ ମାନବେତର ପ୍ରାଣୀ ମଧ୍ୟ ପ୍ରଭାବିତ ହୋଇଥିଲେ । ତେଣୁ ଉପର୍ଯ୍ୟୁକ୍ତ କ୍ଷେତ୍ରରେ ପରିଲକ୍ଷିତ ବାସ୍ତବ ସ୍ଥିତି ହିଁ ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ସ୍ପଷ୍ଟ ରୂପେ ପ୍ରତି'ଳିତ ହେଲା । ବିଶେଷଭାବରେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ମହାବାତ୍ୟା ଓ ମହାବାତ୍ୟା ପରବର୍ତ୍ତୀ ଅଭାବିତ କାଳଖଣ୍ଡ ହିଁ ମୁଖ୍ୟ ଭାବଭୂମି ରୂପେ ଗୃହୀତ ହେଲା । ବହୁ ଗାଳ୍ପିକ ଓଡ଼ିଶାର ଏହି ଲୋମହର୍ଷଣକାରୀ ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ପରବର୍ତ୍ତୀ ଅଭାବିତ ସାମାଜିକ ସ୍ଥିତି ଓ ଅବସ୍ଥାକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଚଳିତ ଶତାବ୍ଦୀରେ ଗଳ୍ପମାନ ରଚନାପୂର୍ବକ ଓଡ଼ିଆ ଗଳ୍ପର କ୍ରମବିକାଶ ଧାରାକୁ ତ୍ୱରାନ୍ୱିତ କରିବାରେ ଯଥେଷ୍ଟ ସହାୟକ ହୋଇପାରିଥିଲେ ।

### (ଖ) ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ଅପ୍ରତିହତ ସ୍ଥିର ଶାସନ:

ଏକବିଂଶ ଶତାବ୍ଦୀରେ ରଚିତ ଓଡ଼ିଆ କ୍ଷୁଦ୍ରଗଳ୍ପର ଏକ ପ୍ରମୁଖ ପୃଷ୍ଠଭୂମି ରୂପେ ଓଡ଼ିଶାର ରାଜନୀତିକ ସ୍ଥିତାବସ୍ଥା ଅନ୍ୟତମ । ସଂପ୍ରତି ରାଜନୀତି ଏକ ପ୍ରମୁଖ ଓ ପ୍ରଧାନ ପ୍ରସଙ୍ଗ । ସମାଜର ପ୍ରତିଟି କ୍ଷେତ୍ରରେ ଏହାର ଅସପତ୍ନ ପ୍ରଭାବ ପରିଲକ୍ଷିତ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି ସୋପାନରେ ରାଜନୀତିର ଛାପ ପ୍ରତ୍ୟକ୍ଷୀଭୂତ ହୁଏ । ଏଣୁ ଏ ଶତାବ୍ଦୀରେ ରାଜନୀତିକୁ ଛାଡ଼ି ସହିତ୍ୟ ରଥ ଅଗ୍ରସର ହେବା ଅସମ୍ଭବ ନହେଲେ ମଧ୍ୟ ଅବିଶ୍ୱସନୀୟ । ମୁଖ୍ୟତଃ ଓଡ଼ିଶାର ରାଜନୀତିକ ପାଣିପାଗକୁ ନିରୀକ୍ଷଣ କଲେ ଦେଖାଯାଏ ଯେ ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ଅପ୍ରତିହତ ସ୍ଥିର ଶାସନ ହେତୁ ରାଜନେତାମାନଙ୍କଠାରେ ଦୁର୍ନୀତି ପ୍ରବଣତା ବୃଦ୍ଧି ପାଇଛି । ଅପରପକ୍ଷରେ ଦୀର୍ଘ ପଚିଶ ବର୍ଷର ନିରଙ୍କୁଶ ଶାସନ କାଳରେ ଯେ ରାଜ୍ୟର ହିତାର୍ଥେ ଉନ୍ନୟନମୂଳକ ଯୋଜନାମାନ ପ୍ରଣୀତ ହୋଇନାହିଁ ତାହା ନୁହେଁ ବରଂ ଯୋଜନା ସବୁର ସଫ ଳ କାର୍ଯ୍ୟକାରିତାରେ ନେତାମନ୍ତ୍ରୀମାନଙ୍କର ଉଦାସୀନତା ତଥା ପଦସ୍ଥ କର୍ମଚାରୀମାନଙ୍କର ଦୁର୍ନୀତି ପ୍ରବଣତା ହିଁ ଯୋଜନାସବୁକୁ ବାଟବଣା କରିଛି । ପୁନଶ୍ଚ ଦୀର୍ଘବର୍ଷ ଧରି କ୍ଷମତାର ଗାଦିକୁ ଧନବଳ ମୂଲ୍ୟରେ କଳବଳେ କୌଶଳେ କରାୟତ୍ତ କରି ରାଜନେତାମାନେ ହୋଇପଡ଼ିଛନ୍ତି ସ୍ୱାର୍ଥୀ ଓ ଅହଂକାରୀ । ଜନତାର ହିତାର୍ଥେ ଜନପ୍ରତିନିଧି ସାଜିଥିବା ତଥାକଥିତ ରାଜନେତାମାନେ ନିର୍ବାଚନ ପରେ ଜନତାଙ୍କଠାରୁ ଦୂରେଇ ଯାଇ ସ୍ୱାର୍ଥର ପରିପୂରଣରେ ନିମଗ୍ନ ଥିବାବେଳେ ଜନତା ହୋଇଛନ୍ତି ଜଳକା । ଏତଦ୍‌ସହ ଦୀର୍ଘବର୍ଷ କ୍ଷମତାକୁ ଉପଭୋଗ କରି ବହୁ ଅନ୍ୟାୟ, ଅନୀତି, ବ୍ୟଭିଚାର, ଭ୍ରଷ୍ଟାଚାର ଓ ହତ୍ୟା ଆଦି ସଂଗୀନ ଅପରାଧରେ ମଧ୍ୟ ରାଜନେତାମାନେ ଜଡ଼ିତ । ଏଣୁ ରାଜନୀତିର ଏହି କଳୁଷିତ ରୂପକୁ ପ୍ରତ୍ୟକ୍ଷ କରି ଚଳିତ ଶତକର ଗାଳ୍ପିକମାନେ ପ୍ରତ୍ୟକ୍ଷ ନହେଲେ ମଧ୍ୟ ପରୋକ୍ଷ ଭାବରେ ରାଜନେତାମାନଙ୍କର ଏତାଦୃଶ କାର୍ଯ୍ୟକୁ ତଥା ସେମାନଙ୍କର କଳୁଷିତ ରାଜନୀତିକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଗଳ୍ପମାନ ରଚନା କରିଛନ୍ତି । ଯହିଁରେ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ଅପ୍ରତିହତ ସ୍ଥିର ଶାସନର ପ୍ରତ୍ୟକ୍ଷ ମୁଦ୍ରାଙ୍କ ସ୍ପଷ୍ଟ ରୂପେ ହୋଇଛି ପ୍ରତିଫଳିତ ।

## (ଗ) ପୁଞ୍ଜିପତିଙ୍କ ପୁଞ୍ଜି ନିବେଶ:

ଗୋଟିଏ ରାଷ୍ଟ୍ରର ଆର୍ଥିକ ସ୍ୱଚ୍ଛଳତା ଆସିବା ଦିଗରେ ପୁଞ୍ଜିପତିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୁଞ୍ଜିପତିମାନେ ସେମାନଙ୍କର ପୁଞ୍ଜିକୁ ବିଭିନ୍ନ କଳକାରଖାନା ଓ କମ୍ପାନୀଗୁଡ଼ିକରେ ବିନିଯୋଗ କରି କରିବା ଦ୍ୱାରା ଉତ୍ପାଦନର ହାର ବୃଦ୍ଧି ପାଇବା ସହ ମାନବ ସମ୍ବଳର ସୁବିନିଯୋଗ ହୋଇପାରିଥାଏ । କଳକାରଖାନା ତଥା କମ୍ପାନୀଗୁଡ଼ିକରେ କାର୍ଯ୍ୟରତ ଶ୍ରମିକ ତଥା କର୍ମଚାରୀମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆସିବା ସହ ଦେଶ ଏକ ବଡ଼ ରାଜସ୍ୱ ଏହି କ୍ଷେତ୍ରରୁ ହିଁ ପାଇବାକୁ ସମର୍ଥ ହୋଇଥାଏ । ଫଳତଃ ଦେଶ ହେଉ ଅବା ରାଜ୍ୟର ଜନସାଧାରଣଙ୍କର ଜୀବନଧାରଣ ମାନରେ ପ୍ରଭୂତ ଉନ୍ନତି ପରିଲକ୍ଷିତ ହୁଏ । ଏହିପରି ଏକ ପରିବର୍ତ୍ତନ ଯେ ଏକବିଂଶ ଶତାବ୍ଦୀରେ ଓଡ଼ିଶାର ଭୌଗୋଳିକ ଚିତ୍ରପଟରେ ତଥା ଜନସାଧାରଣଙ୍କ ଜୀବନ ଶୈଳୀରେ ପରିଲକ୍ଷିତ ହୋଇଛି ଏହାକୁ ସହଜେ ଉପଲବ୍ଧି କରିହୁଏ ।

ଅପରପକ୍ଷରେ ପୁଞ୍ଜିପତିମାନଙ୍କର ପୁଞ୍ଜି ନିବେଶ ଫଳରେ ଜନସାଧାରଣଙ୍କର କୌଳିକ ବୃତ୍ତି ସାଙ୍ଗକୁ କୁଟୀର ଶିଳ୍ପ ଯେ ବାଧାପ୍ରାପ୍ତ ହୋଇଛି ଏହାକୁ ଅସ୍ୱୀକାର କରିହେବ ନାହିଁ । କୌଳିକ ବୃତ୍ତି ହେଉ ଅବା କୁଟୀର ଶିଳ୍ପର ବିଲୋପ ଫଳରେ ଦାଦନ ସମସ୍ୟା ଏକ ପ୍ରମୁଖ ସମସ୍ୟା ରୂପେ ଦେଖା ଦେଇଛି । ଯାହାର ଜ୍ୱଳନ୍ତ ଓ ତଥା ଯଥେଷ୍ଟ ପ୍ରମାଣ ଏହି ଶତକରେ ଦେଖିବାକୁ ମିଳେ । ପୁନଶ୍ଚ ପୁଞ୍ଜିପତିମାନଙ୍କର ଏକଛତ୍ରବାଦୀ ମନୋବୃତ୍ତି ହେତୁ କାର୍ଯ୍ୟରତ ଶ୍ରମିକମାନେ ମଧ୍ୟ ନିଜର ସମୁଚିତ ପ୍ରାପ୍ୟ ପାଇ ପାରିନଥାନ୍ତି । ଫଳତଃ ଶ୍ରମିକ ଅସନ୍ତୋଷ ଓ ଆନ୍ଦୋଳନର ସୂତ୍ରପାତ ହୁଏ । ମୁଖ୍ୟତଃ ପୁଞ୍ଜିପତିମାନଙ୍କର ପୁଞ୍ଜି ନିବେଶ ଫଳରେ କିଛି ସୁଫଳ ମିଳିବା ସହ ଏହାର କେତେକ କୁପରିଣାମ ମଧ୍ୟ ଜନସାଧାରଣଙ୍କ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ । ତେଣୁ ଏକବିଂଶ ଶତକର ସାହିତ୍ୟରେ ଏ ଧରଣର ପ୍ରସଙ୍ଗ ଓ ଏହାର ସୁପରିଣାମ ଓ କୁପରିଣାମର ଏକ ସମ୍ମିଶ୍ରିତ ଚିତ୍ର ପ୍ରତିଫଳିତ ହେବା ଏକ ସ୍ୱାଭାବିକ ବିଷୟ । ମୋଟଉପରେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପୁଞ୍ଜିପତିମାନଙ୍କର ପୁଞ୍ଜିନିବେଶ, ବୃହତ କଳକାରଖାନା ଓ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ସ୍ଥାପନ ଓ ତତ୍‌ଜନିତ ସମସ୍ୟା ଯେ ଗାଳ୍ପିକମାନଙ୍କୁ ଗଳ୍ପ ରଚନା ଦିଗରେ ଯଥେଷ୍ଟ ପ୍ରେରିତ କରିଛି ଏଥିର ସନ୍ଦେହ ନାହିଁ ।

## (ଘ) ପ୍ରଯୁକ୍ତିବିଦ୍ୟାର ପ୍ରସାର ଓ ସାମାଜିକ ଗଣମାଧ୍ୟମ:

ଜ୍ଞାନ ବିଜ୍ଞାନସମ୍ପନ୍ନ ଏକବିଂଶ ଶତାବ୍ଦୀ ହେଉଛି ପ୍ରଯୁକ୍ତିବିଦ୍ୟାର ଯୁଗ । ପ୍ରଯୁକ୍ତିବିଦ୍ୟାର ବହୁଳ ପ୍ରସାର ଓ ବ୍ୟବହାର ଚଳିତ ଶତକର ଜୀବନଧାରଣର ଶୈଳୀକୁ ବେଶ୍ ଆମୋଦଦାୟକ କରିପାରିଛି । ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ଫଳରେ ମଣିଷର ଜୀବନ ପୂର୍ବାପେକ୍ଷା ସହଜ ଓ ସୁଖକର ହୋଇପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ,କୃଷି, ବାଣିଜ୍ୟ ଓ ଗମନାଗମନ କ୍ଷେତ୍ରରେ ଯେଉଁ ଅଭୂତପୂର୍ବ ତଥା ଉଲ୍ଲେଖନୀୟ ଉନ୍ନତି ସଂସାଧିତ ହୋଇଛି ତାହାରି ମୂଳରେ ରହିଛି ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା । ଟେଲିଭିଜନ, କମ୍ପ୍ୟୁଟର ଓ ମୋବାଇଲର ଯଥେଷ୍ଟ ବ୍ୟବହାର ମଣିଷର ଜୀବନକୁ ଗଭୀର ପ୍ରଭାବିତ କରିବା ସହ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ଦ୍ୱାରା ମଣିଷ ବ୍ୟକ୍ତିକୈନ୍ଦ୍ରିକ ହୋଇପଡ଼ିଛି । ଫଳତଃ ମାନବୀୟ ମୂଲ୍ୟବୋଧ, ମାନବିକ ସମ୍ବେଦନା, ସଂପ୍ରୀତି ଓ ସଦ୍ଭାବ ଧୀରେ ଧୀରେ ସାମାଜିକ ଜୀବନର ପରିସର ମଧ୍ୟରୁ ହ୍ରାସ ପାଇଛି । ପୁନଶ୍ଚ ସାମାଜିକ ଗଣମାଧ୍ୟମ ଚଳିତ ଶତାବ୍ଦୀରେ ମଣିଷର ଦୈନନ୍ଦିନ ଜୀବନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଟୁଇଟର, ଫେସ୍‌ବୁକ୍, ୟୁଟ୍ୟୁବ୍, ସ୍ନାପଚାଟ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍, ଫ୍ଲିକର, ମେସେଞ୍ଜର ଓ ଟିକ୍‌ଟକ୍ ଭଳି ବହୁ ସାମାଜିକ ଗଣମାଧ୍ୟମର ବ୍ୟବହାର ଦ୍ୱାରା ସାଂପ୍ରତିକ କାଳର ମଣିଷ ବହୁ ସୂଚନା, ତଥ୍ୟ ତଥା ଜ୍ଞାନର ଅଧିକାରୀ ହୋଇପାରିଛି । ମନୋରଞ୍ଜନର ପ୍ରକୃଷ୍ଟ ମାଧ୍ୟମ ରୂପେ ଉପର୍ଯ୍ୟୁକ୍ତ ଗଣମାଧ୍ୟମଗୁଡ଼ିକ ମଣିଷର ଜୀବନଧାରଣର ଶୈଳୀକୁ ଖୁବ୍ ପ୍ରଭାବିତ କରିଛି । ଏହାର ସଫଳ ଓ ସମୁଚିତ ବ୍ୟବହାର ଦ୍ୱାରା ମଣିଷ ନିଜର ସ୍ଥିତିକୁ ସୁଦୃଢ଼ କରିପାରୁଥିବା ବେଳେ ଏହାର ମାତ୍ରାଧିକ ବ୍ୟବହାର ସାମାଜିକ ଜୀବନରେ ମଧ୍ୟ ଉଶୃଙ୍ଖଳ ସୃଷ୍ଟିର ପ୍ରମୁଖ କାରଣ ହୋଇଛି । ପରିବର୍ତ୍ତିତ ସାମାଜିକ ଜୀବନରେ ପରିଦୃଶ୍ୟାୟିତ ଏତାଦୃଶ ବିଲକ୍ଷଣକୁ ଆଧାର ଆଧେୟ କରି ଏ କାଳର ଗାଳ୍ପିକମାନେ ବହୁ ଉତ୍କୃଷ୍ଟ କ୍ଷୁଦ୍ରଗଳ୍ପମାନ ରଚନା କରିବାରେ ପାରଦର୍ଶିତ ଅର୍ଜନ କରିପାରିଛନ୍ତି ।

## (ଙ) ୨୦୦୮ ମସିହା କନ୍ଧମାଳ ହିନ୍ଦୁ ଖ୍ରୀଷ୍ଟିୟାନ ସାଂପ୍ରଦାୟିକ ଦଙ୍ଗା:

ଭାରତବର୍ଷ ବହୁ ଧର୍ମ, ଜାତି ଏପରିକି ପ୍ରଥା ପରମ୍ପରା ଭେଦରେ ବହୁଧା ବିଭକ୍ତ । ବିବିଧତା ମଧ୍ୟରେ ଏକତା ହିଁ ହେଉଛି ଭାରତୀୟମାନଙ୍କର ଅନ୍ୟତମ ଈର୍ଷଣୀୟ ବୈଶିଷ୍ଟ୍ୟ ବିଶ୍ୱ ସମୁଦାୟଙ୍କ ସମ୍ମୁଖରେ । ବହୁ ସମୟରେ ଧର୍ମାଚାର, ଧର୍ମୀୟ ଅନୁଷ୍ଠାନ ଆଦି ପାଳନ ଅବସରରେ ଧାର୍ମିକ ବିଦ୍ୱେଷଭାବରୁ ସାଂପ୍ରଦାୟିକ ଦଙ୍ଗାର ସୂତ୍ରପାତ ହୋଇଥାଏ । ଫଳରେ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ନିଜ ନିଜର ଧର୍ମକୁ ଶ୍ରେଷ୍ଠ ବିବେଚନାପୂର୍ବକ ଅପର ଧାର୍ମିକ ସଂଗୋଷ୍ଠୀକୁ ନ୍ୟୁନ ମନେ କରିବା କିମ୍ବା ଧର୍ମାନ୍ତରୀକରଣ ମାଧ୍ୟମରେ ଅନ୍ୟ ଧର୍ମର ଲୋକଙ୍କୁ ପ୍ରଲୋଭିତ କରାଇ ନିଜ ଧର୍ମରେ ଦୀକ୍ଷିତ କରାଇବା ଦ୍ୱାରା ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇ ହଣାକଟା, ଧର୍ଷଣ ଓ ହତ୍ୟା ଆଦି ନାରକୀୟ କାଣ୍ଡର ସୂତ୍ରପାତ ହୁଏ । ଭାରତ ବର୍ଷରେ ଏହିଭଳି ସାଂପ୍ରଦାୟିକ ଦଙ୍ଗାର ଦୃଷ୍ଟାନ୍ତ ପ୍ରାୟ ପ୍ରତି ରାଜ୍ୟରେ ଦେଖିବାକୁ ମିଳେ । ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ନୁହେଁ । ୨୦୦୮ ମସିହା ଅଗଷ୍ଟ ମାସର ହିନ୍ଦୁ ଖ୍ରୀଷ୍ଟିୟାନ ଦଙ୍ଗା ଏହାର ପ୍ରକୃଷ୍ଟ ପ୍ରମାଣ । ଏହି ଦଙ୍ଗାର ଭୟାବହତା ଥିଲା ଅଭୂତ ଓ କଳ୍ପନାତୀତ । ପାଞ୍ଚଶହରୁ ଊର୍ଦ୍ଧ୍ୱ ଲୋକ

ମୃତାହତ ହେବା ସହ ଅଠର ହଜାର ଲୋକ ଆହତ ମଧ୍ୟ ହୋଇଥିଲେ । ବହୁ ବାସଗୃହକୁ ଦଙ୍ଗାକାରୀମାନେ ପୋଡ଼ାଜଳା କରିବା ସହ ଅନେକଙ୍କ ଘରୁ ବହୁ ଆସବାବପତ୍ର ଲୁଣ୍ଠନ ମଧ୍ୟ ହୋଇଥିଲା । ଚାରିଶହରୁ ଊର୍ଦ୍ଧ୍ୱ ଗୀର୍ଜାଗୃହଗୁଡ଼ିକୁ ଦଙ୍ଗାକାରୀମାନେ ଭାଙ୍ଗିବା ସହ ପୋଡ଼ି ମଧ୍ୟ ଦେଇଥିଲେ । ନନ୍‌ଙ୍କ ସମେତ ଚାଳିଶିରୁ ଊର୍ଦ୍ଧ୍ୱ ମହିଳା ଯୌନ ଶୋଷଣର ଶିକାର ହେବା ଥିଲା ଅତ୍ୟନ୍ତ ବର୍ବରୋଚିତ ଓ ଅମାନବୀୟ ଘଟଣା । ବହୁ ଲୋକ ଦଙ୍ଗା ସକାଶୁ ବିସ୍ଥାପିତ ମଧ୍ୟ ହୋଇଥିଲେ, ଯାହାର ସଂଖ୍ୟା ଆନୁମାନିକ ଅଶୀ ହଜାରରୁ ଊର୍ଦ୍ଧ୍ୱ ଅଟେ । ଅନ୍ୟପଟେ ଦଙ୍ଗାକାରୀଙ୍କ ଆକ୍ରମଣରୁ ବର୍ତ୍ତିବା ପାଇଁ ବାସଗୃହଚ୍ୟୁତ ଜନତା ମାସ ମାସ ଧରି ଘଞ୍ଚ ଜଙ୍ଗଲରେ ଆତ୍ମଗୋପନ କରିଥିଲେ । ଏହି ଲୋମହର୍ଷଣକାରୀ ଦଙ୍ଗାର ମୂଳରେ ଥିଲା ଧର୍ମାନ୍ତରୀକରଣ, କନ୍ଧମାଳରେ ଦୁଇ ସଂପ୍ରଦାୟ ମଧ୍ୟରେ ଥିବା ଦୀର୍ଘଦିନର ଜାତିଗତ ବିଦ୍ୱେଷଭାବ ସର୍ବୋପରି କନ୍ଧମାଳ ଚକାପାଦ ଆଶ୍ରମର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଦୁର୍ବୃତ୍ତମାନେ ହତ୍ୟା ଆଦି ଘଟଣା । ଏହି ଦଙ୍ଗାର ପ୍ରଭାବ ସମଗ୍ର ଓଡ଼ିଶା ସମେତ ଭାରତବର୍ଷରେ ମଧ୍ୟମ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଅନେକ ମୃତାହତ, ବାସଗୃହଚ୍ୟୁତ ଓ ଆଘାତପ୍ରାପ୍ତ ତଥା ଶୋକସନ୍ତପ୍ତ ହେବା ଆଦି ଘଟଣା ମାନବୀୟ ମୂଲ୍ୟବୋଧ ତଥା ଦେଶର ଏକତା ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଥିଲା । ଏହି ସ୍ପର୍ଶକାତର ଘଟଣା ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ରାଜନୀତିକ ବ୍ୟବସ୍ଥାରେ ମଧ୍ୟ ପ୍ରଭାବ ପକାଇଥିଲା । ତେବେ ଏହାର ପ୍ରଭାବ ମୂଳ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ହେବା ଏକ ସ୍ୱାଭାବିକ ବିଷୟ । ମୁଖ୍ୟତଃ ୨୦୦୮ ମସିହା କନ୍ଧମାଳ ସାଂପ୍ରଦାୟିକ ଦଙ୍ଗାକୁ ଭିତ୍ତିକରି ଓଡ଼ିଆ ସାହିତ୍ୟରେ ବହୁ ଗଳ୍ପ, କବିତା, ପ୍ରବନ୍ଧ ଆଦି ରଚିତ ହୋଇଛି । ବିଶେଷଭାବରେ ଉପର୍ଯ୍ୟୁକ୍ତ ଦଙ୍ଗାକୁ ପୃଷ୍ଠଭୂମି ରୂପେ ଗ୍ରହଣ କରି ଏକବିଂଶ ଶତାବ୍ଦୀରେ ଗାଳ୍ପିକମାନେ କେତେକ ଗଳ୍ପ ରଚନା କରିଛନ୍ତି ଯହିଁରେ ମାନବାତ୍ମାର ବ୍ୟଥା, ମାନବିକ ମୂଲ୍ୟବୋଧର ଅବମର୍ଶନର ଚିତ୍ର ସ୍ପଷ୍ଟ ଓ ଜୀବନ୍ତ ।

## (ଚ) ଜଗତୀକରଣ, ଦ୍ରୁତ ଶିଳ୍ପାୟନ, ସହରୀକରଣ ଓ ବିସ୍ଥାପନ:

ଜଗତୀକରଣ ହେଉଛି ରାଷ୍ଟ୍ର ସହିତ ରାଷ୍ଟ୍ରକୁ ଯୋଡ଼ିବାର ଏକ ଉଦାର ପ୍ରକ୍ରିୟା । ଏହା ମୁଖ୍ୟତଃ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ସ୍ୱଚ୍ଛଳତା ଓ ବିନିମୟ ସହ ବିଶ୍ୱର ଏକୀକରଣ ପ୍ରକ୍ରିୟାକୁ ବୁଝାଇଥାଏ । ତେବେ ଏହି ଜଗତୀକରଣର ଉଭୟ ସୁପ୍ରଭାବ ଓ କୁପ୍ରଭାବ ମାନବ ସମାଜ ଉପରେ ଲକ୍ଷିତ ହେବା ସ୍ୱାଭାବିକ ବିଷୟ । ଏହିଦୃଷ୍ଟିରୁ ଏକବିଂଶ ଶତାବ୍ଦୀରେ ରଚିତ ବହୁ ଗାଳ୍ପିକଙ୍କ ରଚନାରେ ଜଗତୀକରଣର ପ୍ରସଙ୍ଗ ବର୍ଣ୍ଣିତ ହେବା କିଛି ବିଚିତ୍ର ମଧ୍ୟ ନୁହେଁ କାରଣ ଏକବିଂଶ ଶତାବ୍ଦୀ ହେଉଛି ପ୍ରଯୁକ୍ତିବିଦ୍ୟାର ଯୁଗ । ପୁନଶ୍ଚ ଜଗତୀକରଣର ଅନ୍ୟ ଏକ ପ୍ରଧାନ ଦିଗ ହେଉଛି ଶିଳ୍ପାୟନ । ଅର୍ଥାତ୍ କଳକାରଖାନାମାନ ସ୍ଥାପନ କରି ଦେଶକୁ ଶିଳ୍ପ ସମୃଦ୍ଧ କରିବାର ପ୍ରକ୍ରିୟା ହେଉଛି ଶିଳ୍ପାୟନ । ଶିଳ୍ପାୟନ ଦ୍ୱାରା ଦେଶର ସମୃଦ୍ଧି ସାଧିତ ହେବା ସହ ଲୋକମାନେ ରୋଜଗାର କ୍ଷମ ହୋଇଥାଆନ୍ତି । ଅପରପକ୍ଷରେ ଶିଳ୍ପ ସଭ୍ୟତାର ଆନୟନ ଫଳରେ ପରିବେଶ ପ୍ରଦୂଷଣ, ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକଙ୍କ ଦୁର୍ଦ୍ଦଶା ଓ ଶୋଚନୀୟ ଅବସ୍ଥା ପୁନଶ୍ଚ ଶିଳ୍ପର ବିକାଶ ନିମନ୍ତେ ଜଙ୍ଗଲ ଜମି ଅଧିଗ୍ରହଣ, ଚାଷଭୂମି ଓ ବାସଭୂମିରୁ ଜନତାଙ୍କୁ ଉଚ୍ଛେଦ ଆଦି କାରଣରୁ ମଧ୍ୟ ବିସ୍ଥାପନ ଭଳି ସମସ୍ୟା ଦେଖାଦିଏ । ସର୍ବୋପରି ଜଗତୀକରଣ ଫଳରେ ଗ୍ରାମୀଣ ପରିବେଶ ମୂଳକୁ ସହରୀ ସଭ୍ୟତାର ଅନୁପ୍ରବେଶ ଓ ସହର ପରିସରର ସଂପ୍ରସାରଣ ଏବଂ ସହରରେ ଦେଶୀ ବିଦେଶୀ ଦ୍ରବ୍ୟର ଗୋଟିଏ ସ୍ଥାନରେ ଉପଲବ୍ଧ ହେବା ଆଦି କେତେକ କାରଣ ମଣିଷ ଜୀବନକୁ ସହଜ, ସକ୍ରିୟ ଓ ସ୍ୱାଭାବିକ କରିଥିବା ବେଳେ ଏହାର ମାତ୍ରାଧିକତା ସାମାଜିକ ଜୀବନରେ ବିଶୃଙ୍ଖଳା, ଯୌଥ ପରିବାରର ବିଘଟନ, ପରିବେଶର ଦ୍ରୁତ ଅବକ୍ଷୟ ଆଦି ବିଲକ୍ଷଣ ପାଇଁ ପ୍ରଧାନତଃ ଦାୟୀ । ଉପର୍ଯ୍ୟୁକ୍ତ ସମସ୍ତ କାରକ ଯଥା- ଜଗତୀକରଣ, ଦ୍ରୁତ ଶିଳ୍ପାୟନ, ସହରୀକରଣ ଓ ବିସ୍ଥାପନ ଆଦି ନୂତନ ଭାବେ ବିଂଶ ଶତାବ୍ଦୀର ଶେଷ ଭାଗକୁ ଓଡ଼ିଶାର ପାଣିପାଗରେ ପରିଲକ୍ଷିତ ଓ ପରିବର୍ଦ୍ଧିତ ହୋଇଥିଲା । ଯାହାର ପ୍ରତ୍ୟକ୍ଷ ପ୍ରଭାବକୁ ଗାଳ୍ପିକଗଣ ଅତି ମାର୍ଜିତ ଓ କଳାତ୍ମକ ଭାବରେ ଓଡ଼ିଆ ଗଳ୍ପ ସାହିତ୍ୟରେ ପରୀକ୍ଷାନିରୀକ୍ଷାପୂର୍ବକ ପ୍ରୟୋଗ କରାଇ ଏକବିଂଶ ଶତାବ୍ଦୀର କ୍ଷୁଦ୍ରଗଳ୍ପକୁ ମହିମାମଣ୍ଡିତ କରିବା ସହ କ୍ଷୁଦ୍ରଗଳ୍ପର ଶ୍ରୀବୃଦ୍ଧି ସାଧନରେ ସହାୟକ ହୋଇପାରିଥିଲେ । ମୋଟଉପରେ ଓଡ଼ିଆ କ୍ଷୁଦ୍ରଗଳ୍ପ ସମୟର ଆହ୍ୱାନ ଓ ପ୍ରାଣ ସ୍ପନ୍ଦନକୁ ପାଥେୟ କରି ସଦର୍ପେ ଅଗ୍ରସର ।

## (ଛ) ମାଓବାଦୀଙ୍କ ଯୋଜନାବଦ୍ଧ ହିଂସାକାଣ୍ଡ:

ସଂପ୍ରତି ଭାରତବର୍ଷର ଏକାଧିକ ରାଜ୍ୟରେ ମାଓ ସମସ୍ୟା ଏକ ଉତ୍କଟ ସମସ୍ୟା ରୂପେ ଦେଖାଦେଇଛି । ମାଓବାଦୀଙ୍କ ଯୋଜନାବଦ୍ଧ ହିଂସାକାଣ୍ଡ, ଅରାଜକତା, ସରକାରୀ ପଦସ୍ଥ କର୍ମଚାରୀଙ୍କୁ ଅପହରଣ ଓ ହତ୍ୟା ଆଦି ମର୍ମନ୍ତୁଦ ଘଟଣା ସରକାରଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛି । ବିଶେଷତଃ ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର ଓ ଓଡ଼ିଶା ଆଦି କେତେକ ରାଜ୍ୟରେ ମାଓବାଦୀମାନଙ୍କର ହିଂସାତ୍ମକ କାର୍ଯ୍ୟକଳାପର ଚିତ୍ର ଯଥେଷ୍ଟ ଅଧିକ । ଓଡ଼ିଶାର ସୀମାନ୍ତ ଜିଲ୍ଲା ଯଥା- ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ଓ ରାୟଗଡ଼ାରେ ଏମାନଙ୍କର ଦ୍ୱାରା ସଂଗଠିତ ଯୋଜନାବଦ୍ଧ ହିଂସାକାଣ୍ଡ ଦ୍ୱାରା ବହୁ ସାଧାରଣ ନିରୀହ ଜନତା ତଥା ସରକାରୀ କର୍ମଚାରୀ ଓ ସିପାହୀ ମୃତାହତ ହେଉଥିଲେ ହେଁ ଏଯାବତ୍ ଏହି ସମସ୍ୟାର ସମାଧାନ ସମ୍ଭବପର ହୋଇ ପାରିନାହିଁ । ଓଡ଼ିଶାରେ ବିଗତ

ଶତାବ୍ଦୀର ଶେଷଭାଗ ଆଡ଼କୁ ଏହି ସମସ୍ୟା ମୁଣ୍ଡଟେକି ଥିଲେ ହେଁ ଏହାକୁ ଦମନ କରିବାରେ ସରକାରୀ କଳ ବିଫଳ । ବହୁ ସମୟରେ ପୋଲିସ୍ ବାହିନୀ ଓ ମାଓବାଦୀମାନଙ୍କ ମଝିରେ ଗୁଳିବିନିମୟ ହେତୁ ବହୁ ଅମୂଲ୍ୟ ଜୀବନ ଅକାଳରେ ଝରିପଡୁଥିବା ବେଳେ ମାଓବାଦୀଙ୍କ ବିରୁଦ୍ଧରେ ସରକାରୀ କଳ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାନଯିବା ଏକ ଆଶ୍ଚର୍ଯ୍ୟର ବିଷୟ । ଏତଦ୍‌ସହ ପୋଲିସ୍ ଇନ୍‌ଫରମର ସନ୍ଦେହରେ ମାଓବାଦୀଙ୍କ ହତ୍ୟା ଓ ମାଓବାଦୀ ସନ୍ଦେହରେ ସାଧାରଣ ନିରୀହ ଜନତାଙ୍କୁ ପୋଲିସ୍‌ର ଅତ୍ୟାଚାର ଓ ଜୁଲମ ସାଧାରଣ ଜନତାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ଅଧିକନ୍ତୁ ମାଓବାଦୀମାନଙ୍କର ହିଂସାତ୍ମକ କାର୍ଯ୍ୟପନ୍ଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ ସଦୃଶ । ମୁଖ୍ୟତଃ ଓଡ଼ିଶାରେ ମାଓବାଦୀମାନଙ୍କର ହିଂସାକାଣ୍ଡର ତାଲିକା ଯଥେଷ୍ଟ ଅଧିକ । ବିଗତ ୨୦୧୧ ମସହାରେ ମାଲକାନ୍‌ଗିରି ଜିଲ୍ଲାର ଜିଲ୍ଲାପାଳ ଭିନିଲ୍ କ୍ରିଷ୍ଣାଙ୍କୁ ମାଓବାଦୀମାନେ ଅପହରଣ କରିବା ହେଉ କିମ୍ବା ସାମ୍ବାଦିକମାନଙ୍କୁ ଅପହରଣ କରି ମୋଟା ଅଙ୍କର ଅର୍ଥ ଅସୁଲ କରିବା ହେଉ ଏସବୁ ଦେଶ ପ୍ରଗତି ଓ ଅଭ୍ୟାନ୍ତରୀଣ ସୁରକ୍ଷା ପ୍ରତି ଯେ ଆତ୍ମଘାତୀ ଏହାକୁ ଅସ୍ୱୀକର କରିହେବ ନାହିଁ । ଅନେକ ସମୟରେ କଙ୍ଗାରୁ କୋର୍ଟରେ ସାଧାରଣ ଜନତାଙ୍କ ପ୍ରତି ଅମାନୁଷିକ ଅତ୍ୟାଚାରର ଚିତ୍ର ଯେକୌଣସି ବ୍ୟକ୍ତି ଚିତ୍ତକୁ ଦ୍ରବୀଭୂତ କରିବାକୁ ସମର୍ଥ । ବହୁ ସରକାରୀ କର୍ମଚାରୀ ତଥା ସେନା କର୍ମଚାରୀ ଓ ପୋଲିସବାହିନୀଙ୍କ ପ୍ରତି ସେମାନଙ୍କର ଆକ୍ରମଣ ପ୍ରତିନିୟତ ଯେ ଖବର କାଗଜର ପୃଷ୍ଠାମଣ୍ଡନ କରୁଛି ଏଥିରେ ଦ୍ୱିମତ ନାହିଁ । ଅଥଚ ଏହାର ସମାଧାନ ଏ ପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ । ଏଥିନିମନ୍ତେ ସରକାରୀ କଳ ଏକାନ୍ତ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଏହିଭଳି ଅସାମାଜିକ ସମସ୍ୟାକୁ ପୃଷ୍ଠଭୂମିରେ ରଖି ବହୁ ଗାଳ୍ପିକଗଣ ଏକାଳରେ ଗଳ୍ପମାନ ରଚନା କରିଛନ୍ତି । କେତେକ ଗଳ୍ପରେ ସରକାରୀ କଳର ଅପାରଗତାକୁ ଦେଖାଇ ଦିଆଯିବା ସହ ମାଓବାଦୀଙ୍କ ଏତାଦୃଶ ହିଂସାକାଣ୍ଡକୁ ଦୃଢ଼ ହସ୍ତରେ ଗାଳ୍ପିକମାନେ ବିରୋଧ କରିଛନ୍ତି, ଯାହାକି ଏକାଳର ଗଳ୍ପରେ ସ୍ପଷ୍ଟ ରୂପେ ପ୍ରତିଫଳିତ ।

**(ଜ) ନାରୀ ସଶକ୍ତୀକରଣ:**

ଭାରତବର୍ଷରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଉଭୟେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନାରୀ ବିକାଶକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କାରଣ ନାରୀର ବିକାଶ ହେଲେ ଗୋଟିଏ ଦେଶର ସାମଗ୍ରିକ ଉନ୍ନତି ସଂସାଧିତ ହୋଇଥାଏ । ଏହି ମର୍ମରେ ଆଫ୍ରିକାର ବହୁ ପ୍ରଚଳିତ ଏକ ଲୋକୋକ୍ତିର ପ୍ରାସଙ୍ଗିକତା ଏଠାରେ ଉଲ୍ଲେଖଯୋଗ୍ୟ, ଯଥା– "If you educate a man, you educate an individual. But if you educate a women, you educate a nation. ବାସ୍ତବରେ ନାରୀ ଶିକ୍ଷିତ ହେଲେ ଦେଶର ପ୍ରଗତି ସମ୍ଭବ ହୋଇଥାଏ । ଭାରତରେ ୧୯୫୦ ମସିହା ପରବର୍ତ୍ତୀକାଳରେ ନାରୀ ବିକାଶକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ୧୯୯୦ ମସିହାଠାରୁ ଏହି ଆଭିମୁଖ୍ୟ ନାରୀ ସଶକ୍ତୀକରଣ ଅଡ଼କୁ ଗତି କରିଛି । ସମାଜରେ ନାରୀକୁ ସଶକ୍ତ କରିବା ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରୀ ରହିଛି ତଥାପି ପୁରୁଷପ୍ରଧାନ ସମାଜରେ ସଦାସର୍ବଦା ନାରୀର ସ୍ଥିତିରେ ସେତେଟା ଉନ୍ନତି ଏଯାବତ୍ ପରିଲକ୍ଷିତ ହୋଇ ପାରିନାହିଁ ।

୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ଶତକଡ଼ା ୩୧.୨୧ ଶିକ୍ଷିତ ମହିଳା କାର୍ଯ୍ୟ କରୁଛନ୍ତି । ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରେ ଓଡ଼ିଶାରେ ମହିଳାମାନଙ୍କ ବିକାଶ ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ କରାଯାଉଥିଲା ତାହା ଜନହିତକର ଓ ଜନମଙ୍ଗଳକାରୀ ଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ ମହିଳାମାନେ 'ମହିଳା ମଣ୍ଡଳ' ଗଠନ କରି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ, ପୁଷ୍ଟୀକରଣ ଓ ଜନ ହିତକର ପଦେକ୍ଷେପମାନ ଗ୍ରହଣ କରିଥିଲେ । ତୃତୀୟ ପଞ୍ଚବାର୍ଷିକ ଓ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳରେ ମହିଳାମାନଙ୍କ ଶିକ୍ଷା, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଅଧିକ ଖାଦ୍ୟ ଯୋଗାଇ ଦିଆଯାଇଥିଲା । ପଞ୍ଚମ ପଞ୍ଚବାର୍ଷିକ ଯୋଜନା ସମୟରେ ଦାରିଦ୍ର୍ୟ ଦୂରୀକରଣ ଓ ସ୍ୱରୋଜଗାରକ୍ଷମ ହେବା ନିମନ୍ତେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ମହିଳାମାନଙ୍କ ପ୍ରତି ହେଉଥିବା ଅବିଚାର ଓ ଅସମାନତା ବିରୋଧରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଅନେକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା । ଅତୀତରେ ଏହି ଯୋଜନା କାଳରେ ସରକାରଙ୍କ ପକ୍ଷରୁ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା । ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ସମାଜରେ ମହିଳାମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ସମୟରେ ସରକାରଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଥିଲା । ତାହା ବିକାଶକୁ ସଶକ୍ତୀକରଣରେ ପରିଣତ କରିବାରେ ପ୍ରକୃଷ୍ଟ ସହାୟକ ହୋଇଥିଲା । ଏସବୁର ମୂଳ ଉଦ୍ଦେଶ୍ୟ ଥିଲା ସମାଜରେ ନାରୀକୁ ମୁଖ୍ୟ ସ୍ରୋତକୁ ଆଣି ସଶକ୍ତ କରାଇବା ।

ମହିଳାମାନଙ୍କୁ ସଶକ୍ତୀକରଣ ଲକ୍ଷ୍ୟରେ ସାମ୍ବିଧାନିକ ପରିବର୍ତ୍ତନ କରାଯାଇ ସ୍ଥାନୀୟ ଓ ସ୍ୱାୟ ଶାସନ ନିର୍ବାଚନ କ୍ଷେତ୍ରରେ ଶତକଡ଼ା ୩୦ ଭାଗ ସ୍ଥାନ ଏହି ଶତାବ୍ଦୀରେ ସଂରକ୍ଷଣ କରାଯାଇଥିଲା । ଏହା ଫଳରେ ମହିଳାମାନେ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପଦପଦବୀ ଅଳଙ୍କୃତ କରିପାରିଛନ୍ତି । ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ନିମନ୍ତେ କେନ୍ଦ୍ରରେ ଜାତୀୟ ମହିଳା କମିଶନ ଓ ରାଜ୍ୟସ୍ତରରେ ମହିଳା

କମିଶନ କରାଯାଇ ମହିଳାବର୍ଗଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାରର ଦୂରୀକରଣ ପାଇଁ ସକାରାତ୍ମକ ପଦକ୍ଷେପ ନିଆଯିବାର ଚେଷ୍ଟା କରାଯାଇଛି । ଗ୍ରାମାଞ୍ଚଳରେ ପଞ୍ଚାୟତସ୍ତରରେ ମହିଳାମାନଙ୍କୁ ସଚେତନ କରିବା ନିମନ୍ତେ ମହିଳା ସମୃଦ୍ଧି ଯୋଜନା କାର୍ଯ୍ୟକାରୀ କରାଯାଇଛି । ନବମ ପଞ୍ଚବାର୍ଷିକ ଯୋଜନା କାଳରେ ମହିଳାମାନଙ୍କ ବିକାଶ ପାଇଁ ମହିଳାମାନେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

କର୍ମକ୍ଷେତ୍ରରେ ପରିବେଶର ଉନ୍ନତି ତଥା କର୍ମନିଯୋଜନ ସମୟରେ ମହିଳାମାନଙ୍କୁ ସମାନ ସୁଯୋଗ ଦିଆଯିବା ଲକ୍ଷ୍ୟରେ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇଛି । ମହିଳା ସାକ୍ଷରତା ହାର ବୃଦ୍ଧି ସହିତ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଗୁରୁତ୍ୱ ଆରୋପ କରାଯାଇଛି ।

ମହିଳା ସଶକ୍ତୀକରଣ ନିମନ୍ତେ ଓଡ଼ିଶାରେ ଆରମ୍ଭ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସୁଦୃଢ଼ୀକରଣ ଏବଂ ଗୋଷ୍ଠୀ ଗଠନକୁ ଉତ୍ସାହିତ କରିବା ପାଇଁ ୨୦୦୧ 'ଆନ୍ତର୍ଜାତୀୟ ମହିଳା ଦିବସ' ଅବସରରେ 'ମିଶନ ଶକ୍ତି' ନାମକ ଏକ ସ୍ୱୟଂ ସହାୟକ ଯୋଜନା ଆରମ୍ଭ କରାଯାଇଥିଲା । ଏତଦ୍‌ବ୍ୟତୀତ ଏଯାବତ୍ ରାଜ୍ୟର ସମସ୍ତ ଜିଲ୍ଲାରେ ୫,୨୯,୮୭୫ ଗୋଟି ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏହି ମିଶନ ଶକ୍ତି ମାଧ୍ୟମରେ ଲକ୍ଷ ଲକ୍ଷ ନାରୀ ରୋଜଗାର କ୍ଷମ ହେବା ସହ ଆର୍ଥିକ ଦୃଷ୍ଟିରୁ ସଶକ୍ତ ମଧ୍ୟ ହୋଇପାରିଛନ୍ତି ଓ ନାରୀ ପୂର୍ବାପେକ୍ଷା ନିଜର ଅଧିକାର ସଂପର୍କରେ ଅଧିକ ସଚେତନ ଓ ଅବଗତ ହୋଇପାରିଛି କହିଲେ ଯଥାର୍ଥ ହେବ । ତେବେ ନାରୀ ସଶକ୍ତୀକରଣ ଆଭିମୁଖ୍ୟକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଚଳିତ ଶତକରେ ବହୁ ଗାଳ୍ପିକ ଗଳ୍ପ ମଧ୍ୟ ରଚନା କରିଥିବା ଦେଖିବାକୁ ମିଳେ ।

### (୯) କରୋନା ମହାମାରୀର ପ୍ରାଦୁର୍ଭାବ:

ଏକବିଂଶ ଶତାବ୍ଦୀର ଅବିସ୍ମରଣୀୟ ଘଟଣା ମଧ୍ୟରେ କରୋନା ମହାମାରୀର ଥିଲା ଅନ୍ୟତମ । ସମଗ୍ର ବିଶ୍ୱ ଏହି ମହାମାରୀର ସଂହାରଲୀଳରେ ସଂତ୍ରସ୍ତ ହୋଇପଡ଼ିଥିବା ବେଳେ ଅଂସଖ୍ୟ ଲୋକ ଏହାର ପ୍ରକୋପରେ ମଧ୍ୟ ମୃତ୍ୟୁବରଣ କରିଥିଲେ । ଏହି ମହାମାରୀର ପ୍ରଭାବରେ ପୃଥିବୀଟା ଏକ ଜନଶୂନ୍ୟ ବାସସ୍ଥଳୀ ଭଳି ପ୍ରତୀୟମାନ ହୋଇଥିଲା । ସବୁଠାରେ ସନ୍ଦେହ, ଅବିଶ୍ୱାସ ଓ ଭୟର ବାତାବରଣ ସ୍ୱାଭାବିକ ଜୀବନକୁ ସ୍ତବ୍ଧ କରିଦେଇଥିଲା । ଏକ ଅଦୃଶ୍ୟ ଭୂତାଣୁ ପାଖରେ ଜ୍ଞାନ ବିଜ୍ଞାନସମ୍ପନ୍ନ ତଥା ଚିକିତ୍ସା ବିଜ୍ଞାନରେ ଅଭୂତପୂର୍ବ ସଫଳତା ଲାଭ କରିଥିବା ମଣିଷ ଏକାନ୍ତ ଅସହାୟ ହୋଇପଡ଼ିଲା । ଏହାର ସଂହାରଲୀଳା ଓ ସଂକ୍ରମଣର ତୀବ୍ରତା ଏତେ ବ୍ୟାପକ ଓ ଉଦ୍‌ବେଗଜନକ ଥିଲା ଯେ, ଜଣେ ସଂକ୍ରମିତ ବ୍ୟକ୍ତି ପଖରୁ ୧୦ ଗୁଣା ଅଧିକ ସୁସ୍ଥ ବ୍ୟକ୍ତି ସଂକ୍ରମିତ ହେଉଥିଲେ । ପ୍ରାରମ୍ଭରେ ଏହି ମହାମାରୀର କୌଣସି ପ୍ରତିଶେଧକ ଟୀକା ନଥିବାରୁ ଅଗଣିତ ଲୋକ ମୃତ୍ୟୁମୁଖର ସମ୍ମୁଖୀନ ମ୍ନ ହେଲେ । ଏହାରି ପ୍ରଭାବରେ ସମଗ୍ର ବିଶ୍ୱରେ ବିଭିନ୍ନ କଟକଣା ଯଥା- କର୍ଫ୍ୟୁ, ଲକ୍‌ଡାଉନ୍, ସଟ୍‌ଡାଉନ୍ ଓ ସାମାଜିକ ଦୂରତା ରକ୍ଷା ଆଦି ନିୟମକାନୁନ୍ ଲାଗୁ କରାଯାଇ ଏହାର ଦମନ ନିମନ୍ତେ ପ୍ରଚେଷ୍ଟା କରାଗଲା । ଏତଦ୍‌ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, କଳକାରଖାନା, ଖଣି ଖାଦନ ତଥା ପାର୍କ, ପୁଷ୍କରଣୀ ଓ ଶିକ୍ଷାନୁଷ୍ଠାନ ଆଦିକୁ ଅନିର୍ଦ୍ଧିଷ୍ଟ କାଳ ନିମନ୍ତେ ବନ୍ଦ କରିଦିଆଯିବା ଫଳରେ କୋଟି କୋଟି କର୍ମଚାରୀ ଓ ଶ୍ରମିକଗୋଷ୍ଠୀ ଜୀବନ ରକ୍ଷା ନିମନ୍ତେ ଭିଟାମାଟିକୁ ଫେରିବାକୁ ବାଧ ହେଲେ ଓ ଅନେକ ମଧ୍ୟ ନିଜର ଜୀବିକା ହରାଇଲେ । ମାସ ମାସ ଧରି ସାମାଜିକ ଜୀବନର ପରିସରରୁ ବଂଚିତ ମଣିଷ ମାନସିକ ସ୍ତରରେ ଦୁର୍ବଳ ହେବା ସହ ନିଜର ସ୍ଥିତି ସଂପର୍କରେ ସନ୍ଦିହାନ ହୋଇପଡ଼ିଲା । ପାରିବାରିକ କଳହ, ମାନସିକ ଦ୍ୱନ୍ଦ୍ୱ, ଭୟ, ଅବିଶ୍ୱାସ ଏକାବେଳକେ ମଣିଷର ସ୍ୱାଭାବିକ ଜୀବନକୁ ମଧ୍ୟ ଦୁର୍ବିସହ କରିଦେଇଥିଲା । ତେବେ ଏହି ଭଳି ଏକ ଅଭାବିତ କାଳର ମାର୍ମିକ ଦୃଶ୍ୟ ଓ ବିଶ୍ୱ ସମ୍ମୁଖୀନ ହୋଇଥିବା ଅପୂର୍ବ କରୋନା ମହାମାରୀର ପ୍ରାଦୁର୍ଭାବକୁ ପୃଷ୍ଠଭୂମି କରି ଚଳିତ ଶତକରେ ବହୁ ଗଳ୍ପ ରଚିତ ହୋଇଛି ଯହିଁରେ କରୋନା ମହାମାରୀର ଭୟାବହତାକୁ ପ୍ରତ୍ୟକ୍ଷ କରିହୁଏ ।

ଏତଦ୍‌ସହ ସ୍ୱାଧୀନତା ପରବର୍ତ୍ତୀ କାଳରେ ଗାନ୍ଧୀ ଆଦର୍ଶର ଅବମର୍ଶନ ଫଳରେ ସମାଜ ଜୀବନରେ ପରିଲକ୍ଷିତ ଅନାଚାରକୁ ବିରୋଧ କରି ଗାନ୍ଧୀ ଦର୍ଶନର ପୁନଃ ସନ୍ଦର୍ଶନର ଆବଶ୍ୟକତା ଯେ ଅପରିହାର୍ଯ୍ୟ ଏହାକୁ ସମାଜ ଉପଲବ୍ଧି କରିବାକୁ ଲାଗିଲା । ପରିଣାମସ୍ୱରୂପ ଏକବିଂଶ ଶତାବ୍ଦୀରେ ଗାନ୍ଧିଜୀ ଓ ଗାନ୍ଧୀବାଦକୁ ଆଧାର କରି ଉଭୟେ ସମାଜ ଓ ବ୍ୟକ୍ତିଚିତ୍ତକୁ ସଜାଡ଼ିବାର ସଦିଚ୍ଛାରୁ ଚଳିତ ଶତକରେ ବହୁ ଗାଳ୍ପିକ ଗଳ୍ପ ରଚନାରେ ମନୋନିବେଶ କଲେ । ପୁନଶ୍ଚ ପ୍ରକୃତିକୁ ଯଥେଚ୍ଛା ଲୁଣ୍ଠନ, ଶିଳ୍ପାୟନ ଓ ସହରୀକରଣ ଆଦି ଫଳରେ ପ୍ରାକୃତିକ ପରିବେଶର ଦ୍ରୁତ ଅବକ୍ଷୟ ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଏକବିଂଶ ଶତାବ୍ଦୀରେ ଦେଖାଦେଇଛି । କଳକାରଖାନା ସ୍ଥାପନ ହେତୁ ପରିବେଶ ପ୍ରଦୁଷିତ ହେବାରୁ ବନ୍ୟଜନ୍ତୁଙ୍କ ପ୍ରାକୃତିକ ବାସସ୍ଥଳୀ ଓ ସବୁଜ ବନାନୀ ନଷ୍ଟ ହେବା ସହ ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଖିବାକୁ ମିଳୁଛି । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରକୃତି ପ୍ରତି ସଦୟ ଭାବ ପୋଷଣପୂର୍ବକ ପରିବେଶର ସୁରକ୍ଷା ତଥା 'ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ' ନିମନ୍ତେ ଚଳିତ ଶତକରେ ବହୁ ଗାଳ୍ପିକ ଉଭୟେ ପରିବେଶ ଅବକ୍ଷୟ ଓ ସୁରକ୍ଷା ପ୍ରସଙ୍ଗକୁ ପୃଷ୍ଠଭୂମି ରୂପେ ଗ୍ରହଣ କରି ବହୁ ଗଳ୍ପମାନ ରଚନା କରିବାରେ ଆଗ୍ରହୀ ହେବା ଏକ ସ୍ୱାଭାବିକ ବିଷୟ ।

ତେବେ ଏହିଭଳି ବହୁ ଘଟଣା ରହିଛି, ଯାହାକି ପ୍ରତ୍ୟକ୍ଷ ହେଉ ଅବା ପରୋକ୍ଷ ଭାବରେ ହେଉ ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶଧାରାକୁ ତ୍ୱରାନ୍ୱିତ କରିବାରେ ଯେ ଯଥେଷ୍ଟ ସହାୟକ ହୋଇଛି, ଏହାକୁ ଅସ୍ୱୀକାର କରାଯାଇ ନପାରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଏକବିଂଶ ଶତାବ୍ଦୀର ଉପର୍ଯ୍ୟୁକ୍ତ ସମସ୍ତ ଘଟଣା ଗଭୀର ଭାବରେ ଓଡ଼ିଶାର ସମାଜିକ, ସାଂସ୍କୃତିକ, ରାଜନୀତିକ ତଥା ଆର୍ଥିକ ଅବସ୍ଥାକୁ ବହୁ ଭାବରେ ପ୍ରଭାବିତ କରିଛି । ଫଳତଃ ଏହି ସମସ୍ତ ଘଟଣାର ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବ ଏକାଳରେ ଗାଳ୍ପିକାମାନଙ୍କୁ ଉତ୍କୃଷ୍ଟ ଗଳ୍ପ ରଚନା ନିମନ୍ତେ ଯେ ଯଥେଷ୍ଟ ପ୍ରେରଣା ଯୋଗାଇଛି, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

**ସହାୟକ ଗ୍ରନ୍ଥସୂଚୀ:**


୧. ଅଯୁକ୍ତିକର କ୍ଷତିପୂରଣ (କନ୍ଧମାଳ ଖ୍ରୀଷ୍ଟିୟାନ ବିରୋଧି ହିଂସାର କ୍ଷତିଗ୍ରସ୍ତ ଘରୋଇ ସମ୍ପତ୍ତିର ଆକଳନ) । ସେଣ୍ଟର ଫର୍ ଦି ସଷ୍ଟେନେବଲ୍ ୟୁଜ୍ ଅଫ୍ ନାଚୁରାଲ୍ ଆଣ୍ଡ୍ ସୋସିଆଲ୍ ରିସୋର୍ସୋସ୍, ଭିଆଇଏମ୍/୩୯୫, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧ ।

୨. ତ୍ରିପାଠୀ, ବଟକୃଷ୍ଣ । ସ୍ମୃତିରେ ମହାବାତ୍ୟା । ବୁକ୍ସ ହବ୍, ବରମୁଣ୍ଡା, ଭୁବନେଶ୍ୱର, ଦ୍ୱିତୀୟ ପ୍ରକାଶନ, ୨୦୧୮ ।

୩. ତ୍ରିପାଠୀ, ସୂର୍ଯ୍ୟମଣି । ଲାଲ୍ ଆତଙ୍କ ଓ ଅନ୍ୟାନ୍ୟ ପ୍ରବନ୍ଧ । ଲର୍କ ବୁକ୍ସ, ଏ/୯, ଭୌମ ନଗର, ୟୁନିଟ୍-୪, ଭୁବନେଶ୍ୱର, ୨୦୧୦ ।

୪. ପାଣିଗ୍ରାହୀ, ପବିତ୍ର । ଜଗତୀକରଣ ଓ ଓଡ଼ିଆ ଗଳ୍ପ । ଟଇମ୍‌ପାସ୍, ଭୁବନେଶ୍ୱର, ୨୦୧୩ ।

୫. ସାମଲ, ବୈଷ୍ଣବ ଚରଣ । ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ । ଦ୍ୱିତୀୟ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୨୦୧୫ ।


❖ ❖ ❖

DOI:https://doi.org/10.5281/zenodo.1417219

ମୂଳ ପ୍ରବନ୍ଧ

# ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ

**ସ୍ନିଗ୍ଧା ଶୁଭଦର୍ଶିନୀ**

**ସଂକ୍ଷିପ୍ତ ସାର :**

ଓଡ଼ିଆ ଭାଷା ଏକ ପୁରାତନ ସମୃଦ୍ଧ ଭାଷା । ପୂର୍ବରୁ ଏହା ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ ଆଦି ରୂପରେ ବହୁକାଳ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ପ୍ରାଚୀନ ଭାଷା ହେଲେ ସୁଦ୍ଧା ଏହାକୁ ସଂରକ୍ଷଣ କରି ରଖିବାର କୌଣସି ବ୍ୟବସ୍ଥା ନଥିଲା । ସେଥିପାଇଁ ରାଜା ତଥା, ଆଭିଜାତ୍ୟ ସମ୍ପନ୍ନ ଲୋକମାନେ ଏହାକୁ ପଥର ବା ତାମ୍ର ଫଳକରେ ଖୋଦନ କରି ଦୀର୍ଘ ବର୍ଷ, ପର୍ଯ୍ୟନ୍ତ ସ୍ଥାୟୀ ଭାବେ ରଖିଥିଲେ। ଶିଳାଲେଖ ଓ ଅଭିଲେଖ ପରେ ଚର୍ଯ୍ୟାଗୀତିକାରେ ଓଡ଼ିଆ, ଭାଷାର ଅପଭ୍ରଂସ ରୂପକୁ ଦେଖିବାକୁ ମିଳିଥିଲା । ଏହି ଅପଭ୍ରଂଶରୁ କ୍ରମେ ସମୃଦ୍ଧ ଓଡ଼ିଆ ଭାଷା, ବିକଶିତ । ପ୍ରାଚୀନ ଭାଷାର ଅନ୍ୟ ଏକ ଦିଗ ହେଉଛି ସାରଳା ସାହିତ୍ୟ । ସାରଳା ଦାସ ତାଙ୍କ, ରଚନାରେ ଓଡ଼ିଆ ଭାଷାକୁ ପୂର୍ଣ୍ଣ ରୂପେ ବିକଶିତ କରିବାକୁ ଚେଷ୍ଟା କରିଛନ୍ତି । ସାରଳା ସାହିତ୍ୟରେ, ବ୍ୟବହୃତ ଓଡ଼ିଆ ଭାଷା, ଭାଷାର ପ୍ରାଚୀନତାକୁ ପ୍ରମାଣ କରିବା ସଙ୍ଗେ ସଙ୍ଗେ ପ୍ରାକୃତ ଓ ଅପଭ୍ରଂଶ ଭାଷା ସାହିତ୍ୟ ଓଡ଼ିଆ ଭାଷାର ସମ୍ପର୍କ ସୂଚାଇ ଦେଇଥାଏ ।

**ପ୍ରମୁଖ ଶବ୍ଦ :**

ସାରଳା, ପ୍ରାଚୀନ, ଭାଷା, ସାହିତ୍ୟ, ଓଡ଼ିଆ, ଶତାବ୍ଦୀ, ଶାସନ, ଖୋଦିତ, ଶିଳାଲେଖ, ଅଭିଲେଖ ଇତ୍ୟାଦି ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ।

ଓଡ଼ିଆ ଭାଷା ଏକ ପ୍ରାଚୀନ ଏବଂ ସମୃଦ୍ଧ ଭାଷା । ପ୍ରାଚୀନ କାଳରୁ ଓଡ଼ିଶାରେ ନାନା ଧର୍ମର ବିକାଶ ଘଟିବା ସହିତ ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ ଆଦି ଭାଷା, ସାହିତ୍ୟରେ ବହୁକାଳ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ଦୀର୍ଘଦିନ ପରେ ଓଡ଼ିଆ ଭାଷା ତାହାର ଏକ ନିର୍ଦ୍ଦିଷ୍ଟ ରୂପରେଖରେ ପ୍ରତିଷ୍ଠିତ ହେଲା । ଓଡ଼ିଆ ଭାଷା କେବେ ସ୍ୱତନ୍ତ୍ର ରୂପ ଧାରଣ କଲା ତାହା ନିର୍ଣ୍ଣୟ କରିବା ପାଇଁ କୌଣସି ସମ୍ପୂର୍ଣ୍ଣ ଉପାଦାନ ଉପଲବ୍ଧ ହୋଇନାହିଁ । ଓଡ଼ିଆ ଭାଷାର ପ୍ରାଚୀନ ବିକାଶ ଧାରା ଧାରାବାହିକ ଭାବରେ ପ୍ରାଚୀନ ଅଭିଲେଖ, ଚର୍ଯ୍ୟାଗୀତିକା ଓ ସାରଳା ମହାଭାରତର ଭାଷାରେ ଦେଖିବାକୁ ମିଳେ ।

ପ୍ରାଚୀନ କାଳରେ ଲେଖାକୁ ସାଇତି ରଖିବାର କୌଣସି ସ୍ଥାୟୀ ବ୍ୟବସ୍ଥା ନଥିବାରୁ ରାଜା, ଜମିଦାର ପ୍ରଭୃତି ଧନଶାଳୀ ବ୍ୟକ୍ତିମାନେ ପଥର ବା ତାମ୍ର ଫଳକରେ ଖୋଦନ କରି ସେମାନଙ୍କର ବିବିଧ ଆଦେଶନାମା, ରାଜ୍ୟଶାସନ ପ୍ରଣାଳୀ, ରାଜ୍ୟ ଜୟର ବିବରଣୀ ଆଦିକୁ ସାଇତି ରଖୁଥିଲେ । ପଥରରେ ଖୋଦନ ହୋଇ ଲେଖାଯାଉଥିବା ବିବରଣୀଗୁଡ଼ିକ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହୁଥିଲା । ଏହାକୁ ଶିଳାଲେଖ ବା ତାମ୍ରଲେଖ ବୋଲି କୁହାଯାଉଥିଲା ।

ଗବେଷକମାନଙ୍କ ମତରେ ଏଯାବତ୍ ଅଶୀଗୋଟି ପ୍ରାଚୀନ ଓଡ଼ିଆ ଅଭିଲେଖ ଆବିଷ୍କୃତ ହୋଇଛି । ଓଡ଼ିଶାରେ ଖୋଦିତ ଅଭିଲେଖମାନଙ୍କ ମଧ୍ୟରୁ ଅଶୋକଙ୍କ ନିର୍ଦ୍ଦେଶରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଧଉଳି ଓ ଜଉଗଡ଼ଠାରେ ଖୋଦିତ ଶିଳାଲେଖ ଏବଂ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI:https://doi.org/10.5281/zenodo.14172194<br>Article No - BPPP00240 |

**ଯୋଗାଯୋଗ :**
**ଡଃ. ସ୍ନିଗ୍ଧା ଶୁଭଦର୍ଶିନୀ,** ଅତିଥି ଅଧ୍ୟାପିକା
ରମାଦେବୀ ମହାବିଦ୍ୟାଳୟ, ଭୁବନେଶ୍ୱର
**E-Mail ID:** snigdharakhi4u@gmail.com
**ORCID ID:** https://orcid.org/0009-0007-2154-8533

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧.୮.୨୦୨୪ | ୧୦.୯.୨୦୨୪ | ୫.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଶୁଭଦର୍ଶିନୀ, ସ୍ନିଗ୍ଧା; ୨୦୨୪ । ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ, ପୃଷ୍ଠା :୬୨-୬୬ ।

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ମହାମେଘବାହନ ଖାରବେଳଙ୍କ ନିର୍ଦ୍ଦେଶରେ ଉଦୟଗିରିର ହାତୀଗୁମ୍ଫାଠାରେ ଖୋଦିତ ଶିଳାଲେଖ ପ୍ରାଚୀନତମ । କିନ୍ତୁ ଅଶୋକଙ୍କ ଶିଳାଲେଖର ଭାଷା ପାଲି ଓ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଭାଷା ଅର୍ଦ୍ଧମାଗଧୀ ବା ଉଡ୍ରଜା ପ୍ରାକୃତ । ସେହିପରି ପ୍ରଥମ ଶତାବ୍ଦୀରେ ଗଙ୍ଗବଂଶ ଆରମ୍ଭରୁ ଯେତେଗୁଡ଼ିକ ଶିଳାଲେଖ ବା ତାମ୍ରଲେଖ ସୃଷ୍ଟି ହୋଇଛି ସେ ସବୁର ଭାଷା ସଂସ୍କୃତ ଓ ପ୍ରାକୃତ । ଏହି ପରମ୍ପରାରେ ଖ୍ରୀଷ୍ଟିୟ ସପ୍ତମ ଶତାବ୍ଦୀରେ ଖୋଦିତ ମାଧବ ବର୍ମାଙ୍କର ଖୋର୍ଦ୍ଧା ତାମ୍ର ଶାସନ ନାମ ଉଲ୍ଲେଖଯୋଗ୍ୟ । ଏଥିରେ ଓଡ଼ିଆ ଭାଷାରେ ପ୍ରଚଳିତ 'କୁମ୍ଭାର' ଶବ୍ଦ ରହିଛି । ସେହିପରି ଖ୍ରୀଷ୍ଟିୟ ଦଶମ ଶତାବ୍ଦୀରେ ଖୋଦିତ ଅନନ୍ତଦେବ ବର୍ମାଙ୍କର 'ମଞ୍ଜୁସା ତାମ୍ର ଶାସନ'ରେ 'ଭିତରୁ', 'ପହର' ପ୍ରଭୃତି ଓଡ଼ିଆ ଶବ୍ଦ ଦେଖିବାକୁ ମିଳେ । ଡଃ. ସତ୍ୟନାରାୟଣ ରାଜଗୁରୁଙ୍କ ମତରେ 'ସୋର ନିକଟସ୍ଥ ଗଣ୍ଡିବେଢ଼ା ଗ୍ରାମର ଆବିଷ୍କୃତ ହୋଇଥିବା ଏକ ବୌଦ୍ଧ ପ୍ରତିମାର ପାଦ ଦେଶରେ ଦୁଇଗୋଟି ଧାଡ଼ି ଲିଖିତ ହୋଇଛି । ତାହା ହେଉଛି–

"ଦେବ କହି ଭକତ କରୁଣ,
ଅଛନ୍ତି ହୋ କୁମାର ସେଣ ।"

ଡଃ. ରାଜଗୁରୁ ଏଥିରେ ଥିବା କେତେକ ଓଡ଼ିଆ ଶବ୍ଦକୁ ଉଲ୍ଲେଖ କରି ଏହା ଦଶମ, ଏକାଦଶ ଶତାବ୍ଦୀର ବୋଲି ନିର୍ଣ୍ଣୟ କରି ଏହାକୁ ଓଡ଼ିଆ ଭାଷାର ପ୍ରାଚୀନତମ ଅଭିଲେଖ ବୋଲି ଦର୍ଶାଇଛନ୍ତି ।

ଡଃ. କୁଞ୍ଜବିହାରୀ ତ୍ରିପାଠୀ, ଡଃ. ରାଜଗୁରୁଙ୍କ କଥାକୁ ଖଣ୍ଡନ କରି ୧୦୫୧ ଖ୍ରୀଷ୍ଟାବ୍ଦରେ ଖୋଦିତ ଉରଜାମ୍ ଶିଳାଲେଖକୁ ଓଡ଼ିଆ ଭାଷାର ପ୍ରଥମ ଅଭିଲେଖ ଭାବେ ଗ୍ରହଣ କରିଛନ୍ତି । ଡଃ. ତ୍ରିପାଠୀଙ୍କ ମତ ବହୁ ଦୃଷ୍ଟିରୁ ଗ୍ରହଣୀୟ । କାରଣ ଉରଜାମ୍ ଶିଳାଲେଖରେ ବହୁ ସଂଖ୍ୟକ ଓଡ଼ିଆ ଶବ୍ଦ ବ୍ୟବହୃତ । ଏଠାରେ ତତ୍ସମ ଓ ତଦ୍ଭବ ଶବ୍ଦ ବହୁଳ ବ୍ୟବହୃତ । ଯଥା–ମେଲାଣ, ପଞ୍ଚମୀ, ମାସ, ଶୁକ୍ଳପକ୍ଷ, ସରସ୍ୱତୀ, ଦର୍ପ, ମର୍ଦ୍ଦନ, ପରାକ୍ରମ, ସକାଳ, ଅବଲମ୍ବନ ପ୍ରଭୃତି ଶବ୍ଦ ଏହାର ଉଦାହରଣ । ଏହା ବ୍ୟତୀତ କିଛି ଅପଭ୍ରଂଶ ରୂପ ମଧ୍ୟ ଦେଖିବାକୁ ମିଳେ । ଯଥା– 'ମଣିଷ' ଅର୍ଥରେ 'ମାଣିଚ', 'ଶନି' ଅର୍ଥରେ 'ସଣି', 'ସମ୍ମୁଖେ' ଅର୍ଥରେ 'ସନ୍ମୁଖେ' ଇତ୍ୟାଦି ଖ୍ରୀଷ୍ଟିୟ ଏକାଦଶୀ ଶତାବ୍ଦୀରେ ପଞ୍ଚମ ବଜ୍ରହସ୍ତ ଦେବଙ୍କ ପାରଳାଖେମୁଣ୍ଡି ତମ୍ବାପଟା ସନନ୍ଦ ଏହି ପରମ୍ପରାରେ ସ୍ମରଣୀୟ । ଏହି ତାମ୍ରଫଳକରେ କେତେକ ତଦ୍ଭବ ଶବ୍ଦ ରହିଛି । ଯଥା– 'ତୁଳସୀ'ର ତଦ୍ଭବ ରୂପ 'ତେଳସୀ', 'ନନ୍ଦୋନଦୟ' ସ୍ଥାନରେ 'ନନ୍ଦଣୋଦୟ', 'ଇନ୍ଦ୍ର'ର ଅପଭ୍ରଂଶ ରୂପ 'ଇନ୍ଦ' ଆଦି ଶବ୍ଦ ଏଥିରେ ପରିଲକ୍ଷିତ ।

ତ୍ରୟୋଦଶ ଶତାବ୍ଦୀରେ ଖୋଦିତ ଦ୍ୱିତୀୟ ନରସିଂହ ଦେବଙ୍କ ଭୁବନେଶ୍ୱର ଶିଳାଲେଖ ପ୍ରାଚୀନ ଓଡ଼ିଆ ଅଭିଲେଖମାନଙ୍କ ମଧ୍ୟରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ତେଲୁଗୁ ଓ ଓଡ଼ିଆ ଭାଷାରେ ଖୋଦିତ ଏହା ଏକ ଦ୍ୱିଭାଷିକ ଶିଳାଲେଖ । ବହୁ ଓଡ଼ିଆ ଶବ୍ଦ ଏଥିରେ ବ୍ୟବହୃତ । ବିଜେ, ସାହି, କଉଡ଼ି, ବାରବାଟି, ରବିବାର, ଏକାଦଶ, ଧାନ, ସୁନା, ପାଣି ପ୍ରଭୃତି ଓଡ଼ିଆ ଶବ୍ଦ ଏହି ଶିଳାଲେଖରେ ରହିଛି । ସେହିପରି କରାଇ, କରନ୍ତେ, କଲାକ, ଦେଇ ପ୍ରଭୃତି ଓଡ଼ିଆ କ୍ରିୟାପଦର ବ୍ୟବହାର ଏଥିରେ ଦେଖିବାକୁ ମିଳେ । ୩୪ ଧାଡ଼ି ବିଶିଷ୍ଟ ଏହି ଶିଳାଲେଖର ପ୍ରଥମ ଧାଡ଼ି ହେଉଛି 'ସ୍ୱସ୍ତୀ ଶ୍ରୀ ବୀର ନରନାରସିଂହ ଦେବ' ।

ଓଡ଼ିଶାରେ ଗଙ୍ଗବଂଶର ଶାସନ କାଳରେ ଓଡ଼ିଆ ଭାଷାର ଯାଥାର୍ଥ ଉନ୍ମେଷ ଘଟିଥିଲା । ଓଡ଼ିଆ ଲିପି ଓ ବର୍ଣ୍ଣମାଳାର ବିକାଶ ମଧ୍ୟ ଦେଖିବାକୁ ମିଳିଥିଲା । ଏହି ଗଙ୍ଗବଂଶର ରାଜତ୍ୱକାଳରେ ସମୁଦାୟ ଅଠରଗୋଟି ଶିଳାଲେଖ ଖୋଦିତ ହୋଇଥିବା ଜଣାଯାଏ । ତେବେ ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ତୃତୀୟ ଭାନୁଦେବ ଓ ଚତୁର୍ଥ ଭାନୁଦେବଙ୍କ ଶାସନ କାଳରେ ଯେଉଁ ପାଞ୍ଚଗୋଟି ଶିଳାଲେଖ ଖୋଦିତ ହୋଇଥିବାର ପ୍ରମାଣ ମିଳେ, ତହିଁରେ ଓଡ଼ିଆ ଭାଷାର ଯଥାଯଥ ପରିଚୟ ଲକ୍ଷ୍ୟ କରାଯାଏ । ତୃତୀୟ ଭାନୁଦେବଙ୍କ ସମୟରେ ଖୋଦିତ ବର୍ତ୍ତମାନର ଚିକାକୋଇ ଜିଲ୍ଲାର ଶ୍ରୀ କୋରମୋନ୍‌ଠାରେ ଅବସ୍ଥିତ କୁର୍ମେଶ୍ୱର ମନ୍ଦିର ମଣ୍ଡପର ତୃତୀୟ ସ୍ତମ୍ଭ ତେଲୁଗୁ ଶିଳାଲିପି ବିଶେଷ ସ୍ମରଣୀୟ । ଏହି ଲିପି ତେଲୁଗୁ ମାତ୍ର ଭାଷା ଓଡ଼ିଆ । ଏଥିରେ ଗୋରୁ, ଭାତ, ବରତନ, ଦେଉଳ, କମାଣ, ରଖୁଆଳ ଆଦି ଓଡ଼ିଆ ଶବ୍ଦ ଦେଖିବାକୁ ମିଳେ ।

ଚତୁର୍ଦ୍ଦଶ ଶତାବ୍ଦୀରେ ଖୋଦିତ ଓଡ଼ିଆ ଅଭିଲେଖଗୁଡ଼ିକ ମଧ୍ୟରେ ଓଡ଼ିଆ ଶବ୍ଦର ବାକ୍ୟଗଠନ, ଓଡ଼ିଆ ଭାଷାର ବଳିଷ୍ଠ ଓ ବିକଶିତ ରୂପ ତଥା ଓଡ଼ିଆ ଜାତିସୂଚକ କେତେକ ସଞ୍ଜ୍ଞାର ପରିଚୟ ମିଳିଥାଏ । ମଦୁଳି, ଜେନା, ମହାପାତ୍ର, ଲେଙ୍କା, ପସାଇତ, ପଟ୍ଟନାୟକ ପ୍ରଭୃତି ସଞ୍ଜ୍ଞା ଓ ସଞ୍ଜ୍ଞା ସୂଚକ ଶବ୍ଦ ଏହି ଅଭିଲେଖମାନଙ୍କରେ ସ୍ଥାନ ଲାଭ କରିଛି । ସେହିପରି ତତ୍ସମ ଶବ୍ଦର କେତେକ ଗ୍ରାମ୍ୟ ପ୍ରୟୋଗ ଲକ୍ଷ୍ୟ କରାଯାଏ । ଯଥା– 'ଅଶ୍ୱତ୍ଥ' ଅର୍ଥରେ 'ଅତ୍‌ଥ', 'କର୍କଟ' ଅର୍ଥରେ 'କକଡ଼', 'ଆୟୁଷ' ଅର୍ଥରେ 'ଆସ', 'ସିଦ୍ଧେଶ୍ୱର' ଅର୍ଥରେ 'ସିଧେଶର', 'କୃଷ୍ଣ' ଅର୍ଥରେ 'କିଷଣ' ପ୍ରଭୃତି ।

ଷୋଡ଼ଶ ଶତାବ୍ଦୀ ବେଳକୁ ଓଡ଼ିଆ ଅଭିଲେଖର ବିକଶିତ ରୂପ ପରିଲକ୍ଷିତ ହୁଏ । ଏହି ଅଭିଲେଖଗୁଡ଼ିକର ଭାଷା ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପକୁ ସୂଚିତ କରିଥାଏ । ଏହାସହ କେତେକ ବ୍ୟାକରଣଗତ ବୈଶିଷ୍ଟ୍ୟ ମଧ୍ୟ ଦୃଷ୍ଟିଗୋଚର ହୁଏ । ସେଗୁଡ଼ିକ ହେଲା ଓଡ଼ିଆ ଅଭିଲେଖମାନଙ୍କରେ ୧୨ଗୋଟି ସ୍ୱରବର୍ଣ୍ଣ ଓ ୩୬ ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ବ୍ୟବହୃତ ହୋଇଛି। ଭାଷାତାତ୍ତ୍ୱିକ ବିଶ୍ଳେଷଣ କଲେ ଜଣାଯାଏ ଯେ, ଅଭିଲେଖମାନଙ୍କର ଖୋଦିତ ଶବ୍ଦରେ ସ୍ୱରଭକ୍ତି, ସ୍ୱରସଂକୋଚନ,

ସ୍ୱର ସମୀଭବନ, ମହାପ୍ରାଣ ଓ ଅଳ୍ପପ୍ରାଣ ବର୍ଣ୍ଣ ମଧ୍ୟରେ ପରିବର୍ତ୍ତନ, ଆଘୋଷୀ ଭବନ ଓ ସଘୋଷୀ ଭବନ ଆଦି ବ୍ୟାପାର ସଂଘଟିତ ହୋଇଛି । ଅଭିଲେଖମାନଙ୍କର ଏକ, ଦୁଇ ନବକୋଟି, ପଞ୍ଚାସ, ଚଉଦ, ବାରଶ, ଷାଠିଏ, ଅଶି ପ୍ରଭୃତି ସଂଖ୍ୟାବାଚକ ଶବ୍ଦମାନ, ମାନେ ପ୍ରଭୃତ ବହୁବଚନ ସୂଚକଶବ୍ଦ 'କିଏ', 'କିଏ କିଏ' ପ୍ରଭୃତି ପ୍ରଶ୍ନବାଚକ ଶବ୍ଦ, ମୁଇଁ, ତୁ, ସେ, ଏମାନେ ପ୍ରଭୃତି ବିଭକ୍ତି ସୂଚକ, ସର୍ବନାମମାନଙ୍କ ମୂଳରେ ମାନଙ୍କର, କେ, କୁ, କଇ ପ୍ରଭୃତି ବିଭକ୍ତି ସୂଚକ ଶବ୍ଦ ସ୍ଥାନ ଲାଭ କରିଛି ।

ଏଥିରୁ ଅନୁମାନ କରାଯାଏଯେ, ଓଡ଼ିଆ ଭାଷାର କ୍ରମବିକାଶରେ ଓଡ଼ିଆ ଅଭିଲେଖଗୁଡ଼ିକର ଭୂମିକା ଏକାନ୍ତ ମହତ୍ତ୍ୱପୂର୍ଣ୍ଣ।

### ଚର୍ଯ୍ୟାଗୀତିକା :

ଚର୍ଯ୍ୟାଗୀତିକା କେବଳ ଓଡ଼ିଆ ସାହିତ୍ୟର ନୁହେଁ, ସମଗ୍ର ପୂର୍ବ ଭାରତୀୟ ଭାଷା ସାହିତ୍ୟର ପ୍ରାଚୀନତମ ନିଦର୍ଶନ । ଗବେଷକମାନେ ପ୍ରମାଣ କଲେଯେ, ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ରଚିତ ହୋଇଥିବା ଏହି ଗୀତିକା ସମୂହ କେବଳ ବଙ୍ଗଳା ଭାଷାର ନୁହେଁ, ଓଡ଼ିଆ, ଆସାମୀ ପ୍ରଭୃତି ଅନ୍ୟ ଭାରତୀୟ ଭାଷାର ରଚନା ମଧ୍ୟ ଏଥିରେ ସମ୍ମିଶ୍ରିତ । ଓଡ଼ିଆ ଭାଷାର ବିଶିଷ୍ଟ ଆଲୋଚକ ଡଃ. ଆର୍ତ୍ତବଲ୍ଲଭ ମହାନ୍ତି, ଡଃ. କରୁଣାକର କର, ଡଃ. ବେଣୀମାଧବ ପାଢ଼ୀ, ଡଃ. ଖଗେଶ୍ୱର ମହାପାତ୍ର, ଡଃ. ବୃନ୍ଦାବନ ଚନ୍ଦ୍ର ଅଚାର୍ଯ୍ୟ ପ୍ରମୁଖ ବହୁ ଆଲୋଚକ ଚର୍ଯ୍ୟାଗୀତିକାରେ ଓଡ଼ିଆ ଭାଷାର ପ୍ରାଚୀନ ନିଦ୍ଦର୍ଶନ ଲକ୍ଷ୍ୟ କରିଛନ୍ତି । ଯଥାର୍ଥରେ ଚର୍ଯ୍ୟାଗୀତିକା ଅପଭ୍ରଂଶ ଭାଷାର ଉତ୍କୃଷ୍ଟ ରଚନା । ଏହି ଅପଭ୍ରଂଶରୁ କ୍ରମେ ସମୃଦ୍ଧ ଓଡ଼ିଆ ଭାଷା ବିକଶିତ । ଚର୍ଯ୍ୟାଗୀତିକାର ଭାଷା ଗଣଭାଷା, ଗ୍ରାମ୍ୟଭାଷା । ଡଃ. ବେଣୀମାଧବ ପାଢ଼ୀଙ୍କ ମତରେ "ଚର୍ଯ୍ୟାର ଭାଷା ଉଡ୍ରଜା ପ୍ରାକୃତ" । ସେହିପରି ପ୍ରଫେସର ବୃନ୍ଦାବନ ଆଚାର୍ଯ୍ୟ ଚର୍ଯ୍ୟାଗୀତିକା ଭାଷା ମାଗଧୀ ଅପଭ୍ରଂଶ ବୋଲି ଦର୍ଶାଇ ଏହାକୁ ପ୍ରତ୍ନ ଓଡ଼ିଆ ଭାଷା ଭାବରେ ବିବେଚନା କରିଛନ୍ତି ।

ଚର୍ଯ୍ୟାଗୀତିକାରେ ଓଡ଼ିଆ ବ୍ୟାକରଣର ସର୍ବନାମ, ସମ୍ବନ୍ଧ, ବଚନ, ବିଭକ୍ତି, କ୍ରିୟାଗଠନ, ରୀତି, ଧ୍ୱନି ପରିବର୍ତ୍ତନ ତଥା ବିବିଧ ଛନ୍ଦର ବୈଶିଷ୍ଟ ପରିଲକ୍ଷିତ ହୁଏ । ଯଥା–

#### (କ) ସଂଖ୍ୟାବାଚକ :

ଏକ, ଏକୁ, ଏକେ, ଦୁ, ଦୁଇ, ଦୋ, ବେନି, ଚଉ, ଚାରି, ପାଞ୍ଚ, ଛଅ, ଆଠ, ଦଶ, ବତିଶ, ପ୍ରଭୃତି ଅନେକ ଶବ୍ଦ ଚର୍ଯ୍ୟାଗୀତିକାରେ ବ୍ୟବହୃତ । ଉଦାହରଣ –

"ଏକଶୋ ପଦୁଅଁ ଚଉଷଠୀ ପାଖୁଡ଼ି,
ତହିଁ ଚଢ଼ି ନାଚ ଡୁମ୍ବୀ ବାପୁଡ଼ି ।"

ଏହି କବିତାଂଶରେ 'ଏକଶୋ' ଓ 'ଚଉଷଠୀ' ଦୁଇଟି ସଂଖ୍ୟା ବାଚକ ଶବ୍ଦ ।

#### (ଖ) ସର୍ବନାମର ଦୃଷ୍ଟାନ୍ତ :

ଚର୍ଯ୍ୟାଗୀତିକାରେ ପ୍ରଚୁର ସର୍ବନାମ ପଦ ଦେଖିବାକୁ ମିଳେ । ବିଶେଷତଃ ସର୍ବନାମ ପଦ ଭାବରେ ପ୍ରଥମ ପୁରୁଷରେ ଆମ୍ଭେ, ଆମେ, ହଉଁ, ଶୋଏ । ଦ୍ୱିତୀୟ ପରୁଷରେ ତୁମ୍ଭେ, ତୁ, ତୁଏ, ତୋହର ଏବଂ ତୃତୀୟ ପୁରୁଷରେ ସେ, ତା'ହେଲେ ଆଦି ଶବ୍ଦର ବ୍ୟବହାର ଦୃଷ୍ଟିଗୋଚର ହୁଏ ।

#### (ଗ) ସମ୍ବନ୍ଧ ସୂଚକ ପଦ :

ଯୋ', ଯାହେର, ଆଦି ଶବ୍ଦ ମଧ୍ୟ ଚର୍ଯ୍ୟାରେ ରହିଛି । ଅନେକ ସ୍ଥଳରେ ପ୍ରଶ୍ନବାଚକ ଶବ୍ଦମାନ ମଧ୍ୟ ବ୍ୟବହାର କରାଯାଇଛି ।

#### (ଘ) ସମ୍ବୋଧନ ପଦ :

ଚର୍ଯ୍ୟାଗୀତିକାରେ ସ୍ଥଳ ବିଶେଷର ସମ୍ବୋଧନ ସୂଚକ ପଦମାନ ବ୍ୟବହାର କରାଯାଇଛି । ଯଥା–

"ଆଲୋଡୁମ୍ବୀ ତୋଏ ସମ କରିବ ମୋ... ।"
'ଆଲୋ' ଏଠାରେ ଏକ ସମ୍ବୋଧନ ପଦ ।

#### (ଙ) କ୍ରିୟା ଗଠନ ବିଧି :

ଚର୍ଯ୍ୟାଗୀତିକା ପ୍ରାଚୀନ ଓଡ଼ିଆ ଭାଷାର ସାରସ୍ୱତ ସମ୍ପଦ ହୋଇଥିବାରୁ ଏଥିରେ କ୍ରିୟାଗଠନର ପ୍ରାଚୀନ ବିଧି ପରିଲକ୍ଷିତ ହୋଇଥାଏ। ବିଶେଷତଃ ନିତ୍ୟ ପ୍ରବୃତ୍ତ କାଳରେ ନ୍ତି, ଅନ୍ତି, ବର୍ତ୍ତମାନ କାଳରେ ଅ, ଅସି, ସି, ଅତୀତ କାଳରେ ଅଲ, ଏଲ ଏବଂ ଭବିଷ୍ୟତ କାଳରେ ଭବ, ମି, ଅମି, ଇମି ଆଦିର ବ୍ୟବହାର ଉପଲବ୍ଧ ହୁଏ । ସେହିପରି ଅସମାପିକା କ୍ରିୟାରେ ଇ, ଇଆ ଆଦିର ପ୍ରୟୋଗ ଦେଖିବାକୁ ମିଳେ । ଏ ପ୍ରସଙ୍ଗରେ ପ୍ରାଚୀନ କ୍ରିୟାର ପ୍ରୟୋଗବିଧି ସୂଚିତ ହେଉଥିବା ଏକ ଦୃଷ୍ଟନ୍ତ ଦିଆଯାଇପାରେ । ଯଥା–

"ହିଅ ତା' ବୋଲା ମହା ସୁହେ କାପୁର ଖାଇ
ସୁନ ନୈରାବଣି କଣ୍ଠ ଲଇୟା ମହାସୁହେ ରାତି ପୋହାଇ ।"

ଉପର ଉଦାହରଣଟିରେ ପଦମାନ ଯଥାକ୍ରମେ ଅସମାପିକା ଓ ସମାପିକା କ୍ରିୟାର ଦୃଷ୍ଟାନ୍ତ । ଚର୍ଯ୍ୟାଗୀତିକାରେ ବ୍ୟବହୃତ ହୋଇଥିବା କାଙ୍ଗୁଚିନା, କେବାଳି, କେରୁଆଳି, ଚଉଠ, ଝିମ୍‌ଝିମ୍, କାକଁଲ, ସୁଲଣ, ହିଆ, ରୁବେଲା, ଲାଙ୍ଗ, ମୋୟେ ପ୍ରଭୃତି ବହୁ ପ୍ରାଚୀନ ଶବ୍ଦ ଏହାର ଭାଷାଗତ ମର୍ଯ୍ୟାଦାକୁ ସୂଚିତ କରିଥାଏ ।

ଭାଷାତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ଚର୍ଯ୍ୟାରେ ଧ୍ୱନି ସଂକେତର ପରିବର୍ତ୍ତନ ବିଦ୍ୟମାନ। ଯଥା–ସ୍ୱର ଧ୍ୱନିରେ ବ୍ୟତିକ୍ରମ।

ଅ > ଆ,  ହରିଣ > ହରିଣା

"ଆପଣା ମାଂସ ହରିଣା ବଇରି ।"

ଉଚ୍ଚ ଉଚ୍ଚ > ଉଚାଁ ଉଚାଁ

"ଉଚାଁ ଉଚାଁ ପାବତ ତହିଁ ବସଇ ଶବରୀ ବାଳୀ ।"

ସେହିପରି ବ୍ୟଞ୍ଜନ ଧ୍ୱନି ପରିବର୍ତ୍ତନର ସଂକେତ ଲକ୍ଷ୍ୟଣୀୟ । ଯଥା–

ନ > ଣ, ଗଗନ > ଗଅଣ, ରତନ > ରଅଣ ।

ଉଦାହରଣ – "ଦଶବଳ ରଅଣ ହରିଅ ଦଶ ଦିଶେ ।"

## (ଚ) ଚର୍ଯ୍ୟାଗୀତିକାରେ ବିଭକ୍ତି ପ୍ରୟୋଗ :

ଚର୍ଯ୍ୟାଗୀତିକାର ଭାଷାରେ ପ୍ରଥମା ବିଭକ୍ତିର ଚିହ୍ନ ସ୍ୱରୂପ– ଏ, ଦ୍ୱିତୀୟା, - କୁ, ଏଁ, ତୃତୀୟା ବିଭକ୍ତିରେ ଏଁ, ପଞ୍ଚମୀ ବିଭକ୍ତିରେ- ହୁଁ, ଷଷ୍ଠ ବିଭକ୍ତିରେ-ହି, ସପ୍ତମ ବିଭକ୍ତିରେ-ର ପ୍ରଭୃତି ପଦର ବ୍ୟବହାର ଦେଖିବାକୁ ମିଳେ । ଏ ପ୍ରସଙ୍ଗରେ ପ୍ରଥମା ବିଭକ୍ତିର ଏକ ଉଦାହରଣ ହେଲା–

"ଆଳିଏଁ କାଳିଏଁ ବାଟ ରୁନ୍ଧିଲା" ।

## (ଛ) ଚର୍ଯ୍ୟାଗୀତିକାରେ ବିବିଧ ଛନ୍ଦ :

ଚର୍ଯ୍ୟାଗୀତିକା ସମ୍ଭବତଃ ସେ କାଳରେ ଗାଇବା ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ଏହି ରଚନାରେ କାମୋଦି, ରାମଶ୍ରୀ, ଧନଶ୍ରୀ, ପଟହମଞ୍ଜରୀ, ଦେଶାକ୍ଷ, ଗୁଜ୍ଜରୀ, ବରାଡ଼ି, ଭୈରବୀ ଓ ମାଳଶ୍ରୀ ଆଦି ଛନ୍ଦ ବା ରାଗର ସୂଚନା ମିଳେ । ଏଗୁଡ଼ିକ ହେଲା ଆମ ଭାଷାର ପ୍ରାଚୀନ ସ୍ୱରୂପ ଓ ସ୍ୱାତନ୍ତ୍ର୍ୟକୁ ଚିହ୍ନଟ କରିଥାଏ । ଚର୍ଯ୍ୟାଗୀତିକାର ଭାଷାତତ୍ତ୍ୱ ଆଧାରରେ ଆମେ ଓଡ଼ିଆ ଭାଷାର ପ୍ରାଚୀନତାକୁ ସହଜେ ଲକ୍ଷ୍ୟ କରିପାରିବା । ତେବେ ଚର୍ଯ୍ୟାଗୀତିକାର ଭାଷା ଦ୍ୱିଅର୍ଥ ମୂଳକ । ଏଥିରେ ଗୋଟିଏ ସାଧାରଣ ଅର୍ଥ ଓ ଅନ୍ୟଟି ଏକ ଗୂଢ଼ ଅର୍ଥ ରହିଛି । ତେଣୁ ଆଲୋଚକମାନେ ଏହାର ଭାଷାକୁ 'ସାନ୍ଧ୍ୟଭାଷା' ଭାବରେ ଗ୍ରହଣ କରିଥାଆନ୍ତି ।

ପ୍ରାଚୀନ ସାହିତ୍ୟର ଅନ୍ୟ ଏକ ଦିଗ ହେଉଛି ସାରଳା ସାହିତ୍ୟ। ସାରଳା ଦାସ ପଞ୍ଚଦଶ ଶତାବ୍ଦୀ ଶ୍ରେଷ୍ଠ ଓଡ଼ିଆ କାବ୍ୟକାର କପିଳେନ୍ଦ୍ର ଦେବଙ୍କର ସମସାମୟିକ । ଏହି ଉତ୍କଳୀୟ କବିଙ୍କ ସାରସ୍ୱତ ସିଦ୍ଧି ଓ ସଫଳତା ଓଡ଼ିଆ ଭାଷା ସାହିତ୍ୟର ବିକାଶ କାଳରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟିକରେ । ସାରଳା ଦାସଙ୍କ ନିଜ ରଚନାରେ ଓଡ଼ିଆ ଭାଷାକୁ ପୂର୍ଣ୍ଣ ରୂପେ ବିକଶିତ କରିବାକୁ ଚେଷ୍ଟା କରିଛନ୍ତି । ଯଥାର୍ଥରେ ଡ. ବୈଷ୍ଣବ ଚରଣ ସାମଲଙ୍କ ଭାଷାରେ– "ସରଳା ମହାଭାରତର ଭାଷା ଲୋକଭାଷା । ସେ ସମୟରେ ସାଧାରଣ ସମାଜରେ ଯେଉଁ ଭାଷା ବ୍ୟବହୃତ ହୋଉଥିଲା, ସେହି ଭାଷାର ସାରଳା ଦାସ ରଚନା କଲେ ଗ୍ରନ୍ଥ ରାଜି ।"

ସେହିପରି ଶ୍ରୀ 'ଭାରତ ଦର୍ପଣ' ଗ୍ରନ୍ଥର ପ୍ରଣେତା ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ସାରଳା ଦାସଙ୍କ ଭାଷା ପ୍ରୟୋଗକୁ ଭୂୟସୀ ପ୍ରଶଂସା କରି କହିଛନ୍ତି "ତତ୍କାଳୀନ ଓଡ଼ିଆ ଭାଷାର ଶୈଶବସ୍ଥାରେ ଏକାଦୃଶ ରମଣୀୟତା ଓ ସୌଷ୍ଠବର ଆବିର୍ଭାବ କେବଳ ସାରଳା ମହାଶୟଙ୍କର ଅସାଧାରଣ ବୁଦ୍ଧିମତା ଓ ସହୃଦୟତାର ଫଳ, ଏହା କହିବା ବାହୁଲ୍ୟ ମାତ୍ର ।"

ସାରଳା ସାହିତ୍ୟରେ ପରିଲକ୍ଷିତ ବିଶାଳ ଶବ୍ଦ ବିଭବକୁ ନିରୀକ୍ଷଣ କରି ଭାଷାତତ୍ତ୍ୱବିତ୍ ଡଃ. ବାସୁଦେବ ସାହୁ ଦର୍ଶାଇଛନ୍ତି "ଏଗୁଡ଼ିକ ଓଡ଼ିଆ ଭାଷାର ପ୍ରାଚୀନତା ପ୍ରମାଣ କରିବା ସଙ୍ଗେ ସଙ୍ଗେ ପ୍ରାକୃତ ଓ ଅପଭ୍ରଂଶ ଭାଷା ସହିତ ଓଡ଼ିଆ ଭାଷାର ସମ୍ପର୍କ ସୂଚାଇ ଦେଇଥାଏ ।"

ସୁତରାଂ ଆଲୋଚକମାନଙ୍କ ମତରୁ ଉପଲବ୍ଧ ହୁଏଯେ, ସାରଳାଙ୍କ ସାହିତ୍ୟ ସମ୍ଭାର ଲୋକକଥିତ ଗ୍ରାମ୍ୟ ଶବ୍ଦାବଳୀରେ ସମୃଦ୍ଧ । ବସ୍ତୁତଃ ସାରଳାଙ୍କ ସାହିତ୍ୟ ସୃଷ୍ଟିରୁ ତାଙ୍କର ଭାଷା ପ୍ରୟୋଗର ବୈଶିଷ୍ଟ୍ୟ ଆକଳନ କରାଯାଇପାରେ ।

## ସାରଳା ସାହିତ୍ୟରେ ପ୍ରାଚୀନ ଶବ୍ଦ ସମ୍ଭାର :

ସାରଳା ଦାସଙ୍କ ଗ୍ରନ୍ଥମାନଙ୍କରୁ ପ୍ରାୟତଃ ପାଞ୍ଚଶହ ବର୍ଷ ତଳର ଓଡ଼ିଶାର ଜନପଦରେ ବ୍ୟବହୃତ ଭାଷାକୁ ଆବିଷ୍କାର କରାଯାଇପାରେ । ଏ ଭାଷାରେ ପ୍ରାଚୀନ ଦେଶଜ ଶବ୍ଦର ବ୍ୟବହାର ପ୍ରଚୁର । ଏ ପ୍ରକାର ଶବ୍ଦମାନଙ୍କ ଭିତରେ ଅମା, ଆଟ, ଧଡ଼ିକା, ପଲାଣି ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ । ସେହିପରି ସଂସ୍କୃତର କେତେକ ଅପଭ୍ରଷ୍ଟ ରୂପ ମଧ୍ୟ ସାରଳା ସାହିତ୍ୟରେ ସୁଲଭ । ସାରଳା ଦାସ ତାଙ୍କ ସାହିତ୍ୟରେ ଶୁଦ୍ଧ ମାର୍ଜିତ ତତ୍ସମ ଶବ୍ଦ ସହିତ ଅପଭ୍ରଂଶ ଶବ୍ଦମାନ ପ୍ରୟୋଗ କରିଛନ୍ତି । ଏହା ଭାଷାର କଥିତ ରୂପକୁ ସୂଚାଇ ଦିଏ । ଯଥା– "ଯୁଧିଷ୍ଠିର' ସ୍ଥାନରେ 'ଯୁଯେଷ୍ଠା', 'ଦୁର୍ଯ୍ୟୋଧନ' ସ୍ଥାନରେ "ଦ୍ରିୟୋଧନ', 'ପରାକ୍ରମ' ସ୍ଥାନରେ 'ପ୍ରକର୍ମ', 'ଆଶ୍ରୟ' ସ୍ଥାନରେ 'ଆଶ୍ରିଯ' ପ୍ରଭୃତି ଶବ୍ଦ ବ୍ୟବହୃତ । ଉଦ୍ଧୃତାଂଶ 'ମହାଭାରତ'ର 'ନାରୀ' ପର୍ବରୁ–

"ବୈବସ୍ୱତ ମନୁ ଏ ତୁଚ୍ଛା କଲେ ଅଗସ୍ଥି
ବଡ଼ାଇ ଆଶ୍ରିୟ କଥା ତ କହିଲ ବ୍ରହ୍ମପତି ।"

ସଂସ୍କୃତ ପ୍ରଭାବିତ କେତକ କ୍ରିୟାପଦ ସାରଳା ସାହିତ୍ୟରେ ଦେଖିବାକୁ ମିଳେ । ଯଥା–ବଦନ୍ତି, ପୁଚ୍ଛାକଲେ, ଦାଣ୍ଡିକୁ ପ୍ରଭୃତି । ଯଥା–

"କିମ୍ପାଇଁ ହେ ଧର୍ମରାଜ ଅଇଲ ମୋ ପାଶ
ବଦନ୍ତି ଯୁଝେଷ୍ଟି ଶୁଣ କୁରୁକୁଳ ଇଶ ।"

**ବିଭକ୍ତିର ସ୍ୱରୂପ :**

ସାରଳା ସାହିତ୍ୟରେ ଓଡ଼ିଆ ଭାଷାର ବିଭିନ୍ନ ବିଭକ୍ତି ଚିହ୍ନ ବ୍ୟବହୃତ । ପ୍ରଥମା ବିଭକ୍ତିରେ ଏ, ଦ୍ୱିତୀୟା ବିଭକ୍ତି କଇଁ, ତୃତୀୟା ବିଭକ୍ତିରେ 'ରେ', ଚତୁର୍ଥ ବିଭକ୍ତିରେ କୁ, କଲ, କ'ଣ, ପଞ୍ଚମୀରେ 'କୁ' ରୁ 'ଉଁ', ଷଷ୍ଠରେ ରେ, ରା, ରି, ଙ୍କରି, ସପ୍ତମୀରେ ରେଣ, ରେ, ଦେ ତଥା ସମ୍ବୋଧନ ସୂଚକ ପଦ ରାଜେ, ଆହୋ, ଆହେ, ଆଲୋ ପ୍ରଭୃତି । ଏତଦ୍ ବ୍ୟତୀତ ସାରଳା ଦାସ ସର୍ବନାମ, ପ୍ରତ୍ୟେୟ, ଅବ୍ୟୟ, ବଚନ, ଅଳଙ୍କାର ଆଦିର ବିପୁଳ ପ୍ରୟୋଗ ମଧ୍ୟ କରିଛନ୍ତି ।

ଯଥାର୍ଥରେ ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ଭାଷାର ଏ ପ୍ରକାର ଚମତ୍କାରିତା ସାରଳାଙ୍କ ସାହିତ୍ୟ ଅଧ୍ୟୟନରୁ ହିଁ ଉପଲବ୍ଧ ହୋଇଥାଏ । ଭାଷାର ଅପୂର୍ବ ଶକ୍ତିକୁ ନିଜର ଅସାଧାରଣ ପାଣ୍ଡିତ୍ୟ ଦ୍ୱାରା ପ୍ରୟୋଗ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

ଏହି ତିନି ପ୍ରମୁଖ ବିଭାଗ ଓଡ଼ିଆ ଭାଷାର ପ୍ରାଚୀନ ସାହିତ୍ୟକୁ ସମୃଦ୍ଧ କରାଇଛନ୍ତି। ଏହି ସାହିତ୍ୟଗୁଡ଼ିକର ଭିତ୍ତିପ୍ରସ୍ତର ସୁଦୃଢ଼ ଥିବା ହେତୁ ଏହା ଆଗାମୀ ସାହିତ୍ୟ ପଥର ମାର୍ଗଦର୍ଶକ ହୋଇପାରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**

(୧) ବାସୁଦେବ ସାହୁ-ଭାଷା ବିଜ୍ଞାନର ରୂପରେଖ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ-୧୯୯୪, ପଞ୍ଚମ ସଂସ୍କରଣ।

(୨) ଧନେଶ୍ୱର ମହାପାତ୍ର-ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ ।

(୩) ପଠାଣି ପଟ୍ଟନାୟକ-ଓଡ଼ିଆ ସାହିତ୍ୟର ଇତିହାସ-ନାଳନ୍ଦା, ବିନୋଦବିହାରୀ, କଟକ, ୧୯୭୮ ।

(୪) ବେଣୀମାଧବ ପାଢ଼ୀ-ଓଡ଼ିଆ ଭାଷାର ରୂପତତ୍ତ୍ୱ-ପୁସ୍ତକ ଭଣ୍ଡାର, ବ୍ରହ୍ମପୁର, ୧୯୭୨ ।

(୫) ଖଗେଶ୍ୱର ମହାପାତ୍ର-ଚର୍ଯ୍ୟାଗୀତିକା-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ-୧୯୭୪ ।

(୬) ସୁରେନ୍ଦ୍ର ମହାରଣା-ଓଡ଼ିଆ ସାହିତ୍ୟର ଇତିହାସ-ଓଡ଼ିଶା ବୁକ୍‌ଷ୍ଟୋର, ୨୦୦୧ ।

❖ ❖ ❖

**DOI:** https://doi.org/10.5281/zenodo.14172203

ମୂଳ ପ୍ରବନ୍ଧ

# ବର୍ଣ୍ଣାନ୍ଧତା ଓ ପୁରୁଷ ପକ୍ଷପାତିତା

**କମଳାକାନ୍ତ ଜେନା**

**ସଂକ୍ଷିପ୍ତସାର :**

ସମାଜରେ ମହିଳାମାନେ ପୁରୁଷମାନଙ୍କଠାରୁ କୌଣସି କ୍ଷେତ୍ରରେ ପଛୁଆ ନୁହଁନ୍ତି ବୋଲି କୁହାଯାଏ । କିନ୍ତୁ ବର୍ଣ୍ଣାନ୍ଧତା କ୍ଷେତ୍ରରେ ସେହି କଥା ଭୁଲ୍ ପ୍ରମାଣିତ ହୋଇଛି । ବର୍ଣ୍ଣାନ୍ଧତାରେ ଲିଙ୍ଗଗତ ପାର୍ଥକ୍ୟ ରହିଛି । ପୁରୁଷମାନେ ବର୍ଣ୍ଣାନ୍ଧତା କ୍ଷେତ୍ରରେ ମହିଳାମାନଙ୍କଠାରୁ ବେଶ୍ ଆଗୁଆ ବୋଲି ପ୍ରମାଣ ମିଳିଛି । ବର୍ଣ୍ଣାନ୍ଧ ମହିଳାମାନଙ୍କର ସଂଖ୍ୟା ତୁଳନାରେ ଦୁନିଆରେ ଅଧିକ ସଂଖ୍ୟକ ପୁରୁଷ ବର୍ଣ୍ଣାନ୍ଧ । ଏହି ଗବେଷଣା ପ୍ରବନ୍ଧରେ ବର୍ଣ୍ଣାନ୍ଧତାର ବୈଜ୍ଞାନିକ କାରଣ ବିଷୟରେ ବର୍ଣ୍ଣନା କରାଯିବା ସହିତ ଆଂଶିକ ବର୍ଣ୍ଣାନ୍ଧତା କ୍ଷେତ୍ରରେ ରହୁଥିବା ଲିଙ୍ଗଗତ ପାର୍ଥକ୍ୟ ବିଷୟରେ କୁହାଯାଇଛି ।

**ପ୍ରମୁଖ ଶବ୍ଦ :**

ବର୍ଣ୍ଣାନ୍ଧତା, ଆଂଶିକ ବର୍ଣ୍ଣାନ୍ଧତା, ଦୃଷ୍ଟିଶଙ୍କୁ, ଓପିଏନ୍-୧-ଏଲ୍.ଡବଲ୍ୟୁ ଜିନ୍, ଡାଲଟୋନିଜିମ୍

## ବିଷୟ :

ପୁରୁଷ ଓ ମହିଳାଙ୍କ ମଧ୍ୟରେ ରହିଥିବା ସାମାଜିକ ଅସମାନତାକୁ ଦୂର ନ କଲେ ସର୍ବାଙ୍ଗୀନ ସାମାଜିକ ଉନ୍ନତି ସମ୍ଭବ ନୁହେଁ । ସେହି ପରିପ୍ରେକ୍ଷୀରେ ଆଜି ମହିଳା ସଶକ୍ତିକରଣ ଭଳି କେତେକ ପଦକ୍ଷେପ ବିଶେଷ ଭୂମିକା ଗ୍ରହଣ କରିଛି । ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାମାନେ ପୁରୁଷମାନଙ୍କ ସହିତ ପାଦରେ ପାଦ ମିଶେଇ ଓ କାନ୍ଧରେ କାନ୍ଧ ମିଶେଇ ଆଗେଇଛନ୍ତି । କିନ୍ତୁ ଅନେକ ପ୍ରସଂଗ ରହିଛି ଯେଉଁଠି ମହିଳାମାନେ ପଛରେ ରହିଛନ୍ତି । ସାକ୍ଷରତା ପ୍ରସଂଗରେ ପୁରୁଷଙ୍କ ତୁଳନାରେ ମହିଳାମାନେ ପଛରେ ଅଛନ୍ତି । ଉଚ୍ଚ ଶିକ୍ଷା ଗ୍ରହଣ କରିବା ପାଇଁ ଯେତେ ଜଣ ପୁଅ ବାହାର ଦେଶ କିମ୍ବା ବାହାର ରାଜ୍ୟକୁ ଯାଉଛନ୍ତି, ବାହାରକୁ ଯାଉଥିବା ଝିଅଙ୍କ ସଂଖ୍ୟା କମ୍ ରହୁଛି । ଆମ ଦେଶରେ ବଡବଡ ପଦପଦବୀରେ ମହିଳାଙ୍କ ସଂଖ୍ୟା [୧] ପୁରୁଷଙ୍କ ତୁଳନାରେ କମ୍ ରହିଛି । ଏମିତି ଅନେକ ପ୍ରସଂଗ ଭିତରେ ମହିଳାମାନଙ୍କର ବର୍ଣ୍ଣାନ୍ଧତା ପ୍ରସଂଗ ଆଜି ଆମକୁ ଚକିତ କରିଛି । ଅବଶ୍ୟ ଏହା ପ୍ରକୃତିର ନିୟମ । ସମାଜରେ ମହିଳାମାନେ ପୁରୁଷମାନଙ୍କଠାରୁ କୌଣସି କ୍ଷେତ୍ରରେ ପଛୁଆ ନୁହଁନ୍ତି ବୋଲି କୁହାଯାଉଥିଲେ ବି ବର୍ଣ୍ଣାନ୍ଧତା କ୍ଷେତ୍ରରେ ସେକଥାକୁ ପ୍ରକୃତି ଭୁଲ୍ ପ୍ରମାଣିତ କରିଛି । ବର୍ଣ୍ଣାନ୍ଧତାରେ ଲିଙ୍ଗଗତ ପାର୍ଥକ୍ୟ ରହିଛି । କୌତୂହଳର ବିଷୟ, ପୁରୁଷମାନେ ବର୍ଣ୍ଣାନ୍ଧତା କ୍ଷେତ୍ରରେ ମହିଳାମାନଙ୍କଠାରୁ ବେଶ୍ ଆଗୁଆ । ମହିଳାମାନଙ୍କ ତୁଳନାରେ ଦୁନିଆରେ ଅଧିକ ପୁରୁଷ ହିଁ ବର୍ଣ୍ଣାନ୍ଧ । ଏଠାରେ ଆଂଶିକ ବର୍ଣ୍ଣାନ୍ଧତା ବିଷୟରେ କୁହାଯାଉଛି । ଆଂଶିକ ବର୍ଣ୍ଣାନ୍ଧ ପୁରୁଷଙ୍କ ସଂଖ୍ୟା ଆଂଶିକ ବର୍ଣ୍ଣାନ୍ଧ ମହିଳାଙ୍କ ସଂଖ୍ୟାର ପ୍ରାୟ ୨୦ ଗୁଣ [୨] । କାରଣ, ୧୦୦ ଭାଗରୁ ପ୍ରାୟ ୮ ଭାଗ ପୁରୁଷ ଆଂଶିକ ବର୍ଣ୍ଣାନ୍ଧତାର ଶିକାର ହୁଅନ୍ତି । ଅପର ପକ୍ଷରେ ଆଂଶିକ ବର୍ଣ୍ଣାନ୍ଧତାର ଶିକାର ହୋଇଥିବା ମହିଳାଙ୍କର ସଂଖ୍ୟା ଏକ ଶତାଂଶରୁ ମଧ ମଧ ମଧ୍ୟ କମ୍ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
**Available online at :** https://pracheenews.com/
**DOI:** https://doi.org/10.5281/zenodo.14172203
Article No - BPP00241

**ଯୋଗାଯୋଗ :**
**ଡ଼କ୍ଟର କମଳାକାନ୍ତ ଜେନା,** ଓ.ଇ.ଏସ୍.(ଏ),
ପଦାର୍ଥ ବିଜ୍ଞାନ ପ୍ରଧ୍ୟାପକ, ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ,
ଭଦ୍ରକ ସ୍ୱୟଂଶାସିତ (ସରକାରୀ) ମହାବିଦ୍ୟାଳୟ, ଭଦ୍ରକ-୧୦୦
**E-Mail ID:** kkjena1@gmail.com
**ORCID ID:** https://orcid.org/0000-00001-7840-3289

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୮.୨୦୨୪ | ୧୭.୯.୨୦୨୪ | ୧.୧୦.୨୦୨୪ | ୧.୧୧.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, କମଳାକାନ୍ତ; ୨୦୨୪ । ବର୍ଣ୍ଣାନ୍ଧତା ଓ ପୁରୁଷ ପକ୍ଷପାତିତା । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଜ , ପୃଷ୍ଠା : ୬୭-୬୯ ।

## ୨. ରଙ୍ଗ ଚିହ୍ନଟର ବୈଜ୍ଞାନିକ ବିଶ୍ଳେଷଣ

ଆମ ଆଖିର ପୁଅଡୋଳା ପଛପଟେ ଆଲୋକକୁ ଅନୁଭବ କରିପାରୁଥିବା ସଂବେଦନଶୀଳ ଝିଲ୍ଲୀ ଥାଏ । ଏହାକୁ ଆମେ 'ମୁକୁରିକା' (ରେଟିନା) ବୋଲି କହୁ । ବସ୍ତୁଟିଏ ଆମ ଆଖି ସାମନାକୁ ଆସିଗଲେ ରେଟିନା ଉପରେ ସେହି ବସ୍ତୁର ଅବିକଳ ଛବି ସୃଷ୍ଟି ହୁଏ । ଫଳରେ ଆମେ ବସ୍ତୁଟିକୁ ଦେଖିପାରୁ । ବସ୍ତୁର ରଙ୍ଗକୁ ଚିହ୍ନିବା ସକାଶେ ରେଟିନାରେ ବିଶେଷ ବ୍ୟବସ୍ଥା ଥାଏ । ଏଥିପାଇଁ ପ୍ରାୟ ୭୦ ଲକ୍ଷ କୋଷ ଥାଏ, ଯାହାକି ରଙ୍ଗ ଦେଖିବାରେ ଆମକୁ ସାହାଯ୍ୟ କରେ । ସେଗୁଡ଼ିକର ଆକୃତି ପାଣିସିଙ୍ଗଡ଼ା ପରି ତିନିକୋଣିଆ । ତେଣୁ ସେଗୁଡ଼ିକୁ ଶଙ୍କୁକୋଷ ବା ଦୃଷ୍ଟିଶଙ୍କୁ (କୋନ୍) ବୋଲି କୁହାଯାଏ [୩] । କୋନ୍‌ଗୁଡ଼ିକ ବିଭିନ୍ନ ପ୍ରକାର ରଙ୍ଗକୁ ସ୍ପଷ୍ଟ ଭାବରେ ଚିହ୍ନଟ କରନ୍ତି । ରେଟିନା ଉପରେ କୋନ୍ ଆକୃତିର ତିନି ପ୍ରକାରର କୋଷିକା ଅଛନ୍ତି । ରେଟିନା ଉପରେ ରଙ୍ଗୀନ୍ ବସ୍ତୁର ପ୍ରତିବିମ୍ବ ସୃଷ୍ଟି ହେଲେ କୋନ୍-କୋଷିକାଗୁଡ଼ିକ ଉତେଜିତ ହୁଅନ୍ତି । ଫଳରେ ଆମର ମସ୍ତିଷ୍କ ରଙ୍ଗକୁ ଚିହ୍ନିପାରେ । ଚିହ୍ନିପାରେ କେତେକ କୋଷିକା କେବଳ ନୀଳ ଓ ବାଇଗଣି ରଙ୍ଗ ନିମନ୍ତେ ସଂବେଦନଶୀଳ । ଅର୍ଥାତ୍ ନୀଳ ଆଲୋକ ଓ ବାଇଗଣି ଆଲୋକ ପଡ଼ିଲେ ସେହି କୋନ୍-କୋଷିକାଗୁଡ଼ିକ ଉତେଜିତ ହୁଅନ୍ତି । ସେହିପରି ଆଉ କେତେକ କୋଷିକା ସବୁଜ ଆଲୋକ ପାଇଁ ସଂବେଦନଶୀଳ ଏବଂ ବାକି କୋଷିକାଗୁଡ଼ିକ ହଳଦିଆ ତଥା ଲାଲ ଆଲୋକ ପାଇଁ ସଂବେଦନଶୀଳ । ନୀଳ, ସବୁଜ ଓ ଲାଲ ରଙ୍ଗ ତିନୋଟି ହେଉଛି ଆଲୋକର ପ୍ରାଥମିକ ରଙ୍ଗ । ସେହି ତିନୋଟି ପ୍ରାଥମିକ ରଙ୍ଗ ଭିନ୍ନ ଭିନ୍ନ ଅନୁପାତରେ ମିଶିଲେ ଅନ୍ୟ ରଙ୍ଗଗୁଡିକ ସୃଷ୍ଟି ହୁଏ । ତେଣୁ ଭିନ୍ନ ଭିନ୍ନ ରଙ୍ଗକୁ ଦେଖିବା ଲାଗି ଆମ ରେଟିନାର ଭିନ୍ନ ଭିନ୍ନ କୋଷିକା ଭିନ୍ନ ଭିନ୍ନ ଅନୁପାତରେ ଉତେଜିତ ହୁଏ । ଧଳା ଆଲୋକରେ ସବୁ ରଙ୍ଗ ମିଶି କରି ରହିଥାଏ । ତେଣୁ ତିନି ପ୍ରକାର କୋଷିକାଗୁଡ଼ିକ ଏକ ସଙ୍ଗରେ ଉତେଜିତ ହେଲେ ବସ୍ତୁଟି ଆମକୁ ଧଳା ଦେଖାଯାଏ ।

## ୩. ବର୍ଣ୍ଣାନ୍ଧତା ପଛରେ ରହିଥିବା କାରଣ

ଆଖିରେ ଅସୁବିଧା ଥିଲେ ବର୍ଣ୍ଣାନ୍ଧତା ହୁଏ । ସମସ୍ତେ ସବୁ ରଙ୍ଗ ଦେଖି ନ ପାରିବା ପଛରେ କୋନ୍‌ଗୁଡିକ ଦାୟୀ । କେତେକ ବ୍ୟକ୍ତିର ରେଟିନାରେ ସମସ୍ତ କୋନ୍ ଠିକ୍ ଭାବରେ କାମ କରେ ନାହିଁ । ବ୍ୟକ୍ତିର ରେଟିନାରେ ଯେଉଁ ରଙ୍ଗ-ବର୍ଗର କୋନ୍ କାମ କରେ ନାହିଁ, ବ୍ୟକ୍ତି ସେହି ରଙ୍ଗକୁ ଦେଖିପାରେ ନାହିଁ । ଯଦି ଏକରୁ ଅଧିକ ଶ୍ରେଣୀର କୋନ୍ କାମ କରେ ନାହିଁ, ତାହେଲେ ବ୍ୟକ୍ତି ସେହି ଏକାଧିକ ରଙ୍ଗ ଦେଖିପାରେ ନାହିଁ । ସେହି ବ୍ୟକ୍ତିକୁ 'ବର୍ଣ୍ଣାନ୍ଧ' (କଲର୍ ବ୍ଲାଇଣ୍ଡ) ବୋଲି କୁହାଯାଏ । ସାଧାରଣତଃ ତିନି ପ୍ରକାରର ବର୍ଣ୍ଣାନ୍ଧତା ରହିଥିବାର ଦେଖାଯାଏ । ଜଣେ ବ୍ୟକ୍ତି ଯେତେବେଳେ ଲାଲ ଓ ସବୁଜ ରଙ୍ଗ ମଧ୍ୟରେ ପ୍ରଭେଦ ଜାଣିପାରେ ନାହିଁ, ସେହି ବ୍ୟକ୍ତି ଲାଲ-ବର୍ଣ୍ଣାନ୍ଧତା (ପ୍ରୋଟାନୋପିଆ) ରହିଛି ବୋଲି କୁହାଯିବ । ଏହା ଏକ ସାଧାରଣ ବର୍ଣ୍ଣାନ୍ଧତା । ପ୍ରତି ୧୦୦୦ ଜଣ ପୁରୁଷରେ ୮୦ ଜଣ ଏହି ବର୍ଣ୍ଣାନ୍ଧତାର ଶିକାର ହୁଅନ୍ତି । ଅର୍ଥାତ୍ ୮ ପ୍ରତିଶତ ପୁରୁଷ ବର୍ଣ୍ଣାନ୍ଧତାର ଶିକାର ହୁଅନ୍ତି [୪] । କିନ୍ତୁ, ମହିଳାମାନଙ୍କ କ୍ଷେତ୍ରରେ ଏହା ପ୍ରତି ୧୦୦୦ ଜଣରେ ମାତ୍ର ୪ ଜଣ, ଯାହାକି ୧ ପ୍ରତିଶତରୁ କମ୍ ।

ରଙ୍ଗ ଆଧାରରେ ବର୍ଣ୍ଣାନ୍ଧତାର ନାମ ରଖାଯାଏ । ଯେମିତି ଲାଲ ରଙ୍ଗକୁ ଦେଖିପାରୁ ନଥିବା ବର୍ଣ୍ଣାନ୍ଧତାର ନାମ 'ପ୍ରୋଟାନୋପିଆ', ସେମିତି 'ଡିଉଟେରାନୋପିଆ' ଓ 'ଟ୍ରାଇଟାନୋପିଆ' ରହିଛି । ଚକ୍ଷୁରେ ସବୁଜ-ବର୍ଣ୍ଣାନ୍ଧତା ରହିଥିବା ବ୍ୟକ୍ତି ସବୁଜ ରଙ୍ଗକୁ ଦେଖିପାରେ ନାହିଁ । ସେହି ବର୍ଣ୍ଣାନ୍ଧତାର ନାମ 'ଡିଉଟେରାନୋପିଆ' । ନୀଳ-ବର୍ଣ୍ଣାନ୍ଧତା ରହିଥିବା ବ୍ୟକ୍ତି କ୍ଷେତ୍ରରେ ନୀଳ ଓ ହଳଦିଆ ରଙ୍ଗ ଭିତରେ ପାର୍ଥକ୍ୟ ଜାଣିବା ସମ୍ଭବ ହୋଇପାରେ ନାହିଁ । ସେହି ବର୍ଣ୍ଣାନ୍ଧତାର ନାମ 'ଟ୍ରାଇଟାନୋପିଆ' [୫] । ଏଇ ଧରଣର ବର୍ଣ୍ଣାନ୍ଧତା ସାଧାରଣତଃ ଅଧିକ ଦେଖାଯାଏ ନାହିଁ । ତେବେ ପ୍ରତ୍ୟେକ ଶ୍ରେଣୀର ବର୍ଣ୍ଣାନ୍ଧତା କ୍ଷେତ୍ରରେ ପୁରୁଷମାନଙ୍କର ସଂଖ୍ୟା ବର୍ଣ୍ଣାନ୍ଧ ନାରୀମାନଙ୍କ ତୁଳନାରେ ବେଶ୍ ଅଧିକ ବୋଲି ଜଣାପଡ଼ିଛି । ଜଣେ ବ୍ୟକ୍ତି ଏକାଧାରରେ ଲାଲ, ସବୁଜ ଓ ନୀଳ ତିନୋଟିଯାକ ରଙ୍ଗ ପାଇଁ ମଧ୍ୟ ବର୍ଣ୍ଣାନ୍ଧ ହୋଇପାରେ । ଅର୍ଥାତ୍ ସେହି ବ୍ୟକ୍ତିର ରେଟିନାରେ ଥିବା ତିନୋଟିଯାକ କୋନ୍ କୋଷିକା ସେଟ୍ ଅକ୍ଷମ । ସେହି ବ୍ୟକ୍ତି କେବଳ ଧୂସର ରଙ୍ଗ ଦେଖିପାରିବ ।

## ୪. ବର୍ଣ୍ଣାନ୍ଧତାର ପୁରୁଷ ପକ୍ଷପାତିତା ସଂପର୍କିତ ଗବେଷଣା

ବର୍ଣ୍ଣାନ୍ଧତା ହେଉଛି ରେଟିନାରେ ରହିଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି । ପ୍ରକୃତିର ନାରୀ-ପୁରୁଷ ସୃଷ୍ଟି ପ୍ରକ୍ରିୟାରେ ନାରୀମାନଙ୍କ ତୁଳନାରେ ପୁରୁଷମାନଙ୍କ ରେଟିନାରେ ଏଭଳି ତ୍ରୁଟି ଅଧିକ ପରିଲକ୍ଷିତ ହୁଏ । ଏହି ପ୍ରକ୍ରିୟାରେ ଏକ୍ସ-କ୍ରୋମୋଜୋମ୍ ଭିତରେ ଥିବା ଜିନ୍ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ପୁରୁଷ ନିକଟରେ ମାତ୍ର ଗୋଟିଏ ଏକ୍ସ-କ୍ରୋମୋଜୋମ୍ ଥାଏ । ଯଦି କୌଣସି କାରଣରୁ ତା' ଭିତରେ ବର୍ଣ୍ଣକଣିକା ବହନ କରୁଥିବା କେତେକ ଜିନ୍ ନରହେ, ତେବେ ବର୍ଣ୍ଣାନ୍ଧତାର ସମ୍ଭାବ୍ୟତା ବଢ଼ିଯାଏ । ଓପିଏନ୍-୧-ଏଲ୍.ଡବଲ୍ୟୁ ବା ଓପିଏନ୍-୧-ଏମ୍.ଡବଲ୍ୟୁ ହେଉଛି ସେହି ଜିନ୍‌ର ଉଦାହରଣ । କିନ୍ତୁ ମହିଳାମାନଙ୍କର ଦୁଇ ଦୁଇଟା ଏକ୍ସ-କ୍ରୋମୋଜୋମ୍ ଥିବାରୁ ବର୍ଣ୍ଣାନ୍ଧତାର ସମ୍ଭାବ୍ୟତା କମ୍ ରହେ । ସାରା ପୃଥିବୀରେ ଆଜି ପ୍ରାୟ ୩୦ କୋଟି ଲୋକ ବର୍ଣ୍ଣାନ୍ଧତାର ଶିକାର ହୋଇଥବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ୯୫ ପ୍ରତିଶତ ହେଉଛନ୍ତି ପୁରୁଷ [୬] । ଆମେ ଇଂରେଜ ରସାୟନ ବିଜ୍ଞାନୀ 'ଜନ୍ ଡାଲଟନ୍'ଙ୍କୁ ଭଲ ଭାବରେ ଜାଣିଛୁ । ପଦାର୍ଥର ପରମାଣୁ ତତ୍ୱ

ଉପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ନିୟମ ସ୍କୁଲ କଲେଜରେ ପଢାଯାଏ । ଦୁଃଖର କଥା, ସେ ଓ ତାଙ୍କର ଭାଇ ମ୍ଚ ମଧ୍ୟ ବର୍ଣ୍ଣାନ୍ଧ ଥିଲେ । ତେଣୁ ବର୍ଣ୍ଣାନ୍ଧତା ଉପରେ ସେ କେତେକ ବିଧିବଦ୍ଧ ଗବେଷଣା କରିଥିଲେ । ଅବଶ୍ୟ ବର୍ଣ୍ଣାନ୍ଧତା ସଂପର୍କିତ ତାଙ୍କର ଗବେଷଣା ଫଳାଫଳ ପରେ ଭୁଲ ପ୍ରମାଣିତ ହୋଇଥିଲା । କିନ୍ତୁ, ଆଜି ବି ବର୍ଣ୍ଣାନ୍ଧତା ସହିତ ସେହି ବିଜ୍ଞାନୀଙ୍କର ନାମ ଯୋଡି ହୋଇ ରହିଛି । ଆଜି ବି 'ଡାଲଟୋନିଜିମ୍' କହିଲେ ବିଶେଷ କରି ଲାଲ-ବର୍ଣ୍ଣାନ୍ଧତା (ପ୍ରୋଟାନୋପିଆ)କୁ ବୁଝାଯାଇଥାଏ [୭] । ଆଂଶିକ ବର୍ଣ୍ଣାନ୍ଧତା ତୁଳନାରେ ସଂପୂର୍ଣ୍ଣ ବର୍ଣ୍ଣାନ୍ଧତା ଖୁବ୍ କମ୍ ଲୋକଙ୍କ ନିକଟରେ ପରିଲକ୍ଷିତ ହୁଏ । ତେବେ ସଂପୂର୍ଣ୍ଣ ବର୍ଣ୍ଣାନ୍ଧତା କ୍ଷେତ୍ରରେ କଥାଟା ଅଲଗା । ସାଧାରଣତଃ ସମାନ ସଂଖ୍ୟାର ମହିଳା ଓ ପୁରୁଷ ସଂପୂର୍ଣ୍ଣ ବର୍ଣ୍ଣାନ୍ଧତାର ଶିକାର ହୁଅନ୍ତି ।

## ୫. ଶେଷକଥା

ଆଲୋଚ୍ନା ଯାହା ଜଣାପଡିଲା ବର୍ଣ୍ଣାନ୍ଧତା କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟ ରହିଛି ଏବଂ ପୁରୁଷମାନେ ବର୍ଣ୍ଣାନ୍ଧତା କ୍ଷେତ୍ରରେ ମହିଳାମାନଙ୍କଠାରୁ ବେଶ୍ ଆଗୁଆ ଅଛନ୍ତି । ଏଥିରୁ ମନେହୁଏ ସତେ ଯେମିତି ପୁରୁଷମାନେ ଭାଗ୍ୟବାନ । କିନ୍ତୁ ଅସଲରେ କଥାଟା ଓଲଟା । ବର୍ଣ୍ଣାନ୍ଧତା କ୍ଷେତ୍ରରେ ପୁରୁଷମାନେ ଭାଗ୍ୟବାନ ନୁହଁନ୍ତି । ଆମ ହିସାବରେ ଆମେ ପଛୁଆ ବୋଲି କହୁଥିବା ମହିଳାମାନେ ହିଁ ଭାଗ୍ୟବତୀ । କାରଣ, ବର୍ଣ୍ଣାନ୍ଧତା ଏକ ତ୍ରୁଟି ବା ଅପାରଗତା । ବର୍ଣ୍ଣାନ୍ଧ ମହିଳାମାନଙ୍କର ସଂଖ୍ୟା ତୁଳନାରେ ଦୁନିଆରେ ଅଧିକ ସଂଖ୍ୟକ ପୁରୁଷ ବର୍ଣ୍ଣାନ୍ଧତାର ଶିକାର ହୋଇଛନ୍ତି କହିଲେ ଅଧିକ ସଂଖ୍ୟାରେ ପୁରୁଷ ସଠିକ୍ ରଙ୍ଗ ଚିହ୍ନଟ କରିବାକୁ ଅସମର୍ଥ ଓ ଅପାରଗ । ଏହି ଅପାରଗତାଠାରୁ ପୁରୁଷଜାତିକୁ ଦୂରେଇ ରଖିବା ଦିଗରେ ଆନ୍ତର୍ଜାତୀୟ ସ୍ତରରେ ପ୍ରୟାସର ଆବଶ୍ୟକତା ରହିଛି ।

## ସହାୟକ ଗ୍ରନ୍ଥସୂଚୀ :


୧. ଡାରିନା ଏଲ୍., ଲେଫ୍‌ଟ୍ରୋନିକ୍, ୭ ମାର୍ଚ୍ଚ ୨୦୨୩, https://leftronic.com/blog/ceo-statistics

୨. କଲର ବ୍ଲାଇଣ୍ଡନେସ୍, ଉଇକିପିଡିଆ (ଇଂରାଜୀ), https://en.wikipedia.org/wiki/Color_blindness

୩. ରଡ୍ ଆଣ୍ଡ୍ କୋନ୍‌ସ୍, ଆରିଜୋନା ଷ୍ଟେଟ୍ ଇଉନିଭର୍ସିଟୀ (https://askabiologist.asu.edu/rods-and-cones)

୪. https://www.doubtnut.com/pcmb-questions/87165

୫. https://www.colourblindawareness.org/colour-blindness/types-of-colour-blindness/

୬. https://www.toppr.com/ask/question/why-colour-blindness-is-more-common-in-men-than-in-women

୭. https://www.aao.org/eye-health/diseases/what-is-color-blindness


❖ ❖ ❖

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ